

# ଉତ୍କଳ ପ୍ରସଙ୍ଗ





ଭାରତ ଉତ୍ସବ (ପ୍ୟାରିସ୍) FESTIVAL OF INDIA IN PARIS

ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା । PRESIDENT OF SRILANKA : ON HIS DEPARTURE TO COLOMBO



# ଉତ୍କଳ ପ୍ରସଙ୍ଗ

ଶ୍ରାବଣ ୧୯୦୭ ଶକାବ୍ଦ ୪୧ ଭାଗ ୧୨ଶ ସଂଖ୍ୟା ଜୁଲାଇ, ୧୯୮୫

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ରମାନାଥ ମହାନ୍ତି

ସମ୍ପାଦକ : ଶ୍ରୀ ସୁବ୍ରତ ଘୋଷ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ବିଷ୍ଣୁ ମୋହନ ମହାପାତ୍ର

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପଟିରାୟ

**ପ୍ରଚ୍ଛଦ ଶିଳ୍ପୀ**

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୧୦.୦୦

ପ୍ରତି ଖଣ୍ଡ : ୧.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ବିଶ୍ୱ ପରିବେଶ ଓ ଆମେ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ୧୯୮୫-୮୬ ଓଡ଼ିଶା ବଜେଟ୍ | ଶ୍ରୀ ଗଙ୍ଗାଧର ମହାପାତ୍ର | ୪ |
| କର୍ମଣ୍ୟେ ବାଧିକାରସ୍ତେ | ଶ୍ରୀ ନରେନ୍ଦ୍ରକୃଷ୍ଣ ଧଳ | ୧୪ |
| ଓଡ଼ିଶା ଯୋଜନା ବୋର୍ଡ଼ | ଅଧ୍ୟାପକ ଜ୍ଞାନରଞ୍ଜନ ମହାନ୍ତି | ୧୬ |
| ଭୁବନେଶ୍ୱରରେ ସର୍ବଭାରତୀୟ ପୁସ୍ତକ ମେଳା | ଶ୍ରୀ ସୁଧାଂଶୁ ମୋହନ ରାଉତରାୟ ଓ ଡ଼କ୍ଟର ଫନୀ ମହାନ୍ତି | ୧୯ |
| ଓଡ଼ିଶାର କ୍ଷେତ ମଜୁରିଆଙ୍କ ମଜୁରୀ | କେନାମଣି ଲକ୍ଷ୍ମୀକାନ୍ତ | ୨୨ |
| ଅନ୍ଧ ବିଶ୍ୱାସ ଓ ବୈଜ୍ଞାନିକ ସତ୍ୟତା | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | ୨୪ |
| ସମାଜ ଗଠନରେ ଭାଗବତର ଭୂମିକା | ଅଧ୍ୟାପିକା ବିଜୟଲକ୍ଷ୍ମୀ ମହୁଆଳ | ୨୬ |
| ସୌର ସୁଣିତ (୨) | ଶ୍ରୀ ରଘୁନାଥ ପାତ୍ର | ୨୯ |
| ଅଭ୍ୟୁଦୟର ଅନ୍ତରାଳେ | ଶ୍ରୀ ଦାମୋଦର ପାଢ଼ୀ | ୪୭ |
| ଉତ୍ତମ ପୁସ୍ତକ ଓ ମହତ୍ ଉପହାର | ଶ୍ରୀ ଅଜୟ କୁମାର | ୫୦ |
| ଆମର କୃତିସନ୍ତାନ ଘନଶ୍ୟାମ ମହାପାତ୍ର | | ୫୨ |
| ସଫଳ କାହାଣୀ | | ୫୩ |
| ପ୍ରଗତି ପ୍ରସଙ୍ଗ | | ୫୫ |

# ମୋ ଦୃଷ୍ଟିରେ ....

ଗ୍ରୀଷ୍ମ ପରେ ବର୍ଷା ଋତୁ ସମାଗତ । ଘନ କୃଷ୍ଣ ମେଘମାଳାରେ ଆକାଶ ସମାଚ୍ଛନ୍ନ । ବସୁଧାରେ ସବୁଜିମାର ଆସ୍ତରଣ । ନଦୀ, ନାଳ, କୂପ ଓ ପୁଷ୍କରିଣୀ ଜଳ ସମ୍ଭାରରେ ପୂର୍ଣ୍ଣ । ପରିବେଶ ବେଶ୍ ଶାନ୍ତ, କାନ୍ତ ଓ ଆର୍ଦ୍ର । ପ୍ରକୃତି ମନୋହର । ଜୀବନ ଚଞ୍ଚଳ ।

ଠିକ୍ ଏଇ ସମୟରେ 'ଉତ୍କଳ-ପ୍ରସଙ୍ଗ' ଆମ ସାହିତ୍ୟିକ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ''ବିଶ୍ୱ ପରିବେଶ ଓ ଆମେ'' ଶୀର୍ଷକ ଲେଖାଟି ଉପହାର ଦେଇ ପାଠକ ସମାଜକୁ ସଚେତନ କରାଇବାର ପ୍ରୟାସ କରିଛି । ପରିବେଶ-ସୃଷ୍ଟ ମାନବ ସମାଜ ପରିବେଶକୁ ସୁରକ୍ଷା ନ କଲେ ସେ ଯେ ଅଚିରେ ବିଲୁପ୍ତ ହେବ—ଏ ସତ୍ୟକୁ ଉପଲବ୍ଧି କରିବାର ବେଳ ଆସିଛି । ଲେଖକଙ୍କ ଉଦ୍ଧୃତ ବୈଦିକ ଶାନ୍ତି ସ୍ତୋତ୍ରକୁ ଉଦ୍ଧାର କରି ତାଙ୍କ ମତ ସହିତ ସହମତ ହୋଇ ଆମେ କାମନା କରୁଛୁ—

> ''ଦ୍ୟୌଃ ଶାନ୍ତିଃ, ଅନ୍ତରୀକ୍ଷମ୍ ଶାନ୍ତିଃ, ପୃଥିବୀ ଶାନ୍ତିଃ,
> ଆପଃ ଶାନ୍ତିଃ, ଔଷଧଃ ଶାନ୍ତିଃ, ବନସ୍ପତୟଃ ଶାନ୍ତିଃ,
> ବିଶ୍ୱଦେବାଃ ଶାନ୍ତିଃ, ବ୍ରହ୍ମ ଶାନ୍ତିଃ, ସର୍ବଂ ଶାନ୍ତିଃ,
> ଶାନ୍ତିରେବ ଶାନ୍ତିଃ, ଶ୍ୟାମା ଶାନ୍ତିରେଧିଃ ।''



# ବିଶ୍ୱ ପରିବେଶ ଓ ଆମେ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମ ଦେଶର ସଂସ୍କୃତି ହେଉଛି, "ପରିବେଶ ମୂଳକ ସଂସ୍କୃତି" । ପରିବେଶ ବିନା ଆମ ସଂସ୍କୃତିର କଳ୍ପନା କରାଯାଇ ନାହିଁ । ପରିବେଶ କଥା ଚିନ୍ତା କଲାବେଳେ, ଆମର ଚତୁର୍ଦ୍ଦିଗରେ ଯାହାକୁ ଦେଖୁଛୁ ତାହାକୁହିଁ ଆମେ ପରିବେଶ ବୋଲି ବିଚାରୁଛୁ । ଆମ ପରିବେଶ ହେଉଛି ଆମ ବାୟୁମଣ୍ଡଳ, ଆମ ଜଳ, ଆମ ଆକାଶ, ଆମ ପୃଥିବୀ, ଆମ ଆଲୋକ । ସେଥିପାଇଁ ଅତି ପ୍ରାଚୀନ କାଳରୁ ପଞ୍ଚ ମହାଭୂତ କଥା କଳ୍ପନା କରା ଯାଇଛି । ଏ ମଣିଷ ପଞ୍ଚମହାଭୂତରୁ ଜନ୍ମ ଲାଭ କରିଛି ଓ ମୃତ୍ୟୁ ପରେ ଏହି ପଞ୍ଚମହାଭୂତରେହିଁ ମିଶି ଯାଉଛି । ଏ ପଞ୍ଚ ମହାଭୂତ ହେଉଛି—କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ । କେହି ଯଦି କହିବ 'ମଣିଷର ପରିବେଶ' ତେବେ ତାହା ଭୁଲ କଥା ହେବ । କାରଣ ମନୁଷ୍ୟର ପରିବେଶ ନୁହେଁ । ପରିବେଶ ମଧ୍ୟରେ ଥିବା ମନୁଷ୍ୟ । ମନୁଷ୍ୟ ହେଉଛି ପରିବେଶର ସୃଷ୍ଟି । ତେଣୁ ପରିବେଶର ସୁରକ୍ଷା ହେଉଛି ମନୁଷ୍ୟର ପରମ କର୍ତ୍ତବ୍ୟ । ମନୁଷ୍ୟ ଏ ପରିବେଶକୁ ରକ୍ଷା କରି ନ ପାରିଲେ ମନୁଷ୍ୟ ସମାଜ ସମ୍ପୂର୍ଣ୍ଣ ବିପନ୍ନ ହେବ ।

**ବୈଦିକ ଶାନ୍ତି ସ୍ତୋତ୍ର:**

ଆଜି ସମଗ୍ର ପୃଥିବୀରେ ବିଶ୍ୱ ପରିବେଶ ଦିବସ ପାଳନ କରା ଯାଉଛି । ଏଇ ଅବସରରେ ଆଜି ମୋର ଏକ ବୈଦିକ ଶାନ୍ତି ସ୍ତୋତ୍ର ମନେ ପଡୁଛି । ସେଇଟି ହେଲା:

"ଦ୍ୟୌଃ ଶାନ୍ତିଃ, ଅନ୍ତରୀକ୍ଷମ୍ ଶାନ୍ତିଃ, ପୃଥିବୀଃ ଶାନ୍ତିଃ, ଆପୁଃ ଶାନ୍ତିଃ, ଔଷଧଃ ଶାନ୍ତିଃ, ବନସ୍ପତୟଃ ଶାନ୍ତିଃ, ବିଶ୍ୱଦେବାଃ ଶାନ୍ତିଃ, ବ୍ରହ୍ମ ଶାନ୍ତିଃ, ସର୍ବଂ ଶାନ୍ତିଃ, ଶାନ୍ତିରେବ ଶାନ୍ତିଃ, ସ୍ୟାମା ଶାନ୍ତିରେବଃ ।"

ଏଠାରେ 'ଦ୍ୟୌଃ ଶାନ୍ତିଃ' ଓ 'ଅନ୍ତରୀକ୍ଷମ୍ ଶାନ୍ତିଃ' ବୋଲି କୁହାଯାଇଛି । ଗୋଟିଏ 'ଦ୍ୟୌଃ' ଓ ଅନ୍ୟଟି 'ଅନ୍ତରୀକ୍ଷ' । ଦୁଇଟି ଶବ୍ଦର ଅର୍ଥ ଆକାଶ । କିନ୍ତୁ ଏଠାରେ 'ଦ୍ୟୌଃ' ଆକାଶ ଅର୍ଥରେ ବ୍ୟବହୃତ ହୋଇ ନାହିଁ । ଅନ୍ତରୀକ୍ଷ ଅର୍ଥାତ୍ ଆକାଶ ଶାନ୍ତି ରହୁ । ଦ୍ୟୌଃ ର ଅର୍ଥ ଏଠାରେ ଲୋକ । ଯେପରି ଚନ୍ଦ୍ର ଲୋକ, ମଙ୍ଗଳ ଲୋକ । ଦ୍ୟୌଃ ଶାନ୍ତି ରହୁ ମାନେ ଆକାଶରେ ଯେତେ ଗ୍ରହ ନକ୍ଷତ୍ର ସବୁ ଅଛନ୍ତି ସମସ୍ତେ ଶାନ୍ତିରେ ରହନ୍ତୁ । ଦ୍ୟୌଃ ଶବ୍ଦ କାହିଁକି ବେଦରେ ବ୍ୟବହୃତ ହୋଇଛି ତାହା ଆଜି ସ୍ପଷ୍ଟ ପ୍ରତୀୟମାନ ହୁଏ । ଆଜି ଚାରିଆଡ଼େ star war କଥା କୁହାଯାଉଛି । ଆମେରିକା ରାଷ୍ଟ୍ରପତି ଚାହୁଁଛନ୍ତି Star war କରିବା ପାଇଁ । ଏଥି ପାଇଁ ସେ ଶକ୍ତି ସଞ୍ଚୟ କରିଛନ୍ତି । ଆମେରିକା ଯେଉଁସବୁ କୃତ୍ରିମ ଉପଗ୍ରହ ପ୍ରେରଣ କରିବ ସେ ସବୁ ଉପଗ୍ରହକୁ ନଷ୍ଟ କରିଦେବା ପାଇଁ ରୁଷ ଦେଶର ସାମର୍ଥ୍ୟ ଅଛି ବୋଲି ରୁଷର ମୁଖ୍ୟ ଉତ୍ତର ଦେଲେଣି । ଏ ସବୁ ଦୃଷ୍ଟିରୁ ଦେଖିଲେ ଜଣାଯାଏ, ଆଜି ଯେଉଁ ଶାନ୍ତି କଥା କୁହାଯାଉଛି, ତା' କେବେ ଭିନ୍ନ ଶାନ୍ତି ହୋଇ ନ ପାରେ । ଯଦି ଚତୁର୍ଦ୍ଦିଗରୁ ଯୁଦ୍ଧର ଆହ୍ୱାନକୁ ବନ୍ଦ କରି ଦିଆ ଯାଇ ପାରିବ, ତେବେ କେବଳ ବିଶ୍ୱ ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ । ତେଣୁ ଦ୍ୟୌଃ ଶାନ୍ତିର କଥା କୁହା ଯାଇଛି । ଅନ୍ତରୀକ୍ଷ, ବିଭିନ୍ନ ଗ୍ରହ ନକ୍ଷତ୍ରରେ ଶାନ୍ତି ନ ରହିଲେ ପୃଥିବୀରେ ଶାନ୍ତି ରକ୍ଷା କରାଯାଇ ପାରିବ ନାହିଁ । ସେହିପରି 'ଅପ୍' ଶାନ୍ତି । ଜଳ ମଧ୍ୟ ଶାନ୍ତି ରହିବା ଦରକାର । ଜଳ ଦୂଷିତ ହେଲେ ପୃଥିବୀ ରହି ପାରିବ ନାହିଁ । ଗାନ୍ଧିଜୀଙ୍କ ଜନ୍ମ ସ୍ଥାନ ପୋର ବନ୍ଦର ସମୁଦ୍ର ଉପକୂଳରେ ଶିଳ୍ପପତି ବିରଳାଙ୍କର ଏକ କେମିକାଲ ଫାକ୍ଟ୍ରୀରୁ ଦୂଷିତ ବସ୍ତୁ, ଦ୍ରବ୍ୟ ନିର୍ଗତ ହୋଇ ଏବେ ସେ ସମଗ୍ର ଉପକୂଳର

ଜଳକୁ ଦୂଷିତ କରି ଦେଲାଣି । ଆଜି ସମୁଦ୍ର ଦୂଷିତ, ନଦୀ ଦୂଷିତ, ହ୍ରଦ ମଧ୍ୟ ଦୂଷିତ । ଗଙ୍ଗାକୁ ଆମେ 'ପତିତପାବନୀ ଗଙ୍ଗା' ବୋଲି କହିଥାଉ । ଯେତେ ଦୂଷିତ ପଦାର୍ଥ, ସବୁକୁ ଗଙ୍ଗା ନିର୍ମଳ କରେ । କିନ୍ତୁ ଆଜି ଗଙ୍ଗା ମଧ୍ୟ ଦୂଷିତ ହେବାକୁ ଯାଉଛି । ତେଣୁ ଆପ୍ ଶାନ୍ତି ଦରକାର ।

ସେହିପରି ଔଷଧୟଃ ଶାନ୍ତିଃ ଓ ବନସ୍ପତୟଃ ଶାନ୍ତିଃ କଥା କୁହାଯାଇଛି । ଅରଣ୍ୟରେ ଶାନ୍ତି ପ୍ରତିଷ୍ଠିତ ନ ହୋଇ ପାରିଲେ ମଣିଷ ସମାଜ ବିପନ୍ନ ହେବ । କିନ୍ତୁ ଆଜିକାଲି ଯେଉଁଭଳି ଭାବରେ ବୃକ୍ଷ ଉଚ୍ଛେଦନ ଚାଲିଛି, ସେପରି ହେଲେ ଆଉ ଅରଣ୍ୟ ରହିବ ନାହିଁ କି ବଣ୍ୟଜନ୍ତୁ ମଧ୍ୟ ରହିପାରିବେ ନାହିଁ । ତେଣୁ ଅରଣ୍ୟ ସଂରକ୍ଷଣ ହେବା ଆବଶ୍ୟକ ।

ଆଜି ବିଶ୍ୱ ପରିବେଶ ଦିବସ ସମଗ୍ର ପୃଥିବୀରେ ପାଳନ କରାଯାଉଛି । ଏ ପରିବେଶ ଦିବସ ପାଳନ ୧୯୭୨ ମସିହାଠାରୁ ଆରମ୍ଭ ହୋଇଛି । ପ୍ରଥମେ ସ୍ୱିଡେନର ଷ୍ଟକହୋମ୍‌ଠାରେ ବିଶ୍ୱ ପରିବେଶ ସମ୍ମିଳନୀ ଆରମ୍ଭ କରାଯାଇଥିଲା ଓ ସେହି ସମ୍ମିଳନୀରେ ୧୧୩ଟି ଦେଶର ପ୍ରତିନିଧି ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଦୁଇ ଜଣ ପ୍ରଧାନ ମନ୍ତ୍ରୀ । ଷ୍ଟକହୋମ୍‌ରେ ହେଉଥିବା ଯୋଗୁ ସ୍ୱିଡେନର ପ୍ରଧାନ ମନ୍ତ୍ରୀ ଏ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ । କିନ୍ତୁ ପୃଥିବୀର କେବଳ ଜଣେ ମାତ୍ର ସରକାରର ମୁଖ୍ୟ, ଭାରତର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗୀୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏ ସମ୍ମିଳନୀରେ ଯୋଗ ଦେଇଥିଲେ । ପରିବେଶର ସୁରକ୍ଷା ପାଇଁ ତାଙ୍କର କିପରି ଭାବରେ ଆଗ୍ରହ ଥିଲା ତାହା ତାଙ୍କର ସେହି ଷ୍ଟକହୋମ୍‌ର ଭାଷଣରୁହିଁ ସହଜରେ ଅନୁମାନ କରାଯାଇ ପାରେ ।

ଏହି ସମୟରେ ସେ ଭାରତ ସରକାରଙ୍କ ପକ୍ଷରୁ ଓ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ପରିବେଶର ସୁରକ୍ଷା ପାଇଁ ବିଭିନ୍ନ ଆଇନ ପ୍ରଣୟନ କରିବା ଓ ତାହାକୁ କାର୍ଯ୍ୟକାରୀ କରାଇବାରେ ଯଥେଷ୍ଟ ଧ୍ୟାନ ଦେଇଛନ୍ତି । ଆମ ଦେଶର ଯେଉଁ ବନ୍ୟଜନ୍ତୁମାନେ ଶେଷ ହେବାକୁ ବସିଲେଣି, ସେମାନଙ୍କର ସୁରକ୍ଷା ପାଇଁ ସେତେବେଳେ ପାର୍ଲାମେଣ୍ଟରେ ଏକ ଆଇନ ପ୍ରଣୟନ କରା ଯାଇଥିଲା । ସେତେବେଳେ ଲୋକସଭାର ଜଣେ ସଦସ୍ୟ ଭାବରେ ଏ ବିଲ୍‌ର ଆଲୋଚନାରେ ଅଂଶ ଗ୍ରହଣ କରିବାର ସୁଯୋଗ ମତେ ମିଳିଥିଲା । ଭାରତୀୟ ସମ୍ବିଧାନର ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଆମର ଜଙ୍ଗଲ, ବନ୍ୟଜନ୍ତୁ, ସମୁଦ୍ର, ହ୍ରଦର ସୁରକ୍ଷା ପାଇଁ ଆବଶ୍ୟକ । ଏ ସବୁର ସୁରକ୍ଷା ପାଇଁ ଅନେକଗୁଡ଼ିଏ ଆଇନ ପ୍ରଣୟନ କରାଯାଇଛି । ୧୯୮୦ ରୁ ୧୯୮୪ ମସିହା ମଧ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏବଂ ଜଙ୍ଗଲର ସୁରକ୍ଷା ପାଇଁ ଶ୍ରୀମତୀ ଗାନ୍ଧୀ କିପରି ତତ୍ପର ଥିଲେ ତାହା ତାଙ୍କର ସେତେବେଳର ବିଭିନ୍ନ ରାଜ୍ୟ ସରକାରଙ୍କୁ ଲେଖିଥିବା ପତ୍ରରୁ ଓ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ସୂଚୀତ ହୁଏ । ବିଶେଷ ଭାବରେ ଆମକୁ ସେ ଏକ ନିର୍ଦ୍ଦେଶ ଦେଇଥିଲେ । ଯେଉଁଭଳି ଭାବରେ ଆମ ସମୁଦ୍ର ଦୂଷିତ ହେବାକୁ ଯାଉଛି, ସେଥିପାଇଁ ସମୁଦ୍ର କୂଳରୁ ପ୍ରାୟ ୫୦୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ କୌଣସି ନୂଆ ନିର୍ମାଣ ନ କରାଇବାକୁ ସେ ଲେଖିଥିଲେ । ମୁଁ ତାଙ୍କୁ ଲେଖିଲି, ଓଡ଼ିଶାର ସମୁଦ୍ର ବେଳାଭୂମିରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇନାହିଁ । ଏହା ପର୍ଯ୍ୟଟନ ପାଇଁ ଏକାନ୍ତ ଆବଶ୍ୟକ । ପରିବେଶକୁ ଭଲ ଭାବରେ ରକ୍ଷାକରି କେବଳ ପର୍ଯ୍ୟଟନମୂଳକ କେତେକ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ସମୀକ୍ଷା କରି ଏକ ରିପୋର୍ଟ ପ୍ରସ୍ତୁତ କରିଛୁ । ଶ୍ରୀମତୀ ଗାନ୍ଧୀ ଏ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଲେ ଯେ ସମୁଦ୍ର ସୁରକ୍ଷା ନିୟମ ସମଗ୍ର ଭାରତବର୍ଷ ପାଇଁ ପ୍ରଣୟନ କରାଯାଇଛି ଏବଂ ସେଥିପାଇଁ କୌଣସି ନିର୍ମାଣ ମୂଳକ କାର୍ଯ୍ୟ ଗ୍ରହଣ କରାଯାଇ ପାରିବ ନାହିଁ ।

ଶ୍ରୀମତୀ ଗାନ୍ଧୀଙ୍କ ପରେ ରାଜୀବ ଗାନ୍ଧୀ ପରିବେଶ ସମସ୍ୟା ଉପରେ ଅଧିକ ଜୋର ଦେଉଛନ୍ତି । ଆଜି ପରିବେଶ ସୁରକ୍ଷା ଭାରତର ଏକ ପ୍ରଧାନ ରାଷ୍ଟ୍ରୀୟ ନୀତି । ଓଡ଼ିଶାରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ ପରିବେଶ ସୁରକ୍ଷାକୁ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ଆମର ଜଳ ଓ ବାୟୁକୁ କି ଭଳି ଭାବରେ ରକ୍ଷା କରାଯାଇ ପାରିବ ଏବଂ ଦୂଷିତ ହେବାର ଆଶଙ୍କା ରହିବ ନାହିଁ, ସେଥିପାଇଁ ବିଧାନ ସଭାରେ ଏକ ଆଇନ ପ୍ରଣୟନ କରା ଯାଇଛି । ତଦନୁସାରେ ରାଜ୍ୟ ପାଇଁ ଏକ "ଆଣ୍ଟି ପଲ୍ୟୁସନ ବୋର୍ଡ଼" ଗଠନ କରାଯାଇଛି ଓ ତାର ଅଧ୍ୟକ୍ଷ ଅଛନ୍ତି ଆମର ଅନ୍ୟତମ ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ମହେନ୍ଦ୍ର ରାଉତ । ଆମ ରାଜ୍ୟରେ ଯେତେଗୁଡ଼ିଏ କଳ କାରଖାନା ଅଛି ତହିଁରୁ ପ୍ରାୟ ଶତକଡ଼ା ୬୫ ଭାଗ ଏବେ ପ୍ରଦୂଷଣ ମୁକ୍ତ ହୋଇ ପାରିଛି । ଆଉ ଯେଉଁ କଳ କାରଖାନା ରହିଲା ସେ ଗୁଡ଼ିକ ପ୍ରତି ଏହି ଆଇନ୍ କଠୋର ଭାବରେ ଲାଗୁ କରା ହେବ ।

**ସ୍ୱତନ୍ତ୍ର ବିଭାଗ: ବିଜ୍ଞାନ ଓ ପରିବେଶ**

ରାଜ୍ୟରେ ନୂଆକରି "ବିଜ୍ଞାନ ଓ ପରିବେଶ" ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଛି । ଏ ବିଭାଗ, ଜଳ ଏବଂ ବାୟୁ ଯେପରି ଦୂଷିତ ନ ହେବ, ଜଙ୍ଗଲ ଓ ବନ୍ୟଜନ୍ତୁ ଯେପରି ସୁରକ୍ଷା ହେବ, ସେ ସବୁ ଦାୟିତ୍ୱ ତୁଲାଇବା ସାଥିରେ କେତେକ ବିକଳ୍ପ ପନ୍ଥା ଗ୍ରହଣ କରିବାର ଦାୟିତ୍ୱ ନେଇଛି । ଜଳ, ଜାଳେଣି କାଠ ଓ ବିଭିନ୍ନ ବସ୍ତୁର କିପରି ସଦ୍‌ବ୍ୟବହାର ହୋଇପାରିବ ସେ ସମ୍ପର୍କରେ ଗବେଷଣା କରି ବିହିତ କାର୍ଯ୍ୟ ପନ୍ଥା ଗ୍ରହଣ କରିବାର ଦାୟିତ୍ୱ ଏହି ବିଭାଗର । ଏହାଛଡ଼ା ପ୍ରତ୍ୟେକ ଗ୍ରାମରେ, ସହରରେ, କଲେଜରେ, ବିଶ୍ୱବିଦ୍ୟାଳୟରେ ପରିବେଶ କ୍ଲବ୍‌ସବୁ ଗଠନ କରିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ପ୍ରତ୍ୟେକ ପରିବେଶ କ୍ଲବ୍‌କୁ ସେମାନଙ୍କର କାର୍ଯ୍ୟକ୍ରମ ପାଇଁ ଗ୍ରାଣ୍ଟ ଦିଆଯାଇ ଉତ୍ସାହିତ କରାଯିବ । ରାଜ୍ୟ ସରକାର "ପ୍ରକୃତିମିତ୍ର ପୁରସ୍କାର" ନାମରେ ଏକ ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରିଛନ୍ତି । ପରିବେଶ ସୁରକ୍ଷା ପାଇଁ ଭଲ କାର୍ଯ୍ୟ କରୁଥିବା ପ୍ରତି ଜିଲ୍ଲାର ଗୋଟିଏ କ୍ଲବ୍‌କୁ ଓ ଗୋଟିଏ ଗ୍ରାମକୁ, ଦୁଇଟି ପୁରସ୍କାର ୫୦୦୦ ଟଙ୍କା ଆକାରରେ ଦିଆଯିବ । ଏଇପରି ଭାବରେ ରାଜ୍ୟରେ ପ୍ରତି ବର୍ଷ ୨୬ ଗୋଟି ପୁରସ୍କାର ଦିଆଯିବ । ପରିବେଶ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପ୍ରଧାନ କଥା । ଆମ ରାଜ୍ୟରେ ଅନେକ ସ୍ଥାନରେ ସାଧାରଣ ଲୋକେ ଏ ବିଷୟରେ ଖବ୍ ତତ୍ପର ଅଛନ୍ତି । କେତେକ ଅଞ୍ଚଳରେ ଲୋକଙ୍କ ପକ୍ଷରୁ ଜଙ୍ଗଲ ସୁରକ୍ଷା କରାଯାଉଛି । ଗଞ୍ଜାମ ଜିଲ୍ଲାରେ କୃଷ୍ଣସାରକୁ ସୁରକ୍ଷା କରାଯାଉଛି । ଫଳରେ କୃଷ୍ଣସାରଙ୍କ ସଂଖ୍ୟା ବହୁତ ବୃଦ୍ଧି ପାଇ ଗଲାଣି ଏବଂ ଏହା ଏକ ସମସ୍ୟା ହେଲାଣି । ଆମେରିକାରେ ରୁଜ୍‌ଭେଲ୍ଟଙ୍କ ସମୟରେ ଗୋଟିଏ ଜଙ୍ଗଲରେ ମୃଗମାନଙ୍କୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କରାଗଲା । ସେଠାରେ ମୃଗମାନଙ୍କ ସଂଖ୍ୟା ଏତେ ବଢ଼ିଗଲା ଯେ ଶେଷରେ ସେମାନେ ଆପେ ଆପେ ମରିଗଲେ । ସେହିଭଳି ଗଞ୍ଜାମ ଜିଲ୍ଲାରେ କୃଷ୍ଣସାରମାନଙ୍କ ସମସ୍ୟା । ସେମାନଙ୍କୁ କିପରି ଭାବରେ ରକ୍ଷା କରାଯାଇ ପାରିବ, ସେଥିପାଇଁ ରାଜ୍ୟ ବନ୍ୟଜନ୍ତୁ ବିଭାଗ ଓ ଜଙ୍ଗଲ ବିଭାଗ ଉଦ୍ୟମ କରୁଛନ୍ତି । ସେ ଜଙ୍ଗଲର କୃଷ୍ଣସାରମାନଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରି ଦେବାକୁ ସେମାନେ ସେଠାରେ ଗ୍ରାମବାସୀମାନଙ୍କୁ ବୁଝାଉଛନ୍ତି । କିନ୍ତୁ ଏ ପ୍ରସ୍ତାବରେ ସେଠାରେ ଗ୍ରାମବାସୀମାନେ ସମ୍ମତ

ହେଉନାହାନ୍ତି । ବନ୍ୟଜନ୍ତୁ କୃଷ୍ଣସାରମାନଙ୍କ ପ୍ରତି ସେ ଅଞ୍ଚଳର ଲୋକମାନଙ୍କର କି ଭଳି ଅଗାଧ ପ୍ରୀତି, କି ଭଳି ନିବିଡ଼ ମମତା ତାହା ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି ।

ଆଜି ଏ ପବିତ୍ର ଦିବସରେ ପୁଣି ଥରେ ସେଇ ଶାନ୍ତି ସ୍ତୋତ୍ର ମନ୍ତ୍ର ଉଚ୍ଚାରଣ କରି କାମନା କରୁଛି—

"ବିଶ୍ୱଦେବାଃ ଶାନ୍ତିଃ" । ପୃଥିବୀର ଯେତେ ଜନ ସମାଜ ଅଛନ୍ତି, ସମସ୍ତେ ଶାନ୍ତିରେ ରହନ୍ତୁ । ତେବେ ଯାଇ ବ୍ରହ୍ମ ଶାନ୍ତି ହେବ ଏବଂ ଶାନ୍ତି ରୂପକ ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ । "ଶାନ୍ତିରେବ ଶାନ୍ତିଃ", ଏ ହେଉଛି ମୋର କାମନା ଓ ସବୁଲୋକଙ୍କ କାମନା । ପାଞ୍ଚ ହଜାର ବର୍ଷ ତଳର ବୈଦିକ ପରମ୍ପରାରେ ଆମର ଆର୍ଯ୍ୟ ଋଷିମାନେ ଯେଉଁ ଓଜସ୍ୱିନୀ ଆହ୍ୱାନ ଦେଇଛନ୍ତି, ସେହି ଆହ୍ୱାନକୁ ଗ୍ରହଣ କରି ବିଶ୍ୱପରିବେଶର ଶାନ୍ତି ପ୍ରତିଷ୍ଠା କରିବା ଆଜି ଆମର ଏକାନ୍ତ ଧ୍ୟେୟ ।

[୫।୬।୮୫ ତାରିଖରେ ବିଶ୍ୱ ପରିବେଶ ପାଳନ ଦିବସରେ ଦେଇଥିବା ଭାଷଣ ଅନୁସରଣରେ......ମୁଖ୍ୟ ସଂପାଦକ ।]



**ହେ ଅତିଥି ! ଉତ୍କଳକୁ ତବ ଆଗମନେ,**
**ସ୍ୱାଗତ-ତୋରଣ ରଚେ ଚଉଦ ଗଗନେ ॥**



# ୮୫-୮୬ ଓଡ଼ିଶା ବଜେଟ

ଶ୍ରୀ ଗଙ୍ଗାଧର ମହାପାତ୍ର

୧୯୮୫-୮୬ ର ବଜେଟ୍ ଅଟକଳ ସହିତ ୧୯୮୪-୮୫ ମସିହାର ସଂଶୋଧିତ ଅଟକଳ ବିଧାନ ସଭାରେ ଉପସ୍ଥାପନ କରାଯାଉଛି । ଯୋଜନା କମିଶନ ରାଜ୍ୟର ବାର୍ଷିକ ଯୋଜନା ପାଇଁ ବ୍ୟୟ ବରାଦ ଚୂଡ଼ାନ୍ତ କରି ନ ଥିବା ହେତୁ ତଥା କେନ୍ଦ୍ରୀୟ ଟିକସ, କେନ୍ଦ୍ର ଯୋଜନା ସାହାଯ୍ୟ ଏବଂ ଖୋଲା ବଜାରରୁ ଋଣ ଉଠାଣର ସ୍ତର ସଂପର୍କରେ ଭାରତ ସରକାରଙ୍କ ଠାରୁ ଚୂଡ଼ାନ୍ତ ରୂପରେଖ ମିଳି ନ ଥିବା ଯୋଗୁ ୧୯୮୫ ମାର୍ଚ୍ଚ ମାସରେ ଭୋଟ୍-ଅନ୍-ଆକାଉଣ୍ଟ (ଲାମଚଳା) ବଜେଟ୍ ଅନୁମୋଦନ କରାଯାଇଥିଲା । ଆମ ରାଜ୍ୟର ସପ୍ତମ ପଞ୍ଚବାର୍ଷିକ ଯୋଜନାର ବ୍ୟୟବରାଦ ବିଶେଷ ଉତ୍ସାହପ୍ରଦ । ଏଥି ପାଇଁ ୨, ୭୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଏହା ମୂଳ ଷଷ୍ଠ ଯୋଜନାର ୧, ୫୦୦ କୋଟି ଟଙ୍କା ବ୍ୟୟ ବରାଦ ଠାରୁ ଶତକଡ଼ା ୮୦ ଭାଗ ଅଧିକ । ୧୯୮୪-୮୫ରେ ବାର୍ଷିକ ଯୋଜନା ପାଇଁ ୪୦୦ କୋଟି ଟଙ୍କା ବ୍ୟୟ ବରାଦ ରଖା ଯାଇଥିବା ସ୍ଥଳେ ୧୯୮୫-୮୬ ସକାଶେ ଏହାର ପରିମାଣ ଯୋଜନା କମିଶନ ୪୫୦ କୋଟି ଟଙ୍କା ପାଇଁ ଅନୁମୋଦନ କରିଛନ୍ତି । ବିଭିନ୍ନ କ୍ଷେତ୍ରର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପରିପ୍ରେକ୍ଷୀରେ ଆମର ବାର୍ଷିକ ଯୋଜନା ପରିମାଣକୁ ୪୮୬.୨୩ କୋଟି ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଏହା କାର୍ଯ୍ୟକାରୀ କଲାବେଳେ ରାଜ୍ୟ ସରକାରଙ୍କ ନିଅଣ୍ଟ ଅର୍ଥ ପରିମାଣ ଯୋଜନା କମିଶନ ଓ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ମଧ୍ୟରେ ନିଶ୍ଚିତଭାବେ ରଖାଯିବ ।

ଆମେ ସମସ୍ତେ ଅବଗତ ଯେ ଓଡ଼ିଶା ପ୍ରାକୃତିକ ସଂପଦରେ ସମୃଦ୍ଧ ଥିଲେ ସୁଦ୍ଧା ଅନେକ ଐତିହାସିକ କାରଣରୁ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅନଗ୍ରସର ରହିଛି । ଅଷ୍ଟମ ଅର୍ଥ କମିଶନ ସମେତ ଅନ୍ୟାନ୍ୟ ଅର୍ଥ କମିଶନ, ଓଡ଼ିଶାକୁ ଏକ ରାଜସ୍ୱ ନିଅଣ୍ଟିଆ ରାଜ୍ୟ ଶ୍ରେଣୀଭୁକ୍ତ କରିଛନ୍ତି ଏବଂ ଏଥି ସକାଶେ ରାଜସ୍ୱ ବାବଦ ଆୟ ଓ ବ୍ୟୟ ମଧ୍ୟରେ ତାରତମ୍ୟ ଦୂର କରିବା ପାଇଁ ଓଡ଼ିଶା ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ଏହାର ଅର୍ଥ ଏହି ଯେ ଅର୍ଥ କମିଶନଙ୍କ ସୁପାରିଶ ସତ୍ତ୍ୱେ ରାଜ୍ୟ ଯୋଜନା ସକାଶେ ଅର୍ଥ ବ୍ୟବସ୍ଥା କରିବା ପାଇଁ ଯଥେଷ୍ଟ ସମ୍ବଳ ମିଳିପାରୁ ନାହିଁ । ଏଥି ସକାଶେ ଯୋଜନାକୁ ଅର୍ଥ ପୂର୍ଣ୍ଣ ରୂପରେଖ ଦେବା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହର ଆବଶ୍ୟକତା ରହିଛି । ସମ୍ବଳ ସଂଗ୍ରହ କ୍ଷେତ୍ରରେ ଓଡ଼ିଶା ପଛରେ ପଡ଼ିନାହିଁ । ସମ୍ବଳ ସଂଗ୍ରହ ପାଇଁ ଆମର ଉଦ୍ୟମ ଏବଂ ଆମର ବିଶେଷ ସମସ୍ୟାକୁ ବିଶ୍ୱରଖି ମେଣ୍ଟ ଯୋଜନା କମିଶନ ଆମକୁ ଅନୁରୂପ ପରିମାଣର କେନ୍ଦ୍ରୀୟ ଯୋଜନା ସାହାଯ୍ୟ ମଞ୍ଜୁର କରିଛନ୍ତି । ଆମେ ବାହ୍ୟ ସାହାଯ୍ୟ ପ୍ରାପ୍ତ ପରିଯୋଜନା ଆକାରରେ କେତେଗୁଡ଼ିଏ ଉତ୍ସାହପ୍ରଦ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛୁ, ଯାହା ଫଳରେ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ସାହାଯ୍ୟ ଆକାରରେ ଯଥେଷ୍ଟ ଅତିରିକ୍ତ ସମ୍ବଳ ପାଇପାରିବେ ।

ରାଜ୍ୟର ସ୍ୱଳ୍ପ ସମ୍ବଳ ଭିତ୍ତିଭୂମି ଏବଂ ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟରେ ବିପନ୍ନ ହେଉଥିଲେ ସୁଦ୍ଧା ଆମେ ଅତୀତରେ ଉତ୍ସାହପ୍ରଦ ସଫଳତା ଲାଭ କରିଛୁ । ଷଷ୍ଠ ଯୋଜନା କାଳରେ ଆମର ଅଭିବୃଦ୍ଧି ହାର ସର୍ବଭାରତୀୟ ହାର ତୁଳନାରେ ଅଧିକ । ଜାତୀୟ ମୁଣ୍ଡ ପିଛା ଆୟ ଓ ରାଜ୍ୟର ମୁଣ୍ଡ ପିଛା ଆୟ ମଧ୍ୟରେ ଥିବା ତାରତମ୍ୟ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଏକ ଧାନ ଉତ୍ପାଦନକାରୀ ରାଜ୍ୟ ହିସାବରେ ଆମର କାର୍ଯ୍ୟ ସନ୍ତୋଷଜନକ । ଡାଲି ଜାତୀୟ ଶସ୍ୟ ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଯଥାଯଥ ଗୁରୁତ୍ୱ ଦିଆଯାଇ ଆମେ ଆମର ଫସଲ ଉତ୍ପାଦନ ପର୍ଯ୍ୟାୟରେ ପରିବର୍ତ୍ତନ ଆଣିଛୁ । ରାଜ୍ୟରେ ଜଳସେଚନ ସମ୍ଭାବନାର ଅଭିବୃଦ୍ଧି ପାଇଁ ଷଷ୍ଠ ଯୋଜନା କାଳରେ ଏକ ସୁଦୂର ପ୍ରସାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ରାଜ୍ୟରେ ଜଳସେଚନ ପରିଯୋଜନାଗୁଡ଼ିକ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ ଅନୁରୂପ ଗୁରୁତ୍ୱ ଅବ୍ୟାହତ ରଖାଯିବ । ଗତ ୫ ବର୍ଷ ମଧ୍ୟରେ ରାଜ୍ୟର ଏକ ଉପଯୁକ୍ତ ଶିଳ୍ପ ଭିତ୍ତିଭୂମି ଏବଂ ଶିଳ୍ପାୟନ ତଥା ଶିଳ୍ପୋଦ୍ୟୋଗୀମାନଙ୍କ ନିମନ୍ତେ ଏକ ନୂତନ ବାତାବରଣ ସୃଷ୍ଟି କରାଯାଇ ପାରିଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆମର ଅଭିପ୍ରାୟ ରହିଛି । ବ୍ୟାପକ ଦାରିଦ୍ର ବିମୋଚନ କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ବିମୋଚନ ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଛି । ବିଭିନ୍ନ ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମ ଜରିଆରେ ୧୪.୩୦ ଲକ୍ଷ ପରିବାରକୁ ସାହାଯ୍ୟ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ୩.୬୬ ଲକ୍ଷ ତଫସିଲଭୁକ୍ତ ଜାତି ଓ ୪.୨୭ ଲକ୍ଷ

ଜନଜାତି ଉପଜାତି ପରିବାର ଅଛନ୍ତି । ଷଷ୍ଠ ଯୋଜନା କାଳରେ ୬,୫୩୧ଟି ଗ୍ରାମକୁ ବିଦ୍ୟୁତୀକରଣ କରାଯିବା ଦ୍ୱାରା ରାଜ୍ୟର ସମୁଦାୟ ଗ୍ରାମର ଶତକଡ଼ା ୫୦ ଭାଗ ଗ୍ରାମକୁ ଏଯାଏଁ ପାଇଁ ବିଦ୍ୟୁତୀକରଣ କରାଯାଇ ପାରିଛି । ପଞ୍ଚମ ଯୋଜନା କାଳ ଶେଷ ସୁଦ୍ଧା ୧୩ ହଜାରରୁ କମ୍ ପମ୍ପ ସେଟ୍‌କୁ ବିଦ୍ୟୁତ ସଂଯୋଗ କରାଯାଇଥିବା ସ୍ଥଳେ କେବଳ ଷଷ୍ଠ ଯୋଜନା କାଳରେ ୧୭ ହଜାରରୁ ଅଧିକ ପମ୍ପ ସେଟ୍‌କୁ ବିଦ୍ୟୁତ ସଂଯୋଗ କରାଯାଇଥିଲା । ପାନୀୟ ଜଳଜନିତ ଉତ୍କଟ ସମସ୍ୟା ରହିଥିବା ୨୭,୦୭୭ଟି ଚିହ୍ନଟ ଗ୍ରାମ ମଧ୍ୟରୁ ୨୨,୩୫୭ ଗ୍ରାମକୁ ନଳକୂପ ଯୋଗାଇ ଦିଆଯାଇଛି । ଉପରୋକ୍ତ ସଫଳତାର ପଟ୍ଟଭୂମିରେ ଆମେ ସପ୍ତମ ଯୋଜନା କାଳରେ ବିକାଶର ବେଗକୁ ଅବ୍ୟାହତ ରଖିପାରିବୁ ବୋଲି ସମ୍ପୂର୍ଣ୍ଣ ଆଶାବାନ୍ ।

ସପ୍ତମ ଯୋଜନାର ପ୍ରଧାନ ଆଭିମୁଖ୍ୟ ହେଲା ଉତ୍ପାଦନ ବୃଦ୍ଧି କରିବା ପାଇଁ ପ୍ରତ୍ୟେକ କ୍ଷେତ୍ରରେ ସମ୍ବଳ ବିନିଯୋଗ; ବିଶେଷକରି ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଖାଦ୍ୟ ଉତ୍ପାଦନ ଓ କର୍ମ ନିଯୁକ୍ତିର ସୁବିଧା ସୁଯୋଗ ସୃଷ୍ଟି । ଖାଦ୍ୟ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଅଭିବୃଦ୍ଧି ପାଇଁ ଯଥେଷ୍ଟ ଜଳସେଚନର ସମ୍ଭାବନା ସୃଷ୍ଟି କରିବାକୁ ପଡ଼ିବ । ଶିଳ୍ପଭିତ୍ତିର ସଂପ୍ରସାରଣ ଓ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧିର ହାର ବୃଦ୍ଧି ନିମନ୍ତେ ଭିତ୍ତିଭୂମିକ ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ବିଦ୍ୟୁତ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ପଡ଼ିବ ।

ଅଭିବୃଦ୍ଧିର ସାମଗ୍ରିକ ହାର ପ୍ରତି ଲକ୍ଷ୍ୟ ରଖି ଆମକୁ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ । ସେଥିନିମନ୍ତେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଦାରିଦ୍ର୍ୟ ବିମୋଚନ ତଥା ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଉପଜାତି ଏବଂ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଅବ୍ୟାହତ ରଖିବାକୁ ପଡ଼ିବ । ନିଯୁକ୍ତି ଖୋଜୁଥିବା ବହୁ ସଂଖ୍ୟକ ଲୋକଙ୍କୁ ଉପାର୍ଜନକ୍ଷମ କାମଧନ୍ଦା ଯୋଗାଇ ଦେବା ଆମର ଲକ୍ଷ୍ୟ । ଆମର ସ୍ୱାସ୍ଥ୍ୟ ସେବାର ମାନକୁ ମଧ୍ୟ ଉନ୍ନତ କରିବାକୁ ପଡ଼ିବ । ଶିକ୍ଷାଗତ ସୁବିଧା ସୁଯୋଗଗୁଡ଼ିକୁ ବହୁମୁଖୀ କରାଯିବା ସଙ୍ଗେ ଶିକ୍ଷାକୁ ସମୟ ଉପଯୋଗୀ କରାଯିବ । ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶିକ୍ଷା ପଦ୍ଧତିରେ ସୁଦୂରପ୍ରସାରୀ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ବଜେଟ୍‌ରେ ସେଦିଗରେ ବ୍ୟବସ୍ଥା ରଖାଯାଇଛି ।

ଏଠାରେ ଉନ୍ନୟନମୂଳକ କାର୍ଯ୍ୟକଳାପର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଆମର କେତେଗୋଟି କାର୍ଯ୍ୟକ୍ରମ ଉପସ୍ଥାପିତ କରାଯାଉଛି । ରାଜ୍ୟବାସୀଙ୍କର କୃଷି ମୁଖ୍ୟ ଜୀବିକା ହୋଇଥିବାରୁ ଆମ ସରକାର ଅଧିକ କୃଷି ଉତ୍ପାଦନ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ପ୍ରସ୍ତାବ ରଖିଛନ୍ତି । ୧୯୮୫-୮୬ରେ ୭୨,୭୩,୦୦୦ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ୭୧,୨୧,୦୦୦ ହେକ୍ଟର ଜମିରେ ଖାଦ୍ୟଶସ୍ୟ ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହାଛଡ଼ା ୧,୫୩,୦୦୦ ହେକ୍ଟର ଜମିରେ ଝୋଟ ଓ ଆଖୁ ଭଳି ଅର୍ଥକାରୀ ଫସଲ କରିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରଖାଯାଇଛି । କୃଷି କ୍ଷେତ୍ରରେ ଖାଦ୍ୟଶସ୍ୟ ଓ ଅର୍ଥକାରୀ ଫସଲର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ଉନ୍ନତ କୃଷି ପ୍ରଣାଳୀ କରିଆରେ ଉଭୟ ଜଳସେଚିତ ଓ ବର୍ଷାଜଳ ଉପରେ ନିର୍ଭରଶୀଳ ଜମିରେ ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ଆଭିମୁଖ୍ୟ ଗ୍ରହଣ କରିଛୁ । ଆମ ରାଜ୍ୟର ବ୍ୟାପକ ଗୁଷଜମି ଶୁଷ୍କାଞ୍ଚଳ ଗୁଷ ପରିସର ଭୁକ୍ତ ହୋଇଥିବାରୁ ସେସବୁ ଅଞ୍ଚଳରେ ଉନ୍ନତ ଶୁଷ୍କାଞ୍ଚଳ କୃଷି ପଦ୍ଧତି ପ୍ରବର୍ତ୍ତନ କରିବା ଓ ନିକୃଷ୍ଟ କିସମ ଧାନ ଜମିରେ ମାଣ୍ଡିଆ ଓ ମକା, ଗୁଷ କରିବାକୁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରଖାଯାଇଛି । ନିକୃଷ୍ଟ ଗୁଷ ଜମିରେ ମାଣ୍ଡିଆ ଓ ବାଜରା ଜାତୀୟ ଫସଲ ତଥା ଅନ୍ୟ ଫସଲ ଉତ୍ପାଦନ କରିବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ଖାଦ୍ୟଶସ୍ୟର ଅଭିବୃଦ୍ଧି ନିମନ୍ତେ ଅଧିକ ଅମଳକ୍ଷମ କିସମର ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ର ବୃଦ୍ଧି ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ରଖାଯାଇଛି । ରାଜ୍ୟରେ ସର୍ବାଧିକ ଧାନ ଉତ୍ପାଦନ ନିମନ୍ତେ ୧୯୮୪-୮୫ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ସହାୟତାରେ ୭ ଗୋଟି ବ୍ଲକରେ ଏକ ବିଶେଷ ଧାନ ଉତ୍ପାଦନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଜାତୀୟ ଧାନ ଉତ୍ପାଦନ କାର୍ଯ୍ୟକ୍ରମରେ ଯଥାର୍ଥ ଭୂମିକା ନେବା ପାଇଁ ଉପରୋକ୍ତ କାର୍ଯ୍ୟକ୍ରମର ପରିସର ୧୯୮୫-୮୬ରେ ଅଧିକ ୫୬ ଗୋଟି ବ୍ଲକ୍‌କୁ ସଂପ୍ରସାରିତ କରାଯିବ । ଏହି କାର୍ଯ୍ୟକ୍ରମ ଅନୁଯାୟୀ କୃଷକମାନଙ୍କୁ ରିହାତି ହାରରେ ଛୋଟ ବିହନ ଥଳି, ରାସାୟନିକ ସାର, କୀଟନାଶକ ଔଷଧ ଓ ଉନ୍ନତ କୃଷି ଯନ୍ତ୍ରପାତି ଯୋଗାଇ ଦେବା ସକାଶେ ପ୍ରସ୍ତାବ ରଖାଯାଇଛି । ଚାଷିମାନଙ୍କ ଦ୍ୱାରା ରାସାୟନିକ ସାରର ମୁଣ୍ଡପିଛା ବ୍ୟବହାର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ କୃଷକମାନଙ୍କୁ ୧.୬୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଇ ଦେବା ଲାଗି କାର୍ଯ୍ୟକ୍ରମ ରହିଛି । ୧୯୮୪-୮୫ ବର୍ଷରେ ଚାଷିମାନଙ୍କୁ ୧.୧୪ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଇ ଦିଆ-ଯାଇଥିବା ସ୍ଥଳେ ମୁଣ୍ଡପିଛା ରାସାୟନିକ ସାର ବ୍ୟବହାରର ବୃଦ୍ଧି ନିମନ୍ତେ ଚଳିତ ବର୍ଷ ୧.୬୦ ଲକ୍ଷ ମେଟ୍ରିକ୍ ଟନ୍ ସାର ବଣ୍ଟନର କାର୍ଯ୍ୟକ୍ରମ ରହିଛି । ଆଶା କରାଯାଏ ଯେ କାଳକ୍ରମେ ରାସାୟନିକ ସାର ବ୍ୟବହାରର କ୍ରମଶଃ ଅଭିବୃଦ୍ଧି ହେବ ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଗବେଷଣାରେ ନିୟୋଜିତ ରହିବା ସଙ୍ଗେ ସଙ୍ଗେ ବୈଷୟିକ ଛାତ୍ରମାନଙ୍କ ଶିକ୍ଷାଗତ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହି ବିଶ୍ୱବିଦ୍ୟାଳୟ ତରଫରୁ ଉଭୟ କୃଷକ ଓ ଛାତ୍ରମାନଙ୍କୁ ବୈଷୟିକ ଜ୍ଞାନ ଦେବା ସକାଶେ ବିଭିନ୍ନ ସଂପ୍ରସାରଣ କାର୍ଯ୍ୟକ୍ରମ ଓ ପ୍ରଦର୍ଶନର କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ ।

ଆମ ରାଜ୍ୟରେ ୧୯୮୧ ଖରିଫ୍ ଋତୁଠାରୁ ପ୍ରଥମ ଥର ପାଇଁ ୧୫ ଗୋଟି ବ୍ଲକ୍‌ରେ ଫସଲ (ଋଣ) ବୀମା ପରିକଳ୍ପନା ପ୍ରବର୍ତ୍ତନ କରାଯାଇଥିଲା । ଏହି ପରିକଳ୍ପନାରେ କେବଳ ଧାନକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ପରିକଳ୍ପନାଟି ସ୍ୱେଚ୍ଛାକୃତ ଥିଲା । କ୍ରମଶଃ ଏହା ଅନ୍ୟାନ୍ୟ ବ୍ଲକ୍‌କୁ ସଂପ୍ରସାରିତ କରାଗଲା ଏବଂ ୧୯୮୪-୮୫ରେ ୧୬୦ ଗୋଟି ବ୍ଲକ ଏହି ପରିକଳ୍ପନା ପରିସରଭୁକ୍ତ ହୋଇଥିଲା ।

ଭାରତ ସରକାରଙ୍କ ନିର୍ଦ୍ଦେଶିତ ନୀତି ଅନୁଯାୟୀ ୧୯୮୫ ଖରିଫ୍ ଋତୁଠାରୁ ଏହି ପରିକଳ୍ପନାକୁ ପ୍ରତ୍ୟାହାର କରି ନିଆ-

ଯାଉଥିଲା । "ବ୍ୟାପକ ଫସଲ (ଋଣ) ବୀମା ପରିକଳ୍ପନା" ଶୀର୍ଷକ ଏକ ନୂତନ ପରିକଳ୍ପନା ଭାରତ ସରକାର ପ୍ରବର୍ତ୍ତନ କରିଅଛନ୍ତି । ଏହି ନୂତନ ପରିକଳ୍ପନା ସମସ୍ତଙ୍କ ପାଇଁ ବାଧ୍ୟତା-ମୂଳକ, କାରଣ ଯେଉଁମାନେ ସମବାୟ ସମିତି, ବ୍ୟବସାୟିକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କରୁ ଫସଲ ପାଇଁ ଋଣ ଗ୍ରହଣ କରିବେ ସେମାନେ ସ୍ୱତଃ ଏହି ପରିକଳ୍ପନା ପରିସରଭୁକ୍ତ ହେବେ । ଏହି ନୂତନ ପରିକଳ୍ପନାରେ ୫ଟି ଫସଲ ଯଥା—ଧାନ, ଗହମ, ମାଣ୍ଡିଆ ଜାତୀୟ ଫସଲ, ତୈଳବୀଜ ଓ ଡାଲି ଜାତୀୟ ଶସ୍ୟ ଅନ୍ତର୍ଭୁକ୍ତ କରାଯିବ । ଏହା ସମଗ୍ର ରାଜ୍ୟ ପାଇଁ ପ୍ରଯୁଜ୍ୟ ହେବ ।

ଚଳିତ ଖରିଫ୍ ଋତୁରେ କେବଳ ଧାନ ଫସଲ ପାଇଁ ୩୧୪ ଗୋଟି ବ୍ଲକ୍‌ରେ ଏହି ପରିକଳ୍ପନା ପ୍ରବର୍ତ୍ତନ କରିବା ବିଷୟ ସଂପ୍ରତି ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି । ଅଭିଜ୍ଞତାରୁ ଭିତ୍ତିକରି ଗହମ, ବାଜରା ଜାତୀୟ ଫସଲ, ଡାଲି ଜାତୀୟ ଶସ୍ୟ ଓ ତୈଳବୀଜ ଭଳି ଅନ୍ୟାନ୍ୟ ଫସଲଗୁଡ଼ିକ ପ୍ରତି ଯୋଜନାଟି କ୍ରମଶଃ ସଂପ୍ରସାରିତ କରାଯିବ ।

ଷଷ୍ଠ ଯୋଜନା କାଳରେ ମୃତ୍ତିକା ସରକ୍ଷଣ କାର୍ଯ୍ୟକ୍ରମରେ ଜଳମଣ୍ଡ ( Water harvesting structure ) ଓ ଘଳିଆ ନିୟନ୍ତ୍ରଣ (Gully Control) ବ୍ୟବସ୍ଥା ପ୍ରତି ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଉଛି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ୮,୪୧୧ ହେକ୍ଟର ଜମିରେ ବୃକ୍ଷରୋପଣ କରିବା ପାଇଁ ରାଜ୍ୟ ଯୋଜନାରେ ୧୬୮'୮୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଉଛି । ଏହା ଛଡ଼ା ୩ ଗୋଟି ନୂତନ ନଦୀ ଉପତ୍ୟକା ପରିଯୋଜନା ଯଥା:—(୧) ସୁବର୍ଣ୍ଣରେଖା ନଦୀ ବନ୍ୟା ପ୍ରବଣ ଜଳଗ୍ରହରେ ସମନ୍ୱିତ ଅବବାହିକା ବ୍ୟବସ୍ଥା, (Integrated Watershed Manngement in the Catchment). (୨) ଉପର କୋଲାବରେ ମୃତ୍ତିକା ସଂରକ୍ଷଣ ଓ (୩) ଇନ୍ଦ୍ରାବତୀ ଜଳଗ୍ରହରେ ମୃତ୍ତିକା ସଂରକ୍ଷଣ ତଥା ଶୁଷ୍କାଞ୍ଚଳ କୃଷି କାର୍ଯ୍ୟ ପାଇଁ ଏକ ଆଗୁଆ ପରିଯୋଜନା କେନ୍ଦ୍ରୀୟ ଯୋଜନା ଅଧୀନରେ ହାତକୁ ନେବା ସକାଶେ ୧୨୩'୯୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଉଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ସ୍ୱରୂପ ୩୯,୮୩,୦୦୦ ବୃକ୍ଷ ରୋପଣ କରାଯିବ ଏବଂ ୨୦୦ ଟି କ୍ଷୁଦ୍ର ଅବବାହିକାର ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ହାତକୁ ନିଆଯିବ ।

ମତ୍ସ୍ୟଚାଷ, ପଶୁପାଳନ ଓ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ଗୁଡ଼ିକ କୃଷି କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ । ଗତବର୍ଷ ମତ୍ସ୍ୟଚାଷ ନିମନ୍ତେ ୨'୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ସ୍ଥଳେ ୧୯୮୫-୮୬ ବାର୍ଷିକ ଯୋଜନା ଅଟକଳରେ ୨'୯୦ କୋଟି ଟଙ୍କାର ବ୍ୟୟ ବରାଦ ରହିଛି । ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ଧରଣର ଜାଆଁଳ ଯୋଗାଣ ଏହି ବିଭାଗର ଏକ ପ୍ରଧାନ ଲକ୍ଷ୍ୟ । ୧୯୮୪-୮୫ରେ ୭'୫ କୋଟି ମାଛ ଜାଆଁଳ ଉତ୍ପାଦନ କରାଯାଇଥିଲା ଏବଂ ଘରୋଇ ମତ୍ସ୍ୟ ଚାଷୀ ଓ ଗ୍ରାମାଞ୍ଚଳର ପଞ୍ଚାୟତ ପୋଖରୀଗୁଡ଼ିକୁ ମାଛ ଜାଆଁଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୮୫-୮୬ରେ ମାଛ ଜାଆଁଳ ଉତ୍ପାଦନ ପରିମାଣ ୧୨'୫୦ କୋଟିକୁ ବଢ଼ାଇବା ସକାଶେ କାର୍ଯ୍ୟକ୍ରମ ରହିଛି । ୮'୧୦ କୋଟି ମାଛ ଜାଆଁଳ ଉତ୍ପାଦନ କରିବା ଲାଗି ବିଶ୍ୱବ୍ୟାଙ୍କ ସହାୟତା ପ୍ରାପ୍ତ ଆଭ୍ୟନ୍ତରୀଣ ମତ୍ସ୍ୟଚାଷ ପରିକଳ୍ପନା ଜରିଆରେ ୭୭ ହେକ୍ଟର ଜମିରେ ଆଧୁନିକ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ବିଶ୍ୱବ୍ୟାଙ୍କ ସହାୟତାରେ ପୁଷ୍କରଣୀ ଗୁଡ଼ିକର ଉନ୍ନତି ବିଧାନ ଓ ଘରୋଇ ମତ୍ସ୍ୟଚାଷୀଙ୍କୁ ତାଲିମ୍ ଦେବା ନିମନ୍ତେ ୧୧ ଗୋଟି ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥା ପ୍ରତିଷ୍ଠା କରାଯାଉଛି । ୧୯୮୫-୮୬ରେ ୨,୭୦୦ ହେକ୍ଟର ଜଳାଶୟର ବିକାଶ ସାଧନ କରିବା ଏବଂ ପ୍ରାୟ ୩,୦୦୦ ମତ୍ସ୍ୟ ଚାଷୀଙ୍କୁ ତାଲିମ ଦେବା ପାଇଁ ଲକ୍ଷ୍ୟ ରଖା ଯାଉଛି । ୫୫ ଗୋଟି ଜଳ ଭଣ୍ଡାରରେ "ଜଳ ଭଣ୍ଡାର ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକ୍ରମ"ର ବ୍ୟବସ୍ଥା ପ୍ରସ୍ତାବିତ ବଜେଟରେ ରହିଛି । ଆମ ରାଜ୍ୟରେ ଖାରି ପାଣିରେ ମତ୍ସ୍ୟ ଚାଷର ବିକାଶ ସାଧନ ଲାଗି ୪ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲାକୁ ନେଇ ୨ ଗୋଟି ଖାରି ପାଣି ମତ୍ସ୍ୟ ଉନ୍ନୟନ ସଂସ୍ଥା ଗଠନ କରାଯାଉଛି । ବ୍ୟାପକ ସର୍ଭେ କରାଯିବା ପରେ ଖାରି ପାଣିରେ ମତ୍ସ୍ୟ ଚାଷ ନିମନ୍ତେ ପ୍ରାୟ ୧୪,୯୦୦ ହେକ୍ଟର ଜମି ଉପଯୁକ୍ତ ବୋଲି ଜଣାପଡ଼ିଛି । ଅଦ୍ୟାବଧି ରାଜ୍ୟର ୩୦୦ ହେକ୍ଟର ଜମିରେ ଖାରି ପାଣିରେ ଚିଙ୍ଗୁଡ଼ି ଚାଷ କରାଯାଉଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଆହୁରି ବଢ଼ାଇବା ଲାଗି ଆମେ ପଦକ୍ଷେପ ନେବୁ । ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନର ବିକାଶ ସାଧନ ନିମନ୍ତେ କେତେଗୁଡ଼ିଏ ସାମୁଦ୍ରିକ ମତ୍ସ୍ୟଜୀବୀ ସମବାୟ ସମିତି ସଙ୍ଗଠିତ କରାଯାଉଛି ଏବଂ ସପ୍ତମ ଯୋଜନା କାଳରେ ସମୁଦ୍ର ଉପକୂଳରେ କେତେ-ଗୋଟି ଛୋଟ ଧରଣର ମାଛ ଜେଟି ନିର୍ମାଣ କରିବା ଲାଗି ଏକ କାର୍ଯ୍ୟକ୍ରମ ରହିଛି । ଗତବର୍ଷ ୧,୧୨,୦୦୦ ମେଟ୍ରିକ୍ ଟନ୍ ମତ୍ସ୍ୟ ଉତ୍ପାଦନ କରାଯାଇଥିବା ସ୍ଥଳେ ୧୯୮୫-୮୬ରେ ଏହାର ପରିମାଣ ୧,୨୦,୦୦୦ ମେଟ୍ରିକ ଟନ୍‌କୁ ବୃଦ୍ଧି କରିବାଲାଗି ଲକ୍ଷ୍ୟ ରଖା ଯାଉଛି । ପଶୁପାଳନ ଓ ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଉନ୍ନତ ଧରଣର ଗୋ-ମହିଷାଦି ପଶୁ ଯୋଗାଇବା ତଥା ଉନ୍ନତ ପଶୁଖାଦ୍ୟ ଓ ବୈଜ୍ଞାନିକ ପଦ୍ଧତିରେ ପଶୁ ଚିକିତ୍ସାର ପ୍ରସାର କରାଇବାରେ ଲକ୍ଷ୍ୟ ରହିଛି । ଘନିଭୂତ ଶୁକ୍ର ବୈଷୟିକ କୌଶଳ ଅନୁଯାୟୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଭବାନୀପାଟଣା, ବଲାଙ୍ଗୀର,, କୋରାପୁଟ ଓ ଫୁଲବାଣୀଠାରେ ପ୍ରତିଷ୍ଠା କରା-ଯିବାର ଉଦ୍ୟମ କରାଯାଉଛି । ଏସବୁ ସ୍ଥାନରେ ଘନିଭୂତ ଶୁକ୍ର ଭଣ୍ଡାରମାନ ପ୍ରତିଷ୍ଠା କରିବା ଦିଗରେ ଉଦ୍ୟମ କରାଯାଉଅଛି । ଦୁଗ୍ଧ ଉନ୍ନୟନ କାର୍ଯ୍ୟକ୍ରମର ସଫଳତା ବିଶେଷଭାବେ ଗୋ-ଖାଦ୍ୟ ଉପରେ ନିର୍ଭର କରୁଥିବାରୁ କୃଷକମାନଙ୍କୁ ସେମାନଙ୍କ ଜମିରେ ଗୋ-ଖାଦ୍ୟ ଉତ୍ପାଦନ କରିବା ଲାଗି ଉତ୍ସାହିତ କରାଯାଉଛି ଓ ସେଥି ନିମନ୍ତେ ସେମାନଙ୍କୁ ବିହନ, ଚାରାଗଛ ଇତ୍ୟାଦି ଯୋଗାଇ ଦିଆଯାଉଛି । ଚଳିତ ବର୍ଷ ବ୍ୟାପକ ଭାବେ ବାଡ଼ି ବଗିଚାରେ ଗୋ-ଖାଦ୍ୟ ଜନିତ ଚାଷ କରିବା ନିମନ୍ତେ ପ୍ରସ୍ତାବ ରଖା ଯାଉଛି । ଏହା ଛଡ଼ା ୬୨୫ ହେକ୍ଟର ସରକାରୀ ଜମିରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଲାଗି ମଧ୍ୟ ପ୍ରସ୍ତାବ ରହିଛି ।

ଯଦିଓ ଆମ ରାଜ୍ୟର ଆୟତନ ସମୁଦାୟ ଦେଶର ଭୌଗୋଳିକ ଆୟତନର ଶତକଡ଼ା ୫ ଭାଗ, ଏହାର ଜଙ୍ଗଲ ଆୟତନ ଦେଶର ଜଙ୍ଗଲ ଆୟତନର ଶତକଡ଼ା ୮ ଭାଗ । ରାଜ୍ୟର ମୋଟ ଆୟତନ ମଧ୍ୟରୁ ଶତକଡ଼ା ୧୬ ଭାଗ ସଂରକ୍ଷିତ ଜଙ୍ଗଲ ଏବଂ ଅବଶିଷ୍ଟ ଜଙ୍ଗଲ ଅଞ୍ଚଳ ସୁରକ୍ଷିତ ଓ ଶ୍ରେଣୀଭୁକ୍ତ ନ ଥିବା ଜଙ୍ଗଲ । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଅନୁସୃତ ନୀତି ଅବଲମ୍ବନ କରି ମୂଲ୍ୟବାନ ପ୍ରାକୃତିକ ସଂପଦର ସଂରକ୍ଷଣ ଏବଂ ଜନସାଧାରଣଙ୍କ ଆବଶ୍ୟକତା ମେଣ୍ଟାଇବା ଲାଗି ଜଙ୍ଗଲଜାତ

ଉପଯୋଗ ସମେତ କିପରି ଅଧିକ ରାଜସ୍ୱ ମିଳିବ । ବ୍ୟବସ୍ଥା ଅବ୍ୟାହତ ରହିବ, ସେ ଦିଗରେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଷଷ୍ଠ ଯୋଜନା କାଳରେ ଜଙ୍ଗଲର କ୍ଷୟ ନିବାରଣ ସାଧନ ନିମନ୍ତେ ପ୍ରାଧାନ୍ୟ ଦିଆଯାଉଥିଲା । ଦୃଷ୍ଟିରେ ରଖି ରାଜ୍ୟ ଯୋଜନା କେନ୍ଦ୍ର ପ୍ରବର୍ତ୍ତିତ ଓ କେନ୍ଦ୍ରୀୟ ଯୋଜନା ଅନୁଯାୟୀ ଷଷ୍ଠ ଯୋଜନା କାଳରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ; ଯାହାଫଳରେ ୧,୩୧,୦୭୦ ହେକ୍ଟର ଜମିରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସମ୍ପନ୍ନ କରାଯାଇଥିଲା । ୧୯୮୫-୮୬ରେ ଯଥାକ୍ରମେ ୪୫,୮୭୦ ହେକ୍ଟର ଜମିରେ ବୃକ୍ଷରୋପଣ ଓ ୪୫,୯୬୨ ହେକ୍ଟର କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟ ସରକାର ନିକଟରେ "ଓଡ଼ିଶା ବୃକ୍ଷରୋପଣ ଉନ୍ନୟନ ନିଗମ" ଗଠନ କରିଛନ୍ତି । ସୁଇଡ଼ିସ୍ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ ସାମାଜିକ ଜଙ୍ଗଲ ପ୍ରକଳ୍ପ ୧୯୮୪-୮୫ରେ ଆରମ୍ଭ କରାଯାଇଛି ଏବଂ ଚଳିତ ବର୍ଷରେ ୧୦,୧୫୦ ହେକ୍ଟର ଜମିରେ ବୃକ୍ଷରୋପଣ ଓ କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟ କରାଯିବ । ଏଥି ନିମନ୍ତେ ୪.୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ୭୫ ଲକ୍ଷ ଚାରା ଗଛ ମାଗଣାରେ ବଣ୍ଟନ କରାଯିବ । ଏହା ଜନସାଧାରଣଙ୍କ କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯିବ ଏବଂ ଏହି କାର୍ଯ୍ୟକ୍ରମରେ ଅଧିକ କର୍ମ ନିଯୁକ୍ତିର ସୁବିଧା ମିଳିବ । ଏହି ଯୋଜନାଟି ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ସ୍ୱାର୍ଥ ସହିତ ବିଶେଷ ଭାବେ ଜଡ଼ିତ । ବେଆଇନ୍‌ଭାବେ ଗଛ କାଟିବା ଏବଂ ଚୋରା କାଠ କାରବାରକୁ ପ୍ରତିରୋଧ କରିବା ନିମନ୍ତେ ଜଙ୍ଗଲ ବିଭାଗର ସୁରକ୍ଷା ସଂସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି । ସଂଗଠିତ ଭାବେ ଚୋରାକାଠ କାରବାରକୁ ପ୍ରତିହତ କରିବା ନିମନ୍ତେ ଉପଦ୍ରୁତ ଅଞ୍ଚଳରେ ଚଳିତ ବର୍ଷ ମଧ୍ୟରେ ୫ ୟୁନିଟ ସଶସ୍ତ୍ର ପୁଲିସ୍ ଫୋର୍ସ ମୁତୟନ କରାଯିବ । ଆମ ରାଜ୍ୟରେ କେନ୍ଦୁପତ୍ର ଏକ ପ୍ରଧାନ ଜଙ୍ଗଲଜାତ ଦ୍ରବ୍ୟ । କେନ୍ଦୁପତ୍ର ସଂଗ୍ରହ ମୁଖ୍ୟତଃ ଏକ ଶ୍ରମ ନିର୍ଭର କାର୍ଯ୍ୟକ୍ରମ ଏବଂ ଏହା ବହୁସଂଖ୍ୟକ ଅନୁସୂଚିତ ଜାତି ଓ ଅନୁସୂଚିତ ଉପଜାତି ଲୋକଙ୍କୁ ଫଳପ୍ରଦ ନିଯୁକ୍ତି ଯୋଗାଇଥାଏ । କେନ୍ଦୁପତ୍ର ବ୍ୟବସାୟକୁ ଜାତୀୟକରଣ କରାଯିବା ଦ୍ୱାରା ଅଧିକ କେନ୍ଦୁପତ୍ର ଉତ୍ପାଦନ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟ ରାଜକୋଷକୁ ଅଧିକ ରାଜସ୍ୱ ମିଳିପାରିଛି । ଏହାଛଡ଼ା କେନ୍ଦୁପତ୍ର ତୋଳାଳୀ ଏବଂ କେନ୍ଦୁପତ୍ର କମଣକାରୀଙ୍କୁ ନ୍ୟାୟୋଚିତ ମଜୁରୀ ମଧ୍ୟ ମିଳି ପାରୁଛି ।

ଆମ ରାଜ୍ୟରେ ମାତ୍ର ଶତକଡ଼ା ୨୬ ଭାଗ କୃଷି ଜମିକୁ ଜଳସେଚିତ କରାଯାଇଛି । ଏଣୁ ଅଧିକ ଚାଷ ଜମିକୁ ଯେପରି ଜଳସେଚନର ସୁବିଧା ସୁଯୋଗ ଦିଆଯାଇ ପାରିବ, ତାହା ହେଉଛି ଆମ ବିକାଶ ମୂଳକ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ । ଚଳିତବର୍ଷ ନିମନ୍ତେ ବୃହତ୍ ଓ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପଗୁଡ଼ିକ ଲାଗି ରାଜ୍ୟ ଯୋଜନା ଅଟକଳରେ ୮୦.୭୦ କୋଟି ଟଙ୍କା ରଖାଯାଇଛି ଓ ଉକ୍ତ ଅର୍ଥ ବିନିଯୋଗ କରାଯିବା ଫଳରେ ଯେପରି ଖରିଫ ଋତୁରେ ଅଧିକ ୮,୧୪୦ ହେକ୍ଟର ଚାଷଜମି ଓ ରବି ଋତୁରେ ୭,୯୬୦ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ପାରିବ, ସେଥି ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । କେନ୍ଦ୍ରୀୟ ଉଦ୍ୟୋଗରେ ନିର୍ମାଣ କରାଯାଉଥିବା ପୋଟେଙ୍ଗ ଜଳସେଚନ ପ୍ରକଳ୍ପ ଜରିଆରେ ଖରିଫ ଋତୁରେ ଅଧିକ ୧୩,୦୦୦ ହେକ୍ଟର ଚାଷଜମି ଓ ରବି ଋତୁରେ ୩,୦୦୦ ହେକ୍ଟର ଚାଷ ଜମି ନିମନ୍ତେ ଜଳସେଚନର ସୁବିଧା ସୁଯୋଗ ସୃଷ୍ଟି କରିବା ଲାଗି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ୧୯୮୫-୮୬ ମସିହା ମଧ୍ୟରେ ଆଦିବାସୀ ଉପ-ଯୋଜନା ଅଧୀନରେ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ଲାଗି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ୪୬.୬୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଫଳରେ ଖରିଫ ଋତୁରେ ଅଧିକ ୧୫,୨୪୦ ହେକ୍ଟର ଚାଷ ଜମି ନିମନ୍ତେ ଅତିରିକ୍ତ ଜଳସେଚନ ସମ୍ଭାବନା ସୃଷ୍ଟି କରାଯାଇ ପାରିବ । ୧୯୮୫-୮୬ ମସିହା ଶେଷ ସୁଦ୍ଧା ଉପ-ଯୋଜନା ଅଞ୍ଚଳରେ ଖରିଫ ଋତୁରେ ୭୯,୬୮୦ ହେକ୍ଟର ଚାଷ ଜମି ଓ ରବି ଋତୁରେ ୩୧,୬୯୦ ହେକ୍ଟର ଚାଷ ଜମି ନିମନ୍ତେ ଜଳସେଚନର ସମ୍ଭାବନା ସୃଷ୍ଟି କରାଯାଇ ପାରିବା ଦିଗରେ କ୍ରମବର୍ଦ୍ଧିଷ୍ଣୁ ସଫଳତା ଆଶା କରାଯାଉଛି । ଏହା ଫଳରେ ଆଦିବାସୀ କୃଷକମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ।

ଉଠା ଜଳସେଚନ ନିଗମ, ୧୯୮୫-୮୬ ଖରିଫ ଓ ରବି ଋତୁରେ ଯେପରି ୨୪,୦୦୦ ହେକ୍ଟର ଚାଷଜମି ନିମନ୍ତେ ଅତିରିକ୍ତ ଜଳସେଚନ ସୁବିଧା ସୁଯୋଗର ସମ୍ଭାବନା ସୃଷ୍ଟି କରିପାରିବ ସେଥି ନିମନ୍ତେ ୫୦୦ ଉଠା ଜଳସେଚନ ପଏଣ୍ଟ ବସାଇବା ଲାଗି କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ଏହା ବ୍ୟତୀତ ରାଜ୍ୟରେ ଥିବା ବହୁ ସଂଖ୍ୟକ ଅସମ୍ପୂର୍ଣ୍ଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବା ଲାଗି ୧୨ କୋଟି ଟଙ୍କା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୪,୦୦୦ ହେକ୍ଟର ଚାଷ ଜମି ନିମନ୍ତେ ଅତିରିକ୍ତ ଜଳସେଚନ ସୁବିଧା ସୁଯୋଗର ସମ୍ଭାବନା ସୃଷ୍ଟି ହୋଇପାରିବ ।

ଓଡ଼ିଶାରେ ପ୍ରାୟ ପ୍ରତି ବିକଳ୍ପ ବର୍ଷଗୁଡ଼ିକରେ ବନ୍ୟାର ପ୍ରାଦୁର୍ଭାବ ଦେଖା ଦେଉଥିବାରୁ ବନ୍ୟା ନିୟନ୍ତ୍ରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି । ଏଥି ନିମନ୍ତେ ବିଭିନ୍ନ ବନ୍ୟା ନିୟନ୍ତ୍ରକ ବନ୍ଧଗୁଡ଼ିକର ସୁଦୃଢ଼ୀକରଣ ଲାଗି ୩.୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ରାଜ୍ୟର ବିକାଶ କଳ୍ପେ ଯେପରି ପର୍ଯ୍ୟାପ୍ତ ପରିମାଣର ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ କରାଯାଇ ପାରିବ, ସେଥିନିମନ୍ତେ ସ୍ୱତନ୍ତ୍ର ଗୁରୁତ୍ୱ ଆରୋପ କରାଯାଇଛି । ଷଷ୍ଠ ଯୋଜନା କାଳରେ ଆରମ୍ଭ ହୋଇଥିବା ରେଙ୍ଗାଲି, ଅପରକୋଲାବ୍ ଓ ହୀରାକୁଦ ବିଦ୍ୟୁତ୍ ପରିକଳ୍ପନାର ସପ୍ତମ ପର୍ଯ୍ୟାୟ ପ୍ରଭୃତି ଅସମ୍ପୂର୍ଣ୍ଣ ଜଳବିଦ୍ୟୁତ ପରିକଳ୍ପନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାଲାଗି ଅଗ୍ରାଧିକାର ଦିଆଯାଇଛି । ଉକ୍ତ ପରିକଳ୍ପନାଗୁଡ଼ିକ କାର୍ଯ୍ୟକାରୀ ହେଲେ ୩୭୭.୫ ମେଗାଓ୍ୱାଟ ଅଧିକ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ । ୧୯୮୫ ମସିହା ଜୁଲାଇ ମାସରେ ରେଙ୍ଗାଲି ଜଳ ବିଦ୍ୟୁତ

ପରିକଳ୍ପନାର ପ୍ରଥମ ୟୁନିଟ, ୧୯୮୫ ମସିହା ଡିସେମ୍ବର ମାସରେ ଏହାର ଦ୍ୱିତୀୟ ୟୁନିଟ, ୧୯୮୬ ଡିସେମ୍ବର ମାସରେ ଉପରକୋଲାବର ପ୍ରଥମ ୟୁନିଟ ଓ ୧୯୮୭ ମସିହା ଜୁଲାଇ ମାସରେ ହୀରାକୁଦ ଜଳ ବିଦ୍ୟୁତ ପରିକଳ୍ପନାର ସପ୍ତମ ୟୁନିଟକୁ କାର୍ଯ୍ୟକାରୀ କରିବାଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇଛି । ସପ୍ତମ ଯୋଜନା ଶେଷ ହେବା ପୂର୍ବରୁ ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପରିକଳ୍ପନାର ପ୍ରଥମ ୟୁନିଟକୁ ଯେପରି କାର୍ଯ୍ୟକାରୀ କରାଯାଇ ପାରିବ, ସେଥି ନିମନ୍ତେ ଆମର ଉଦ୍ୟମ ସ୍ଥିର ରହିବ । ଓଡ଼ିଶାର ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋଇଲା ରହିଥିବା ଇବ୍ ଉପତ୍ୟକାରେ ତାପଜ ବିଦ୍ୟୁତ ପରିକଳ୍ପନା କାର୍ଯ୍ୟକାରୀ କରିବା ଲାଗି ଏକ ନୂତନ ନିଗମ ଗଠନ କରାଯାଇଛି । ଏହି ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇ ପାରିଛି ଓ ଏଥିନିମନ୍ତେ ଯୋଜନା କମିଶନଙ୍କ ସ୍ୱୀକୃତି ଲାଭ ସକାଶେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ।

ଗାଁ ଗହଳରେ ଉତ୍ପାଦନର ଅଭିବୃଦ୍ଧିଲାଗି ଗ୍ରାମ୍ୟ ବିଦ୍ୟୁତକରଣ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଷଷ୍ଠ ଯୋଜନାର ଶେଷ ସୁଦ୍ଧା ମୋଟ ୪୬,୯୯୨ ଜନବସତି ଗ୍ରାମ ମଧ୍ୟରୁ ୨୩,୭୬୨ ଗ୍ରାମକୁ ବିଦ୍ୟୁତକରଣ କରାଯାଇଛି ।ଏହାର ଶତକଡ଼ା ହାର ୫୦ ଭାଗରୁ ସାମାନ୍ୟ ଅଧିକ ଅଟେ । ସପ୍ତମ ଯୋଜନାର ଶେଷ ବେଳକୁ ଆମ ରାଜ୍ୟର ଅନ୍ୟୁନ ଦୁଇ-ତୃତୀୟାଂଶ ଗ୍ରାମ ଯେପରି ବିଦ୍ୟୁତକରଣ ହୋଇ ପାରିବ, ସେଥିପାଇଁ କାର୍ଯ୍ୟକ୍ରମ ରଖାଯାଇଛି ।

ଷଷ୍ଠ ଯୋଜନା କାଳରେ ପମ୍ପ ସେଟ୍‌ଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିବା ଦିଗରେ ଯେପରି ଗୁରୁତ୍ୱ ଦିଆଯାଇଥିଲା, ତାହା ଅବ୍ୟାହତ ରହିବ ।

ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ପ୍ରଗତିର ଏକ ନୂତନ ବାତାବରଣ ଓ ଶିଳ୍ପ ଉଦ୍ୟୋଗର ଏକ ନୂତନ ଭାବଧାରା ସୃଷ୍ଟି ହୋଇ ପାରିଥିବା ବିଷୟ ମୁଁ ପୂର୍ବରୁ ଉଲ୍ଲେଖ କରିଛି । ଶିଳ୍ପ ବିକାଶର ଯେଉଁ ପ୍ରବାହ ସୃଷ୍ଟି ହୋଇଛି, ତାହା ବିଭିନ୍ନ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ଓ ମିଳିତ ଉଦ୍ୟମ ଦ୍ୱାରା ହିଁ ବଜାୟ ରହିବ । ୧୯୮୦-୮୧ ମସିହା ପୂର୍ବରୁ ରାଜ୍ୟରେ ସମବାୟ ପରିସରଭୁକ୍ତ କେବଳ ଦୁଇଟି ସୂତାକଳ ଥିଲା । ଷଷ୍ଠ ଯୋଜନାକାଳ ମଧ୍ୟରେ ୩ଟି ସୂତାକଳ କାର୍ଯ୍ୟକାରୀ କରାଯାଇଛି ଓ ଆଉ ଅଧିକ ୩ଟି ସୂତାକଳର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ।

କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକର ଉତ୍ପନ୍ନ ଦ୍ରବ୍ୟ ଯେପରି ରପ୍ତାନୀ ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ଜରିଆରେ ବିକ୍ରୟ କରାଯାଇ ପାରିବ, ସେଥିପାଇଁ ସରକାର ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା କାର୍ଯ୍ୟ ଅବ୍ୟାହତ ରଖିବେ । ନାଲକୋ ପରିକଳ୍ପନାର ଚତୁଃପାର୍ଶ୍ୱରେ ବିଭିନ୍ନ ଆନୁସଙ୍ଗୀକ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକର ଉତ୍ପନ୍ନ ଦ୍ରବ୍ୟମାନ ଯେପରି ଯଥାଯଥ ଭାବେ ବିକ୍ରୟ କରାଯାଇ ପାରିବ, ସେଥି ନିମନ୍ତେ ରପ୍ତାନୀ ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ଅଧୀନରେ ଜାଜପୁରଠାରେ ଥିବା ପରୀକ୍ଷାଗାରକୁ ଆବଶ୍ୟକ କର୍ମଚାରୀ ଓ ଯନ୍ତ୍ରପାତି ଦେଇ ତାହାକୁ ଉନ୍ନୀତ କରାଯିବ ।

ଷଷ୍ଠ ଯୋଜନା କାଳରେ ୬୫,୦୦୦ ହସ୍ତତନ୍ତକୁ ସମବାୟ ପରିସରଭୁକ୍ତ କରାଯାଇ ପାରିଛି । ଏହାଛଡ଼ା ୫୩,୦୦୦ ହସ୍ତତନ୍ତକୁ ଆଧୁନିକୀକରଣ କରାଯାଇ ପାରିଥିଲା । ଗାଁ-ଗହଳରେ ବସବାସ କରୁଥିବା ଦରିଦ୍ର ଶ୍ରେଣୀର ଲୋକମାନଙ୍କର ଅର୍ଥନୈତିକ ବିକାଶ କରିବା କ୍ଷେତ୍ରରେ ଏହା ହେଉଛି ଆମ ଘୋଷିତ ନୀତି । ସେହି କାର୍ଯ୍ୟକ୍ରମର ସଫଳତା ପାଇଁ ଆମର ଉଦ୍ୟମ ଓ କାର୍ଯ୍ୟକ୍ରମ ଅବ୍ୟାହତ ରହିବ ।

କେଉଁ କେଉଁ ଅଞ୍ଚଳରେ କୋଇଲା, ଗ୍ରାଫାଇଟ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଆଜବେଷ୍ଟସ୍, ସୁନା ଓ ଲୁହା ପଥର ଖଣିମାନ ରହିଛି ତାହା ଠାବ କରିବା ଲାଗି ସପ୍ତମ ଯୋଜନାକାଳ ମଧ୍ୟରେ ଭାରତ ସରକାରଙ୍କର ଭୂତାତ୍ତ୍ୱିକ ସର୍ଭେ ବିଭାଗ ସହାୟତାରେ ଏକ ସମନ୍ୱିତ ଖଣିଜ ସମ୍ପଦ ନିରୀକ୍ଷଣ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ନିମ୍ନମାନର ଲୁହାପଥର ଓ ଖଣିଜ ଦ୍ରବ୍ୟଗୁଡ଼ିକର ମୌଳିକ ଗୁଣର ସମୀକ୍ଷା ନିମନ୍ତେ ଗବେଷଣାଗାର ଅନୁସନ୍ଧାନ ଦ୍ୱାରା ନଷ୍ଟ ପ୍ରାପ୍ତ ଖଣିଜ ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେତେ ପରିମାଣର ଆବଶ୍ୟକ ଖଣିଜ ପଦାର୍ଥ ମିଳିପାରିବ ସେ ସବୁ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ କେଉଁ ସ୍ଥାନଗୁଡ଼ିକରେ ବନ୍ଧ, ପରିକଳ୍ପନା ଓ ବୈଷୟିକ ସଂସ୍ଥାମାନ ନିର୍ମାଣ କରାଯାଇ ପାରିବ ତାହାର ଅନୁଧ୍ୟାନ କରିବା ପାଇଁ ଏକ ଭୂତାତ୍ତ୍ୱିକ ବୈଷୟିକ ଅନୁସନ୍ଧାନ ସମେତ ସମସ୍ୟା ବହୁଳ ଅଞ୍ଚଳଗୁଡ଼ିକରେ ଭୂତଳ ଜଳ ସମ୍ପଦର ଅନୁଧ୍ୟାନ କରିବା ହେଉଛି ବିଶେଷ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ତାହା ଅଗ୍ରାଧିକାର ଭିତ୍ତିରେ ଆଗେଇ ନେବାପାଇଁ ବ୍ୟବସ୍ଥା କରାଯିବ ।

ଜନସାଧାରଣଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଚିକିତ୍ସା ସୁବିଧା ସୁଯୋଗ ଓ ଡାକ୍ତରୀ ସେବା ଯୋଗାଇ ଦେବା ହେଉଛି ଆମ ସରକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଆଉ ଅଧିକ ୭ଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୯ଟି ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି । ଷଷ୍ଠ ଯୋଜନା କାଳ ମଧ୍ୟରେ ହାତକୁ ନିଆଯାଇଥିବା ରାଜଧାନୀର ମୁଖ୍ୟ ଚିକିତ୍ସାଳୟ ସମ୍ପ୍ରସାରଣ କାର୍ଯ୍ୟକୁ ସପ୍ତମ ଯୋଜନା କାଳ ମଧ୍ୟରେ ସମାପ୍ତ କରାଯିବ । ସପ୍ତମ ଯୋଜନା କାଳରେ ସମସ୍ତ ଜିଲ୍ଲା ହାସପାତାଳଗୁଡ଼ିକରେ କରୋନାରୀ ୟୁନିଟମାନ ପ୍ରତିଷ୍ଠା କରାଯିବ ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଚିକିତ୍ସା ଲାଗି ମୁଖ୍ୟ ହାସପାତାଳମାନଙ୍କରେ ସ୍ୱତନ୍ତ୍ର ଚିକିତ୍ସା ୟୁନିଟମାନ ଖୋଲାଯିବ । କଟକସ୍ଥିତ ଶିଶୁ ଚିକିତ୍ସା ପ୍ରତିଷ୍ଠାନ ନିମନ୍ତେ ୫୦ଟି ଅଧିକା ଶଯ୍ୟା ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ କର୍କଟ ରୋଗର ଚିକିତ୍ସା ନିମନ୍ତେ ବୁର୍ଲା ଓ ବ୍ରହ୍ମପୁରସ୍ଥିତ ମେଡ଼ିକାଲ କଲେଜ ହାସପାତାଳମାନଙ୍କରେ ରେଡ଼ିଓ-ଥେରାପି ୟୁନିଟ ଲାଗି ଆଉ ଅଧିକ ୫୦ଟି ଶଯ୍ୟା ଯୋଗାଇ ଦିଆଯିବା ପାଇଁ ଅର୍ଥର ବ୍ୟବସ୍ଥା କରାଯାଇଛି ।

ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ଫଳପ୍ରଦ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଉକ୍ତ କାର୍ଯ୍ୟକ୍ରମକୁ ଯେପରି ଅଧିକ ଫଳପ୍ରଦ କରାଯାଇ ପାରିବ ସେଥି ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାରଙ୍କ

ଓଡ଼ିଶାରେ ୫ଟି ଜିଲ୍ଲାରେ ଭିତ୍ତିଭୂମିକ ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପ୍ରସୂତି ତଥା ଶିଶୁ କଲ୍ୟାଣ ନିମନ୍ତେ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ଏହି ପରିକଳ୍ପନାକୁ ଅବ୍ୟାହତ ରଖିବା ଲାଗି ୧୯୮୫-୮୬ ମସିହା ପାଇଁ ୨୦୮.୩୬ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ୧୯୮୪-୮୫ରେ ୧,୩୩,୦୦୦ ବନ୍ଧ୍ୟାକରଣ କରାଯାଇ-ଥିବା ସ୍ଥଳେ ଚଳିତ ବର୍ଷ ୨,୧୦,୦୦୦ ବନ୍ଧ୍ୟାକରଣ କରାଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୯୮୪-୮୫ ମସିହାରେ ୬୮,୦୦୦ ଜଣ ମହିଳା ଲୁପ ଗ୍ରହଣ କରିଥିବା ସ୍ଥଳେ ୧୯୮୫-୮୬ ମସିହାରେ ୧,୦୦,୦୦୦ ମହିଳାଙ୍କୁ ଲୁପ ଦିଆଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଜନସାଧାରଣଙ୍କୁ ଆଧୁନିକ ଡାକ୍ତରୀ ଚିକିତ୍ସା ସୁବିଧା ସୁଯୋଗ ଯୋଗାଇ ଦେବା ବ୍ୟତୀତ ରାଜ୍ୟ ସରକାର ଭାରତୀୟ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିକୁ ଯଥାଯଥଭାବେ ସ୍ୱୀକୃତି ଦେଇ ରାଜ୍ୟରେ ଉକ୍ତ ଚିକିତ୍ସା ପଦ୍ଧତିର ଉନ୍ନତି ବିଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଚଳିତବର୍ଷ ମଧ୍ୟରେ ନୂଆ କରି ୭ଟି ଆୟୁର୍ବେଦିକ ଚିକିତ୍ସାଳୟ, ୬ଟି ହୋମିଓପ୍ୟାଥି ଚିକିତ୍ସାଳୟ ଓ ଦୁଇଟି ଇୟୁନାନି ଚିକିତ୍ସାଳୟ ସ୍ଥାପନ ପାଇଁ ପ୍ରସ୍ତାବ ରଖାଯାଇଛି । ଏହା ବ୍ୟତୀତ ଆଉ ଦୁଇଟି ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ବଲାଙ୍ଗୀରସ୍ଥିତ ସରକାରୀ ଆୟୁର୍ବେଦ ଫାର୍ମାସୀକୁ ଆଧୁନିକୀକରଣ କରିବା ଲାଗି ମଧ୍ୟ ପ୍ରସ୍ତାବ ରଖାଯାଇଛି । ରାଜ୍ୟର ରାଜଧାନୀରେ ଆୟୁର୍ବେଦ ଚିକିତ୍ସା ସଂକ୍ରାନ୍ତୀୟ ଗବେଷଣା ଓ ଉନ୍ନୟନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି ।

ଶିକ୍ଷାକୁ ବୈଷୟିକ ଜ୍ଞାନ ଓ ନିଯୁକ୍ତି ସହ ସଂଯୁକ୍ତ କରିବା ଲାଗି ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ତାହାକୁ ଦୃଷ୍ଟିରେ ରଖି ଜନ ସମ୍ବଳର ଯେପରି ବିକାଶ ହୋଇ ପାରିବ ସେଥିନିମନ୍ତେ ରାଜ୍ୟ ସରକାର ଏଭଳି ଶିକ୍ଷା ପଦ୍ଧତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରାଯିବା ଲକ୍ଷ ରଖି ପ୍ରାଥମିକ ସ୍ତରରେ ଛାତ୍ରସଂଖ୍ୟା ବୃଦ୍ଧି ନିମନ୍ତେ ଅଧିକ ସଂଖ୍ୟକ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଦେବାଲାଗି ପ୍ରସ୍ତାବ ରଖାଯାଇଛି । ସେଥିନିମନ୍ତେ ଯୋଜନା ତଥା ଅଣ-ଯୋଜନା ବ୍ୟୟ ଅଟକଳରେ ବ୍ୟବସ୍ଥା ରଖାଯାଇଛି । ଅଷ୍ଟମ ଅର୍ଥ କମିଶନଙ୍କ ମଞ୍ଜୁରୀ-ପ୍ରାପ୍ତ ଯେଉଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ କଚ୍ଚାଘରଗୁଡ଼ିକରେ କାର୍ଯ୍ୟ କରୁଛି, ସେଗୁଡ଼ିକୁ ପକ୍କା ଗୃହ ଯୋଗାଇ ଦିଆଯିବା ଉଦ୍ଦେଶ୍ୟରେ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ବିଶ୍ୱବିଦ୍ୟାଳୟ କୋଠାବାଡ଼ିଗୁଡ଼ିକର ସ୍ୱତନ୍ତ୍ର ମରାମତି କାର୍ଯ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟ ନିର୍ମାଣ ନିମନ୍ତେ ବଜେଟ ଅଟକଳରେ ବ୍ୟବସ୍ଥା କରାଯାଇଛି । ସମାଜ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରାଗଲେ ସମାଜ ବିଜ୍ଞାନ କ୍ଷେତ୍ରରେ ଗବେଷଣା ମୂଳକ କାର୍ଯ୍ୟମାନ ବିଶେଷ ଭାବେ ପ୍ରୋତ୍ସାହିତ ହୋଇ ପାରିବ ଓ ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତାବିତ ବଜେଟ ଅଟକଳରେ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରିଛନ୍ତି । ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ନିଜର ଦକ୍ଷତା ବୃଦ୍ଧିକରି ନୂତନ ପାଠ୍ୟକ୍ରମ ସହ ଯେପରି ନିଜକୁ ଖାପ ଖୁଆଇ ପାରିବେ ସେଥି ନିମନ୍ତେ ସେମାନେ ଚାକିରୀରେ ଥାଇ ବିଜ୍ଞାନ ଓ ଗଣିତ ଶିକ୍ଷାଦାନ କ୍ଷେତ୍ରରେ ତାଲିମ ପାଇବା ଲାଗି ଏକ ଯୋଜନା ପ୍ରବର୍ତ୍ତନ କରାଯିବ । ମୁଁ ଆନନ୍ଦର ସହ ଏହି ମହନୀୟ ସଭାଗୃହକୁ ଜଣାଇବାକୁ ଚାହେଁ ଯେ, ମହିଳା ଶିକ୍ଷା କାର୍ଯ୍ୟକ୍ରମ ଆମ ଯୋଜନା ଆଭିମୁଖ୍ୟର ଏକ ବିଶେଷ ଅଂଶ ବିଶେଷ । ମହିଳାମାନଙ୍କୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ କରାଯିବା ଲାଗି ସରକାର ସ୍ଥିର କରିଛନ୍ତି ଅର୍ଥାତ୍ ଜଣେ ଛାତ୍ରୀ ସ୍ନାତକୋତ୍ତର ପର୍ଯ୍ୟନ୍ତ ମାଗଣାରେ ସାଧାରଣ ଶିକ୍ଷା ପାଇପାରିବ । ସପ୍ତମ ଯୋଜନା କାଳ ମଧ୍ୟରେ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ମାଗଣାରେ ଶିକ୍ଷାଦାନ ଲାଗି ନିଷ୍ପତ୍ତି ନିଆଯାଇଛି । ସରକାରୀ ପ୍ରାଥମିକ ଶିକ୍ଷକମାନେ ଯେଉଁ ହାରରେ ପେନ୍‌ସନ ଓ ଗ୍ରାଚ୍ୟୁଟି ପାଉଥିବେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ତା ୧-୪-୧୯୮୫ ମସିହାଠାରୁ ସେହି ହାରରେ ପେନସନ୍ ଓ ଗ୍ରାଚ୍ୟୁଟି ଦେବାଲାଗି ସରକାର ସ୍ଥିର କରିଛନ୍ତି ।

ସଂପ୍ରସାରିତ ଶିଳ୍ପ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରି ଯେପରି ସୁବିଧା ସୁଯୋଗ ହାସଲ କରାଯାଇ ପାରିବ, ସେଥି ନିମନ୍ତେ ଉପଯୁକ୍ତ ଜନଶକ୍ତିକୁ ଯୋଜନାବଦ୍ଧଭାବେ ସମୃଦ୍ଧ କରି ଗଢ଼ି ତୋଳିବା ଲାଗି ସରକାର ଯତ୍ନର ସହ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ।

ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲରେ କମ୍ପ୍ୟୁଟର ପ୍ରୟୋଗ ପାଇଁ ଡିପ୍ଲୋମା ପରବର୍ତ୍ତୀ ପାଠ୍ୟକ୍ରମ ପାଇଁ ଯଥେଷ୍ଟ ସଂଖ୍ୟକ ଶିକ୍ଷକ ଯୋଗାଇ ଦେବା ସକାଶେ ଅର୍ଥ ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱରସ୍ଥ ମହିଳା ପଲିଟେକ୍‌ନିକ୍‌ରେ ଇଲେକ୍‌ଟ୍ରୋନିକ୍ସ୍ ବିଷୟରେ ଏକ ଡିପ୍ଲୋମା ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଉଛି ।

ଆଗାମୀ ବର୍ଷମାନଙ୍କରେ ଇଲେକ୍‌ଟ୍ରୋନିକ୍ସ୍ ବିଷୟରେ ବହୁ ସଂଖ୍ୟକ ଲୋକଶକ୍ତିର ଆବଶ୍ୟକତା ରହିଥିବାରୁ ଏ ବିଷୟରେ ଡିଗ୍ରୀ ଓ ଡିପ୍ଲୋମା ପାଇଁ ତଥା ଆଇ. ଟି. ଆଇ. ସ୍ତରରେ ତାଲିମ ନିମିତ୍ତ ସୁବିଧା ସୁଯୋଗର ସଂପ୍ରସାରଣର କାର୍ଯ୍ୟକ୍ରମ ରହିଛି ।

ଆଗାମୀ ବର୍ଷଠାରୁ ଢେଙ୍କାନାଳରେ ମହିଳା ପଲିଟେକ୍‌ନିକ୍ ଖୋଲିବା ପାଇଁ ପ୍ରାରମ୍ଭିକ କାର୍ଯ୍ୟପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ।

ଚଳିତ ଶିକ୍ଷା ବର୍ଷଠାରୁ ଭୁବନେଶ୍ୱରସ୍ଥ ମହିଳା ଶିଳ୍ପ ତାଲିମ ଅନୁଷ୍ଠାନରେ 'ପୋଷାକ-ତିଆରି' ଓ ଷ୍ଟେନୋଗ୍ରାଫି ବିଷୟରେ, ବିଶେଷ କରି ଆଧୁନିକ ଅଫିସ ଉପକରଣ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇ ଏକ ପାଠ୍ୟକ୍ରମ ମଧ୍ୟ ପ୍ରବର୍ତ୍ତନ କରାଯିବ ।

ଆମ ରାଜ୍ୟରେ ବସ୍ତି ବାସିନ୍ଦାମାନଙ୍କର (Slum dwellers) ସଂଖ୍ୟା ବୃଦ୍ଧିଜନିତ ସାମାଜିକ-ଅର୍ଥନୈତିକ ସମସ୍ୟାଗୁଡ଼ିକୁ ଉପଲବ୍ଧି କରି ବସ୍ତି ବାସିନ୍ଦାମାନଙ୍କର ପରିବେଶ ଉନ୍ନତି ଲାଗି ସେହି ବସତି ଅଞ୍ଚଳର ରାସ୍ତାମାନଙ୍କରେ ବିଜୁଳି ଆଲୋକ ବ୍ୟବସ୍ଥା, ପାନୀୟ ଜଳର ସୁବିଧା, ନାଳ ଓ ସମୂହ ଶୌଚାଳୟ ସ୍ଥାପନ ପାଇଁ ଗତ ପଞ୍ଚବାର୍ଷିକ ଯୋଜନାରେ ଗୋଟିଏ ପରିକଳ୍ପନା ଆରମ୍ଭ

ହୋଇଛି । ଏହି ପରିକଳ୍ପନା ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଅବ୍ୟାହତ ରହିବ । ସମନ୍ୱିତ ଗୃହ ନିର୍ମାଣ ପରିକଳ୍ପନା ଅନୁଯାୟୀ, ଗ୍ରାମାଞ୍ଚଳର ବାସହୀନ ଶ୍ରମିକମାନଙ୍କୁ ବାସଗୃହ ଯୋଗାଇ ଦେବା ସକାଶେ ଗ୍ରାମାଞ୍ଚଳରେ ୬,୬୬୭ଟି ଗୃହ ନିର୍ମାଣ କରିବା ପାଇଁ ଚଳିତ ବର୍ଷ ୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଉତ୍କଟ ପାନୀୟ ଜଳାଭାବ ଥିବା ୨୭,୦୭୭ଟି ଗ୍ରାମ ମଧ୍ୟରୁ ୩,୪୬୧ଟି ଗ୍ରାମକୁ ପଞ୍ଚମ ଯୋଜନା ଶେଷ ସୁଦ୍ଧା ନଳକୂପମାନ ଯୋଗାଇ ଦିଆଯାଇଛି ଏବଂ ବଳକା ୨୩,୬୧୬ଟି ଗ୍ରାମ ମଧ୍ୟରୁ ୨୨,୩୫୭ଟି ଗ୍ରାମ ଷଷ୍ଠ ଯୋଜନା-କାଳରେ ସଂପୂର୍ଣ୍ଣ ଅଥବା ଆଂଶିକଭାବେ ନଳକୂପ ବସା-ଯାଇଛି । ଆଉ ମାତ୍ର ୧,୨୫୯ଟି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ବାକି ରହିଛି । ଚଳିତ ବର୍ଷ ଏ ସମସ୍ତ ଗ୍ରାମକୁ ପାନୀୟ ଜଳର ସୁବିଧା ଯୋଗାଇ ଦେବା ପାଇଁ କାର୍ଯ୍ୟକ୍ରମ ରହିଛି । ଚିହ୍ନଟ ହୋଇ ନ ଥିବା ୧୯,୯୧୫ଟି ଗ୍ରାମ ମଧ୍ୟ ରହିଛି । ଏହି ସବୁ ଗ୍ରାମରେ ଷଷ୍ଠ ଯୋଜନା କାଳରେ ୧୩,୪୦୦ ନଳକୂପ ବସାଯାଇଛି । ଆମ ରାଜ୍ୟର ସମୁଦ୍ର କୂଳବର୍ତ୍ତୀ ଲୁଣା ଅଞ୍ଚଳ ପାଇଁ ଡେନମାର୍କ ସରକାରଙ୍କ ଆର୍ଥିକ ସହାୟତାକ୍ରମେ ଦ୍ୱିପାକ୍ଷିକ ସାହାଯ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ଏକ ଦ୍ରୁତତ୍ତ ପରିକଳ୍ପନା ହାତକୁ ନିଆଯାଇଛି । ୧୯୮୫-୮୬ ମଧ୍ୟରେ ଲୁଣା ଅଞ୍ଚଳରେ ୫୫୦ଟି ନୂଆ ନଳକୂପ ତଥା ୧୦୦ଟି ଅନୁସଂଧାନକାରୀ ନଳକୂପ ବସାଇବା ଏବଂ ୩ଟି ନଳ ଜଳ ଯୋଗାଣ ପରିକଳ୍ପନା ଓ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ୯୦୦ଟି ନଳକୂପ ବସାଇବା ପାଇଁ ପ୍ରସ୍ତାବ ରହିଛି । କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପାନୀୟ ଜଳାଭାବ ଗ୍ରାମଗୁଡ଼ିକୁ ନୂଆ ଚିହ୍ନଟ କରିବା ପାଇଁ ଏକ ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ଏହାର ବୃତ୍ତାନ୍ତ ତାଲିକା ଯଥା ଶୀଘ୍ର ପ୍ରସ୍ତୁତ କରାଯିବ ।

ଗ୍ରାମାଞ୍ଚଳ ତଥା ନଗରାଞ୍ଚଳରେ ଅଧିକସଂଖ୍ୟକ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ଜରିଆରେ ସାଧାରଣ ଖାଉଟିମାନଙ୍କୁ ଏବଂ ବିଶେଷ କରି ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ଦିଗରେ ନିଶ୍ଚିତ ବ୍ୟବସ୍ଥାପାଇଁ ରାଜ୍ୟର ପ୍ରତିଶ୍ରୁତି ନୀତିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଯେପରି ଅତି କମରେ ଗୋଟିଏ ଲେଖାଏଁ ସମବାୟ ଦୋକାନ ରହିବ, ସେଥିପ୍ରତି ପଦକ୍ଷେପ ନିଆଯାଇଅଛି । ୧୯୮୫ ଅପ୍ରେଲ ପହିଲା ସୁଦ୍ଧା ୧୯,୬୭୬ ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି । ଚଳିତ ବର୍ଷ ୫୦ଟି ଅଧିକ ସମବାୟ ଦୋକାନ ଖୋଲିବା ପାଇଁ ପ୍ରସ୍ତାବ ରହିଛି । ରାଜ୍ୟ ଖାଦ୍ୟ ଯୋଗାଣ ନିଗମର କାର୍ଯ୍ୟ ପରିସର ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କ୍ଷେତ୍ରରେ କ୍ରମଶଃ ସଂପ୍ରସାରିତ ହେଉଛି ଏବଂ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସପ୍ତମ ଯୋଜନା କାଳରେ ତଥା ଚଳିତ ଆର୍ଥିକ ବର୍ଷରେ ଅଧିକ ପୁଞ୍ଜି ବିନିଯୋଗର ବ୍ୟବସ୍ଥା ରହିଛି ।

ଷଷ୍ଠ ଯୋଜନା କାଳରେ ରାଜ୍ୟ ଭିତରେ ରାସ୍ତାଘାଟ ନଥିବା ଅଞ୍ଚଳଗୁଡ଼ିକରେ ରାସ୍ତାଘାଟର ଯୋଗାଯୋଗ କରିବା ପାଇଁ ଉଦ୍ୟମ ହୋଇ ଆସିଛି । ଏହା ଫଳରେ ଅଧିକରୁ ଅଧିକ ଅଞ୍ଚଳକୁ ଯୋଗାଯୋଗର ସୁବିଧା ହୋଇପାରିଛି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସଙ୍ଗେ ସଙ୍ଗେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବହୁ ସ୍ଥାନକୁ ଯଥା ସମ୍ଭବ ରାସ୍ତାଘାଟର ସୁବିଧା ଯୋଗାଇ ଦିଆଯିବ । ଆଦିବାସୀ ଅଞ୍ଚଳରେ ରାସ୍ତାଘାଟର ଉନ୍ନତି ପାଇଁ ବିଶେଷ ଗୁରୁତ୍ୱ ଦିଆଯିବ । ଏଥିପାଇଁ ଚଳିତ ବର୍ଷରେ ଆର୍ଥିକ ବ୍ୟବସ୍ଥା ରହିଛି ।

ରାଜ୍ୟରେ ଷଷ୍ଠ ଯୋଜନା କାଳରେ ପର୍ଯ୍ୟଟନର ସୁବିଧା ସୁଯୋଗ ବହୁ ଭାବରେ ବୃଦ୍ଧି ପାଇଛି । ଗତ କିଛି ବର୍ଷ ହେଲା ରାଜ୍ୟର ପର୍ଯ୍ୟଟନ ଭାବମୂର୍ତ୍ତି ମୂଳତଃ ସଂସ୍କୃତି ଭିତ୍ତିକ ହୋଇଅଛି । ବେଳାଭୂମି, ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜଳକ୍ରୀଡ଼ା ଇତ୍ୟାଦି ବିଭିନ୍ନ ଶ୍ରେଣୀ ପର୍ଯ୍ୟଟନର ଉନ୍ନତି କଳ୍ପେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଆମ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରଂପରା ଅତ୍ୟନ୍ତ ମହାନ୍ । ବହୁ କମ୍ ରାଜ୍ୟ ଏପରି ପରଂପରାର ଅଧିକାରୀ । ଏହି ପରଂପରାକୁ ଉଜ୍ଜୀବିତ ରଖିବା ସମସ୍ତଙ୍କ ଦାୟିତ୍ୱ । ଏପରି ଏକ ବାତାବରଣ ସୃଷ୍ଟି କରିବାର ଆବଶ୍ୟକ, ଯାହା-ଫଳରେ ଆମର କଳା ଓ ଶିଳ୍ପ ଚାତୁରୀର କ୍ରମବିକାଶ ସାଧିତ ହେବ, ଦୁଃସ୍ଥ ଲେଖକ ଓ କଳାକାରମାନଙ୍କର ସାମାଜିକ ନିରାପତ୍ତା ନିମନ୍ତେ ରାଜ୍ୟ ସରକାର ପେନ୍‌ସନ୍ ବ୍ୟବସ୍ଥା କରିଛନ୍ତି । ରାଜ୍ୟରେ ପ୍ରଥମ କରି ଓଡ଼ିଶୀନୃତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଛି । ଷଷ୍ଠ ଯୋଜନାରେ ପ୍ରତିଷ୍ଠା କରାଯାଇ-ଥିବା ଓଡ଼ିଶୀ ଗବେଷଣା କେନ୍ଦ୍ର, ଭବିଷ୍ୟତ ଗବେଷଣା ପାଇଁ ଓଡ଼ିଶୀ ନୃତ୍ୟର ବିଭିନ୍ନ ଦିଗଗୁଡ଼ିକ ଲିପିବଦ୍ଧ କରିବା ସକାଶେ କେତେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଷଷ୍ଠ ଯୋଜନାକାଳ ମଧ୍ୟରେ ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାର ଏକ କ୍ରୀଡ଼ା ବିଭାଗ ସୃଷ୍ଟି କରିଛନ୍ତି । ବ୍ୟାପକ ଭାବେ ଜାତୀୟ କ୍ରୀଡ଼ା ନୀତିକୁ ଦୃଷ୍ଟିରେ ରଖି ରାଜ୍ୟରେ କ୍ରୀଡ଼ା ଓ ଖେଳ କସରତର ସାମୁହିକ ବିକାଶ ସଙ୍ଗେ ସଙ୍ଗେ ରାଜ୍ୟର ଯୁବ କ୍ରୀଡ଼ାବିତ୍ ତଥା ଖେଳାଳୀମାନଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ କ୍ରୀଡ଼ା ନୀତି ପ୍ରଣୟନ କରିଛନ୍ତି । ପ୍ରତିଭାସଂପନ୍ନ ଖେଳାଳୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ୧୯୮୪-୮୫ ବର୍ଷରେ କ୍ରୀଡ଼ା ବିଦ୍ୟାଳୟ ଓ କ୍ରୀଡ଼ା ଛାତ୍ରାବାସ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଚଳିତ ଯୋଜନା କାଳରେ ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ତ୍ୱରାନ୍ୱିତ କରାଯିବ ।

ଶ୍ରମିକ ସଂପର୍କ କ୍ଷେତ୍ରରେ ଷଷ୍ଠ ଯୋଜନା କାଳ ମଧ୍ୟରେ ରାଜ୍ୟରେ ବାତାବରଣ ଅତ୍ୟନ୍ତ ସନ୍ତୋଷଜନକ ଥିଲା । ଅନୁସୂଚିତ କର୍ମନିଯୁକ୍ତିଗୁଡ଼ିକ ନିମନ୍ତେ ଦୈନିକ ସର୍ବନିମ୍ନ ମଜୁରୀହାର ଟ ୭.୫୦ ପଇସାକୁ ବଢ଼ାଇ ଦିଆଯାଇଛି । ସର୍ବନିମ୍ନ ମଜୁରୀହାର ଆଇନ୍‌ର ସଫଳ କାର୍ଯ୍ୟକାରିତା ଦିଗରେ ସରକାର କ୍ରମାଗତ ଭାବେ ତତ୍ପର ରହିଆସିଛନ୍ତି । ଶ୍ରମ ବିବାଦଗୁଡ଼ିକର ତ୍ୱରିତ ଫଇସଲା ପାଇଁ ଚଳିତ ଆର୍ଥିକ ବର୍ଷରେ ସମ୍ବଲପୁର ଓ ଜୟପୁରଠାରେ ଦୁଇଟି ଅଧିକା ଶ୍ରମ ଅଦାଲତ ଖୋଲିବା ପାଇଁ ପ୍ରସ୍ତାବ ରହିଛି ।

ଷଷ୍ଠ ଯୋଜନାକାଳରେ ହାତକୁ ନିଆଯାଇଥିବା ଅନେକ-ଗୁଡ଼ିଏ ସାମାଜିକ ନିରାପତ୍ତା ବ୍ୟବସ୍ଥା ଓ ସମାଜ ମଙ୍ଗଳ ବ୍ୟବସ୍ଥା ଗୁଡ଼ିକର କାର୍ଯ୍ୟ ଅବ୍ୟାହତ ରହିବ । ଏତଦ୍‌ବ୍ୟତୀତ

୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଅସହାୟା ବିଧବାମାନଙ୍କର ସାମାଜିକ ନିରାପତ୍ତାର ଆବଶ୍ୟକତାକୁ ଉପଲବ୍ଧି କରି ସରକାର ଏଭଳି ବିଧବାମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନା କରିଛନ୍ତି । ସ୍ୱାମୀ ପରିତ୍ୟକ୍ତା ତଥା ଭରଣପୋଷଣ ଅଧିକାର ପ୍ରତ୍ୟାଖ୍ୟାତା ମହିଳାମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଉପଯୁକ୍ତ ବିବେଚିତ ମାମଲାଗୁଡ଼ିକ କ୍ଷେତ୍ରରେ ଆଇନଗତ ସାହାଯ୍ୟ ଯୋଗାଇ ଦେବା ପାଇଁ ଏକ ପରିକଳ୍ପନା ପ୍ରସ୍ତୁତ କରିଛନ୍ତି । ଏହା ଫଳରେ ସେମାନେ ଉପଯୁକ୍ତ ନ୍ୟାୟାଳୟରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିପାରିବେ । ଦୃଷ୍ଟିହୀନ ଓ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ପେନ୍‌ସନ୍ ଦେବା ପାଇଁ ଏକ ପରିକଳ୍ପନା ପ୍ରବର୍ତ୍ତନ କରଯାଇ ସାରିଲଣି ।

ଶିଶୁମାନଙ୍କୁ ଏବଂ ଆସନ୍ନପ୍ରସବା ମା'ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ରାଜ୍ୟରେ ମାଗଣା ଭୋଜନ କାର୍ଯ୍ୟକ୍ରମ ଓ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମକୁ ପ୍ରସାରିତ କରାଯାଇଛି । ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା କାର୍ଯ୍ୟକ୍ରମ ଅନୁଯାୟୀ ପୁଷ୍ଟିକର ଖାଦ୍ୟ, ରୋଗ ପ୍ରତିଷେଧକ ବ୍ୟବସ୍ଥା ଓ ଅବୈତନିକ ଶିକ୍ଷା ଦାନ କ୍ଷେତ୍ରରେ ବହୁବିଧ ସୁବିଧାର ବ୍ୟବସ୍ଥା କରାଯାଇଛି ଏବଂ କେନ୍ଦ୍ରୀୟ ଯୋଜନା ଅନୁଯାୟୀ ଭାରତ ସରକାରଙ୍କ ମଞ୍ଜୁରୀପ୍ରାପ୍ତ ୧୪ଟି ନୂତନ ପରିକଳ୍ପନା ଚଳିତ ବର୍ଷ କାର୍ଯ୍ୟକାରୀ କରାଯାଇ ଏ ସମସ୍ତ ସୁବିଧା ର ସଂପ୍ରସାରଣ କରାଯିବ ।

ଗୋତି ଶ୍ରମିକ ଏକ ସାମାଜିକ କଳଙ୍କ ଏବଂ ୧୯୭୮-୭୯ ମସିହାଠାରୁ କେନ୍ଦ୍ର ପ୍ରବର୍ତ୍ତିତ ଏକ ପରିକଳ୍ପନା ଅନୁଯାୟୀ ଏପର୍ଯ୍ୟନ୍ତ ୪୦,୩୦୦ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୩୬,୧୦୫ ଜଣଙ୍କୁ ମୁକ୍ତ କରାଯାଇଛି । ୨୪,୮୭୧ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଚଳିତ ବର୍ଷ ଅଧିକ ୭,୫୦୦ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ସମାନୁପାତିକ ଆର୍ଥିକ ସାହାଯ୍ୟ ସହ ରାଜ୍ୟ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି ।

ଏ ସମସ୍ତ ସମାଜମଙ୍ଗଳ ପଦକ୍ଷେପସହ ସମନ୍ୱୟ ରକ୍ଷା କରିବା, ତଦାରଖ କରିବା ଓ ପରିଚାଳନା କରିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ରଭାବେ ସମାଜମଙ୍ଗଳ ନିର୍ଦ୍ଦେଶାଳୟ ସୃଷ୍ଟି କରାଯାଇଛି ।

ସମସ୍ତ କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବାରୁ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଜାତୀୟ ଗ୍ରାମାଞ୍ଚଳ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ଭୂମିହୀନ କର୍ମ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମଭଳି ଗ୍ରାମାଞ୍ଚଳ କର୍ମ ନିଯୁକ୍ତି କାର୍ଯ୍ୟକ୍ରମଗୁଡ଼ିକ ରାଜ୍ୟରେ ସପ୍ତମ ଯୋଜନା କାଳରେ ବିସ୍ତାର ସହ ଅବ୍ୟାହତ ରଖାଯିବ ଏବଂ ଏହାଦ୍ୱାରା ଗ୍ରାମାଞ୍ଚଳରେ ଗ୍ରାମ୍ୟ ଯୋଗାଯୋଗ, ରାସ୍ତା ଜଳସେଚନ ନାଳୀ ସାମାଜିକ ବନୀକରଣ, ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟଭଳି ବହୁଳ ଆବଶ୍ୟକ ଥିବା ସ୍ଥାୟୀ ସମ୍ପଦ ସୃଷ୍ଟି କରାଯାଇ ପାରିବ । ୧୯୮୫-୮୬ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମାଞ୍ଚଳ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ଅଂଶ ସମେତ ୧୮'୬୬ କୋଟି ଟଙ୍କାର ବ୍ୟବସ୍ଥା ରହିଛି । ଏହା ଫଳରେ ୧୭ ଲକ୍ଷ ୫୦ ହଜାର ଶ୍ରମ ଦିବସ ସୃଷ୍ଟି ହୋଇ ପାରିବ ବୋଲି ଆଶା କରାଯାଏ । ସେହିଭଳି ଗ୍ରାମାଞ୍ଚଳ ଭୂମିହୀନ କର୍ମ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମାଞ୍ଚଳରେ ବିଭିନ୍ନ ପରିକଳ୍ପନା କାର୍ଯ୍ୟକାରୀ କରିବା ସକାଶେ କେନ୍ଦ୍ର ସରକାର ୧୭'୩୮ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ।

ଦାରିଦ୍ର୍ୟ ଦୂରିକରଣ ପାଇଁ ଉଦ୍ଦିଷ୍ଟ ନୀତି ଓ କାର୍ଯ୍ୟକ୍ରମ ପ୍ରତି ସପ୍ତମ ଯୋଜନା କାଳରେ ଅଧିକ ଗୁରୁତ୍ୱ ଦିଆଯିବ । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ବିଲୋପ କରିବା ଦିଗରେ ସଫଳ ଭାବରେ ସହାୟକ ହୋଇଛି । ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ, (I. R. D. P.) ଛୋଟ ଓ ନାମମାତ୍ର ଚାଷୀ କାର୍ଯ୍ୟକ୍ରମ (Small and Marginal Farmers Programme) ଏବଂ ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ (E. R. R. P.) ଭଳି ବିଶେଷ କାର୍ଯ୍ୟକ୍ରମଗୁଡ଼ିକ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ପ୍ରସ୍ତାବିତ ବଜେଟରେ ଆର୍ଥିକ ବ୍ୟବସ୍ଥା କରାଯାଇଛି ।

ରାଜ୍ୟ ସରକାର ଯେଉଁ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଯୋଜନା କରିଛନ୍ତି ସେ ସବୁ ବିଷୟରେ ସମ୍ୟକ୍ ଆଲୋଚନା କରି ବର୍ତ୍ତମାନ ମାନ୍ୟବର ସଦସ୍ୟମାନଙ୍କ ସମ୍ମୁଖରେ ମୁଁ ୧୯୮୪-୮୫ ବର୍ଷପାଇଁ ସଂଶୋଧିତ ବ୍ୟୟ ଅଟକଳ ଉପସ୍ଥାପନ କରୁଛି । ଗତ ମାର୍ଚ୍ଚ ମାସରେ ମାନ୍ୟବର ସଦସ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିବା ୧୯୮୪-୮୫ ବର୍ଷ ପାଇଁ ସଂଶୋଧିତ ଅଟକଳରେ ୩୩'୯୯ କୋଟି ଟଙ୍କାର ନିଅଣ୍ଟ ଦର୍ଶାଯାଇଥିଲା । ସେହି ବ୍ୟୟ ଅଟକଳରେ ୧୯୮୪-୮୫ ବର୍ଷ ପାଇଁ ପ୍ରଥମ ଓ ଦ୍ୱିତୀୟ ଅତିରିକ୍ତ ବ୍ୟୟ ବିବରଣୀ ଅନ୍ତର୍ଭୁକ୍ତ । ଅତିରିକ୍ତ ରାଜ୍ୟ ଯୋଜନା ଖର୍ଚ୍ଚର ମୋଟ ୪୭'୩୫ କୋଟି ଟଙ୍କା ହିସାବକୁ ନିଆଯାଇ ନ ଥିଲା । ଏହା ବ୍ୟତିତ ରାଜ୍ୟ ସରକାରୀ କର୍ମଚାରୀ, ସ୍ୱାୟତ୍ତ ଶାସନ ସଂସ୍ଥା ଓ ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କୁ ଅତିରିକ୍ତ ମହଙ୍ଗାଭତ୍ତା ବାବଦରେ ଅର୍ଥ ବ୍ୟବସ୍ଥା କରିବାକୁ ପଡ଼ିଲା । ଏହା ଫଳରେ ନିଅଣ୍ଟ ପରିମାଣ ୮୪'୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଲା ।

ଚଳିତ ବର୍ଷ ରାଜ୍ୟ ସରକାରଙ୍କର ଟିକସ ଓ ଅଣଟିକସ ରାଜସ୍ୱ ଆୟ ବାବଦରେ ୩୮୦'୬୮ କୋଟି ଟଙ୍କା ଅଟକଳ କରାଯାଇଛି । ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶମତେ ପ୍ରଦତ୍ତ ସୂତ୍ରକୁ ଭିତ୍ତିକରି ଚଳିତ ବର୍ଷରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ୩୧୨ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶ ମତେ ରାଜ୍ୟ ସରକାରଙ୍କ ପ୍ରାପ୍ୟ ଅନୁଦାନ ତଥା ଅନ୍ୟାନ୍ୟ ଅନୁଦାନର ସର୍ବ ମୋଟ ପରିମାଣ ହେବ ୧୦୨'୩୦ କୋଟି ଟଙ୍କା । ତେଣୁ ସମୁଦାୟ ପ୍ରାପ୍ତିର ପରିମାଣ ହେବ ୭୯୪'୯୮ କୋଟି ଟଙ୍କା । ଏହି ତୁଳନାରେ ୧୩୪'୨୦ କୋଟି ଟଙ୍କାର ସୁଧ ପରିଶୋଧ ସମେତ ଅଣଯୋଜନା ଖର୍ଚ୍ଚ ୭୩୯'୯୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏତଦ୍ୱାରା ଅଣଯୋଜନା ଖର୍ଚ୍ଚ ଗଲା ପରେ ରାଜସ୍ୱ

ପ୍ରାପ୍ତି ହିସାବରେ ୫୫'୦୮ କୋଟି ଟଙ୍କା ବଳକା ହେବ । ଅଣଯୋଜନା ବ୍ୟୟ ଅଟକଳରେ କର୍ମଚାରୀମାନଙ୍କ ବର୍ଦ୍ଧିତ ହାର ଦରମାଜନିତ ଅତିରିକ୍ତ ବ୍ୟୟ ଏବଂ ରାସ୍ତାଘାଟ, କୋଠାବାଡ଼ି, ଜଳସେଚନ ପ୍ରକଳ୍ପ ଏବଂ ପାନୀୟ ଜଳ ଯୋଗାଣ ଇତ୍ୟାଦି ସ୍ଥାୟୀ ସଂପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ବାବଦ ବ୍ୟୟ ଅନ୍ତର୍ଭୁକ୍ତ ।

ଅଣଯୋଜନା ପୁଞ୍ଜି ହିସାବରେ (Capital Account) ୪୪'୪୦ କୋଟି ଟଙ୍କା ନିଅଣ୍ଟର ଅଟକଳ କରାଯାଇଛି ।

ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟର ଯୋଜନା ବ୍ୟୟ ଅଟକଳ ୪୮୬'୨୩ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି । ଏଥିମଧ୍ୟରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡର ଯୋଜନା ବ୍ୟୟ ୬୧'୭୨ କୋଟି ଟଙ୍କା, ଓଡ଼ିଶା ରାଜ୍ୟ ପରିବହନ ନିଗମର ୭'୨୧ କୋଟି ଟଙ୍କା ଏବଂ ରାଜ୍ୟ ସରକାରଙ୍କ ବଜେଟ ବହିର୍ଭୂତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ଯୋଜନା ବାବଦକୁ ବ୍ୟୟ ହେଉଥିବା ୧'୭୫ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଅବଶିଷ୍ଟ ୪୧୫'୫୫ କୋଟି ଟଙ୍କା ହେଉଛି ରାଜ୍ୟ ସରକାରଙ୍କ ଯୋଜନା ବାବଦ ବ୍ୟୟ । ଏତଦ୍‌ବ୍ୟତୀତ ଆଦିବାସୀ ଉନ୍ନୟନ ନିମନ୍ତେ ବିଶେଷ କେନ୍ଦ୍ରୀୟ ସହାୟତା ବାବଦରେ ୨୦'୩୧ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଉଛି । ତାହାଛଡ଼ା କର୍ମଚାରୀ ରାଜ୍ୟ ବୀମା ଓ ଅନ୍ୟ ସଂସ୍ଥାମାନଙ୍କ ପାଇଁ ୧'୨୯ କୋଟି ଟଙ୍କା ଏବଂ ଅଷ୍ଟମ ଅର୍ଥ କମିଶନଙ୍କ ପ୍ରଦାନ (Award) ଅନୁଯାୟୀ ଅପ୍‌ଗ୍ରେଡେସନ୍ ଅନୁଦାନ ଅନ୍ତର୍ଗତ କୋଠା ନିର୍ମାଣ ସକାଶେ ୨'୧୧ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ମଧ୍ୟ କରାଯାଉଛି । ଉପରୋକ୍ତ ଅନୁଦାନ ଓ ସାହାଯ୍ୟ ଅର୍ଥ ପରିମାଣ ୨୮'୭୧ କୋଟି ଟଙ୍କା ହେବ ଯାହା କି ଭାରତ ସରକାର ଓ ଅନ୍ୟାନ୍ୟ ସଂସ୍ଥାରୁ ପୁରା ପରିମାଣରେ ମିଳିବ । ଏହାଦ୍ୱାରା ରାଜ୍ୟ ସରକାରଙ୍କ ସମ୍ବଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ୧୯୮୫-୮୬ର ମଲେରିଆ ସକାଶେ ରାଜ୍ୟ ସରକାର ୪'୨୦ କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାରଙ୍କ ଅଂଶ ସ୍ୱରୂପ ୨'୧୨ କୋଟି ଟଙ୍କା ଜାତୀୟ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ସକାଶେ ବ୍ୟବସ୍ଥା କରାଯାଉଛି । ଏହା ଏକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଯୋଜନା କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବରୁ ଅଣଯୋଜନା ବାବଦରେ ବରାଦ କରାଯାଉଥିବା ଏହି ଅର୍ଥକୁ ଯୋଜନା ଅନ୍ତର୍ଭୁକ୍ତ କରାଯିବାର ବ୍ୟବସ୍ଥା କରାଯାଉଅଛି । ଏ ସମସ୍ତ ବ୍ୟବସ୍ଥାକୁ ହିସାବକୁନେଇ ରାଜ୍ୟର ଯୋଜନା ପାଇଁ ଚଳିତ ବର୍ଷ ଏ ମୋଟ ଅର୍ଥର ପରିମାଣ ୪୫୦'୫୮ କୋଟି ଟଙ୍କା ହୋଇଛି । ଉପରୋକ୍ତ ଯୋଜନା ବ୍ୟୟର ଅର୍ଥ ବ୍ୟବସ୍ଥା ନିମ୍ନପ୍ରକାରେ କରାଯିବା ପାଇଁ ପ୍ରସ୍ତାବ କରାଯାଇଛି ।

| | | |
|---|---|---|
| ଚଳିତ ରାଜସ୍ୱରୁ ବଳକା | | କୋଟି ଟଙ୍କା |
| ବିବିଧ ମୂଳଧନ ବାବଦ ଆୟ | .. | ୫୫'୦୮ |
| ଖୋଲା ବଜାରରୁ ଋଣ | .. | (–)୪୪'୪୦ |
| କ୍ଷୁଦ୍ର ସଞ୍ଚୟ | .. | ୭୨'୩୭ |
| ଓ<br>ଭବିଷ୍ୟନିଧି | .. | ୩୫'୦୦ |
| | .. | ୩୭'୦୦ |
| ଚୁକ୍ତି ଋଣ (Negotiated Borrowing) | .. | ୨'୭୨ |
| ଅଗ୍ରିମ ଯୋଜନା ସାହାଯ୍ୟ ସମେତ ରାଜ୍ୟ ଯୋଜନା ପାଇଁ କେନ୍ଦ୍ରୀୟ ସାହାଯ୍ୟ । | | ୨୨୦'୨୫ |
| ଆଦିବାସୀ ଉନ୍ନୟନ ପାଇଁ ବିଶେଷ କେନ୍ଦ୍ରୀୟ ସହାୟତା । | | ୨୦'୩୧ |
| ପ୍ରଶାସନମାନ ଉନ୍ନୀତ କରିବା ପାଇଁ ସାହାଯ୍ୟ | | ୨'୧୧ |
| ଇ. ଏସ୍. ଆଇ. ପ୍ରଭୃତିର ସାହାଯ୍ୟ | .. | ୧'୨୯ |
| ଅତିରିକ୍ତ ସମ୍ବଳ ସଂଗ୍ରହ | .. | ୪୫'୦୦ |
| ମୋଟ | .. | ୪୫୭'୦୧ |

| | | |
|---|---|---|
| | | କୋଟି ଟଙ୍କା |
| ରାଜ୍ୟ ଯୋଜନା ବାବଦ ମୋଟ ଖର୍ଚ୍ଚ | .. | ୪୫୦'୫୮ |
| ନିଟ୍ ଅଭାବ | .. | ୬'୪୩ |
| ପ୍ରାରମ୍ଭିକ ନିଅଣ୍ଟ (—) | .. | ୮୪'୫୦ |
| ଅବଶେଷ ନିଅଣ୍ଟ (—) | .. | ୭୮'୦୭ |

ଏହି ୭୮'୦୭ କୋଟି ଟଙ୍କା ରାଜ୍ୟ ସରକାରଙ୍କର ୧୯୮୫-୮୬ ବର୍ଷର ଅନ୍ତିମ ନିଅଣ୍ଟ ହେବ, ଯାହାକି ଯୋଜନା କମିଶନ ଓ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟଙ୍କ ସମ୍ମତି କ୍ରମେ ରଖାଯାଉଛି । ବର୍ଷ ଶେଷ ସୁଦ୍ଧା ୮୪'୫୦ କୋଟି ଟଙ୍କାର ପ୍ରାରମ୍ଭିକ ଅବଶେଷକୁ ୭୮'୦୭ କୋଟି ଟଙ୍କାକୁ କମାଇ ଦେବା ସଂପର୍କରେ ମୁଁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ଦେବାକୁ ଚାହେଁ । ଚଳିତ ବର୍ଷର ବଜେଟ ନିଅଣ୍ଟିଆ ଅବସ୍ଥାରେ ସମାପ୍ତ ହୋଇଥିଲେ ମଧ୍ୟ ଏହା ଅନୁମତି ଯୋଗ୍ୟ ନିଅଣ୍ଟ । ୧୯୮୪-୮୫ ମସିହା ବଜେଟ ଅଟକଳରେ ଅନ୍ତିମ ନିଅଣ୍ଟ ୩୩'୯୯ କୋଟି ଟଙ୍କା ଥିଲା, ଯାହା କି ୧୯୮୫-୮୬ ବର୍ଷର ପ୍ରାରମ୍ଭିକ ନିଅଣ୍ଟ ହୋଇଥାଆନ୍ତା । ମାତ୍ର ପୂର୍ବରୁ ସୂଚାଇ ଥିବା ୮୪'୫୦ କୋଟି ଟଙ୍କାର ଅନ୍ତିମ ନିଅଣ୍ଟ ମୁଖ୍ୟତଃ ଅତିରିକ୍ତ ଯୋଜନା ବ୍ୟୟ ଯୋଗୁ ହୋଇଛି । ବିଭିନ୍ନ ଦିଗର ଅତ୍ୟାବଶ୍ୟକ ଆବଶ୍ୟକତା ଏବଂ ଅତିରିକ୍ତ ମହଙ୍ଗା ଭତ୍ତା ବାବଦରେ ପ୍ରଥମ ଓ ଦ୍ୱିତୀୟ ଅତିରିକ୍ତ (Supplementary) ସ୍ତରରେ ଏହି ଅତିରିକ୍ତ ଖର୍ଚ୍ଚ ପରିମାଣ ବୃଦ୍ଧି ଅପରିହାର୍ଯ୍ୟ ହୋଇ ପଡ଼ିଲା ।

ଅଷ୍ଟମ ଅର୍ଥ କମିଶନଙ୍କ ପ୍ରଦାନ (Award) ଅନୁସାରେ ଆମେ ୩୪'୯୫ କୋଟି ଟଙ୍କାର ସର୍ବନିମ୍ନ ଅନୁଦାନର ଆଶା କରିଥିଲୁ । ମାନ୍ୟବର ସଭ୍ୟମାନଙ୍କର ସ୍ମରଣ ଥାଇପାରେ ଯେ, ୧୯୮୪-୮୫ ବର୍ଷରେ ଓଡ଼ିଶା ପାଇଁ ଏହା ଅପେକ୍ଷା ଯଥେଷ୍ଟ ଅଧିକ ଅର୍ଥାତ୍ ୬୭'୫୫ କୋଟି ଟଙ୍କା ସାହାଯ୍ୟ ଦାନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ୍ କରାଯାଇଥିଲା । କିନ୍ତୁ କେନ୍ଦ୍ର ସରକାର ୧-୪-୧୯୮୪ ମସିହା ପରିବର୍ତ୍ତେ ୧-୪-୧୯୮୫ ମସିହାଠାରୁ ଅଷ୍ଟମ ଅର୍ଥ କମିଶନଙ୍କ ପ୍ରଦାନ ( Award ) ଜାତୀୟ ନୀତ ଭାବରେ କାର୍ଯ୍ୟକାରୀ କରିବା ଫଳରେ ଅନ୍ୟାନ୍ୟ ନିଅଣ୍ଟିଆ ରାଜ୍ୟ ଭଳି ଆମ ରାଜ୍ୟ ୧୯୮୪-୮୫ ବର୍ଷର ସାହାଯ୍ୟ ପାଇ ପାରିଲା ନାହିଁ । ଅତିରିକ୍ତ ଯୋଜନା ବାବଦ ବ୍ୟୟ, ଅତିରିକ୍ତ ମହଙ୍ଗା ଭତ୍ତା ପରିମାଣ ଏବଂ ୧୯୮୪-୮୫ ପାଇଁ ଅଷ୍ଟମ ଅର୍ଥ କମିଶନଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ନ ମିଳିବା ଫଳରେ ପ୍ରାୟ ୧୦୦ କୋଟି ଟଙ୍କା ନିଅଣ୍ଟ ପଡିଥାନ୍ତା (୪୭'୩୫ କୋଟି

ଟଙ୍କା ଅତିରିକ୍ତ ଯୋଜନା ବରାଦ+କର୍ମଚାରୀମାନଙ୍କୁ ପ୍ରାୟ ୪ କୋଟି ଅତିରିକ୍ତ ମହଙ୍ଗା ଭତ୍ତା ପ୍ରଦାନ+୩୪.୯୫ କୋଟି ଟଙ୍କା ଅଷ୍ଟମ ଅର୍ଥ କମିଶନଙ୍କ ନିକଟରୁ ପାଇବା ପାଇଁ ଆଶା କରାଯାଉଥିବା ଅର୍ଥ) । ଯୋଜନା କମିଶନଙ୍କ ଦ୍ୱାରା ଅନୁମୋଦିତ ବର୍ଷର ପ୍ରାରମ୍ଭିକ ନିଅଣ ୩୩.୯୯ କୋଟି ଟଙ୍କା ହିସାବକୁ ନେଇ ବର୍ଷ ଶେଷରେ ୧୩୪ କୋଟି ଟଙ୍କାର ନିଅଣ ହୋଇ ଥାଆନ୍ତା । ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ାକଡ଼ି ଭାବରେ ବ୍ୟୟ ସଙ୍କୋଚ ପଦକ୍ଷେପ ହେତୁ ଏହି ନିଅଣ ପରିମାଣକୁ ୮୪.୫୦ କୋଟି ଟଙ୍କାକୁ କମାଇ ଦେବା ସମ୍ଭବପର ହୋଇ ପାରିଅଛି । ଏହା ଫଳରେ ଦେଶର ଅନ୍ୟାନ୍ୟ ରାଜ୍ୟର ଓଭରଡ୍ରାଫଟ୍ ତୁଳନାରେ ଓଡ଼ିଶା ସୁବିଧାଜନକ ପରିସ୍ଥିତିରେ ରହିପାରିଛି । ୧୯୮୫-୮୬ ବର୍ଷର ଶେଷ ବେଳକୁ ବିଭିନ୍ନ ସୂତ୍ରରୁ ଅଗ୍ରିମ ହିସାବକୁ ନେଇ ରାଜ୍ୟର ନିଅଣ ପରିମାଣ ୭୮.୦୭ କୋଟି ଟଙ୍କାକୁ କମାଇ ଦେବାକୁ ରାଜ୍ୟ ସରକାରଙ୍କର ପ୍ରସ୍ତାବ ରହିଛି । ଏହା ଯୋଜନା କମିଶନ ଏବଂ ଅର୍ଥ ମନ୍ତ୍ରଣାଳୟଙ୍କ ଅନୁମୋଦିତ ନିଅଣ ପରିମାଣର ସ୍ତର ।

ଯୋଜନା ବ୍ୟୟଭାର ବହନ କରିବା ପାଇଁ ୧୯୮୫-୮୬ ବର୍ଷରେ ରାଜ୍ୟ ସରକାରଙ୍କୁ ଅଧିକ ୪୫ କୋଟି ଟଙ୍କାର ସମ୍ବଳ ସଂଗ୍ରହ କରିବାକୁ ପଡ଼ିବ । ନିର୍ମାଣ କାର୍ଯ୍ୟ ଠିକା ଉପରେ (Works Contract) ବିକ୍ରି ଟିକସ ଧାର୍ଯ୍ୟ କରିବା ପାଇଁ ବିଧାନ ସଭାରେ ବିଲ୍ ଆଗତ କରାଯାଉଛି । ସେହିପରି ବିଦ୍ୟୁତ୍ ଶୁଳ୍କ ଉପରେ ୟୁନିଟ ପିଛା ଅତିରିକ୍ତ ୬.୫ ପଇସା ହାରରେ ଧାର୍ଯ୍ୟ କରିବା ପାଇଁ ଆଉ ଏକ ବିଲ୍ ଆଗତ କରାଯାଉଛି । ଦେଶୀ ମଦ, ବିଅର ଏବଂ ଭାରତୀୟ ପ୍ରସ୍ତୁତ ବୈଦେଶିକ ମଦ୍ୟ ଉପରେ ଅବକାରୀ କର ବୃଦ୍ଧି କରାଯିବ । ଷ୍ଟାମ୍ପ ଶୁଳ୍କ ହାର ପରିବର୍ତ୍ତନ କରାଯିବ । ପଣ୍ୟବାହୀ ଏବଂ ଯାତ୍ରୀବାହୀ ମଟରଗାଡ଼ି ପାଇଁ ଅତିରିକ୍ତ ଟିକସ ଧାର୍ଯ୍ୟ କରାଯିବ । ଖଣି ଏବଂ ଖଣିଜ ଦ୍ରବ୍ୟରୁ ଅଧିକ ଆୟର ଆଶା କରାଯାଉଛି । ବର୍ଷର ଅବଶିଷ୍ଟ ସମୟ ମଧ୍ୟରେ ଏହି ପଦକ୍ଷେପ ଯୋଗୁ ୪୫ କୋଟି ଟଙ୍କା ଅଧିକ ଆୟ ହୋଇ ପାରିବ ବୋଲି ଆଶା କରାଯାଉଛି । ଏହି ସବୁ ପଦକ୍ଷେପ ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ଉପରେ କର ଭାରର ବିଶେଷ ପ୍ରଭାବ ପଡ଼ିବ ନାହିଁ ଏବଂ ରାଜ୍ୟର ଅର୍ଥନୀତି ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ପକାଇବାର ସମ୍ଭାବନା ମଧ୍ୟ ନାହିଁ ।

(୧୯୮୫ ଜୁଲାଇ ୩ ତାରିଖ ଦିନ ଓଡ଼ିଶା ବିଧାନ ସଭାରେ ଅର୍ଥମନ୍ତ୍ରୀଙ୍କ ପ୍ରଦତ୍ତ ବଜେଟ୍ ଅଭିଭାଷଣରୁ ସଂଗୃହୀତ—ମୁଖ୍ୟ ସଂପାଦକ)



ପରିବେଶର ସୁରକ୍ଷା - ସମଗ୍ର ଜୀବ ଜଗତର ସୁରକ୍ଷା ....

# ନିର୍ମାଣ [illegible]

ଶ୍ରୀ ନରେନ୍ଦ୍ର କୃଷ୍ଣ ଧଳ

ଓଡ଼ିଶା, ଭାରତ ବର୍ଷର ଏପରି ଏକ ରାଜ୍ୟ ଯାହା ଐତିହାସିକ କାରଣ ଯୋଗୁଁ ସ୍ୱାଧୀନତା ପରେ ଓ ପୂର୍ବରୁ ଏକ ପଛୁଆ ରାଜ୍ୟରୂପେ ପରିଗଣିତ ହୋଇ ଆସିଥିଲା । ଓଡ଼ିଶାର ଅର୍ଥନୀତି, ସଂସ୍କୃତି, ସାହିତ୍ୟ ଏବଂ ସର୍ବୋପରି ପରିବେଶ କ୍ଷେତ୍ରରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମେ ବହୁ ପଛରେ ପଡ଼ିଥିଲୁ ଏବଂ ଭାରତୀୟ ମାନଚିତ୍ରରେ ଓଡ଼ିଆର ନାମ ମୃତ ପ୍ରାୟ ହୋଇ ରହିଥିଲା । ମଝିରେ ମଝିରେ ଯଦିଓ ଆମେ କିଛି ସମୟ ପାଇଁ ଜୀବନ୍ୟାସ ପାଉଥିଲୁ ତାହା କ୍ଷଣସ୍ଥାୟୀ ହେଉଥିଲା । ରାଜନୀତିକ ଅସ୍ଥିରତା ସାଙ୍ଗକୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାଂସ୍କୃତିକ ଚେତନା ଅବହେଳିତ ହୋଇଥିଲା । ସ୍ୱାଧୀନତା ପରେ ଯେଉଁମାନେ ଶାସନ କ୍ଷେତ୍ରକୁ ଆସିଲେ ସେମାନେ ନିଜ ଆସନର ସ୍ଥିତି ରକ୍ଷା ପାଇଁ ଅଧିକ ସମୟ ବ୍ୟୟ କରୁଥିଲେ । ଫଳରେ ଶାସନ କ୍ଷେତ୍ରରେ ଏକ ଅଚଳ ଅବସ୍ଥା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଆମର ବହୁ ଦିଗ ଚେତନାର ଅବକ୍ଷୟ ଘଟିଥିଲା । ୧୯୮୦ ମସିହାର ନିର୍ବାଚନ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ଥିତିରକ୍ଷା ପାଇଁ କେବଳ ସାପ ଖେଳ ଚାଲିଥିଲା । ୧୯୮୦ ମସିହାର ନିର୍ବାଚନ ପରେ ଜୁନ ୯ ତାରିଖରେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ଏହି ରାଜନୈତିକ ଅସ୍ଥିରତାର ଅବସାନ ଘଟିଥିଲା । ପ୍ରଥମ ଥର ପାଇଁ ଓଡ଼ିଶାର ଜଣେ ମୁଖ୍ୟମନ୍ତ୍ରୀ ନିଜର ସ୍ଥିତି ରକ୍ଷାପାଇଁ ଚିନ୍ତିତ ନହୋଇ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଏକ ପ୍ରଗତିର ସ୍ରୋତ ପ୍ରବାହ ଲାଗି ଉଦ୍ୟମ ଆରମ୍ଭ କରିଥିଲେ ।

ଯେଉଁମାନେ କୋଣାର୍କକୁ ଦେଖି ଅତୀତ ଐଶ୍ୱର୍ଯ୍ୟର କଥା ମନେ ପକାଉଥିଲେ ଏବଂ ଓଡ଼ିଶାର ଭବିଷ୍ୟତ ଅନ୍ଧକାର ଦେଖୁ ମତ ଦେଉଥିଲେ ସେମାନେ ଏବେ କୋଣାର୍କକୁ ପଛ କରି ଓଡ଼ିଶାରେ ଆଧୁନିକ କୋଣାର୍କ ନାଲକୋ ପ୍ରକଳ୍ପକୁ ଦେଖି ମନ ଭିତରେ ଅନ୍ତତଃ ସାନ୍ତ୍ୱନା ଲାଭ କରିଛନ୍ତି । ସେମାନେ ଅତୀତର ବୈଭବକୁ ମନେ ପକାଇ ଆଉ ଲୁହ ଝରାନ୍ତି ନାହାନ୍ତି । କାରଣ ଭବିଷ୍ୟତ ମଧ୍ୟ ଅନୁରୂପ ବିଭବଶାଳୀ ହେବାକୁ ଯାଉଛି । ଅର୍ଥନୈତିକ କ୍ଷେତ୍ରରେ ବିଗତ ପାଞ୍ଚ ବର୍ଷରେ ଏକ ଶକ୍ତିଶାଳୀ ମୂଳଦୁଆ ପକାଯାଇଛି । ଏହି ମୂଳଦୁଆ ଭବିଷ୍ୟତ ଅର୍ଥନୀତି ଅଭିବୃଦ୍ଧିର [illegible] ସମ୍ଭାଳିବାରେ ସମର୍ଥ ହେବ । ପାଞ୍ଚ ବର୍ଷପରେ ଆଜି ଯେତେବେଳେ ବିଭିନ୍ନ କ୍ଷେତ୍ରର ହିସାବନିକାଶ କରାଯାଉଛି ସେତେବେଳେ ଆମେ ଦେଖୁଛୁ ଆମେ ଅନୁଭବ କରୁଛୁ ଆମେ ଏକ ନୂତନ ଯୁଗରେ ପ୍ରବେଶ କରୁଛୁ । ଆମ ଚତୁଃଦିଗରେ ଘେରି ରହିଥିବା ଦାରିଦ୍ର୍ୟ, ଅପସଂସ୍କୃତିର ଉଚ୍ଚା ପାଚେରୀଗୁଡ଼ାକ ଧୀରେ ଧୀରେ ଛୋଟ ହୋଇ ଆସୁଛି । ଅବଶ୍ୟ ଏହି ପାଚେରୀର ସଂପୂର୍ଣ୍ଣ ବିଲୁପ୍ତ ହେବା ପାଇଁ ସମୟ ଲାଗିବ । କିନ୍ତୁ ଏହି ଉଦ୍ୟମ ନିଷ୍ଠା ଓ ଆନ୍ତରିକତା ଯଦି ସ୍ଥିର ରହେ ତେବେ ଖୁବ୍‌ଶୀଘ୍ର ଆମେ ଏହି ପାଚେରୀକୁ ମାଟିରେ ମିଶାଇ ଦେବୁ ।

ବିଗତ ପାଞ୍ଚବର୍ଷରେ ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧି ହାର ଶତକଡ଼ା ୬·୧ ଭାଗ ହୋଇଛି । ଅତୀତରେ କୌଣସି ସମୟରେ ଶତକଡ଼ା ୪ ଭାଗରୁ ଅଧିକ ହୋଇ ନଥିଲା । ସର୍ବ ଭାରତୀୟ କ୍ଷେତ୍ରରେ ଅଭିବୃଦ୍ଧି ହାର ଶତକଡ଼ା ୫·୪ ଭାଗ ହୋଇଥିବା ବେଳେ ଓଡ଼ିଶାରେ ଏହାର ବୃଦ୍ଧି ଭବିଷ୍ୟତ ପାଇଁ ଯେ ଶୁଭ ସୂଚନା ଏଥିରେ ଦ୍ୱିମତ ନାହିଁ ।

ବିଗତ ପାଞ୍ଚ ବର୍ଷରେ ଓଡ଼ିଶା ସମଗ୍ର ଦେଶରେ ଶିଳ୍ପ ଚେତନାର ବାହକ ରୂପେ ପରିଚିତ ହୋଇଛି । ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଏକ ଧ୍ୱନୀ ଦେଇଥିଲେ । ସେ ଧ୍ୱନୀ ହେଉଛି ହଜାର ଦିନରେ ହଜାର କୋଟି ଟଙ୍କା ବ୍ୟୟରେ ହଜାର ଶିଳ୍ପ ପ୍ରତିଷ୍ଠା । ଏହି ଧ୍ୱନୀ ସେତେବେଳେ ଦୀର୍ଘଦିନ ଧରି ଅବରୁଦ୍ଧ ବୌଦ୍ଧିକ ଚେତନାର ଶିକାର ହୋଇ ରହିଥିବା ଓଡ଼ିଶାବାସୀଙ୍କ ପକ୍ଷରେ ଏକ ଅସମ୍ଭବ ଓ ଅବାସ୍ତବ ପରିକଳ୍ପନା ବୋଲି ପ୍ରତ୍ୟୟମାନ ହୋଇଥିଲା । ଏପରିକି ବିରୋଧୀ ଦଳର ବହୁନେତା ଏହାକୁ ବ୍ୟଙ୍ଗ ବିଦ୍ରୁପ କରିଥିଲେ । ଏହି ଲେଖକ ୧୯୮୦ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ କଟକ ବେତାର କେନ୍ଦ୍ରରେ ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ଭେଟିଥିଲା ଏବଂ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଏହି ପରିକଳ୍ପନା ପ୍ରକୃତ ପକ୍ଷରେ କାର୍ଯ୍ୟକାରୀ ହେବ ବୋଲି ପ୍ରଶ୍ନ କରିଥିଲା, ସେତେବେଳେ ମୁଖ୍ୟମନ୍ତ୍ରୀ ଦୃଢ଼ ସ୍ୱରରେ ଜବାବ ଦେଇଥିଲେ ଯେ ଦୀର୍ଘଦିନ ଧରି ଆମେ ଆମର ଚିନ୍ତା, ଚେତନା ଏବଂ ବଡ଼ହେବାର ଆକାଂକ୍ଷାକୁ ପରିହାର କରିଥିବାରୁ ଆମକୁ ଏହା ଅବାସ୍ତବ ମନେ ହେଉଛି । କିନ୍ତୁ ଲୋକଙ୍କର ଭାଙ୍ଗି ପଡ଼ିଥିବା ମନୋବଳକୁ ଦୃଢ଼ କରିବାକୁ ହେବ ଏବଂ ଓଡ଼ିଶାର ବୈଭବମୟ ଅତୀତ ଭଳି ଭବିଷ୍ୟତକୁ ସମୃଦ୍ଧିଶାଳୀ କରିବାକୁ

ହେବ । ଆଜି ପାଞ୍ଚ ବର୍ଷ ପରେ ସେ ବ୍ୟଙ୍ଗ ବିଦ୍ରୂପ ନହୋଇ ପାରିବାର ଅନ୍ଧକାର ଅବସାନ ଘଟିଛି ଏବଂ ଓଡ଼ିଆ ଜାତିର ମନରୁ ଧୀରେ ଧୀରେ ସେହି ଅତୀତ ଗୌରବର ନିଶା ଆଛନ୍ନ କରି ଆସୁଛି । ଆମେ ଆଜି ଓଡ଼ିଶାର ଚତୁଃଦିଗରେ ଓଡ଼ିଆ ଯୁବ ଉଦ୍ୟୋଗୀମାନଙ୍କର ପ୍ରତିଷ୍ଠିତ ଶିଳ୍ପ କାରଖାନାଗୁଡ଼ିକରୁ ଯେତେବେଳେ ଧୂଆଁର ଆସ୍ତରଣ ଆକାଶକୁ ଆଚ୍ଛାଦିତ କରୁଛି ସେତେବେଳେ ମନରେ ସେ ଅତୀତର ବୈଭବ ଓ ଗୌରବ ଫେରି ଆସିବ ବୋଲି ଆଶାର ସଞ୍ଚାର ହୋଇଛି । ଓଡ଼ିଶାରେ ଯେବେ ଏହି ଶିଳ୍ପ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବିଦ୍ୟୁତ ସଙ୍କଟ ଏକ ଗୁରୁତର ସମସ୍ୟା ରୂପେ ଦେଖା ଦେଇଛି । ମୁଖ୍ୟମନ୍ତ୍ରୀ ଏହି ସଙ୍କଟ ଅଷ୍ଟମ ଯୋଜନାକାଳ ମଧ୍ୟରେ ଦୂର ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି ।

ବିଗତ ପାଞ୍ଚ ବର୍ଷରେ ସବୁଠାରୁ ଉଲ୍ଲେଖନୀୟ ଅବଦାନ ହେଉଛି ରାଜ୍ୟରେ ଏକ ସାଂସ୍କୃତିକ ଓ ସାହିତ୍ୟିକ ଚେତନାର ଅଭ୍ୟୁଦୟ । ଭାରତୀୟ ଭାଷାର ଜନନୀ ରୂପେ ପରିଗଣିତ ସଂସ୍କୃତ ଭାଷା ପ୍ରାୟ ଲୁପ୍ତ ହୋଇଯାଉଥିଲା । ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ସଂସ୍କୃତ ଭାଷାର ବିକାଶ ପାଇଁ ଉଦ୍ୟମ ଚାଲେ ଏବଂ ତାର ଫଳ ସ୍ୱରୂପ ଜନ୍ମନେଲା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ । କେବଳ ସେତିକି ନୁହେଁ ଏହି ବିଶ୍ୱବିଦ୍ୟାଳୟକୁ ଛାତ୍ର ଯୋଗାଇବା ପାଇଁ ବିଭିନ୍ନ ଅଞ୍ଚଳରେ ଥିବା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡ଼ିକର ଉନ୍ନତି ସାଧନ କରାଯାଉଛି । ଭାରତର ଅନେକ କାବ୍ୟ ସାହିତ୍ୟ ସଂସ୍କୃତ ଭାଷାରେ ହିଁ ରଚିତ । ସଂସ୍କୃତ ଭାଷାର ଉନ୍ନତି ସାଧନରେ ହିଁ ଏହି କାବ୍ୟଗୁଡ଼ିକ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ପାରିବ । ସାହିତ୍ୟ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଯୁବ ସାହିତ୍ୟିକମାନଙ୍କ ମଧ୍ୟରେ ଏକ ନୂତନ ଚେତନା ସୃଷ୍ଟି ହୋଇଛି । ଲେଖକ ସାମ୍ମୁଖ୍ୟର ବାର୍ଷିକ ସାହିତ୍ୟ ଉତ୍ସବ ଏହାର ଏକ ଜ୍ୱଳନ୍ତ ପ୍ରମାଣ । ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ସାହିତ୍ୟିକମାନଙ୍କପାଇଁ ସାହିତ୍ୟିକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ଏକ ମିଳନ ସ୍ଥାନର ଅଭାବ ଅନୁଭୂତ ହେଉଥିଲା । ବହୁ ସାହିତ୍ୟିକ ନାମ ମାଧ୍ୟମରେ ବା ଲେଖା ମାଧ୍ୟମରେ ପରସ୍ପରକୁ ଜାଣିଥିଲେ ମଧ୍ୟ ପରସ୍ପରର ସାକ୍ଷାତ କିମ୍ବା ଆଲୋଚନା ସମ୍ଭବ ହୋଇ ନ ଥିଲା । ଏହାକୁ ଲକ୍ଷ୍ୟ କରି ଲେଖକ ସାମ୍ମୁଖ୍ୟ ୧୯୮୦ ମସିହାରେ ପ୍ରଥମଥର ପାଇଁ ନିଜ ଉଦ୍ୟମରେ ଏକ ସାହିତ୍ୟ ଉତ୍ସବର ଆୟୋଜନ କରିଥିଲେ । ପରେ ପରେ ସୁନାବେଡ଼ା, ଭଞ୍ଜନଗର, ବାଲେଶ୍ୱର ଓ ବରଗଡ଼ଠାରେ ପରବର୍ତ୍ତୀ ବର୍ଷଗୁଡ଼ିକରେ ସାହିତ୍ୟୋତ୍ସବ ଆୟୋଜନ କରିଥିଲେ । ଏହି ସାହିତ୍ୟୋତ୍ସବ ଗୁଡ଼ିକ ଅଭୂତପୂର୍ବ ସଫଳତା ଲାଭ କରିବା ସଙ୍ଗେ ସଙ୍ଗେ ଯୁବ ସାହିତ୍ୟିକମାନଙ୍କ ମଧ୍ୟରେ ଏକ ନବ ଚେତନା ସୃଷ୍ଟି କରିଥିଲା । ବର୍ଷକୁ ବର୍ଷ ଏହି ସମାବେଶ ଗୁଡ଼ିକରେ ଅଧିକରୁ ଅଧିକ ସାହିତ୍ୟିକ ଯୋଗ ଦେବା ସଙ୍ଗେ ସଙ୍ଗେ ସାହିତ୍ୟର ବିଭାଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ହୋଇ ପାରୁଥିଲେ । ଓଡ଼ିଆ ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଏହି ଯୁବ ଲେଖକମାନେ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଅନୁଶୀଳନ କରିବା ଫଳରେ ସାହିତ୍ୟର ଯେଉଁ ଅଭିବୃଦ୍ଧି ଘଟିବ ଏବଂ ନୂତନ ସାହିତ୍ୟିକ ସୃଷ୍ଟି ହେବେ ଏହା କହିବା ବାହୁଲ୍ୟମାତ୍ର । ଓଡ଼ିଆ ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ନରଖି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଲେଖକ ସାମ୍ମୁଖ୍ୟର କାର୍ଯ୍ୟକ୍ରମଟିକୁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହନ ଦେଇ ଆସୁଛନ୍ତି ଏବଂ ନିଜେ ଏହି ସାହିତ୍ୟୋତ୍ସବ ଗୁଡ଼ିକରେ ଯୋଗ ଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଷୟ ଉପରେ ଆଲୋଚନା କରିବାଦ୍ୱାରା ତାଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଥିବା ଅସୀମ ଆଗ୍ରହର ପରିଚୟ ଦେଇଥାଏ । ଓଡ଼ିଶାରେ ଶ୍ରୀ ପଟ୍ଟନାୟକ ଏକମାତ୍ର ମୁଖ୍ୟମନ୍ତ୍ରୀ ଯେକି କେବଳ ଲେଖକ ସାମ୍ମୁଖ୍ୟ ନୁହେଁ ଯେ କୌଣସି ସାହିତ୍ୟ ଅନୁଷ୍ଠାନକୁ ସାହାଯ୍ୟ କରି ଆସିଛନ୍ତି ଏବଂ ପ୍ରାୟ ଅଧିକାଂଶ ସାହିତ୍ୟ ଅନୁଷ୍ଠାନରେ ଯୋଗ ଦେଉଛନ୍ତି ।

ଓଡ଼ିଶାରେ ପ୍ରଥମଥର ପାଇଁ ଓଡ଼ିଆ ଭାଷା ସରକାରୀ ଭାଷାରୂପେ ପ୍ରଚଳିତ ହୋଇଛି । ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘଦିନ ହୋଇଥିଲେ ମଧ୍ୟ ଓଡ଼ିଆ ସରକାରଙ୍କ ଭାଷା ମାଧ୍ୟମରେ ଲୋକଙ୍କଠାରୁ ଦୂରେଇ ରଖାଯାଇଥିଲା । ମାତ୍ର ଗତ ଅପ୍ରେଲ ପହିଲାରୁ ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ସ୍ତରରେ ପ୍ରଚଳିତ ହେବା ଫଳରେ ସରକାରକୁ ପ୍ରକୃତାର୍ଥରେ ଓଡ଼ିଆ ଜନସାଧାରଣଙ୍କ ସରକାର ବୋଲି ପ୍ରତିପାଦିତ କରାଯାଇ ପାରିବ । ପୂଜ୍ୟପୂଜା କ୍ଷେତ୍ରରେ ସରକାରୀ ସ୍ତରରେ ବିଭିନ୍ନ କମିଟିମାନ ଗଠିତ ହୋଇଛି ଏବଂ ଏହା ମାଧ୍ୟମରେ ପୂଜ୍ୟପୂଜାମାନଙ୍କର କୀର୍ତ୍ତି ଓ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ବ୍ୟବସ୍ଥା କରାଯାଉଛି ।

ପୁସ୍ତକ ପ୍ରକାଶନ କ୍ଷେତ୍ରରେ ବିଗତ ୫ ବର୍ଷକୁ ଏକ ନୂତନ ଯୁଗ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷାନୁଷ୍ଠାନଗୁଡ଼ିକର ପାଠାଗାର ଏବଂ ସାଧାରଣ ପାଠାଗାରଗୁଡ଼ିକ ପାଇଁ ପ୍ରତିବର୍ଷ ଅଧିକରୁ ଅଧିକ ବହି କ୍ରୟ କରାଯିବା ଫଳରେ ପୁସ୍ତକ ପ୍ରକାଶନ ଅନୁରୂପ ଭାବରେ ବୃଦ୍ଧି ପାଇଛି । ଗତ ଜୁନ ମାସ ପ୍ରଥମ ସପ୍ତାହରେ ଲେଖକ ସାମ୍ମୁଖ୍ୟର ଆନୁକୂଲ୍ୟରେ ଜାତୀୟ ପୁସ୍ତକ ଟ୍ରଷ୍ଟ ଓ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ସହଯୋଗରେ ଯେଉଁ ପୁସ୍ତକମେଳା ଅନୁଷ୍ଠିତ ହେଲା ତାହା ଲୋକଙ୍କର ପୁସ୍ତକ ପ୍ରତି ଥିବା ଆଗ୍ରହକୁ ପ୍ରତିପାଦିତ କରି ପାରିଛି । ସାଧାରଣ ଲୋକେ ଓଡ଼ିଆ ବହି କିଣନ୍ତି ନାହିଁ ବୋଲି ଯେଉଁ ମତ ଦିଆଯାଉଥାଏ ଏହି ପୁସ୍ତକ ମେଳା ତାହାକୁ ଖଣ୍ଡନ କରିଛି । ସାଧାରଣ ଲୋକେ ହିଁ ଏହି ପୁସ୍ତକ ମେଳାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବହି କିଣିଛନ୍ତି ଏବଂ ଏହାହିଁ ପୁସ୍ତକ ପ୍ରତି ଆମର ଆଗ୍ରହ ସୂଚନା ଦେଉଛି ।

ଯେ କୌଣସି ସରକାର କେବଳ ତ୍ରୁଟିଶୂନ୍ୟ ତାହା ନୁହେଁ । ବିଗତ ୫ ବର୍ଷରେ ଯେ କିଛି ତ୍ରୁଟି ନାହିଁ ତାହା ମଧ୍ୟ ନୁହେଁ । କିନ୍ତୁ ଭଲ କାମ ହିଁ ଅନେକ ସମୟରେ ସାଧାରଣ ତ୍ରୁଟିକୁ ଘୋଡ଼େଇ ଦେଇ ଥାଏ ।

କ୍ୱାର୍ଟର ନଂ ୧୧/୪, ଟାଇପ୍-୪ ଏ
ୟୁନିଟ୍ ୨, ଭୁବନେଶ୍ୱର

# ଓଡ଼ିଶା ଯୋଜନା ବୋର୍ଡ

**ଅଧ୍ୟାପକ ଜ୍ଞାନରଞ୍ଜନ ମହାନ୍ତି**

ସଂପ୍ରତି ଭାରତର ଯୋଜନା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯିବାର ଚିନ୍ତା କରାଯାଉଛି । ଜାତୀୟ ଯୋଜନା ଆୟୋଗ ଏ ବିଷୟରେ ବିଚାର ଆଲୋଚନା ଆରମ୍ଭ କରୁଛନ୍ତି । ଯୁବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜିବ ଗାନ୍ଧୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଯୋଜନାକୁ "ଏକବିଂଶ ଶତାବ୍ଦୀକୁ ଭେଟି ପାରିବା ଭଳି" ନୀତି ଓ ଆଦର୍ଶର ଭିତ୍ତି ଉପରେ ଛିଡା କରେଇବାର ମତ ବିନିମୟ କରୁଛନ୍ତି । ଏହା ସମଗ୍ର ଦେଶର ସାମଗ୍ରିକ ବିକାଶ ପାଇଁ ଏକ ଶୁଭ ସୂଚନା । ଏ ପରିପ୍ରେକ୍ଷୀରେ ଆମ ଓଡ଼ିଶାରେ ଯୋଜନା ବୋର୍ଡର ପୁନର୍ବିନ୍ୟାସ କରାଯାଇଛି । ଓଡ଼ିଶା ପରି ଆର୍ଥିକ ଅନଗ୍ରସର ଏବଂ ବହୁବିଧ ସାମାଜିକ ବ୍ୟାଧି ପ୍ରପୀଡ଼ିତ ପ୍ରଦେଶରେ ଯୋଜନା ବୋର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ଗତ ମଇ ମାସ ଶେଷ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଯୋଜନା ବୋର୍ଡ ଗଠନ ସଂକ୍ରାନ୍ତୀୟ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଶିଷ୍ଟ ପ୍ରୟୋଗାତ୍ମକ ଓ ବିଶ୍ଳେଷଣାତ୍ମକ ଅର୍ଥନୀତିଜ୍ଞ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓଡ଼ିଶା) ର ପୂର୍ବତନ କୁଳପତି ତଥା ବିଶିଷ୍ଟ ଲେଖକ ଡକ୍ଟର ବୈଦ୍ୟନାଥ ମିଶ୍ର ଏହାର ଉପାଧ୍ୟକ୍ଷ ଅଛନ୍ତି । ବୋର୍ଡର ଅନ୍ୟ ମାନ୍ୟଗଣ୍ୟ ସଦସ୍ୟମାନେ ହେଉଛନ୍ତି ପୂର୍ବତନ ମନ୍ତ୍ରୀ, ତୃଣମୂଳ ଜନନେତା ଶ୍ରୀ ପ୍ରହ୍ଲାଦ ମଲ୍ଲିକ, ଯୋଜନା ଓ ସମନ୍ୱୟ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ । ଏତଦ୍‌ବ୍ୟତୀତ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ଉନ୍ନୟନ କମିଶନର୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସମନ୍ୱୟ ବିଭାଗର ସଚିବ, ଅର୍ଥ ବିଭାଗ ସଚିବ ଏହି ବୋର୍ଡର ସଦସ୍ୟ ଅଛନ୍ତି । ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ବିଶିଷ୍ଟ ପରିସଂଖ୍ୟାନବିତ୍ ଡକ୍ଟର ଚକ୍ରଧର ମିଶ୍ର ବୋର୍ଡର ସେକ୍ରେଟାରୀ ଭାବେ କାର୍ଯ୍ୟ ସମ୍ପାଦନ କରିବେ । ଏହି ନଅ ଜଣିଆ ବୋର୍ଡ (ମୁଖ୍ୟମନ୍ତ୍ରୀଙ୍କ ସମେତ) ର ଅଧ୍ୟକ୍ଷତା କରିବେ ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ । ଏହି ପୁନର୍ଗଠିତ ଯୋଜନା ବୋର୍ଡ କୃଷି ଉତ୍ପାଦନ, ଶିଳ୍ପାୟନ, ପାନୀୟ ଜଳ ଯୋଗାଣ, ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଓଡ଼ିଶାର ବିକାଶ ପାଇଁ ସୁଚିନ୍ତିତ ତଥା କାର୍ଯ୍ୟକ୍ଷମ ଭିତ୍ତିକ ପରାମର୍ଶ ଦେବେ ବୋଲି ଅନେକ ଉତ୍ସାହୀ ଯୋଜନାବିତ୍‌ମାନଙ୍କର ଆତ୍ମବିଶ୍ୱାସ ।

ଭାରତର ଯୋଜନା ଇତିହାସ ପର୍ଯ୍ୟାଲୋଚନା କଲେ ଆମେ ଦେଖି ପାଉ ଯେ ଅର୍ଥନୈତିକ ଯୋଜନା କେବଳ ସ୍ୱାଧୀନତା ପରବର୍ତ୍ତୀ ଯୁଗର ଏକ ବିଶେଷ କୀର୍ତ୍ତି ନୁହେଁ, ବରଂ ସ୍ୱାଧୀନତାର ବହୁ ଆଗରୁ ଏଥି ପାଇଁ ଆରମ୍ଭହୋଇଥିବା ଉଦ୍ୟମର ଚରମ ବିଜୟ ! ୧୯୩୮ ମସିହାରେ ଭାରତରେ ଲୋକମାନଙ୍କର ଅର୍ଥନୈତିକ ବିକାଶ ପାଇଁ ଅନୁଧ୍ୟାନ କରିବା ପାଇଁ ଶ୍ରୀ ଜବାହରଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ "ଜାତୀୟ ଯୋଜନା କମିଟି" ଗଠନ କରାଯାଇଥିଲା । ଏହି କମିଟି ଭାରତର ଆର୍ଥିକ ଓ ସାମାଜିକ ପରିସ୍ଥିତି ଅନୁଶୀଳନ କରି କେତେକ ପରାମର୍ଶ ଦେଇଥିଲେ । କୃଷିକୁ ଅଗ୍ରାଧିକାର ଦେବା ପାଇଁ କମିଟି ସୁପାରିଶ କରିଥିଲା । ଶ୍ରୀମନ୍ ନାରାୟଣ, ଶ୍ରୀ ଏମ୍.ଏନ୍.ରାୟ ପ୍ରମୁଖ ମନୀଷୀମାନେ ସେମାନଙ୍କ ଲେଖା ମାଧ୍ୟମରେ ଅର୍ଥନୀତିର ବିକାଶ ପାଇଁ ନିର୍ଦ୍ଦିଷ୍ଟ ମାର୍ଗରେ ଯୋଜନା ପ୍ରଣୟନ ପାଇଁ ମତବ୍ୟକ୍ତ କରିଥିଲେ । ସ୍ୱାଧୀନତାର ପ୍ରାକ୍‌କାଳରେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଗ୍ରାମ ବିକାଶ ଯୋଜନା ପ୍ରଣୟନର ମୂଳ ମାପକାଠି ଥିଲା । ରୁଷିଆରେ ଅକ୍ଟୋବର ବିପ୍ଳବର ସାଫଲ୍ୟ କାହାଣୀ ମଧ୍ୟ ଅନେକ ଅର୍ଥନୀତିଜ୍ଞ ଓ ଯୋଜନାବିତ୍‌ମାନଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା । ସ୍ୱାଧୀନତା ପରେ ୧୯୫୦-୫୧ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ପ୍ରଥମ ଯୋଜନା ଆୟୋଗ ଗଠନ କରାଯାଇଥିଲା । ଅର୍ଥନୀତିର ଅଧ୍ୟୟନ ଓ ବିକାଶ ପାଇଁ ଏହି ଆୟୋଗକୁ ଦାୟିତ୍ୱ ଦିଆଯାଇଛି । ଛଅଟି ପଞ୍ଚବାର୍ଷିକ ଯୋଜନାର

ସୋପାନ ଅତିକ୍ରମ କରି ଆମେ ବର୍ତ୍ତମାନ ସପ୍ତମ ଯୋଜନାରେ ପହଞ୍ଚିଛୁ । ଶ୍ରୀ ଶାସ୍ତ୍ରୀଙ୍କର ଅର୍ଥନୈତିକ ସ୍ୱାବଲମ୍ବନଶୀଳତା, ଜୟ ଯବାନ୍—ଜୟ କିଷାନ୍ କାର୍ଯ୍ୟକ୍ରମ, ଶ୍ରୀ ଦେଶାଇ ଓ ଶ୍ରୀ ଚରଣ ସିଂହଙ୍କ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଏବଂ ଶ୍ରୀମତୀ ଗାନ୍ଧୀଙ୍କ ସମାଜବାଦୀ କାର୍ଯ୍ୟକ୍ରମର ସଫଳତା ଓ ବିଫଳତା ମଧ୍ୟରେ ଆମେ ଅନେକ ଜଟିଳ ସମୟର ମୁକାବିଲା କରି ଆସିଥିଲେ ମଧ୍ୟ ଆହୁରି ଦୀର୍ଘପଥ ଅତିକ୍ରମ କରିବାକୁ ଅଛି ।

ରାଷ୍ଟ୍ରୀୟ ଯୋଜନା ପ୍ରଣୟନରେ ଓଡ଼ିଶା ଆଜି ଯାଏ ଉପେକ୍ଷଣୀୟ ଭୂମିକା ଗ୍ରହଣ କରିଆସିଛି । ଜାତୀୟ ଆୟର ଅଭିବୃଦ୍ଧିରେ ଓଡ଼ିଶାର ଅବଦାନ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରେ । ସବୁଜ ବିପ୍ଳବ, ଦୁଗ୍ଧ ବିପ୍ଳବ ପରି କୌଣସି କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ରଗଣ୍ୟ ନୁହେଁ । ଓଡ଼ିଶା ପାଇଁ ଯୋଜନା ପ୍ରଣୟନ କଲାବେଳେ ତା'ର ଅର୍ଦ୍ଧୋନ୍ନତ କଥା ଚିନ୍ତା କରାଯାଏ । ପୁଞ୍ଜିଯୋଗାଣ, ଶ୍ରମ ଶକ୍ତିର ବିନିଯୋଗ ଉଭୟ କ୍ଷେତ୍ରରେ ଓଡ଼ିଶା ପଛୁଆ । ଏହି ପ୍ରଦେଶ ପାଇଁ ଯୋଜନା ଖସଡ଼ା ପ୍ରସ୍ତୁତ କଲାବେଳେ, ଯେଉଁ କେତୋଟି ମୌଳିକ ଲକ୍ଷ୍ୟ ପ୍ରତି ଦୃଷ୍ଟି ଦିଆଯିବା କଥା, ସେଗୁଡ଼ିକ ହେଲା:—ମୁଣ୍ଡପିଛା ବିକାଶହାର ବୃଦ୍ଧି, କର୍ମନିଯୁକ୍ତି ବ୍ୟାପକ ପରିସର ସୃଷ୍ଟି, ଧନୀ ଓ ଦରିଦ୍ର ମଧ୍ୟରେ ଅର୍ଥନୈତିକ ବ୍ୟବଧାନ ହ୍ରାସ ଓ ସାମାଜିକ ନ୍ୟାୟ ଇତ୍ୟାଦି । ମାତ୍ର ଏ ସବୁର ଲକ୍ଷ୍ୟ ହାସଲ ସମୟରେ ଗଣତାନ୍ତ୍ରିକରଣ ପ୍ରକ୍ରିୟାରେ ଯେପରି ବାଧା ନ ଉପୁଜେ, ସେଥିପ୍ରତି ମଧ୍ୟ ଆମକୁ ଦୃଷ୍ଟି ଦେବାକୁ ହେବ । ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ ଆମ ଦେଶର ପାର୍ଲିଆମେଣ୍ଟ ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେହି ସମୟରେ ଜାତୀୟ ସ୍ତରରେ ଏବଂ ଓଡ଼ିଶାରେ କଂଗ୍ରେସଦଳ କ୍ଷମତାସୀନ ହେଲେ । ଏହା ପରଠାରୁ ଓଡ଼ିଶାର ଯୋଜନା କଂଗ୍ରେସଦଳର ନୀତି ଓ ଆଦର୍ଶ ଦ୍ୱାରା ନିୟନ୍ତ୍ରିତ

ଥିଲା । ଏହି ସମୟରେ ଆମ ପ୍ରଦେଶ ସବୁ ଦିଗରୁ ଅନୁନ୍ନତ ଥିଲା । ଦାରିଦ୍ର୍ୟ ବେକାରୀ, ଖାଦ୍ୟାଭାବ, ଅସାକ୍ଷରତା ସାଙ୍ଗକୁ କୃଷି କ୍ଷେତ୍ରରେ ସ୍ଥିତିଶୀଳତା ଅର୍ଥନୀତିର ବିକାଶ ଦିଗରେ ପ୍ରଧାନ ଅନ୍ତରାୟ ଥିଲା । ଆମର ଶ୍ରମିକମାନେ ତାଲିମପ୍ରାପ୍ତ ନ ଥିଲେ । ବୈଷୟିକ କ୍ଷେତ୍ରରେ ପାରଦର୍ଶିତା ଲାଭ କଲା ଭଳି ଲୋକେ ତ୍ରୁଟିତ ଥିଲେ । ଜମିଦାରୀ ବ୍ୟବସ୍ଥା, ଗମନାଗମନର ଉନ୍ନତ ଯୋଗାଯୋଗ ନ ଥିଲେ । କୃଷି-ଶିଳ୍ପ ଓ ବାଣିଜ୍ୟର ବିକାଶ ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରୁ ନ ଥିଲା । ବ୍ୟାଙ୍କିଂ ଓ ବୀମା ବ୍ୟବସ୍ଥା, ବିଦ୍ୟୁତ୍ ଶକ୍ତିର ଯୋଗାଣ ଆଦୌ ନ ଥିଲା କହିଲେ ଚଳେ । ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସହିତ ସଂଗ୍ରାମ କରି ଓଡ଼ିଶାରେ ପଞ୍ଚବାର୍ଷିକ ଯୋଜନାର ରୂପାୟନ କରିବାକୁ ପଡୁଥିଲା । ଏଥି ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣେଇବାର କଥା । ଏଇସବୁ ଭିତ୍ତିଭୂମିକ ଅସୁବିଧା ସହିତ ଆଉ ଗୋଟିଏ ବଡ ଅସୁବିଧା ଥିଲା, ତାହା ହେଉଛି ରାଜନୈତିକ ଅସ୍ଥିରତା । ତତ୍କାଳୀନ ମୁଖ୍ୟମନ୍ତ୍ରୀମାନେ ନିଜ ଦଳକୁ ସମ୍ଭାଳିବାରେ ବହୁ ସମୟ ନେଉଥିବାରୁ ଯୋଜନା ପ୍ରଶାସନ ପ୍ରତି ଯଥାଯଥ ସହ ଦୃଷ୍ଟି ଦେଇ ପାରୁ ନ ଥିଲେ । ଏ ସବୁ ସତ୍ତ୍ୱେ ବି ହୀରାକୁଦ ଜଳଭଣ୍ଡାର, ରାଉରକେଲା ଇସ୍ପାତ କାରଖାନା, ଦୈତାରୀ-ପାରାଦୀପ ରାସ୍ତା, ପାରାଦୀପ ବନ୍ଦର ଆଦି ଗଢି ଉଠିବା ଗର୍ବର କଥା ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଓଡ଼ିଶାର ଆର୍ଥନୀତିକ ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା । ଏହି ନୈରାଶ୍ୟଜନକ ଅବସ୍ଥା ଦୂର କରିବା ପାଇଁ କୃଷି ଓ ଜଳସେଚନ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଖାଦ୍ୟାଭାବଜନିତ ସଙ୍କଟ ସମସ୍ୟା ଯଥେଷ୍ଟ ପରିମାଣରେ କମିଯିବାରୁ ଓଡ଼ିଶା ସରକାର ଶିଳ୍ପ ବିକାଶର ପ୍ରତିଷ୍ଠା ପାଇଁ କେତେକ ପଦକ୍ଷେପ ନେଇଥିଲେ । ତତ୍କାଳୀନ ସରକାରଙ୍କ ପଞ୍ଚାୟତ ଶିଳ୍ପ ଏକ ବୈପ୍ଳବିକ ପଦକ୍ଷେପ ଥିଲା । ମାତ୍ର ତାହା ଅନେକ କାରଣରୁ ଫଳପ୍ରଦ ହୋଇପାରିଲା ନାହିଁ । ଏହି ଯୋଜନାରେ ଶିଳ୍ପ, ଖଣି ଓ ଗମନାଗମନର ସୁବିଧା ପ୍ରତି ଅଧିକ ଦୃଷ୍ଟି ଦିଆଯାଇଥିଲା । ସରକାରୀ ଉଦ୍ୟୋଗରେ ଶିଳ୍ପ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ବୈଦେଶିକ ମୁଦ୍ରା ସଂକଟ ଦେଖାଯାଇଥିଲା । କୃଷିଜାତ ଦ୍ରବ୍ୟର ଉତ୍ପାଦନ ଓ ଶିଳ୍ପ ବିକାଶ ପାଇଁ ଭିତ୍ତି ଭୂମିର ସୁବିଧା ସୃଷ୍ଟି ଉପରେ ଏ ଯୋଜନାରେ ଗୁରୁତ୍ୱ ଦିଆଯାଇଥିଲା । ଚୀନ ଓ ପାକିସ୍ଥାନ ପକ୍ଷରୁ ଆକ୍ରମଣ, ନେହେରୁ ଓ ଶାସ୍ତ୍ରୀଙ୍କ ଦେହାନ୍ତ ଇତ୍ୟାଦି ଘଟଣା ଏହି ଯୋଜନାର ଅଗ୍ରଗତି କ୍ଷେତ୍ରରେ ପ୍ରଭାବ ପକାଇଥିଲା । ଏଣୁ ରାଜ୍ୟରେ କଞ୍ଚାମାଲ ଓ ଖାଦ୍ୟଶସ୍ୟ ଉତ୍ପାଦନରେ ଗୁରୁତର ବିପଦ ଦେଖାଦେଇଥିଲା । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ୧୯୬୬-୬୭ ମସିହାରୁ କାର୍ଯ୍ୟ ନ କରି, ୧୯୬୯ ମସିହାରୁ କାର୍ଯ୍ୟ କଲା । ଚତୁର୍ଥ ଯୋଜନାରେ ଆର୍ଥନୀତିକ ବିକାଶରେ ସ୍ଥିରତା ସହ ଅଭିବୃଦ୍ଧି ସ୍ୱାବଲମ୍ବନଶୀଳତା ହାସଲ, ଆଞ୍ଚଳିକ ବୈଷମ୍ୟ ହ୍ରାସ, ସାମାଜିକ ନ୍ୟାୟ ଓ ସମତା ଉପରେ ଗୁରୁତ୍ୱ ଦିଆଗଲା । ଏହି ଯୋଜନା ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର କୃଷକମାନେ ବହୁଭାବରେ ଉପକୃତ ହୋଇଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଗରିବୀ ହଟାଓ ଯୋଜନା ଦ୍ୱାରା ବହୁ ଆର୍ଥନୀତିକ ଅଭ୍ୟୁତ୍ଥାନ ଯୋଜନାର ଶୁଭାରମ୍ଭ ହୋଇଥିଲା । ଚତୁର୍ଥ ଯୋଜନାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମଧ୍ୟ ସଦୃଢ଼ ବିକାଶ ପାଇଁ ଗୁରୁତ୍ୱ ଦିଆଯାଇଥିଲା । ପଞ୍ଚମ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ ମଧ୍ୟରେ ଷଷ୍ଠ ଲୋକସଭା ନିର୍ବାଚନରେ ଜନତା ଦଳ କ୍ଷମତାସୀନ ହେବାରୁ ଯୋଜନାର ଦିଗ ବଦଳିଲା । ରୋଲିଂ ପ୍ଲାନ ବ୍ୟବସ୍ଥାର ପ୍ରବର୍ତ୍ତନ କରାଗଲା । ଜନତା ସରକାର ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଏବଂ କ୍ଷୁଦ୍ରଶିଳ୍ପକୁ ଯଥେଷ୍ଟ ଗୁରୁତ୍ୱ ଦେଲେ । ୧୯୮୦ର ସାଧାରଣ ନିର୍ବାଚନରେ ଓଡ଼ିଶାରେ ଶ୍ରୀ ଜେ.ବି.ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସଦଳ ସରକାର ଗଠନ କଲା । ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା (୧୯୮୦–୮୫) କାର୍ଯ୍ୟକାରୀ କରାଗଲା । ଦାରିଦ୍ର୍ୟ ଓ ବେକାରୀ ସମସ୍ୟାର ଆଶୁ ବିଲୋପ ସାଧନ କରି ଦରିଦ୍ର ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଉନ୍ନତି କରିବା ଥିଲା ଏହି ଯୋଜନାର ଲକ୍ଷ୍ୟ । ଯୋଜନାବଦ୍ଧ ଅର୍ଥନୈତିକ କଲ୍ୟାଣରେ ସାଧାରଣ ଲୋକଙ୍କର ବିଶେଷକରି ଆଦିବାସୀ, ହରିଜନ ତଥା ଅନ୍ୟାନ୍ୟ ଅନୁନ୍ନତ ସଂପ୍ରଦାୟର ସହଯୋଗ ପାଇଁ ଶିକ୍ଷା ଓ ପରିବହନର ବିକାଶ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଥିଲା ପଟ୍ଟନାୟକ ସରକାରଙ୍କର ଘୋଷିତ ନୀତି । ନାଲକୋ, ପାରାଦୀପ ଫସଫେଟ୍ସ, ବଲାଙ୍ଗୀରର ଗୋଳାବାରୁଦ କାରଖାନାର କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ଶୁଷ୍କାଞ୍ଚଳ ଚାଷ, କମାଣ୍ଡ ଏରିଆ ଡେଭଲପମେଣ୍ଟ, ଫସଲ ଖସଡାର ପରିବର୍ତ୍ତନ, କପା, ଆଖୁ, ଝୋଟ, ଚିନାବାଦାମ ପ୍ରଭୃତି ଅର୍ଥକରୀ ଫସଲକୁ ଉତ୍ସାହିତ କରାଯିବା ଫଳରେ କୃଷି ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି ।

## ବର୍ତ୍ତମାନ ସପ୍ତମ ପଞ୍ଚବାର୍ଷିକ ଯୋଜନା

ଓଡ଼ିଶାରେ ସପ୍ତମ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରଶାସନକୁ ଠିକଣା ବାଟରେ ପରିଚାଳନା କରିବା ପାଇଁ ନବ ଗଠିତ ଯୋଜନା ବୋର୍ଡ ଦୃଷ୍ଟି ଦେବେ ବୋଲି ଆଶା କରିବାର କଥା । ବିଭିନ୍ନ ପ୍ରକାରର କେନ୍ଦ୍ରୀୟ ଅନୁଦାନ, ବିଶ୍ୱବ୍ୟାଙ୍କ ଓ ଅନ୍ୟାନ୍ୟ ବୈଦେଶିକ ଋଣର ସଦୁପଯୋଗ ଦିଗରେ ବିହିତ ପଦକ୍ଷେପ ନେଲେ ଓଡ଼ିଶାର ଯୋଜନା କ୍ଷେତ୍ରରେ ଘଟୁଥିବା ବିଶୃଙ୍ଖଳା ଦୂରହୋଇ ପାରିବ । ବ୍ୟବସ୍ଥା ସଭା ଦ୍ୱାରା ସ୍ୱୀକୃତ ବ୍ୟୟବରାଦ ଅନୁଯାୟୀ ବିଭିନ୍ନ ବିଭାଗମାନେ ଖର୍ଚ୍ଚ କରୁଛନ୍ତି କି ନା, ସେ ସମ୍ପର୍କରେ ଟିକିନିକି ଖବର ସଂଗ୍ରହ କରିବା ମଧ୍ୟ ଯୋଜନା ବୋର୍ଡର ଦାୟିତ୍ୱ । ଯୋଜନା ବୋର୍ଡ ଏକ ପରାମର୍ଶଦାତା ଅନୁଷ୍ଠାନ ହେଲେ ମଧ୍ୟ ରାଜ୍ୟରେ ଯୋଜନା କାର୍ଯ୍ୟକାରିତା ସମ୍ପର୍କୀୟ ତଥ୍ୟ ସଂଗ୍ରହ ଓ ସମୀକ୍ଷା କରିବାର କର୍ତ୍ତବ୍ୟ ତା'ର ନାହିଁ ବୋଲି କହିଲେ ଠିକ୍‌ହେବ ନାହିଁ । ଆମ ରାଜ୍ୟର ଅଭିବୃଦ୍ଧିହାର ସର୍ବଭାରତୀୟ ସ୍ତରରେ ଆଶାନୁରୂପ ନୁହେଁ । ଏହାର କାରଣ ଖୋଜି ବାହାର କରିବାକୁ ତ ହେବ ? ଯୋଜନା କୃଷି ପାଇଁ, ଶିଳ୍ପ ପାଇଁ, ଗ୍ରାମାଞ୍ଚଳର ବିକାଶ ପାଇଁ ଅଭିପ୍ରେତ । ମାତ୍ର ତା'ର ସଫଳ ରୂପାୟନ ପାଇଁ ଯୋଜନା ବୋର୍ଡର ଦିଗ୍‌ଦର୍ଶନ ମୂଲ୍ୟବାନ । ଆମ ଯୋଜନାର ସୁଫଳ କେବଳ ଶିଳ୍ପ ମାଲିକ, ଖଣି ମାଲିକ, ସରକାରୀ କର୍ମଚାରୀ, ଧନୀ ଶ୍ରେଣୀର ସୁବିଧା ସୁଯୋଗ ପାଇଁ । ସାଧାରଣ ସରକାରୀ କାର୍ଯ୍ୟାଳୟର ପିଅନ ଅପେକ୍ଷା ଜଣେ କ୍ଷୁଦ୍ର ଚାଷୀ ପାଉଥିବା ସୁବିଧା ସୁଯୋଗ ନଗଣ୍ୟ । ଆମେ କଥାରେ, କାଗଜରେ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକର ଦୁଃଖମୋଚନ ପାଇଁ ଅନେକ ସ୍କିମ୍ ପ୍ରସ୍ତୁତ କରୁଛେ ମାତ୍ର ସେ ସବୁ ଠିକ୍ ଭାବରେ ଠିକ୍ ସମୟରେ ସେମାନଙ୍କ ପାଖରେ ପହଞ୍ଚିପାରୁଛି କି ? କ୍ଷୁଦ୍ର ଚାଷୀ- କଲ୍ୟାଣ ଯୋଜନା(ଏସ୍.ଏଫ୍.ଡ଼ି.ଏ.), ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ସଂସ୍ଥା (ଏମ୍.ଏଫ୍.ଏ.ଏଲ୍.ଏ.), ଆଇ.ଏ.ଡ଼ି.ପି., ମରୁଡି ପ୍ରପୀଡ଼ିତ ଅଞ୍ଚଳ କାର୍ଯ୍ୟକ୍ରମ (ଡ଼ି.ପି.ଏ.ପି.), ଆଦିବାସୀ ଉନ୍ନୟନ ଯୋଜନା, ପାହାଡ଼ିଆ ଅଞ୍ଚଳ କଲ୍ୟାଣ (ଏଚ୍.ଏ.ଡ଼ି.), ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା, ଦରିଦ୍ରତମ ପରିବାରର ଅର୍ଥନୈତିକ ଅଭ୍ୟୁତ୍ଥାନ (ଇ.ଆର.ଆଇ.ପି.), ଜାତୀୟ କର୍ମ ନିଯୁକ୍ତି ଯୋଜନା ଇତ୍ୟାଦି ଯେତେଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, କୌଣସି କାର୍ଯ୍ୟକ୍ରମ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଆକର୍ଷଣୀୟ ଉତ୍ସାହ ଯୋଗାଇ ପାରୁନାହିଁ । ବିଶେଷକରି ଓଡ଼ିଶାର ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକର ରୂପାୟନ ସନ୍ତୋଷଜନକ ନୁହେଁ । ଗ୍ରାମ୍ୟବ୍ୟାଙ୍କ୍ ଖୋଲାଯାଇ ଅଗମ୍ୟ ଅଞ୍ଚଳମାନଙ୍କରେ ବ୍ୟାଙ୍କଋଣ ସୁବିଧାରେ ଓ ସହଜରେ ପହଞ୍ଚେଇ ଦିଆଯାଇ ପାରୁଛି । ହେଲେ ସେଇସବୁ ଋଣ ପରିଶୋଧର ନାଁ ଗନ୍ଧ ନାହିଁ । ସମବାୟ ଆନ୍ଦୋଳନ

ଏକ ପ୍ରକାର ଅଚଳ ଅବସ୍ଥାରେ ଆସି ପହଞ୍ଚିଛି । ଏହି ସବୁ ତ୍ରୁଟିବିଚ୍ୟୁତି ପାଇଁ ଅନେକ ଅମଲାଙ୍କର ଏବଂ ଜନସାଧାରଣଙ୍କ ଉଦାସୀନତାକୁ ମୁଖ୍ୟତଃ ଦାୟୀ କରୁଛନ୍ତି । ଯୋଜନାର ଉପକାରିତା ଅନେକାଂଶରେ ସହରାଞ୍ଚଳର ଲୋକେ ଉପଭୋଗ କରୁଛନ୍ତି । ମୂଲ୍ୟବୃଦ୍ଧି ହେଲେ ମଧ୍ୟ ଜିନିଷପତ୍ର ଅଭାବ ରହୁ ନାହିଁ । ଲୋକମାନେ ପରିଶ୍ରମ ନ କରି ସରକାରୀ ଅନୁଗ୍ରହ, ଅନୁଦାନ ଓ ସବ୍‌ସିଡ୍ ପାଇଁ ଦାବୀ କରୁଛନ୍ତି । ଏ ଦାବୀ ପ୍ରତି ରାଜନୈତିକ ସମର୍ଥନ ଦିଆଯାଉଛି । ଏହା ସୁସ୍ଥ ଅର୍ଥନୀତି ପ୍ରତି ବିପଦ । ଏଣୁ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଯଥାର୍ଥରେ କୁହାଯାଇଛି :

**"The planning process in a democratic country can acquire free meaning and depth if the people not only associated themselves in planning but also participate consciously in plan implementation."**

ଗ୍ରାମାଞ୍ଚଳ ବିକାଶ ଯୋଜନା ଏବଂ ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମକୁ ଏକ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ । ପ୍ରତି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରି ତ୍ରୁଟି ସୁଧାରିବା ପାଇଁ ଯୋଜନା ବୋର୍ଡ ପରାମର୍ଶ ଦିଅନ୍ତୁ । କର୍ତ୍ତବ୍ୟରେ ଅବହେଳା କରୁଥିବା କ୍ଷେତ୍ର କର୍ମଚାରୀ ଓ ତତ୍ତ୍ୱାବଧାରକ କର୍ମଚାରୀମାନଙ୍କୁ କଠିନ ଦଣ୍ଡ ଦିଆଯାଉ । ଗ୍ରାମ୍ୟବ୍ୟାଙ୍କମାନେ ଅଧିକରୁ ଅଧିକ ଋଣ ବଣ୍ଟନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ । ଏହାଦ୍ୱାରା ଅବଶ୍ୟ ଗରିବ ଏବଂ ମୂଲିଆ ଶ୍ରେଣୀର ଲୋକେ ବହୁଭାବରେ ଋଣ ପାଉଛନ୍ତି । ମାତ୍ର ସେହି ଋଣ ଟଙ୍କାକୁ ସଠିକ ଭାବେ ଫଳପ୍ରଦ ଭାବେ ଖଟେଇବାର ଅଭ୍ୟାସ ତାଙ୍କର ଏ ଯାଏ ହୋଇ ନି । ସେମାନେ ଏହି ପୁଞ୍ଜିକୁ ସଦ୍‌ବ୍ୟବହାର ନ କରି ଅନ୍ୟଭାବରେ ଖର୍ଚ୍ଚ କରୁଛନ୍ତି । ଫଳରେ ସାମାଜିକ ବ୍ୟାଙ୍କିଂ ଓ ସାମାଜିକ ନ୍ୟାୟ ସ୍ଥାପନା ଦିଗରେ ଗୁରୁତର ସଙ୍କଟ ସୃଷ୍ଟି ହେଉଛି । ବ୍ୟାଙ୍କମାନେ ନା ଲାଭଜନକ ବ୍ୟବସାୟ କରି ପାରୁଛନ୍ତି ନା ସାମାଜିକ ବିକାଶ ଦିଗରେ ଗରିବ ଅବହେଳିତ ଲୋକଙ୍କର ସେବାରେ ନିଜକୁ ନିୟୋଜିତ କରିପାରୁଛନ୍ତି ! ଏହା ଦୁର୍ଗତିଆଣ ସୂଚାଉଛି ବଡ କଠିନ ପ୍ରଣାଳୀ ।

୧୯୮୫-୮୬ କେନ୍ଦ୍ର ବଜେଟରୁ ନୂଆ କେନ୍ଦ୍ର ସରକାରଙ୍କର ଅର୍ଥନୈତିକ ବିକାଶ ସମ୍ପର୍କୀୟ ମୌଳିକ ନୀତି ସମ୍ପର୍କରେ ସୂଚନା ମିଳେ । ଏଥିରେ ପ୍ରତ୍ୟକ୍ଷ ଟିକସହାର ହ୍ରାସ ଏବଂ ଟିକସ ବ୍ୟବସ୍ଥାର ସରଳୀକରଣକୁ ଗୁରୁତ୍ୱ ଦିଆଯାଇଛି । ସରକାରୀ ନିୟନ୍ତ୍ରଣରେ ପରିଚାଳିତ ଉଦ୍ୟୋଗଗୁଡ଼ିକର ଉନ୍ନତି ପାଇଁ ପ୍ରୋତ୍ସାହନ ଦିଆଯିବା ସଙ୍ଗେ ବେସରକାରୀ ଉଦ୍ୟମରେ ଗଢ଼ିଉଠୁଥିବା ଲାଭପ୍ରଦ ଉଦ୍ୟୋଗଗୁଡ଼ିକର ବିକାଶ ପାଇଁ ଗୁରୁତ୍ୱ ଦିଆଯାଇଛି । ଏହା ରାଷ୍ଟ୍ରୀୟ ଅର୍ଥନୀତିରେ ସୁସ୍ଥ ବାତାବରଣ ଆଣିବା ସଙ୍ଗେ ସଙ୍ଗେ କଳାଧନ ରୋକି ପାରିବ ବୋଲି କୁହାଯାଉଛି । ଆମ ଓଡ଼ିଶାର ପ୍ରାଦେଶିକ ବଜେଟ ପ୍ରଣୟନରେ ଏସବୁ ଦିଗପ୍ରତି ଦୃଷ୍ଟି ଦିଆଯିବ । ନୂତନ ଅର୍ଥନୈତିକ ନୀତିର କାର୍ଯ୍ୟକାରିତା ଦିଗରେ ଆମ ପ୍ରାଦେଶିକ ଯୋଜନା ବୋର୍ଡ କେତେଦୂର ହିସାବୀ ହେବେ ତାହା ବିଚାର କରିବାର ସମୟ ଆସୁଛି । ଆୟ ଓ ସମ୍ପଦର ବଣ୍ଟନରେ ଯଥାସମ୍ଭବ ସମତାରକ୍ଷା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଦ୍ରୁତବିକାଶ ଓ ଫଳପ୍ରଦ ବିନିଯୋଗ, ମୌଦ୍ରିକ ଓ ରାଜକୋଷୀୟ ପଦ୍ଧତି ପ୍ରତି ବିପଦ ସୃଷ୍ଟି ନ କରି ଆମଦାନୀ ଓ ରପ୍ତାନୀ ନିୟନ୍ତ୍ରଣ, ଲାଇସେନ୍ସ ନୀତି ପ୍ରଣୟନ, ଦରଦାମ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଯୋଜନା ବୋର୍ଡର ପରାମର୍ଶକୁ ସରକାରଙ୍କ ପକ୍ଷରେ ଉପେକ୍ଷା କରିବା ଅନୁଚିତ । ପ୍ରକୃତ ଆର୍ଥନୀତିକ ପ୍ରଗତି ପାଇଁ ଯୋଜନା ବୋର୍ଡ ଏବଂ ସରକାରଙ୍କ ମିଳିତ ପ୍ରଚେଷ୍ଟା ଦରକାର । କ୍ୟାବିନେଟର କେତେଜଣ ସଦସ୍ୟ ବା ଉଚ୍ଚପଦାଧିକାରୀଙ୍କୁ ଯୋଜନା ବୋର୍ଡର ସଦସ୍ୟ କରିଦେଲେ ହେବ ନାହିଁ, ସେମାନଙ୍କର ବିଶ୍ଳେଷଣ ପ୍ରସୂତ ପରାମର୍ଶଗୁଡ଼ିକୁ ନିଷ୍ଠାର ସହ ଗ୍ରହଣ କରିବା ପାଇଁ ଆନ୍ତରିକ ପ୍ରଚେଷ୍ଟା ଥିବା ଦରକାର । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଦଲିଲରେ ଯଥାର୍ଥରେ ଲେଖାଥିଲା :

**"As development goes forward the expression administration steadily assumes a broader content. It includes within its scope the building up of personnel, training of men, running of the administrative machine, seeking the co-operation and participation of the people, informing and educating the public, and organising a sound system of planning based as much on the participation of the people at each level as on the best technical, economic and statistical information available. Increasingly administrative tasks will have to be taken in new fields, especially connected with economic, industrial and commercial operations."**

ଏ ପରିପ୍ରେକ୍ଷୀରେ ଯୋଜନା ପ୍ରଶାସନର ଗୁରୁତ୍ୱ ଉପରେ ଆଲୋକପାତ କରିବାକୁ ହେବ । ପ୍ରାଦେଶିକ ଅର୍ଥନୀତିର ସୁସ୍ଥତା ବହୁଭାବରେ ଯୋଜନା ପ୍ରଶାସକ ଏବଂ ଯୋଜନା ବୋର୍ଡର ସଦସ୍ୟମାନଙ୍କ ଅଧ୍ୟୟନ, ଅନୁଶୀଳନ ଏବଂ ଗବେଷଣାଲବ୍ଧ ଜ୍ଞାନ ଉପରେ ନିର୍ଭର କରେ । ଜନସାଧାରଣଙ୍କୁ ଅଧିକରୁ ଅଧିକ ଭାବେ ଯୋଜନା ପ୍ରକ୍ରିୟାରେ ସହଯୋଗ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଭୂମିକା ପ୍ରଣିଧାନ ଯୋଗ୍ୟ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଅନୁନ୍ନତ, ଅବହେଳିତ ଲୋକମାନଙ୍କ ପାଖରେ ପହଞ୍ଚି ଯୋଜନାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଲେ ସେମାନେ ସଚେତନ ହେବେ । ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକେ ବହୁଭାବରେ ଅତ୍ୟାଚାରିତ ହେଉଛନ୍ତି । ଆଉ ଯେଉଁମାନେ ବା ଚାଲାକ ଓ ଚତୁର ମନେ ହେଉଛନ୍ତି, ସେମାନେ ସରକାରୀ ସାହାଯ୍ୟକୁ ସେମାନଙ୍କ ଆର୍ଥିକ ବିକାଶ ପାଇଁ ନ ଖଟେଇ ଦାନ ଭଳି ଖର୍ଚ୍ଚ କରୁଛନ୍ତି । ଫଳରେ ପ୍ରକୃତ ଉତ୍ପାଦନ ପରିବର୍ତ୍ତେ, କୃଷି ଉତ୍ପାଦନରେ ହ୍ରାସ ଘଟୁଛି । ପୁଞ୍ଜି ବିନିଯୋଗର ହାର କମୁଛି । ସେମାନଙ୍କୁ ଘର ଓ ଭୂମି ଯୋଗାଇଦେଲେ ବି, ସେମାନେ ତାହାର ରକ୍ଷଣାବେକ୍ଷଣ କରିପାରୁନାହାନ୍ତି । ସରକାରଙ୍କ ବିବିଧ ସାମାଜିକୀକରଣ ପ୍ରଚେଷ୍ଟା ବିଶେଷ ଫଳପ୍ରସୂ ହେଉନାହିଁ ।

ଏଣୁ ଯୋଜନା ବୋର୍ଡକୁ ଦକ୍ଷତାର ସହ ଆଗେଇନେବାକୁ ହେବ । ଆର୍ଥନୀତିକ ଯୋଜନାର ଗତିଶୀଳତା ସହ ପାଦମିଳାଇ ଚାଲିବାକୁ ହେଲେ ନାଲିଫିତାର ଶାସନ ପରିବର୍ତ୍ତେ ନିଷ୍ପତ୍ତିରୁ କ୍ରିୟା ପର୍ଯ୍ୟନ୍ତ 'ଗତି ଓ ଶୃଙ୍ଖଳା'ର ଶାସନ ଅପରିହାର୍ଯ୍ୟ ମନେହୁଏ । ପ୍ରାକୃତିକ ଓ ମାନବ ସମ୍ବଳର ଯଥାର୍ଥ ବିନିଯୋଗ ପାଇଁ ଯୋଜନା ବୋର୍ଡ ଦିଗ୍‌ଦର୍ଶନ ଦେଉ । ଯୋଜନାର ପ୍ରୟୋଗରେ ମଧ୍ୟ ବୋର୍ଡର ମାନ୍ୟବର ସଦସ୍ୟମାନେ ନିଷ୍ଠାର ସହ ତତ୍ତ୍ୱାବଧାନ କରିବେ ବୋଲି ଆଶା ଓ ବିଶ୍ୱାସ ।

ରାଜନୀତି ବିଜ୍ଞାନ ବିଭାଗ
ମହର୍ଷି କଲେଜ ଅଫ୍ ନାଚୁରାଲ ଲ
ଶହୀଦନଗର, ଭୁବନେଶ୍ୱର-୭

# ଭୁବନେଶ୍ୱରରେ ସର୍ବଭାରତୀୟ ପୁସ୍ତକ ମେଳା

ଶ୍ରୀ ସୁଧାଂଶୁ ମୋହନ ରାଉତରାୟ
ଡକ୍ଟର ଫନୀ ମହାନ୍ତି

ଭୁବନେଶ୍ୱର, ଆମର ପ୍ରିୟ ରାଜଧାନୀରେ ମେଳା ମହୋତ୍ସବ ଖୁବ୍ କମ୍ ହୁଏ । ନାଟକ ସାଂସ୍କୃତିକ ସମାରୋହ ରବିନ୍ଦ୍ର ମଣ୍ଡପ ବା ସୂଚନା ଭବନ ପରିସର ମଧ୍ୟରେ ସୀମିତ । ଯଦି କେତେବେଳେ ନାଟକ ମଞ୍ଚସ୍ଥ ହୁଏ ବା ବିଭିନ୍ନ ନୃତ୍ୟର ତାଳେ ତାଳେ ମଞ୍ଚ ମୁଖରିତ ହୋଇ ଉଠେ, ସେତେବେଳେ ପ୍ରେକ୍ଷାଳୟ ଦର୍ଶକ ମଧ୍ୟ ଏକ ଶ୍ରେଣୀ ବା ଗୋଷ୍ଠୀର ପ୍ରତିନିଧି ହୋଇ ମନେହୁଏ । ବହୁଦିନ ଧରି ସ୍ୱପ୍ନ ଥିଲା ପୁସ୍ତକ ମେଳାଟିଏ ରାଜଧାନୀ ଠାରେ କରିବା ପାଇଁ । ଏ ପ୍ରସ୍ତାବ ଯେତେବେଳେ ଉଠିଲା ଆଶା ଓ ଆଶଂକାରେ ଉଦ୍ୟୋକ୍ତାମାନଙ୍କ ମନ ଭାରାକ୍ରାନ୍ତ ହେଲା । ଅସମୟରେ କଲେ ପ୍ରକାଶକମାନେ ଆଦୌ ଲାଭବାନ ହେବେ ନାହିଁ ଏକଥା ମଧ୍ୟ ପ୍ରଶ୍ନ ଉଠିଲା । ସବୁଠାରୁ ବଡ଼ ପ୍ରତିବନ୍ଧକ ହେଲା ଅର୍ଥ । କାରଣ ମୁକ୍ତାକାଶ ତଳେ ଅସ୍ଥାୟୀ ପ୍ରକୋଷ୍ଠ ମାନ ନିର୍ମାଣ କରି, ବିଜୁଳି ବତୀ ଖଂଜି, ଚୌକି ବେଞ୍ଚ ଆଦି ଯୋଗାଡ଼ କରି ଅନୁଷ୍ଠାନଟିଏ କରିବା ଦୁରୂହ ବ୍ୟାପାର । ବୁଲିବୁଲି ଗୋଡ଼ ଥକିଲା, ଆଲୋଚନାର ସମାପ୍ତ ହେଲା ନାହିଁ । ଶେଷରେ ସଂସ୍କୃତି ବିଭାଗ କର୍ତ୍ତୃପକ୍ଷଙ୍କ ଆଶୀର୍ବାଦରେ ପ୍ରସ୍ତାବ ଆସିଲା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରେ ଏହି କାର୍ଯ୍ୟଟି କରିବା ପାଇଁ । ବର୍ଷାର ଭୟ ନାହିଁ, ବିଜୁଳି ଆଲୋକ ଯୋଗାଣର ଅସୁବିଧା ନାହିଁ, ଚୌକି ବେଞ୍ଚର ଅଭାବ ନାହିଁ ଟେଲିଫୋନ ସୁବିଧା ଅଛି— ଏହି ସବୁ ଦୃଷ୍ଟିରୁ ସିଦ୍ଧାନ୍ତ ହେଲା ପୁସ୍ତକ ମେଳା ଏହିଠାରେ ହିଁ କରିବା ପାଇଁ । ସୌଭାଗ୍ୟର କଥା, ଓଡ଼ିଶାର ସଂସ୍କୃତି, ମୁଖ୍ୟମନ୍ତ୍ରୀ, ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଆଶୀର୍ବାଦରେ ସରକାରୀ ଅନୁମତି ଓ ସମସ୍ତ ସୁବିଧା ମିଳିଗଲା ।

ଲେଖକ ସାମୁଖ୍ୟର ଦୁଃସାହାସିକ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ ଜାତୀୟ ପୁସ୍ତକ ପ୍ରତିଷ୍ଠାନ, ନୂଆ ଦିଲ୍ଲୀ ଓ ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘ, ଓଡ଼ିଶା, କଟକ । ବିଶେଷ କରି ଜାତୀୟ ପୁସ୍ତକ ପ୍ରତିଷ୍ଠାନ, ନୂଆ ଦିଲ୍ଲୀ, ମେଳା ବାବଦରେ ବହୁ ଦାୟିତ୍ୱ ନିଜେ ବହନ କରିଥିଲେ । ଧନ୍ୟବାଦର କଥା, ମେଳାରେ ବ୍ୟବହୃତ ହେବା ପାଇଁ ସମସ୍ତ ର୍‍ୟାକ୍ ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସେମାନେ ବୁହାଇ ଆଣିଲେ । ପୁସ୍ତକ ମେଳାଟି ଜୁନ୍ 2 ତାରିଖ ଅପରାହ୍ଣରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଜୁନ୍ 9 ତାରିଖ ପର୍ଯ୍ୟନ୍ତ ଚାଲିଲା । ପରବର୍ତ୍ତୀ କାର୍ଯ୍ୟକ୍ରମମାନଙ୍କରେ ରାଜସ୍ୱମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶମହାପାତ୍ର ଯୋଗ ଦେଇ ଧୀମନ୍ତଙ୍କୁ ଉତ୍ସାହିତ କରିଥିଲେ । ପୁସ୍ତକ ମେଳା ସାଙ୍ଗରେ ବିଭିନ୍ନ ଦିଗରେ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଜାତୀୟ ପୁସ୍ତକ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା କବି ଡକ୍ଟର ଲୋକନାଥ ଭଟ୍ଟାଚାର୍ଯ୍ୟ, ଉପନିର୍ଦ୍ଦେଶକ, ଶ୍ରୀ ଏଲ୍. ଏନ୍. ମୁନ୍‌ସି ଓ ସହସମ୍ପାଦକ, ଶ୍ରୀ ବାଳକୃଷ୍ଣ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସଫଳ କରାଇ ପାରିଥିଲେ । ଉଦ୍‌ଘାଟନ ଦିବସରେ ଶାନ୍ତକାନ୍ତ ପରିବେଶ ଓ ପ୍ରବଳ ଉତ୍ସାହ ଉଦ୍ଦୀପନା ଭିତରେ ମୁଖ୍ୟମନ୍ତ୍ରୀ, ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି 'ପୁସ୍ତକ ମେଳା ୫୨'କୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି, ଓଡ଼ିଆ ଭାଷା ଜନନୀର ଶ୍ରୀବୃଦ୍ଧି ନିମନ୍ତେ ପୁସ୍ତକ ମେଳାର ଆବଶ୍ୟକତା ସମ୍ପର୍କରେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ଲେଖକ ଓ ପ୍ରକାଶକର ବହୁବିଧ ସମସ୍ୟା, ପଠନାଭ୍ୟାସ ବଢ଼ାଇବା ପାଇଁ ବୁଦ୍ଧିଜୀବି ଓ ସାଧାରଣ ପାଠକମାନଙ୍କୁ ସହଯୋଗ ଓ ସର୍ବୋପରି ଏପ୍ରିଲ ପହିଲାରୁ ସରକାରୀ ଭାଷା ରୂପେ ସ୍ୱୀକୃତି ଲାଭ କରିଥିବା ଓଡ଼ିଆ ଭାଷାର ମର୍ଯ୍ୟାଦା ବୃଦ୍ଧି କରିବା ନିମନ୍ତେ ଭାଷା ଓ ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ଘନ ଘନ କରତାଳି ଧ୍ୱନି ଓ ଭାଷା ଜନନୀର ବନ୍ଦନା ଗୀତିର ମଧୁର ମୂର୍ଚ୍ଛନା ଭିତରେ ଉଦ୍‌ଘାଟନ ପର୍ବର ଯବନିକା ପଡ଼ିଥିଲା ।

ଏହି ମେଳା'ର ଗୁରୁତ୍ୱ ଏଇଥିପାଇଁ ଓଡ଼ିଆ ପୁସ୍ତକ ସହିତ ଇଂରାଜି, ବଂଗଳା, ହିନ୍ଦି, ତେଲୁଗୁ, ସଂସ୍କୃତ ଓ ତାମିଲ ପ୍ରଭୃତି ବହୁ ଭାଷାର ବହୁ ଉପାଦେୟ ପୁସ୍ତକମାନ ପ୍ରଦର୍ଶିତ ହୋଇଥିଲା । ଦିଲ୍ଲୀ, କଲିକତା, ବମ୍ବେ, ମାନ୍ଦ୍ରାଜ ଓ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୭ଟି ପ୍ରକାଶନ ସଂସ୍ଥା ଏହି ମେଳାରେ ଯୋଗ ଦେଇଥିଲେ । ଏଥିପାଇଁ ସେମାନଙ୍କୁ ଟ ୧୫୦ରୁ ଟ ୧,୫୦୦ ଯାଏଁ ପ୍ରବେଶିକା ଫିସ୍ ଦେବାକୁ ପଡ଼ିଥିଲା ଏବଂ ଅର୍ଥ ଜାତୀୟ ପୁସ୍ତକ ପ୍ରତିଷ୍ଠାନ ସଂଗ୍ରହ କରି ତା ବିନିମୟରେ ସେମାନଙ୍କୁ ଲୌହ ନିର୍ମିତ ସେଲଫ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ଯୋଗାଇ ଦେଇଥିଲେ । ଓଡ଼ିଶା ସଂସ୍କୃତି ଓ ଐତିହ୍ୟ ଉପରେ ଆଧାରିତ ବହୁ ଉପାଦେୟ ପୁସ୍ତକ ଏହି ମେଳାରେ ପ୍ରଦର୍ଶିତ ହୋଇଥିଲା । ଉତ୍କଳ ସଂଗୀତ ମହାବିଦ୍ୟାଳୟର ତିନୋଟି

ଯାଗ ମହଲରେ ଥିବା ପ୍ରକୋଷ୍ଠ ଗୁଡ଼ିକରେ ବିଭିନ୍ନ ଭଷାର ପୁସ୍ତକ ସୁସଜ୍ଜିତ ସେଲଫ୍ ମାନଙ୍କରେ ଶୋଭା ପାଉଥିଲା । ପ୍ରତ୍ୟେହ ସହସ୍ରାଧିକ ଦର୍ଶକ ଓ ପୁସ୍ତକ ପ୍ରେମୀ ଏହି ମେଳା ଦେଖିବାକୁ ଆସୁଥିଲେ । ରାଜ୍ୟର ବହୁ ପଦସ୍ଥ ପ୍ରଶାସକ, ଛାତ୍ର ଓ ଅଧ୍ୟାପକ, ମନ୍ତ୍ରୀ ଓ ବିଧାୟକ ଓ ସାଧାରଣ ପାଠକ ଏହି ମେଳା ପ୍ରଦର୍ଶନ କରି ପୁସ୍ତକ କ୍ରୟ କରୁଥିବା ଦେଖାଯାଉଥିଲା । ସବୁଠାରୁ ଅଧିକ ଭିଡ଼ ଜମିଥିଲା ଜାତୀୟ ପୁସ୍ତକ ପ୍ରତିଷ୍ଠାନ ଓ ଛାତ୍ରୀୟ ସାହିତ୍ୟର ପରିବେଷକ 'ନବଯୁଗ ପ୍ରକାଶନ' ପ୍ରକୋଷ୍ଠରେ । ଏହି ଦୁଇଟି ପ୍ରକୋଷ୍ଠରେ ପ୍ରଦର୍ଶିତ ହୋଇଥିବା ପୁସ୍ତକଗୁଡ଼ିକ ସୁନ୍ଦର ପ୍ରଚ୍ଛଦ, ଉତ୍ତମାନର କାଗଜରେ ମୁଦ୍ରିତ ଓ ସୁଲଭ ମୂଲ୍ୟର ହୋଇଥିବାରୁ ଦର୍ଶକମାନଙ୍କ ଉପସ୍ଥିତି ଏଠାରେ ବିଶେଷ ମାତ୍ରାରେ ବୃଦ୍ଧି ପାଇଥିଲା । ସେହିପରି 'କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ' ଓ 'ରାଜ୍ୟ ସଂସ୍କୃତି ବିଭାଗ'ର ପ୍ରକାଶନ ସଂସ୍ଥାରେ ମଧ୍ୟ ଆଶାନୁରୂପକ ଗହଳି ଜମିଥିଲା । ସଂସ୍କୃତି ବିଭାଗ ଦ୍ୱାରା ସଂପାଦିତ ଓ ପ୍ରକାଶିତ ଦୁର୍ଲଭ ପୁସ୍ତକ 'ଶାରଳା ମହାଭାରତ'ର ଅଠରଟି ଖଣ୍ଡର ମୂଲ୍ୟ ମାତ୍ର ଟ ୫୫ଙ୍କା ଥିବାରୁ ବହୁ ପରିମାଣରେ ବିକ୍ରୟ ହୋଇଥିଲା । ବିଦଗ୍ଧ କବି ରମାକାନ୍ତ ରଥଙ୍କ 'ଶ୍ରୀ ରାଧା' କବିତା ସଂକଳନ ମଧ୍ୟ ଅଧିକ ସଂଖ୍ୟାରେ ବିକ୍ରୀ ହୋଇଥିଲା । ମେଳାର ପ୍ରଥମ ଦୁଇ ଦିନ ପୁସ୍ତକ ବିକ୍ରୀ ଆଶାନୁରୂପକ ନ ହେବାରୁ ପ୍ରକାଶକମାନଙ୍କ ମଧ୍ୟରେ ଗଭୀର ନୈରାଶ୍ୟଭାବ ଦେଖା ଦେଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, ତୃତୀୟ ଦିନଠାରୁ ମେଳା ଶେଷ ଯାଏଁ ଜନ ସମାଗମ ଏପରି ଅଭୂତପୂର୍ବ ଭାବେ ବଢ଼ି ଯାଉଥିଲା ଯେ, ପ୍ରତ୍ୟେକ ଛୋଟ ବଡ଼ ପ୍ରକାଶନ ସଂସ୍ଥାର ପ୍ରକାଶକମାନେ ବେଶ୍ ପ୍ରଫୁଲ୍ଲ ଦେଖା ଯାଉଥିଲେ । ଟ୫୦,୦୦୦ର ଓଡ଼ିଆ ବହି ବିକ୍ରୀ ହୋଇଥିବା କଥା ବିଭିନ୍ନ ମହଲରେ ପ୍ରକାଶିତ ହୋଇଥିଲେ ମଧ୍ୟ ଆମ ଜାଣିବାରେ ପ୍ରାୟ ଲକ୍ଷାଧିକ ଟଙ୍କାର ଓଡ଼ିଆ ବହି ଏହି ମେଳାରେ ବିକ୍ରୟ ହୋଇଯାଇଛି । ଓଡ଼ିଆ ବହି ଉପରେ ଶତକଡ଼ା ୨୦ ଭାଗ ରିହାତି ମିଳୁଥିବା ବେଳେ ଇଂରାଜୀ ଓ ଅନ୍ୟାନ୍ୟ ବହି ଉପରେ ଶତକଡ଼ା ୧୦ ଭାଗ ରିହାତି ମିଳିଥିଲା । ବଂଗଳାରୁ ବିଶେଷ ନାମଜାଦା ପ୍ରକାଶନ ସଂସ୍ଥା ଏହି ମେଳାରେ ଯୋଗଦେଇ ନ ଥିଲେ ବି 'ନବପ୍ରଭ ପ୍ରକାଶନ ସଂସ୍ଥା'ର ଓରିଏଣ୍ଟାଲ ଲିଟେରେଚର' ସିରିଜର ପୁସ୍ତକ ଗୁଡ଼ିକ ଅଧିକ ବିକ୍ରୟ ହୋଇଥିଲା । ପୁସ୍ତକ ମେଳାରେ ପ୍ରତ୍ୟହ ପ୍ରାୟ ୧୦ ଜଣ ଛାତ୍ର ଛାତ୍ରୀ ମେଳା ଦେଖିବାକୁ ଆସୁଥିବା ଆଗ୍ରହୀ ଦର୍ଶକମାନଙ୍କୁ ଭେଟି ଏକ ସାକ୍ଷାତକାର ନେଉଥିଲେ । ପ୍ରତ୍ୟେକ ଛାତ୍ର ଦିନକୁ ୨୫ ଜଣ ଦର୍ଶକଙ୍କୁ ଏହି କାର୍ଯ୍ୟକ୍ରମରେ ଭେଟି ଆବଶ୍ୟକୀୟ ବିବରଣୀ ସଂଗ୍ରହ କରୁଥିଲେ । ଜାତୀୟ ପୁସ୍ତକ ପ୍ରତିଷ୍ଠାନ ତରଫରୁ ଏହି ସର୍ଭେ କାର୍ଯ୍ୟକ୍ରମ କରାଯାଇଥିଲା ।

ଲେଖକ ସାମୁଖ୍ୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ଜୁନ୍ ୪ ଓ ୬ ତାରିଖ ସନ୍ଧ୍ୟାରେ ଦୁଇଟି ମନୋଜ୍ଞ ଆଲୋଚନା ଚକ୍ର । ଜୁନ୍ ୪ ତାରିଖ ସନ୍ଧ୍ୟାରେ 'ଲେଖକ ଓ ପ୍ରକାଶକର ସମସ୍ୟା' ସମ୍ପର୍କରେ ଅନୁଷ୍ଠିତ ହୋଇଥିବା ଆଲୋଚନା ଚକ୍ରରେ ପୌରହିତ୍ୟ କରିଥିଲେ ବରିଷ୍ଠ ସାହିତ୍ୟିକ ଶ୍ରୀ ରାଜକିଶୋର ରାୟ ଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଖ୍ୟାତନାମା କଥାକାର ମହାପାତ୍ର ଶ୍ରୀ ନୀଳମଣି ସାହୁ, ଔପନ୍ୟାସିକ ଶ୍ରୀ ବିଭୂତି ପଟ୍ଟନାୟକ, ସାର୍ବିକ ଶ୍ରୀ ରବି ପଟ୍ଟନାୟକ ଓ ପ୍ରକାଶକ ଶ୍ରୀ ଅଭିରାମ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଲେଖକ ଓ ପ୍ରକାଶକର ସମ୍ପର୍କ ଖୁବ୍ ଅନ୍ତରଙ୍ଗ । ଉଭୟେ ପରସ୍ପରର ପରିପୂରକ । ଉତ୍ତମ ବୁଝାମଣା ଦ୍ୱାରା ଏହି ସମ୍ପର୍କ ଅଧିକ ଘନିଷ୍ଠ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ଶ୍ରୀ ରବି ପଟ୍ଟନାୟକ ତାଙ୍କ ପଠିତ ସନ୍ଦର୍ଭରେ ଲେଖକମାନଙ୍କର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲାବେଳେ ପ୍ରଖ୍ୟାତନାମା ପ୍ରକାଶକ ଶ୍ରୀ ଅଭିରାମ ମହାପାତ୍ର ତାଙ୍କ ନିବନ୍ଧରେ ପ୍ରକାଶକର ଦୁଃଖ ଓ ଦୁର୍ଦ୍ଦଶାର ଚିତ୍ର ଫୁଟେଇଥିଲେ । ଦୁଇଟି-ଯାକ ନିବନ୍ଧ ଖୁବ୍ ଉଚ୍ଚକୋଟୀର ହୋଇଥିଲା ।

'ସମ୍ବାଦ ଓ ସାହିତ୍ୟ' ଶୀର୍ଷକ ଦ୍ୱିତୀୟ ଆଲୋଚନା ଚକ୍ରଟି ଅନୁଷ୍ଠିତ ହୋଇଥିଲା ଜୁନ୍ ୬ ତାରିଖ ସନ୍ଧ୍ୟାରେ । ଏଥିରେ ଅଧ୍ୟକ୍ଷତା କରିଥିଲେ 'ମାତୃଭୂମି'ର ସମ୍ପାଦକ ଶ୍ରୀ ବିଚିତ୍ରାନନ୍ଦ କର ଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ଚନ୍ଦ୍ରଶେଖର ରଥ । ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଏହି ଆଲୋଚନା ଚକ୍ରକୁ ଅଧିକ ଜୀବନ୍ତ ଓ ସଜୀବ କରିଥିଲେ ପ୍ରାଜ୍ଞ ସମାଲୋଚକ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି, ଔପନ୍ୟାସିକ ଡକ୍ଟର ଗଣେଶ୍ୱର ମିଶ୍ର, 'ଇଷ୍ଟର୍ଣ୍ଣ ମେଡିଆ'ର ନିର୍ଦ୍ଦେଶକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, 'ଅନ୍‌ଫେସ୍'ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନଗେନ୍ ବେଉରିଆ ଓ 'ଧରିତ୍ରୀ'ର ଭୁବନେଶ୍ୱର ପ୍ରତିନିଧି ଶ୍ରୀ ଅଜିତ୍ ମହାନ୍ତି । ବୃହତ୍ତର ସମାଜ ଗଠନ ଦିଗରେ ଉଭୟେ 'ସମ୍ବାଦ ଓ ସାହିତ୍ୟ'ର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏଥିରେ ଦ୍ୱିମତ ନାହିଁ । ଏ ଦୁହିଁଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଗାରଟିଏ ଟାଣିଦେବା ଏତେ ସହଜ ସାଧ୍ୟ ନୁହେଁ । ଏହାହିଁ ଥିଲା ମୋଟାମୋଟି ଭାବେ ଆଲୋଚନାର ବିଷୟ । ପ୍ରତ୍ୟେକ ବକ୍ତା ନିଜର ସୁଚିନ୍ତିତ ମତାମତ ନିର୍ଭୀକ ଭାବେ ବ୍ୟକ୍ତ କରିଥିଲେ ।

ଜୁନ୍ ୮ ତାରିଖ ସନ୍ଧ୍ୟାରେ କବି ରମାକାନ୍ତ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା 'କବି ସମ୍ମିଳନୀ' । ଏହାହିଁ ଥିଲା ମେଳାର ସବୁଠାରୁ ବଳି ଆକର୍ଷଣୀୟ ଅନୁଷ୍ଠାନ । ଶିକ୍ଷା ଓ ଯୁବକଲ୍ୟାଣ ମନ୍ତ୍ରୀ ତଥା ପ୍ରତିଷ୍ଠିତ କବି ଓ ନାଟ୍ୟକାର, ଶ୍ରୀ ଯଦୁନାଥ ଦାଶ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ଦୁଃଖ, ଦୈନ୍ୟ ଓ ଗଭୀର ମର୍ମବେଦନା ଭିତରୁ କବିତାର ଜନ୍ମ । ସବୁ କବିଙ୍କ ଭାଗ୍ୟ ଏକାପରି । ହୁଏତ ସାରା ଜୀବନ ବିତିଯାଏ ଗୋଟିଏ ଭଲ କବିତା ଲେଖିବା ପାଇଁ । ଏହାହିଁ ଥିଲା ପୂର୍ବାଭାଷ । ଡକ୍ଟର ଫନୀ ମହାନ୍ତି ଓ ଅଧ୍ୟାପକ ବିଶ୍ୱରଞ୍ଜନ ଅଭିନବ ଶୈଳୀରେ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶ୍ରୀ ରମାକାନ୍ତ ରଥ, ଶ୍ରୀ ଯଦୁନାଥ ଦାଶମହାପାତ୍ର, ଶ୍ରୀ ସୌରୀନ୍ଦ୍ର ବାରିକ, ଶ୍ରୀ ସୁଧାଂଶୁ ମୋହନ ରାଉତରାୟ, ଶ୍ରୀ ଜୟକୃଷ୍ଣ ବାରିକ, ଡକ୍ଟର ପ୍ରତିଭା ଶତପଥୀ, ଶ୍ରୀ ହୃଷୀକେଶ ମଲ୍ଲିକ, ଶ୍ରୀ ଗୌତମ ଜେନା, ଶ୍ରୀମତୀ ନିର୍ମଳା ମହାନ୍ତି, ଶ୍ରୀମତୀ ମନୋରମା ମହାପାତ୍ର (ବିଶ୍ୱାଳ), ଶ୍ରୀ ସୁଧୀର ପଟ୍ଟନାୟକ, ଶ୍ରୀ କିଶୋର ସ୍ୱାଇଁ, ଶ୍ରୀ ହରିହର ମିଶ୍ର, ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ, ଶ୍ରୀ ମହାପାତ୍ର ନୀଳମଣି ସାହୁ ଓ ଡକ୍ଟର ଫନୀ ମହାନ୍ତି ପ୍ରମୁଖ କବିମାନେ ଭିନ୍ନ ଭିନ୍ନ ଢଙ୍ଗରେ ସ୍ୱରଚିତ କବିତାମାନ ଆବୃତ୍ତି କରିଥିଲେ । କାର୍ଯ୍ୟକ୍ରମ ଶେଷଯାଏ ଶ୍ରୋତାମାନେ ପ୍ରବଳ ଆଗ୍ରହର ସହିତ ବସି ରହି ଏହାକୁ ଉପଭୋଗ କରିଥିଲେ ।

ପୁସ୍ତକ ମେଳାରେ ଦୁଇ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ଏହି କାର୍ଯ୍ୟକ୍ରମ ଦୁଇଟି ହଜାର ହଜାର ଦର୍ଶକମାନଙ୍କୁ ମୁଗ୍ଧ କରିପାରିଥିଲା । ଗୁରୁ ପଙ୍କଜ ଚରଣ ଦାସଙ୍କ ନିର୍ଦ୍ଦେଶନାରେ ପରିବେଷିତ କୁମାରୀ 'ଅହଲ୍ୟା'ଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ଉଚ୍ଚକୋଟୀର ହୋଇଥିଲା । ସେହିପରି ପ୍ରସନ୍ନଙ୍କ ନିର୍ଦ୍ଦେଶନାରେ ଶିଶୁ କଳାକାରମାନଙ୍କ ଦ୍ୱାରା ପରିବେଷିତ 'କେଳାକେଳୁଣି ନୃତ୍ୟ' ଓ ନୃତ୍ୟ ନାଟିକା ଦେଖି ଉପସ୍ଥିତ ଦର୍ଶକମାନେ ଅଭିଭୂତ ହୋଇ ପଡ଼ିଥିଲେ । ମେଳାର ଶେଷ ଦିନରେ ମଞ୍ଚସ୍ଥ ହୋଇଥିଲା ଯାତ୍ରା 'ବହ୍ନି କନ୍ୟା' । ସଂସ୍କୃତି ବିଭାଗ ଏ ଉଭୟ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ଦେଇଥିଲେ ।

ଜୁନ୍ ୭ ତାରିଖରେ ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶମହାପାତ୍ରଙ୍କ ମୁଖ୍ୟ ଆତିଥ୍ୟରେ ପୁସ୍ତକ ମେଳାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶିକ୍ଷାମନ୍ତ୍ରୀ ପ୍ରଥମ ଥର ପାଇଁ ସର୍ବଭାରତୀୟ ପୁସ୍ତକ ମେଳାର ବିଭିନ୍ନ କାର୍ଯ୍ୟକ୍ରମ ଲକ୍ଷ୍ୟ କରି କହିଲେ ଯେ, ଏହିପରି ମେଳା ପ୍ରତିବର୍ଷ ଶୀତ ଋତୁରେ ଆୟୋଜିତ ହେଲେ ଭଲ ହୁଅନ୍ତା । ଏ ଦିଗରେ ସମସ୍ତ ସରକାରୀ ସହଯୋଗ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏହି ଉତ୍ସବରେ ହଜାର ହଜାର ଦର୍ଶକ ଆନନ୍ଦରସହ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଲକ୍ଷ୍ୟ କରିଥିଲେ । ଜଣା ପଡୁଥିଲା ଯେପରି ପ୍ରତିଦିନ ପ୍ରବଳ ଜନ ସ୍ରୋତ ଆଗ୍ରହରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରକୋଷ୍ଠକୁ ଧାବମାନ ନିଜର ସଂସ୍କୃତି ଓ ପରମ୍ପରାକୁ ପୁଣି ଥରେ ଆବିଷ୍କାର କରିବା ପାଇଁ ।

ସର୍ବଭାରତୀୟ ପୁସ୍ତକ ମେଳାଟି ପ୍ରଥମ ଥର ପାଇଁ ଓଡ଼ିଶାରେ ଏଥର ଅନୁଷ୍ଠିତ ହୋଇଥିଲା । ତେଣୁ ବିଭିନ୍ନ କ୍ଷେତ୍ରରେ କେତେକ ତ୍ରୁଟି ଘଟିବା ସ୍ୱାଭାବିକ କଥା । ଆସନ୍ତା ଥରକୁ ଉଦ୍ୟୋକ୍ତାମାନେ ପତ୍ରପତ୍ରିକା ପ୍ରଦର୍ଶନୀ କରିବା ପାଇଁ ଉଦ୍ୟମ କଲେ ଭଲ ହେବ । ଏହାଛଡ଼ା ଗ୍ରୀଷ୍ମକାଳରେ ଏହି ମେଳା ଆଦୌ ନକରି ଶୀତକାଳରେ ଏହି ଉତ୍ସବଟି ନିୟମିତ ଭାବରେ ନିର୍ଦ୍ଦିଷ୍ଟ ଭାବରେ କଲେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଧ୍ୟାପକ, ଗବେଷକ ଓ ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ଏହି ଅନୁଷ୍ଠାନରେ ସୁବିଧା ନେଇ ପାରିବେ । ଅନୁଷ୍ଠାନଟି ନିୟମିତ କରଗଲେ ଦର୍ଶକମାନଙ୍କ ପାଇଁ ପାନୀୟ ଜଳ ତଥା ଅନ୍ୟାନ୍ୟ ଛୋଟ ଛୋଟ ଦୋକାନ ବଜାରର ବ୍ୟବସ୍ଥା ମେଳା ପାଖରେ କରଯାଇ ପାରିବ । ପ୍ରଚାର ଦିଗରେ, ସମ୍ବାଦ ପତ୍ର, ଟେଲିଭିଜନ, ଆକାଶବାଣୀମାନଙ୍କଠୁ ସହଯୋଗ ଲୋଡ଼ି ମେଳା ସମୟରେ ବିଶଦ୍ ବିବରଣୀ ଭଲ ଭାବରେ ସାଧାରଣ ଲୋକମାନଙ୍କ ପାଖେ ଉପସ୍ଥାପିତ କରଯାଇ ପାରିବ । ଏହି ସମୟରେ ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗର ପାଠାଗାର ପାଇଁ ବହିପତ୍ର କିଣାକିଣି ମେଳାରୁ କରଗଲେ ଦେଖିଶୁଣି ଉପଯୁକ୍ତ ବହି କିଣାଯାଇ ପାରିବ । ଏ ସମ୍ପର୍କରେ ସରକାରୀ ନିର୍ଦ୍ଦେଶ ମଧ୍ୟ ଠିକ୍ ସମୟରେ ପ୍ରକାଶିତ ହେବା ଆବଶ୍ୟକ । ଏହି ମେଳା ଯେ ସଫଳ ହୋଇଛି ଏଥିରେ ସନ୍ଦେହ ନାହିଁ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ମେଳାର ଉଦ୍‌ଘାଟନ କରି ଦୁଇଟି ବିଶେଷ ଘୋଷଣା କରିଥିଲେ ଯାହାକି ଲେଖକ, ପ୍ରକାଶକ, ସାହିତ୍ୟିକପ୍ରେମୀ ତଥା ଜନସାଧାରଣ ପାଖରେ ଗଭୀର ରେଖାପାତ କରିଛି । ପ୍ରଥମ କରି ଏପ୍ରିଲ୍ ପହିଲରୁ ସରକାରୀ ଭାଷାରୂପେ ପ୍ରକାଶିତ ଓଡ଼ିଆ ହିଁ ରାଜ୍ୟର ଶାସନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଏଥିରେ ସନ୍ଦେହ ନାହିଁ । ଆମ ଭାଷା ସରକାରୀରୂପେ ଯେ ସ୍ୱୀକୃତି ପାଇଛି ତାହା ହିଁ ପ୍ରଶାସନକୁ ସୁଦୃଢ଼ କରିବାରେ ଏହା ଯେ କାଳକ୍ରମେ ଅଧିକ ଋଦ୍ଧିମନ୍ତ ହେବ ଏଥିରେ ସନ୍ଦେହ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଭୟ ଜାତୀୟ ଭାଷାର ଅଭିବୃଦ୍ଧି ପାଇଁ ଯେ ଏକ ପ୍ରଧାନ ପାଥେୟ ଏହା ହିଁ ଜନସାଧାରଣଙ୍କୁ ଅଭିଭୂତ କରି ପାରିଛି । ଦ୍ୱିତୀୟରେ ଲେଖକମାନଙ୍କ ପ୍ରାପ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଘୋଷଣା ସମସ୍ତ ସାହିତିକମାନଙ୍କ ପାଖରେ ଆନନ୍ଦ ସଞ୍ଚାର କରିଛି । ଲେଖକ ସାମ୍ମୁଖ୍ୟ, ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଙ୍ଘ, ଜାତୀୟ ପୁସ୍ତକ ପ୍ରତିଷ୍ଠାନ, ନୂଆଦିଲ୍ଲୀଙ୍କ ମିଳିତ ଉଦ୍ୟମ ତଥା ସଂସ୍କୃତି ବିଭାଗର ଶାସନ ସଚିବ, ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହଯୋଗ ଏହି ଅନୁଷ୍ଠାନକୁ ସର୍ବାଙ୍ଗସୁନ୍ଦର ଓ ସଫଳ କରିବା ପାଇଁ ସାହାଯ୍ୟ କରିଛି ଏଥିରେ ସନ୍ଦେହ ନାହିଁ । ଯେଉଁ ହଜାର ହଜାର ଦର୍ଶକମାନଙ୍କ ଉପସ୍ଥିତିରେ ମେଳା ମୁଖରିତ କରିଥିଲା ସେମାନେ ମଧ୍ୟ ଅନୁଷ୍ଠାନର ସଫଳତା ପାଇଁ ଅଭିନନ୍ଦନୀୟ ।



ଆମର ସଂକଳ୍ପ—ବେକାରୀ ଓ ଦାରିଦ୍ର୍ୟର ଦୂରୀକରଣ ଓ ଦୁର୍ବଳ ଶ୍ରେଣୀମାନଙ୍କର ସୁରକ୍ଷା, ଶାସନରେ ଗରିବ ଲୋକମାନଙ୍କୁ ନ୍ୟାୟ ଦେବା, ଏହାକୁ ଅଧିକ ଦକ୍ଷ, ଜନ କଲ୍ୟାଣକର କରି ଦୁର୍ନୀତିମୁକ୍ତ କରିବା । ଶାସନର ପ୍ରତି ପଦକ୍ଷେପରେ ଜନମତକୁ ସମ୍ମାନ ଦେବା ପାଇଁ ମୁଁ ପୁଣି ପ୍ରତିଶ୍ରୁତି ଦେଉଚି ।

# ଓଡ଼ିଶାର କ୍ଷେତ ମଜୁରିଆଙ୍କ ମଜୁରି

● କେନାମଣି ଲକ୍ଷ୍ମୀକାନ୍ତ

**କି**ଏ ନଜାଣେ; ଯେ ଆମ ସଂବିଧାନ ସ୍ୱୀକୃତ ସମାଜବାଦୀ ଯୋଜନାର ଅନ୍ତିମ ଲକ୍ଷ୍ୟ ହେଉଛି :—ଥିବା ଓ ନଥିବା ଲୋକଙ୍କ ଭିତରୁ ଆକାଶ-ପାତାଳ ବିଭେଦ ଦୂର କରି ମାନବୀୟ ସୁଖ ସମୃଦ୍ଧି ସାଧନ ଏବଂ ଅର୍ଥନୈତିକ ବିକାଶ ଏଭଳି ସାଧିତ ହେବା ଉଚିତ ଯାହା ସମସ୍ତଙ୍କୁ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ଦେଇପାରିବ । ପରନ୍ତୁ ଅନ୍ୟଥା ନୁହେଁ । ସବୁଠାରୁ ପରିତାପର ବିଷୟ ଏହିକି ଯେ ଆମକୁ ଦାନା ଦେଇ ଆମର କୃଷି ଉତ୍ପାଦନକୁ ଦ୍ୱିଗୁଣିତ କରୁଥିବା କ୍ଷେତମଜୁରିଆମାନେ ବହୁ କ୍ଷେତ୍ରରେ ଦରପେଟା ମଜୁରୀ ପାଇଁ ନିର୍ଯ୍ୟାତିତ । ଦୁଇଓଳା ପେଟପୁରା ଖାଇବାକୁ ମୁଠାଏ ଦାନା ନଥିବା ଅଙ୍ଗି-କରିଆ ଖଣ୍ଡେ ମିଳୁନି ଅନେକଙ୍କୁ ।

ଏଠି ବିଚାରିବାର କଥା ଯେ ଓଡ଼ିଶାର ମୋଟ ପାଇଟିଆଳ ଲୋକଙ୍କ ସଂଖ୍ୟା ଛୟାଅଣ ଲକ୍ଷଙ୍କ ମଧ୍ୟରୁ କେବଳ କ୍ଷେତ ମଜୁରିଆଙ୍କ ସଂଖ୍ୟା ଏବେ ପ୍ରାୟ ଛବିଶ ଲକ୍ଷରୁ ଉର୍ଦ୍ଧ୍ୱ । ସମଗ୍ର ଦେଶର ୩୨୮ ନିଯୁତ ଦାରିଦ୍ର୍ୟ ସୀମାରେଖା ତଳେ ନିର୍ଯ୍ୟାତିତ ହୋଇଥିବା ମଣିଷଙ୍କର ଶ୍ରେଣୀଭୁକ୍ତ ଏମାନେ । ଆମ ରାଜ୍ୟର କ୍ଷେତମଜୁରିଆଙ୍କର ଆର୍ଥିକ ଅବସ୍ଥା ପ୍ରଚଳିତ ମାନ ହାରରେ ତେତେ ଭଲ ନୁହେଁ ।୧୯୫୬-୫୭ରେ ଜଣେ କ୍ଷେତ ମଜୁରିଆ ପରିବାରର ହାରାହାରି ଆୟ ୩୧୯ ଟଙ୍କା ଥିବାବେଳେ, ୧୯୬୩-୬୪ରେ ତାହା ୫୧୮ ଟଙ୍କା, ୧୯୭୦-୭୧ରେ ୯୪୫ ଟଙ୍କା ଥିଲା । ୧୯୮୩-୮୪ରେ ଏହା କ୍ରମଶଃ ବୃଦ୍ଧି ପାଇଥିଲେହେଁ, ଏହି ସମୟ ମଧ୍ୟରେ ଜୀବନ ଧାରଣର କ୍ରମବର୍ଦ୍ଧିଷ୍ଣୁ ମୂଲ୍ୟସୂଚୀ ତୁଳନାରେ ସର୍ବନିମ୍ନ ମଜୁରୀ ହାରରେ ବୃଦ୍ଧି ପାଇ ଥିଲେହେଁ ତାହା ଛୟଶଣି ଅନୁଯାୟୀ ସମତୁଲ ନୁହେଁ । ସଂଘର୍ଷଣାଠାରୁ ବରଂ ଉପଲବ୍ଧିର ପ୍ରସଙ୍ଗ । ଏଠାରେ ଉଲ୍ଲେଖନୀୟ ଯେ ତା ୧.୧.୭୬ ଠାରୁ କୃଷିଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରୀ ୪ ଟଙ୍କା ଥିଲା । ତା ୧.୧୨.୮୦ ଠାରୁ ତାହା ଦୈନିକ ୫ ଟଙ୍କା ହେଲା, ଓ ୨୫.୧୨.୮୨ ଠାରୁ ତାହା ଦୈନିକ ଛଅଟଙ୍କା ହାରରେ ଧାର୍ଯ୍ୟ ଥିଲା । ଗତ ତା ୩୦.୧୦.୧୯୮୪ ରିଖଠାରୁ ଆମ ରାଜ୍ୟର କୃଷିଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରୀ ଟ ୭=୫୦ ହାରରେ ବଳବତ୍ତର ରହିଛି । ଅନେକ କ୍ଷେତ୍ରରେ ପ୍ରଚଳିତ ମଜୁରିହାର ସମତୁଲ ଥା ତଦୂର୍ଦ୍ଧ୍ୱଥିବାବେଳେ କେତେକ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ଠାରୁ କମ୍ ମଜୁରୀ ଦେଉଥିବା ଏବଂ ଏକା କାମ କରୁଥିବା ପୁରୁଷ ଓ ମହିଳା ଶ୍ରମିକଙ୍କୁ ସମାନ ମଜୁରୀ ନମିଳୁଥିବା ଦୃଷ୍ଟାନ୍ତ ସଂପୂର୍ଣ୍ଣ ବିରଳ ବୋଲି କହିଲେ ସତ୍ୟର ଅପଳାପ ହେବ କେବଳ ।

ବଖାଣିବା ଅନାବଶ୍ୟକ ଯେ ତିନିପ୍ରାଣୀ ବିଶିଷ୍ଟ ପରିବାରବର୍ଗଙ୍କ ଭରଣ ପୋଷଣ ପାଇଁ କୃଷିଶ୍ରମିକର ଲବ୍ଧ ଦୈନିକ ମଜୁରୀ ଟ ୭=୫୦ କେତେ ନିଅଣ୍ଟିଆ । ଜେଲ ଭୋଗୁଥିବା ଜଣେ କଏଦିର ଖୋରାକ ପାଇଁ ବ୍ୟୟ ବରାଦ ତୁଳନାରେ ଏହା ମଧ୍ୟ ପର୍ଯ୍ୟାପ୍ତ ବା ସମତୁଲ ନୁହେଁ । ଯେଉଁଭଳି ଆମ ଯୋଜନା କମିଶନଙ୍କ ନିର୍ଦ୍ଧାରିତମାନଦଣ୍ଡରେ ମୁଣ୍ଡପିଛା ଚବିଶଶହ କାଲୋରି ଶକ୍ତି ଆହରଣ କଲାଭଳି କାର୍ଯ୍ୟକ୍ଷମ ଖାଦ୍ୟ ପାଇଁ ଏହା ଏକାନ୍ତ ଅପର୍ଯ୍ୟାପ୍ତ ମଧ୍ୟ । ଫଳରେ ଆମ ରାଜ୍ୟର କୃଷି ଶ୍ରମିକଙ୍କ ମଧ୍ୟରେ ଅଧିକାଂଶ ଦାରିଦ୍ର୍ୟର ସୀମାରେଖା ତଳେ ଗ୍ରସ୍ତ ଓ କବଳିତ । ଆମ ରାଜ୍ୟରେ କୃଷିଶ୍ରମିକଙ୍କର ଏତାଦୃଶ ଆର୍ଥିକ ଦୁରାବସ୍ଥା ପଛରେ ଅନ୍ତର୍ନିହିତ ଅନେକ କାରଣ ମଧ୍ୟ ରହିଛି । ସେମାନେ କେବଳ ଯେ ଦରିଦ୍ର ଓ ନିରକ୍ଷର ନୁହଁନ୍ତି ତାହା ନୁହେଁ; ପରନ୍ତୁ ଅନ୍ୟ କୁଶଳୀ ଶ୍ରମିକଙ୍କ ଭଳି ଅଧିକ ମଜୁରୀ କମାଇବାର ଯୋଗ୍ୟତା କିମ୍ବା ତାଲିମ ଯେଉଁଭଳି ନଥାଏ, ସେହିଭଳି ବର୍ଷର ନିକମା ସମୟରେ ମୂଲ ଲାଗି ଗୁଜୁରାଣ ମେଣ୍ଟାଇବାର ବିକଳ୍ପ ସମ୍ଭାବନା ଆଖପାଖରେ ସେମାନଙ୍କ ପାଇଁ ତେତେ ମିଳେନି । ତା'ଛଡା ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣପରେ ଆମ ରାଜ୍ୟର ଆବାଦଯୋଗ୍ୟ ଚାଷ ଜମି ବାଣ୍ଟ୍ୟାପ୍ତ ହେବା ଉତ୍ତାରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେହିଁ ଚାଷ ଜମିର ମୁଖ୍ୟତଃ ଅଧିକାରୀ । ସର୍ବୋପରି ସେଚ ବ୍ୟବସ୍ଥାର ଅଭାବ ଏବଂ ଏକ ଫସଲ ଅଭ୍ୟାସ ସେମାନଙ୍କ ଆର୍ଥିକ ଦୁର୍ଦ୍ଦଶାର ଅନ୍ୟତମ ଅନ୍ତରାୟ । ଉଦାହରଣ ସ୍ୱରୂପ କୃଷିଉନ୍ନତ ପଞ୍ଜାବ ପ୍ରଦେଶରେ ଶତକଡା ୮୩ ଭାଗ ଚାଷଜମି ଜଳ ସେଚିତ ହେଉଥିବାସ୍ଥଳେ ଆମ ରାଜ୍ୟରେ ମାତ୍ର ଶତକଡା ୧୧ ଭାଗ ଜମି ଜଳ ସେଚିତ । ଏହାର ନିରାକରଣ ପାଇଁ ବିଗତ ବର୍ଷମାନଙ୍କରେ ଶିଳ୍ପ ବିକାଶ କ୍ଷେତ୍ରରେ ସମୁଚିତ ପ୍ରାଧାନ୍ୟ ଓ ଲବ୍ଧ ଉଲ୍ଲେଖନୀୟ ପ୍ରଗତି ସତ୍ତ୍ୱେ ଓଡ଼ିଶାର କୃଷିଶ୍ରମିକଙ୍କ ସମେତ ଦୁର୍ବଳବର୍ଗଙ୍କର ମୁଣ୍ଡପିଛା ଆୟ ସମଗ୍ର ଦେଶରେ ସର୍ବନିମ୍ନ । ଏହାହିଁ ଭାଗ୍ୟର ବିଡମ୍ବନା ବ୍ୟତିତ ଅନ୍ୟକିଛି ନୁହେଁ ।

ଏହି ପରିପ୍ରେକ୍ଷୀରେ ସଂଶୋଧିତ ବିଂଶସୂତ୍ରୀ -ଅର୍ଥନୈତିକ କାର୍ଯ୍ୟକ୍ରମର ପାଞ୍ଚ ଦଫାରେ ଆରୋପିତ ପ୍ରାଧାନ୍ୟ ସମେତ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ କୃଷିଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ହାରର ପୁନରାବୃତ୍ତି ଏବଂ ସର୍ବନିମ୍ନ ମଜୁରୀ ଆଇନ ୧୯୪୮ର କଠୋର ପରିପାଳନ, କୃଷିଶ୍ରମିକଙ୍କର ଆଇନତଃ ସ୍ୱାର୍ଥ ସଂରକ୍ଷଣ ନିମିତ୍ତ ଅଧିକ ନିରିକ୍ଷକଙ୍କ ନିଯୁକ୍ତି, କୃଷିଶ୍ରମିକଙ୍କୁ ସେମାନଙ୍କ ସ୍ୱାଧିକାର ସମ୍ପର୍କରେ ଶିକ୍ଷାପ୍ରଦାନ, ବିବେକବୋଧ ଜାଗ୍ରତ ତଥା ସଚେତନତା ସୃଷ୍ଟି ଓ ସଂଗଠିତ କରିବା ଅଭିପ୍ରାୟରେ ବ୍ଳକସ୍ତରରେ ଅବୈତନିକ ସଂଗଠକଙ୍କ ନିଯୁକ୍ତି ଆଦି ଗୃହୀତ ପଦକ୍ଷେପ ଯେଉଁଭଳି ସମୟୋପଯୋଗୀ ସେହିଭଳି ତାତ୍ପର୍ଯ୍ୟପୂର୍ଣ୍ଣ ମଧ୍ୟ । ସର୍ବୋପରି ବର୍ଷର ନିକମା ସମୟରେ ଆମ ରାଜ୍ୟର କୃଷିଶ୍ରମିକ ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯ୍ୟାତିତ ହେଉଥିବା ଘଟଣାର ନିୟନ୍ତ୍ରଣ ଓ ନିରାକରଣ ନିମିତ୍ତ କର୍ଣ୍ଣାଟକ ଭଳି ଭୂସେନା ନିଗମ ଗଠନର ସକ୍ରିୟ ପଦକ୍ଷେପ ଏକାନ୍ତ

ସ୍ଥାନୀୟ । କାମଧନ୍ଦା ଅଭାବରୁ ଅନ୍ୟ ରାଜ୍ୟକୁ ଯାଇ ଆପଣାର ନିରକ୍ଷରତା, ଆତ୍ମବିଶ୍ୱାସ ଓ ଅଜ୍ଞତାହେତୁ ଶୋଷିତ ହେଉଥିବା କୃଷିଶ୍ରମିକ ତଥା ଦାଦନ ଶ୍ରମିକ ରାଜ୍ୟର ବିଭିନ୍ନ ଉନ୍ନୟନ ଯୋଜନାରେ ନିଯୁକ୍ତି ଯୋଗାଇ ଦେବାରେ ସମର୍ଥ ହେବେ ନିଶ୍ଚୟ । ଯେଣୁ ଶୋଷଣର ଉପାୟ ଥାଏ । ଏହି ମର୍ମରେ ନିକଟ ଅତୀତରେ ଶ୍ରମ ସେହେ ସଂପର୍କୀୟ ସଂସଦୀୟ ଆଲୋଚନା ଓ ଶ୍ରମମନ୍ତ୍ରୀ ସମ୍ମିଳନୀରେ ଉପସ୍ଥାପିତ ସୁଚିନ୍ତିତ ପ୍ରଣିଧାନ ଯୋଗ୍ୟ ।

ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟର ଶୋଷିତ କୃଷିଶ୍ରମିକଙ୍କୁ ଦୈହିକ ଓ ଆର୍ଥିକ ଶୋଷଣରୁ ରକ୍ଷା କରିବା ପାଇଁ ଏକ କେନ୍ଦ୍ରୀୟ ଆଇନ ପ୍ରଚଳିତ । ଏହା ସର୍ବନିମ୍ନ ମଜୁରୀ ଆଇନ ୧୯୪୮ ରୂପେ ପରିଚିତ । ଏହି ଆଇନ, କୃଷିଶ୍ରମିକ ତା'ର ପୋଷ୍ୟବର୍ଗଙ୍କୁ ବଞ୍ଚାଇବା ସୁନିଶ୍ଚିତ । ସେମାନେ ଆପଣାର କାର୍ଯ୍ୟକ୍ଷମ ଶକ୍ତି ସଂରକ୍ଷଣ ନିମିତ୍ତ ଉଦ୍ଦିଷ୍ଟ । ଏବେ କୃଷିଶ୍ରମିକଙ୍କର ଦୈନିକ ସର୍ବନିମ୍ନ ମଜୁରୀ ହାର ୨୭=୫୦ ଏବଂ ଅଧିକରୁ ନ ଦୋଷାୟ । ସର୍ବନିମ୍ନ ମଜୁରୀ ଦେବାର ଅସାମର୍ଥ୍ୟ ହେତୁ ଦରପେଟା ମଜୁରୀଦେଇ ଖଟାଇବାର ସଂବିଧାନ ବିରୋଧୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟର ନିର୍ଣ୍ଣୟ । ବହୁ କ୍ଷେତ୍ରରେ ଏହି ଆଇନର ବ୍ୟବସ୍ଥା ସମ୍ପର୍କରେ କୃଷିଶ୍ରମିକ ଓ ନିଯୋକ୍ତାମାନଙ୍କର ଅଜ୍ଞତା ପରିପାଳନର ଅନ୍ତରାୟ ରୂପେ ଦେଖାଦିଏ । ଏଣୁ ଏହି ଆଲୋଚନା ପ୍ରସଙ୍ଗରେ ଆଇନତଃ ବ୍ୟବସ୍ଥା ସମ୍ପର୍କରେ ଠିକେ ଠିକେ ସୂଚାଇବାର ଅଛି । ସର୍ବନିମ୍ନ ମଜୁରୀ ଆଇନ ୧୯୪୮ ର ୧୫ ଧାରା ଓ ଆମ ରାଜ୍ୟ ନିୟମାବଳୀର ୨୪ ଧାରାନୁଯାୟୀ ଜଣେ ପ୍ରାପ୍ତ ବୟସ୍କ କୃଷିଶ୍ରମିକ ପାଇଁ ଦୈନିକ କାର୍ଯ୍ୟ ସମୟ ୯ ଘଣ୍ଟା ଓ ଜଣେ ଅପ୍ରାପ୍ତ ବୟସ୍କ ଶ୍ରମିକଙ୍କ ପାଇଁ ତାହା ୪½ ଘଣ୍ଟା ଏବଂ ଉଭୟ କ୍ଷେତ୍ରରେ ବିରତି ସମୟ ସହ କାର୍ଯ୍ୟ ସମୟର ବିସ୍ତୃତ ମୋଟ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ହେବାର ନୁହେଁ । ଗୋଟିଏ ସପ୍ତାହରେ ଜଣେ କୃଷିଶ୍ରମିକ ୪୮ ଘଣ୍ଟାରୁ ଅଧିକ ସମୟ ଖଟିଲେ ୧୪ ଧାରା ଓ ୨୫ ଉପଧାରାନୁକ୍ରମେ ବଳକା ସମୟ କାମ ପାଇଁ, ସାଧାରଣ କାମ ପାଇଁ ବଳବତ୍ତର ମଜୁରୀ ହାରର ୧½ ଗୁଣ ହିସାବରେ ବଳକା ମଜୁରୀ ପାଇବାକୁ ହକ୍‌ଦାର । ଲାଗ୍ ଲାଗ୍ ୬ ଦିନ କାମ କଲେ ୭ମ ଦିନଟି ମଜୁରୀ ବିନା ସାପ୍ତାହିକ ଛୁଟି ରୂପରେ ପାଇବେ । ବହୁକ୍ଷେତ୍ରରେ ଅଜ୍ଞତା, ସତ୍‌ସାହସ ଅଭାବହେତୁ କୃଷିଶ୍ରମିକ (କି ପୁରୁଷ କି ମହିଳା) ସେମାନେ ଆଇନତଃ ସ୍ୱାଧିକାରରୁ ବଞ୍ଚିତ ହେଉଥିବା ବା ହେବା କିଛି ଖେଦପ୍ରଦ ନୂଆକଥା ନୁହେଁ । ଏହା ମନେ ରଖିବା ଉଚିତ୍ ଯଦି ମଜୁରୀ ବଦଳରେ ଧାନ ଚାଉଳ ଆଦି ନାମକୁ ମାତ୍ର କିଛି ଦେଇ କ୍ଷେତମାଲିକ, କୃଷିଶ୍ରମିକଙ୍କୁ ଭଣ୍ଡି ଦେଉଥାଆନ୍ତି, ତା'ହେଲେ ସେଇ ଦ୍ରବ୍ୟର ସଂପୃକ୍ତ ବଜାରରେ ପ୍ରଚଳିତ ମୂଲ୍ୟହାର ଅନୁଯାୟୀ ହିସାବ ଉତାରୁ ଯଦି ଅବଶିଷ୍ଟ ପ୍ରାପ୍ୟ ହୁଏ ତାହା ସେ ପାଇବାକୁ ହକ୍‌ଦାର । ତା'ଛଡା ପ୍ରଚଳିତ ସର୍ବନିମ୍ନ ମଜୁରୀ ହାରରୁ କମ୍ ମଜୁରି ପାଉଥିଲେ କିମ୍ବା ଖଟୁଥିବା ବଳକା ସମୟ ପାଇଁ କିଛି ନପାଉଥିଲେ ଅବିଳମ୍ବେ ନିକଟସ୍ଥ ଜିଲ୍ଲା ଶ୍ରମଅଫିସର ନଚେତ୍‌ ସହକାରୀ ଶ୍ରମଅଫିସର, ରାଜସ୍ୱ ପରିଦର୍ଶକ, ତହସିଲଦାର କିମ୍ବା ଅଧିକାରୀ ତଥା ଗ୍ରାମମଙ୍ଗଳ ଅଧିକାରୀଙ୍କୁ ତଥ୍ୟ ସହ ଅଭିଯୋଗ କରିବା ଉଚିତ । ଅନ୍ୟଥା ନିଜେ ଚାହିଁଲେ ୨୦ ଧାରା ଓ ୨୭ ଉପଧାରାନୁଯାୟୀ 'ଛ' ନମ୍ବର ଫର୍ମରେ ବିନା କୋର୍ଟ ଫିସ୍‌ରେ କୃଷିଶ୍ରମିକ ନିଜର ଆଇନତଃ ପ୍ରାପ୍ୟର ସଂଗଠନ ଓ ଆଦାୟ ନିମିତ୍ତ ସବ୍‌ଡିଭିଜନାଲ ଅଫିସର, ଅତିରିକ୍ତ ଜିଲ୍ଲାପାଳ କିମ୍ବା ଆଞ୍ଚଳିକ ସହକାରୀ ଶ୍ରମକମିଶନରଙ୍କ ଅଦାଲତରେ ଦାବୀ ମାମଲା ମଜୁରୀ ପ୍ରାପ୍ୟର ୬ ମାସ ସମୟ ସୀମା ମଧ୍ୟରେ ଦାଏର କରିପାରିବେ ।

ଏହା ଭୁଲିଯିବା ଅନୁଚିତ ଯେ କ୍ଷେତ ମଜୁରିଆଙ୍କ ପାଇଁ ସର୍ବନିମ୍ନ ମଜୁରି ପ୍ରଦାନ ସେମାନଙ୍କ ଜୀବନଧାରଣ ପାଇଁ ନ୍ୟୂନତମ ଚାହିଦା; ତହିଁରୁ ବଞ୍ଚିତ କରିବା ଏକ ଅମାନବିକ ଓ ଆଇନତଃ ଅକ୍ଷମଣୀୟ ଅପରାଧ ମଧ୍ୟ । ସର୍ବନିମ୍ନ ମଜୁରି ଦେବାର ଅକ୍ଷମତା ଦର୍ଶାଇ ସଂପୃକ୍ତ ତପସିଲଭୁକ୍ତ ସଂସ୍ଥାର ବଞ୍ଚିବାର ନୈତିକ ଓ ସାଂବିଧାନିକ ସ୍ୱାଧିକାର ନାହିଁ; ଏହା ସର୍ବୋଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତ ଓ ଚେତାବନୀ । ଏଭଳି ଅପରାଧ ପାଇଁ ୬ ମାସ କାରାବରଣ ଓ ୫୦୦ ଟଙ୍କା ଜୋରିମାନାର ବ୍ୟବସ୍ଥା ନିରୂପିତ । ସେହିଭଳି ସର୍ବନିମ୍ନ ମଜୁରି ଆଇନ ଅନ୍ୟ ବ୍ୟବସ୍ଥା ଓ ତତ୍‌ପ୍ରଣୀତ ନିୟମାବଳୀର ଉଲ୍ଲଂଘନ ତଥା ଖିଲାପ ପାଇଁ ୫୦୦ ଟଙ୍କା ଯାଏ ଜୋରିମାନାର ବ୍ୟବସ୍ଥା ଅନ୍ତର୍ଭୁକ୍ତ । ପ୍ରସଙ୍ଗକ୍ରମେ ଏହା ଭୁଲିଯିବା ଅନୁଚିତ ହେବ ଯେ ଆମ ସମୃଦ୍ଧିର ସାଥୀ ଓ ସାରଥି କେବଳ ସେମାନେ ନୁହନ୍ତି, ପରନ୍ତୁ ଆମ ଭଳି ଜଣେ ଜଣେ ନାଗରିକ । ଆମଭଳି ଟିକିଏ ଭଲରେ ଚଳିବାର ସ୍ୱଭାବ ସୁଲଭ ଅଭିଳାଷ ଓ ମୌଳିକ ଆବଶ୍ୟକତା ମଧ୍ୟ ସେମାନଙ୍କର ରହିଛି । ଆମର ପ୍ରଗତିରେ ସେମାନଙ୍କର ଶ୍ରମଦାନ ଲୋଡୁଥିବାବେଳେ ସେମାନଙ୍କୁ ଅର୍ଥନୈତିକ ନ୍ୟାୟରୁ ବଞ୍ଚିତ କରିବା ଏକ ପାପ । କୃଷିଶ୍ରମିକଙ୍କ ମଜୁରି ନିୟନ୍ତ୍ରଣ ଓ କଲ୍ୟାଣ ଏକ ଜଟିଳ ସମସ୍ୟା । ଏଥିପାଇଁ ଉପାୟ ଓ ପନ୍ଥା ନିର୍ଦ୍ଧାରଣ ଏକ ସାମୂହିକ ଗୁରୁଦାୟିତ୍ୱ । କେବଳ ଆଇନତଃ ବ୍ୟବସ୍ଥା ନିର୍ଣ୍ଣୟ ନୁହେଁ ତା'ର ଠିକଣା ପରିପାଳନ ପାଇଁ କୃଷିଶ୍ରମିକ ଓ କ୍ଷେତମାଲିକଙ୍କୁ ସଚେତ କରାଇବା ଅନୁରୂପ ଭାବେ ଅପରିହାର୍ଯ୍ୟ । କେବଳ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପରେ ଦୋଷ ଲଦି ଦେବାରେ ଅସଲ ସମସ୍ୟାର ନିରାକରଣ ହୁଏନି । ଶ୍ରମବିଭାଗ ପକ୍ଷରୁ ସର୍ବନିମ୍ନ ମଜୁରୀଆଇନାନୁଯାୟୀ କ୍ଷେତ୍ର ପରିଦର୍ଶକଙ୍କ ନିରିକ୍ଷଣ, ଆଇନତ କାର୍ଯ୍ୟାନୁଷ୍ଠାନ, ଅଦେୟ ମଜୁରୀ ଆଦାୟ ପାଇଁ ପଦକ୍ଷେପ, କୃଷିଶ୍ରମିକଙ୍କୁ ସଂଗଠିତ ଓ ସଚେତନ କରିବାପାଇଁ ଅଧିକ ସଂଖ୍ୟକ ପରିଦର୍ଶକ, ଅବୈତନିକ ସଂଗଠକ ମାନଙ୍କର ନିଯୁକ୍ତି ତଥା ଗ୍ରାମୀଣ ଶିକ୍ଷା ଶିବିର, ପୁନରାବୃତ୍ତି ପାଠ୍ୟକ୍ରମ, ଶ୍ରମ ଆଲୋଚନାଚକ୍ରର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏତିକିରେ ଆତ୍ମସନ୍ତୋଷ ନେଇ ବସିଯିବାର କଥାନୁହେଁ । ସେମାନଙ୍କର ଆର୍ଥିକ ଦୁରାବସ୍ଥାର ନିରାକରଣ ପାଇଁ, କୃଷିର ପର୍ଯ୍ୟାପ୍ତ ଉନ୍ନତି, ସେଚ ବ୍ୟବସ୍ଥାର ସଂପ୍ରସାରଣ, ବିଜ୍ଞାନ ସମ୍ମତ କୃଷି ପ୍ରଣାଳୀ ଓ ଉପାଦାନ ଯୋଗାଣ, ପ୍ରୋତ୍ସାହନ, କୃଷିଜାତ ଦ୍ରବ୍ୟର ସମତୁଲ ମୂଲ୍ୟ ପ୍ରଦାନ ବ୍ୟବସ୍ଥା, ନିକମା ସମୟରେ କାମ ଧନ୍ଦା ପାଇଁ ଋଣ ଦାନ, ବୈଷୟିକ ପ୍ରଶିକ୍ଷଣ, ବିକଳ୍ପ ସହାୟକ ରୋଜଗାର ପନ୍ଥା, ଶିଳ୍ପ ଉନ୍ନୟନ ଆଦି ଦୀର୍ଘ ମିଆଦି ପନ୍ଥା ଭଳି, କୃଷିଶ୍ରମିକଙ୍କୁ ସାମାଜିକ ଓ ଆର୍ଥିକ ନ୍ୟାୟ ଦେବା ନିମିତ୍ତ ସଚେତନ ତଥା ସଂଗଠିତ କରିବା ଅଭିପ୍ରାୟରେ ଯୋଜନାକାରୀ ଅର୍ଥନୀତିଜ୍ଞ, ସମାଜସେବୀ, ଲୋକପ୍ରତିନିଧି ଶ୍ରମିକ ନେତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ଗ୍ରାମ୍ୟବିକାଶ ସହ ସଂପୃକ୍ତ ସକଳ ପ୍ରଶାସନିକ କର୍ତ୍ତୃପକ୍ଷଙ୍କର ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଅନୁରୂପ ଭାବେ ଜରୁରୀ । ଯେଣୁ 'ରାଜା ବଳ ଦିଏ ଦାଉକି : ନଣ୍ଡା ବଳ ଦିଏ ନଣ୍ଡକି' । ସମାଜର ଦୁର୍ବଳବର୍ଗଙ୍କ ପାଇଁ ସର୍ବନିମ୍ନ ଜୀବନ ଧାରଣର ମାନଦଣ୍ଡ ନିଶ୍ଚିତ କରିବା କେବଳ ସଂବିଧାନ, ସମାଜବାଦ ଓ ଯୋଜନାର ଲକ୍ଷ୍ୟ ନୁହେଁ : ଏହା ଏକ ସାମୁହିକ ନୈତିକ ଦାୟିତ୍ୱ । ଏହାହିଁ ଆମ ପ୍ରଗତି ଓ ସମୃଦ୍ଧିର ଚାବିକାଠି, ଏହା ଭୁଲିବାର ନୁହିଁ ।

---

ଜିଲ୍ଲା ଶ୍ରମ ଅଧିକାରୀ, କଟକ



ଓଡ଼ିଶା ପଛରେ ପଡ଼ିବ ନାହିଁ । ପୂର୍ବରୁ ଓଡ଼ିଶା କହିଲେ ଭାରତର ସବୁଠାରୁ ପଛୁଆ, ଅବହେଳିତ ରାଜ୍ୟ ବୋଲି ଯେଉଁ ଧାରଣା ଥିଲା, ସେ ଧାରଣା ଆଉ ରହିବ ନାହିଁ । ଦ୍ରୁତ ବେଗରେ ଓଡ଼ିଶାକୁ ଆଗେଇ ନେବାକୁ ହେବ

# ଅନ୍ଧ ବିଶ୍ୱାସ ଓ ବୈଜ୍ଞାନିକ ସତ୍ୟତା

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

କେତେକ ଅଯୌକ୍ତିକ ସତ୍ୟ ବିହୀନ ଧାରଣାକୁ ଅନ୍ଧବିଶ୍ୱାସ ବା କୁସଂସ୍କାର କୁହାଯାଏ । ଏହି ବିଶ୍ୱାସଗୁଡ଼ିକ ପଛରେ କୌଣସି ବୈଜ୍ଞାନିକ କାରଣ ନିହିତ ନ ଥାଏ; କିନ୍ତୁ ସାଧାରଣ ଲୋକମାନେ କିଛି ନ ବୁଝି ଧାରାବାହିକ ନିୟମ ଭାବରେ ପାଳନ କରିଥାଆନ୍ତି । ଏପରିକି ଘଟଣାଟି ସମ୍ପର୍କରେ ବୁଝିବାକୁ ମଧ୍ୟ ପ୍ରସ୍ତୁତ ନ ଥାନ୍ତି । ଏହି ଅନ୍ଧବିଶ୍ୱାସଗୁଡ଼ିକ ଲୋକମାନଙ୍କର ମନଗଢ଼ା ଘଟଣାବହୁଳକୁ ନେଇ ବହୁପୁରୁଣା କାଳରୁ ଚିରାଚରିତ ପ୍ରଥା ଭାବରେ ରହି ଆସିଛି । ବିଶ୍ୱାସ ଅନୁସାରେ ଘଟଣାଗୁଡ଼ିକ ଘଟିବା ଯୋଗୁ ଏଗୁଡ଼ିକ ପ୍ରଭାବ ବିସ୍ତାର କରିପାରିଥିଲା । ପୁନଶ୍ଚ ଆଧୁନିକ ସଭ୍ୟତା ଓ ବିଜ୍ଞାନ ସମାଜକୁ ଉପଯୁକ୍ତ ଭାବରେ ଅନ୍ଧକାରରୁ ଆଲୋକକୁ ଆଣିପାରି ନ ଥିଲା । କେବଳ ଭାରତ କାହିଁକି ସମଗ୍ର ପୃଥିବୀର ବିଭିନ୍ନ ଲୋକଙ୍କ ମଧ୍ୟରେ ଓ ମନ ବାହାରେ ଏ ବିଶ୍ୱାସ ଉଇମଡ଼ୁପେ ସ୍ଥାନ କରିଥିଲା । ଉଦାହରଣ ସ୍ୱରୂପ ଭୂତ, ପ୍ରେତ ଓ ଡାହାଣୀ ଇତ୍ୟାଦି ଅଧିକାଂଶ ଲୋକମାନଙ୍କ ପାଖରେ ଏକ ସାଧାରଣ ଅନ୍ଧ ବିଶ୍ୱାସ । ଏପରିକି ଆଜିବି ଏହି ଡାହାଣୀ କଥା ଭାରତ, ସ୍କଟଲ୍ୟାଣ୍ଡ, ଇଂଲଣ୍ଡ ଓ ଫ୍ରାନ୍ସ ଆଦି ଅନେକ ଦେଶର ଲୋକମାନଙ୍କ ମଧ୍ୟରେ ଦେଖାଯାଏ । ଏପରି କେତେକ ଘଟଣାକୁ ବର୍ତ୍ତମାନ ଆଲୋଚନା କରାଯାଉ ।

ଅନ୍ଧକାର ରାତ୍ରିରେ ପେଚା ରାବିବା ଓ ସାଧାରଣ ଭାବରେ ବିରାଡ଼ି ବୋବାଇବା ଇତ୍ୟାଦି ସମଗ୍ର ପୃଥିବୀରେ ଏକ ଅଶନି ଶଙ୍କେତ ଭାବରେ ପରିଚିତ । ଅଧିକାଂଶ ବ୍ୟକ୍ତିଙ୍କର ଧାରଣା ଯେ ପେଚା ରାତ୍ରିରେ ବୋବାଇଲେ ବା ନିର୍ଦ୍ଦିଷ୍ଟ ଜଣଙ୍କ ଘରେ ବସିବାରେ ରାତ୍ରିରେ ଦେଖାଗଲେ ସେ ଘରୁ କାହାର ଜଣଙ୍କର ଅମଙ୍ଗଳ ବା ବିପଦ ହେବ । ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ତାହାର କାରଣ ପେଚା ଏକ ରାତ୍ରିଚର ଶିକାରୀ ପକ୍ଷୀ । ରାତ୍ରିରେ ଉଡ଼ି ବୁଲି ମୂଷା ଓ ସାପ ଇତ୍ୟାଦି ଜୀବଗୁଡ଼ିକୁ ଭକ୍ଷଣ କରିବା ପେଚାର ଅଭ୍ୟାସ । ତେଣୁ ଏହା ସ୍ୱାଭାବିକ ଯେ ଏହା ରାତ୍ରିରେ ଉଡ଼ିବୁଲିବା ଓ ବୋବାଇବା ।

ଦ୍ୱିତୀୟତଃ ଆଉ ଗୋଟିଏ ବିଶ୍ୱାସ ରହିଛି ଯେ ମହାଶୂନ୍ୟରେ ଲଞ୍ଜାତାରା ବା ଧୂମକେତୁ ( comet ) ଦୃଷ୍ଟିଗୋଚର ହେଲେ ଦେଶର ଜଣେ ମହାପୁରୁଷ, ମୁଖ୍ୟବ୍ୟକ୍ତି ବା ରାଜପରିବାରର କାହାର ହେଲେ ଜଣଙ୍କର ମୃତ୍ୟୁ ଘଟିବ । ଧୂମକେତୁ ଏକ ଜ୍ୟୋତିର୍ମୟ ପିଣ୍ଡ, ଯାହାକି ମହାଶୂନ୍ୟରେ ସୂର୍ଯ୍ୟଚାରିପଟେ ଘୂରିବୁଲି ସମୟ ସମୟରେ ସୂର୍ଯ୍ୟଙ୍କ ଆଡ଼କୁ ଅଗ୍ରସର ହେବାର ଦେଖାଯାଇଥାଏ । ସୂର୍ଯ୍ୟର ନିକଟବର୍ତ୍ତୀ ହେଲାବେଳକୁ ତାହାର ପଶ୍ଚାତ୍ ଭାଗରେ ଉଜ୍ଜ୍ୱଳ ଲାଞ୍ଜପରି ଏକ ଅଂଶ ଦେଖାଯାଏ । କ୍ରମେ ସୂର୍ଯ୍ୟଠାରୁ ଯେତେ ଦୂରକୁ ଘୁଞ୍ଚିଯାଏ, ଧୂମକେତୁର ଲାଞ୍ଜ ମଧ୍ୟ ହ୍ରାସ ପାଇଥାଏ । କେତେକ ଧୂମକେତୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟାନ୍ତରରେ ମହାକାଶରେ ଦୃଷ୍ଟିଗୋଚର ହୋଇଥା'ନ୍ତି । ଏହାକୁ ଆବର୍ତ୍ତୀ ଧୂମକେତୁ ( Periodic comet ) କୁହାଯାଏ । ହ୍ୟାଲିଙ୍କ ଧୂମକେତୁ ଏପରି ଏକ ଆବର୍ତ୍ତୀ ଜାତୀୟ; ଯାହାକି ପ୍ରତି ୭୬ ବର୍ଷ ଅନ୍ତରରେ ପ୍ରତୀୟମାନ ହୋଇଥାଏ । ସେ ଗଣନା ଅନୁସାରେ ଏହାପୁଣି ୧୯୮୬ ମସିହାରେ ଦେଖାଦେବାର ସମ୍ଭାବନା ଅଛି । ତେଣୁ ବର୍ତ୍ତମାନ ବିଭିନ୍ନ ଦେଶର ଜ୍ୟୋତିର୍ବିଦ୍‌ମାନେ ଏ ସମ୍ପର୍କରେ ଗବେଷଣାରତ ଅଛନ୍ତି । ଅବଶ୍ୟ ଦେଶରେ ଅନେକ ଲୋକ ଅର୍ଥାତ୍ ମୁଖ୍ୟବ୍ୟକ୍ତିଗଣ ମଧ୍ୟ ସ୍ୱର୍ଗଗାମୀ ହୋଇଥାଆନ୍ତି । ତେଣୁ ଧୂମକେତୁର ଆବିର୍ଭାବ ହିଁ ମୃତ୍ୟୁର କାରଣ—ତାହା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ନୁହେଁ ।

ଭାରତ ଓ ଚୀନରୁ ଅନ୍ଧବିଶ୍ୱାସର ସୃଷ୍ଟି ବୋଲି ବିଶ୍ୱାସ କରାଯାଏ । କୌଣସି ଶୁଭକାର୍ଯ୍ୟ ଆରମ୍ଭରେ ହାଇମାରିବା, ରାସ୍ତାରେ ଗାଡ଼ି, ମଟର, ଯାନବାହନ ଓ ମଣିଷ ଇତ୍ୟାଦି ଯିବା ଆସିବା ସମୟରେ ବିରାଡ଼ି ସାମନାପଟରେ ଅତିକ୍ରମ କଲେ ଅଥବା ଯାତ୍ରାରମ୍ଭ ସମୟରେ ଶୂନ୍ୟ ମାଠିଆ, ବାଲ୍‌ଟି ବା ଜଳପାତ୍ର ଦେଖିବା ଇତ୍ୟାଦି ଅଶୁଭ ଲକ୍ଷଣର ସୂଚନା ବୋଲି ଭାରତରେ ଅନ୍ଧବିଶ୍ୱାସ ରହିଛି । ଏସବୁ ତଥ୍ୟ ଗୁଡ଼ିକରେ କୌଣସି ବୈଜ୍ଞାନିକ ଭିତ୍ତିକ ଯୁକ୍ତି ଏପର୍ଯ୍ୟନ୍ତ ଜଣାଯାଇ ନାହିଁ ।

ଚତୁର୍ଥତଃ ବସନ୍ତ ବା ହାତଫୁଟିକୁ (Pox) ଠାକୁରାଣୀ ବୋଲି କହି ପୂଜାକରିବା ଅଦ୍ୟାବଧି ପ୍ରଚଳିତ । ଆଗକାଳରେ ଏହି ମହାମାରୀରେ ଅସଂଖ୍ୟଲୋକ ମୃତ୍ୟୁବରଣ କରୁଥିଲେ । ଏ ରୋଗ ନିମିତ୍ତ କୌଣସି ଔଷଧ ବାହାର କରାଯାଇ ପାରି ନ ଥିଲା । ତେଣୁ ରୋଗ ଭଲ କରିବା ମନୁଷ୍ୟର ଆୟତ୍ତର ବାହାରେ ଥିବାରୁ ଠାକୁରାଣୀ ରୂପରେ ପୂଜା ଆରାଧନା ବଳରେ ରୋଗଟିକୁ ଦୂର କରି ହେବ ବୋଲି ବିଶ୍ୱାସ ରହିଥିଲା । ତା'ର କାରଣ ମନୁଷ୍ୟ ହାତରେ ଯେତେବେଳେ କୌଣସି ଜିନିଷ ସମାଧାନ କରିବାକୁ କଷ୍ଟ ବା ଅସାଧ୍ୟ ହୋଇଥାଏ, ସେ ସେହି ସମୟରେ ଏକ ବାହ୍ୟ ବଳକୁ ବା ଠାକୁର ଠାକୁରାଣୀଙ୍କ ଉପରେ ଛାଡ଼ିଦେଇଥାଏ । ତେବେ ଯାହାହେଉ, ପୂଜା କରିବା ହିଁ ଅନ୍ଧବିଶ୍ୱାସ ବ୍ୟତୀତ କିଛି ନୁହେଁ ।

କେବଳ ସାଧାରଣ ଲୋକ କାହିଁକି ସକ୍ରେଟସ୍ ଓ ପ୍ଲାଟୋଙ୍କ ପରି ଜ୍ଞାନୀ ଲୋକ ମଧ୍ୟ ତାଙ୍କ ଆଚାର ଓ ବ୍ୟବହାରରେ ଅନେକ କୁସଂସ୍କାର ଭାବ ପ୍ରଦର୍ଶିତ କରିଥିବାର ଜଣାଯାଏ । ଏପରିକି ଇଂରେଜମାନେ ୧୩ ସଂଖ୍ୟାଟିକୁ ଏକ ଅଶୁଭ ସଂଖ୍ୟାରୂପେ ଏ ପର୍ଯ୍ୟନ୍ତ ବିଶ୍ୱାସ କରନ୍ତି । ରୋମ୍‌ର ମହାମନୀଷୀଗଣ ନିର୍ଦ୍ଦିଷ୍ଟ କେତେକ ନକ୍ଷତ୍ରଗୁଡ଼ିକର ଗତିବିଧିକୁ ଲକ୍ଷ୍ୟକରି ଅନ୍ଧବିଶ୍ୱାସ ଭାବରେ ଅନେକ ମତ ପ୍ରଦାନ କରନ୍ତି । ଆଶ୍ଚର୍ଯ୍ୟର ଘଟଣା ହେଉଛି ସୁଇଫ୍ଟଙ୍କ ପରି ଏକ ନିଷ୍ପର

ଜ୍ୟୋତିଷୀଙ୍କ ମତାନୁଯାୟୀ ଶୁକ୍ରବାର ଦିନ କୋଣସି ଶୁଭକାର୍ଯ୍ୟ ଆରମ୍ଭ କଲେ ଅଶୁଭ ଫଳ ମିଳିଥାଏ । ଜ୍ୟୋତିଷୀମାନେ ଦୁର୍ଲକ୍ଷଣ, ସ୍ୱପ୍ନ ଓ ଲକ୍ଷଣମାନଙ୍କୁ ନେଇ ଭବିଷ୍ୟତ ସମ୍ପର୍କରେ ମତାମତ ଦେଉଥିବାର ମଧ୍ୟ ଦେଖାଯାଏ, ଯାହାକି କେବଳ ହିଁ ଅନ୍ଧବିଶ୍ୱାସ । ତା ସମ୍ପର୍କରେ କୋଣସି ବୈଜ୍ଞାନିକ ସତ୍ୟତା ଏ ପର୍ଯ୍ୟନ୍ତ ସ୍ଥାପିତ କରାଯାଇ ନାହିଁ ।

ଏପରି ଅନେକଗୁଡ଼ିଏ ଯୁକ୍ତିବିହୀନ ଅନ୍ଧବିଶ୍ୱାସ ଥିଲେ ବି ଆଜି ଅନେକ ଢଗ ଢମାଳି ବା କିମ୍ବଦନ୍ତୀ ଶୁଣିବାକୁ ମିଳେ ଯାହାକି ଅନ୍ଧବିଶ୍ୱାସ ପରିବର୍ତ୍ତେ ବୈଜ୍ଞାନିକ ମତବାଦ ପୂରିରହିଛି । ଉଦାହରଣ ସ୍ୱରୂପ–"ବେଙ୍ଗ ଧରିଲେ କାଲା ହେବା, କଙ୍କି ଧରଣ ମା ମରଣ, ଠାକୁର ଠାକୁରାଣୀଙ୍କ ବାହନକୁ ମାରିଲେ ପାପ, କାର୍ତ୍ତିକ ମାସରେ ମାଛ ଖାଇଲେ ପାପ, ମାଛ ଭୋଜନ ପରେ କ୍ଷୀର ଖାଇଲେ ବିଷ ହେବା" ଇତ୍ୟାଦି ଅନେକ ସାଧାରଣ ପ୍ରବାଦ ଆମ ଦୈନନ୍ଦିନ ଜୀବନ ମଧ୍ୟରେ ଶୁଣିବାକୁ ମିଳେ । କିନ୍ତୁ ଏଗୁଡ଼ିକ ବୈଜ୍ଞାନିକ ମତାନୁଯାୟୀ ଯୁକ୍ତି ସଙ୍ଗତ ।

ବେଙ୍ଗ ଏକ ଉଭୟଚର ପ୍ରାଣୀ, ଯିଏ କି ଜଳ ଓ ସ୍ଥଳ ଉଭୟ ସ୍ଥାନରେ ଦେଖାଯାଏ । ଜୀବଟି ବହୁତ ଧୀର ସ୍ଥିର ଓ ଶତ୍ରୁ କବଳରୁ ରକ୍ଷାପାଇବା ପାଇଁ ବା ଶତ୍ରୁକୁ ମାରିବା ପାଇଁ କୌଣସି ପ୍ରକାର ସୁବିଧା ନ ଥିବା ହେତୁ ତଥା ପ୍ରାଣୀରାଜ୍ୟରୁ ରକ୍ଷା ପାଇବା ପାଇଁ ହିଁ ଏ ପ୍ରକାର ପ୍ରବାଦ ରହିଛି–ବେଙ୍ଗ ମାରିଲେ କାଲା ( deaf ) ହୋଇଯିବା । ପ୍ରକୃତରେ କେହି ବେଙ୍ଗ ମାରିଦେଲେ କାଲା ହୋଇଯାଏ ନାହିଁ, ମାତ୍ର ଏ ଉକ୍ତିଟି ଶତ୍ରୁ ମନରେ ଭୟ ସଂଚାର କରିବା ଯୋଗୁ ସେ ବେଙ୍ଗକୁ ମାରି ନ ଥାଏ । କଙ୍କି ( Dragon fly ) ମଧ୍ୟ ସେହିପରି ଗୋଟିଏ ଷଟ୍‌ପଦ ପ୍ରାଣୀ । ଏହା ମନୁଷ୍ୟର ଅନେକ ଉପକାର କରିଥାଏ । ପୋଖରୀ ଗାଡ଼ିଆ ଇତ୍ୟାଦି ମଧ୍ୟସ୍ଥ ପଚା ପାଣିରେ ଜନ୍ମିଥିବା ବା ରହୁଥିବା କୀଟ ପତଙ୍ଗ, ମଶା ଇତ୍ୟାଦି ଲାର୍ଭାକୁ ଏମାନେ ଖାଇ ବଞ୍ଚିଥାନ୍ତି; ଯେଉଁ ଲାର୍ଭାଗୁଡ଼ିକ ଆମର ଅନେକ କ୍ଷତି କରନ୍ତି । କଙ୍କିଗୁଡ଼ିକୁ ଯଦି ମାରିଦିଆଯାଏ, ତେବେ ଲାର୍ଭା ସଂଖ୍ୟା ବୃଦ୍ଧି ପାଇବ ଓ ତତ୍ ସଙ୍ଗେ ସଙ୍ଗେ ମନୁଷ୍ୟର ଅନେକ କ୍ଷତି ଘଟିବ । ସେଥି ପାଇଁ–"କଙ୍କି ଧରଣ ମା ମରଣ" ବୋଲି ପ୍ରବାଦ ରହିଛି । ପିଲାମାନେ କଙ୍କି ଧରିବା ସମୟରେ ଏ ଉକ୍ତିଟି ଶୁଣିବା ମାତ୍ରେ କଙ୍କିଗୁଡ଼ିକୁ ଧରି ମାରିବାକୁ ସାହାସ କରି ନ ଥାଆନ୍ତି । କେବଳ ସେତିକି ନୁହେଁ, ପ୍ରାଣୀ ରାଜ୍ୟରେ ଅନେକ ପ୍ରାଣୀ ଠାକୁର ଠାକୁରାଣୀଙ୍କ ବାହନ ଅଟନ୍ତି । ଜୀବଜଗତରେ ସବୁ ଜୀବଜନ୍ତୁ ବଞ୍ଚି ରହିଲେ ଉତ୍ତମ ପାରିପାର୍ଶ୍ୱିକ ଅବସ୍ଥା ରହିଥାଏ ବା …ବସନ୍ତୁଳନ ( Ecological balance) ଠିକ୍ ରହିଥାଏ । …ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ଜୀବମାନଙ୍କୁ ଭଗବାନଙ୍କ ବାହନ ରୂପରେ ସ୍ଥାପିତ କରାଯାଇଛି । ଏସବୁ ବ୍ୟତୀତ କାର୍ତ୍ତିକ ଅର୍ଥାତ୍ ଅକ୍ଟୋବର, ନଭେମ୍ବର ମାସରେ ମାଛ ଖାଇବା ପାଇଁ ଶାସ୍ତ୍ରରେ ବାରଣ କରାଯାଇଥାଏ । ଏପରିକି ଏଥି ପାଇଁ ମଧ୍ୟ ଏହି ମାସଟିକୁ "ଧର୍ମମାସ ବା ପବିତ୍ର ମାସ" ରୂପେ ପରିଗଣିତ କରାଯାଇଅଛି । ଏହି ମାସରେ ମାଛମାନେ ମୁଖ୍ୟତଃ ଅଣ୍ଡା ଦେଇଥାନ୍ତି ଏବଂ ଅନେକ ମାଛଙ୍କୁ ବସନ୍ତ ରୋଗ ମଧ୍ୟ ହୋଇଥାଏ । ତେଣୁ ପ୍ରଥମତଃ ମନୁଷ୍ୟଙ୍କୁ ରୋଗ ନ ହେବା ପାଇଁ ଓ ଦ୍ୱିତୀୟତଃ ମାଛର ଉପଯୁକ୍ତ ବଂଶବୃଦ୍ଧି ପାଇଁ ଏପରି ପ୍ରବାଦ ଉପସ୍ଥାପିତ କରାଯାଇଛି । ଏହା ସମ୍ପୂର୍ଣ୍ଣ ରୂପେ ମାନିବା ଏକାନ୍ତ ବାଞ୍ଛନୀୟ ।

ବଞ୍ଚିରହିବା ପାଇଁ ମନୁଷ୍ୟ ଅନେକ ପ୍ରକାର ଖାଦ୍ୟ ଖାଇଥାଏ ଏବଂ ଖାଦ୍ୟ ମଧ୍ୟରେ କେତେକ ଖାଦ୍ୟ ଖାଇବାରେ ନିୟମ ପଦ୍ଧତି ରହିଛି । ଉକ୍ତ ପଦ୍ଧତିଗୁଡ଼ିକୁ ଲଙ୍ଘନ କରି ମନୁଷ୍ୟ ଅନେକ ଖାଦ୍ୟ ଖାଇଥାଏ । ତନ୍ମଧ୍ୟରୁ କ୍ଷୀର ପରେ ମାଛ ବା ମାଛ ଭକ୍ଷଣ ପରେ କ୍ଷୀର ପାନ ନ କରିବା ଗୋଟିଏ ପ୍ରଧାନ ନିୟମ । ମାଛ ଓ କ୍ଷୀର ଦୁଇଟି ବିଭିନ୍ନ ପ୍ରକାର ପ୍ରାଣୀଜ ପୁଷ୍ଟିସାର । ଏ ଦୁଇ ପ୍ରକାର ଖାଦ୍ୟର ହଜମ ପ୍ରକ୍ରିୟା ଭିନ୍ନଭିନ୍ନ । ଦୁଇପ୍ରକାର ଖାଦ୍ୟ ଯଦି ଏକାଠି ଖିଆଯାଏ, ତେବେ ତାହା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ । ତେଣୁ ଆମେ ପେଟରେ ଏପ୍ରକାର ଖାଦ୍ୟ ବିଷ ହୋଇଯିବା କହିଥାଉ ।

ଏପରି ଅନେକ ଜନମତ ରହିଛି ଯେଉଁଗୁଡ଼ିକ ପ୍ରକୃତ ବୈଜ୍ଞାନିକ ମତବାଦ ନେଇ ଆଧାରିତ । ସେଗୁଡ଼ିକୁ ବର୍ଣ୍ଣିତ କୁସଂସ୍କାର ବା ଅନ୍ଧବିଶ୍ୱାସ ନ ଭାବି, ନଗଣ୍ୟ ବା ହେୟ ମନେ ନ କରି ନିଶ୍ଚିତଭାବେ ପାଳନ କରିବା ଉଚିତ । ଅବଶ୍ୟ ଏଥିରୁ କେତେଗୁଡ଼ିଏ ତଥ୍ୟକୁ ଆମ ସଂସ୍କୃତିରେ ଉଦ୍ଧାର କରାଯାଇଛି । ଆମର ପୂର୍ବପୁରୁଷ ଏସବୁ ତଥ୍ୟଗୁଡ଼ିକୁ ତାଙ୍କର ଯଥେଷ୍ଟ ଅନୁଭୂତିକୁ ନେଇ ବର୍ଣ୍ଣନା କରିଯାଇଅଛନ୍ତି । ଯୁକ୍ତିବିହୀନ ଅନ୍ଧବିଶ୍ୱାସକୁ ମନ ମଧ୍ୟରୁ ତ୍ୟାଗକରି ସତ୍ୟ ବା ଯୁକ୍ତିସପକ୍ଷ ଘଟଣାଗୁଡ଼ିକୁ ପାଳନ କରିବା ସର୍ବାଦୌ କର୍ତ୍ତବ୍ୟ । ଏହାଦ୍ୱାରା ଆମେ ନିଜକୁ ଅନେକ ବିପଦରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜର ଭବିଷ୍ୟତ ବଂଶଧରମାନଙ୍କୁ ସଚେତନଶୀଳ କରାଇପାରିବୁ । ଧନ୍ୟ ଆମର ସେ ପୂର୍ବପୁରୁଷ ! ଧନ୍ୟ ତାଙ୍କର ଅନୁଭୂତି !! ଧନ୍ୟ, ଧନ୍ୟ ତାଙ୍କର ସେ ଯୁକ୍ତି !!!

ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର–୭୫୧୦୦୪





“ଡାକ୍ତରକାକା, ବାପା ଆଜି ଏତେ ଦୁର୍ବଳ କାହିଁକି ଲାଗୁଛନ୍ତି?”

“ଜ୍ୱରବେଳେ ଦେହରୁ କ'ଣ ହେଲାକି?”

“ଦେଖୁନ, ପୁଣି ପିଲାଟି ଭଳି ଡାକୁଛନ୍ତି।”

“ବାପାଙ୍କର ପେଟ ଖରାପ ହୋଇଛି ନା, କିଛି ହଜମ ହେଉ-ନାହିଁ। ତେଣୁ କିଛି ଖାଇବାକୁ ମନହେଉ ନଥିବ।”

“ହେଲେ ଡାକ୍ତରକାକା, ବାପା ଯଦି କିଛି ନଖାଇବେ ତେବେ ତାଙ୍କର ବଳ କେଉଁଠୁ ଆସିବ? ଆଉ ଅଫିସ୍ କେମିତି ଯିବେ?”

“ତୁ ବ୍ୟସ୍ତ ହୁଅନା। ମୁଁ ତାଙ୍କୁ ଯାହା ଦେବି ତାହା ଖୁବ୍ ସହଜରେ ହଜମ ହୋଇଯିବ। ଅଚ୍ଛା କହିଲୁ ଦେଖି, ମୁଁ କ'ଣ ଦେବି? ଭଲର କହ... ତୁ ତାଙ୍କୁ ସବୁଦିନ ପୁଣା ଗୁଅ ହୋଇ ପିଇଦେଉ।”

“ଓଃ... ରବିନ୍‌ସନ୍‌ସ ବାର୍ଲି।”

“ଠିକ୍ କହିଲୁ। ଏହି ବାର୍ଲି ଖୁବ୍ ହାଲୁକା—ଅତି ସହଜରେ ହଜମ ହୋଇଯାଏ। ଖାଣ୍ଟି ବାର୍ଲି-ର ସବୁ ଆସଲ ଗୁଣ ଏଥିରେ ଅଛି। ପେଟ ଗୋଳମାଳର ସବୁଠାରୁ ଭଲ ପଥ୍ୟ ହିସାବରେ ଡାକ୍ତର ବାବୁ ରବିନ୍‌ସନ୍‌ସ ବାର୍ଲି ହିଁ ଖାଇବାକୁ କହନ୍ତି।”

“ଅଚ୍ଛା, ଦେଉଛେମା...”

“ଓହୋ ବାବୁ, ତୁ ତ ବହୁତ ବୁଦ୍ଧିମାନ୍ ହେଉଛୁ। ଏବେ ଯାଇ ତୁ ବାପାଙ୍କୁ ଏହି ବାର୍ଲି ଦେଇ ଆସିବୁ।”

“ବାପା, ବାପା, ଏଇନିଅ ତୁମ ରବିନ୍‌ସନ୍‌ସ ବାର୍ଲି।”






# ରବିନ୍‌ସନ୍‌ସ ବାର୍ଲି

## ହାଲୁକା ଓ ସହଜରେ ହଜମ ହେଉଥିବା ପଥ୍ୟ

LINTAS(O) RB 5 2418

# ସମାଜ ଗଠନରେ ଭାଗବତର ଭୂମିକା

ଅଧ୍ୟାପିକା ବିଜୟଲକ୍ଷ୍ମୀ ମହୁଆଳ

ସମାଜ ଗଠନରେ ଭାଗବତର ଭୂମିକା ଅପରିସୀମ । ଯେଉଁସବୁ ଉପାୟ ଅବଲମ୍ବନ କଲେ ବ୍ୟକ୍ତିଗତ ଜୀବନ କଳୁଷତାହୀନ ହେବା ସଙ୍ଗେ ସଙ୍ଗେ ସାମାଜିକ ଜୀବନରେ ମଧ୍ୟ ଉଚ୍ଚ ନୈତିକ ମୂଲ୍ୟବୋଧ ପ୍ରତିଷ୍ଠିତ ହୋଇ ପାରିବ ସେସବୁ ବିଷୟ ପ୍ରତି ଭାଗବତରେ ଉଲ୍ଲେଖ କରାଯାଇଛି ।

ଭାଗବତରେ ସମସ୍ତଙ୍କ ପାଇଁ ସମସ୍ତ ପ୍ରକାରର ତଥ୍ୟ ରହିଛି । ବ୍ୟାସଦେବ ଶ୍ରୀମଦ୍ଭାଗବତରେ ଲେଖିଛନ୍ତି—

"ପିବତଃ ଭାଗବତ ରସମାଳୟ,
ମୁହୁଃ ମୁହୁଃ ରସିକା ଭୁବି ଭାବୁକାଃ" ।

ସେଥିରେ ରସିକମାନଙ୍କ ପାଇଁ ସୃଷ୍ଟି କରାଯାଇଛି ରସର ସାଗର, ଭାବୁକବର୍ଗଙ୍କ ପାଇଁ ରଖାଯାଇଛି ଭାବର ଅସରନ୍ତି ଭଣ୍ଡାର । ସେଇଥି ପାଇଁ ନାମ ତା'ର ଭାଗବତ । ଭାଗବତ ଜ୍ଞାନ, ଗୁଢ଼ଜ୍ଞାନ, ବ୍ରହ୍ମ ଜ୍ଞାନ ଓ ତତ୍ତ୍ୱଜ୍ଞାନ ନେଇ ସେ ଗ୍ରନ୍ଥ ହୋଇଛି ନାମ ସିଦ୍ଧ । ଭାଗଜ୍ଞାନୀ, ଗୁଢ଼ ଜ୍ଞାନୀ, ବ୍ରହ୍ମ ଜ୍ଞାନୀ ଓ ତତ୍ତ୍ୱ ଜ୍ଞାନୀଙ୍କ ପାଇଁ ଯେତିକି ପରିମାଣରେ ତତ୍ତ୍ୱ ଭାଗବତରେ ନିହିତ ହୋଇଛି ତା'ଠାରୁ ବହୁ ଗୁଣରେ ତତ୍ତ୍ୱ ନିରୂପିତ ହୋଇଛି ସାଧାରଣ ନିରକ୍ଷର ଜନତାଙ୍କ ନିମନ୍ତେ । କପୋତ ପକ୍ଷୀ ଉପାଖ୍ୟାନର ସାମାଜିକ ଚେତନା ଉତ୍କଳୀୟ ପୁରପଲ୍ଲୀରେ ଶିକ୍ଷିତ, ଅଶିକ୍ଷିତ, ସମସ୍ତଙ୍କୁ ଏକ ମହାନ୍ ନୀତିଶିକ୍ଷା ପ୍ରଦାନ କରିଥାଏ ।

ବୃକ୍ଷ ଡାଳରେ ନୀଡ଼ ରଚନା କରି ରହିଛନ୍ତି କପୋତ କପୋତୀ । କପୋତୀ କୋଳରେ ଶିଶୁ ଶାବକ । ପିଲାଙ୍କ ମୁହଁରେ ଆହାର ଦେବା ପାଇଁ ସାତ ସକାଳୁ କପୋତ କପୋତୀ ବସାରୁ ଉଡ଼ି ଯାଇଛନ୍ତି । ଏହି ଅବସରରେ ବ୍ୟାଧ ବୃକ୍ଷ ମୂଳରେ କ୍ଷୁଦ କଣା ବିଛାଇ ଜାଲ ପାତି ଦେଇଛି । କ୍ଷୁଦ କଣା ଲୋଭରେ ବସାରେ ଥିବା କପୋତ ଶାବକ ଆସି ବ୍ୟାଧ ଜାଲରେ ପଡ଼ି ଯାଇଛନ୍ତି । ବ୍ୟାଧ ମନରେ ଅପାର ଆନନ୍ଦ । ତଥାପି ସେ ଅପେକ୍ଷାକରି ରହିଛି କପୋତ କପୋତୀକୁ । କିଛି ସମୟ ପରେ କପୋତୀ ନୀଡ଼କୁ ଫେରିଛି । ଥଣ୍ଟରେ ତା'ର ଆହାର । ପିଲାଙ୍କ ଥଣ୍ଟରେ ଆହାର ଦେଇ ସେ ଆଜ ତୃପ୍ତି ଲାଭ କରିବ । କିନ୍ତୁ ବସାରେ ପିଲା ନାହାନ୍ତି । ଏଣେ ତେଣେ ଅନାଇ କପୋତୀ ଦେଖିଛି ଶାବକ ମାନେ ତା'ର ବ୍ୟାଧର ଜାଲରେ ଛନ୍ଦି ପଡ଼ିଛନ୍ତି । ଶୋକରେ ଅଧିର ହୋଇ ପଡ଼ିଛି କପୋତୀ । ଏ ଜୀବନରେ ତା'ର ଆଉ ମୂଲ୍ୟ କ'ଣ ? ଯଦି ତା'ର ପ୍ରାଣାଧିକ ସନ୍ତାନମାନେ ବ୍ୟାଧ ଜାଲରେ ପଡ଼ି ମଲେ, ତାହେଲେ ସେ ଆଉ ଏ ଜୀବନ ଧରି ବଞ୍ଚି ରହିବ କାହିଁକି ? ଏହାଭାବି ସଙ୍ଗେ ସଙ୍ଗେ କପୋତୀ ଜାଲକୁ ଡେଇଁ ପଡ଼ିଛି । ଠିକ୍ ଏହି ସମୟରେ କପୋତ ଥଣ୍ଟରେ ଆଧାର ଧରି ବସାକୁ ଫେରିଛି । ବସାରେ ପୁତ୍ର, କନ୍ୟା, ସ୍ତ୍ରୀକୁ ନ ଦେଖି ଚତୁର୍ଦ୍ଦିଗକୁ ନିରୀକ୍ଷଣ କରିଛି । ବୃକ୍ଷ ତଳେ ବ୍ୟାଧ ଜାଲରେ ପତିତ ନିଜର ସ୍ତ୍ରୀ ଓ ପିଲାଙ୍କୁ ଦେଖି କପୋତ ହୋଇଛି ମର୍ମାହତ । ପ୍ରାଣସମ ପୁତ୍ର କନ୍ୟା ତା'ର ବ୍ୟାଧର ଜାଲରେ । ପ୍ରାଣାଧିକା ପତ୍ନୀ ତା'ର ଯିଏ ନିଜେ ନ ଖାଇ ନିଜ ସ୍ୱାମୀକୁ ଖୁଆଏ, ରାତି ରାତି ଉଜାଗର ରହି ଯିଏ ସ୍ୱାମୀ ସେବାକରେ, ସିଏ ମଧ୍ୟ ବ୍ୟାଧର ଜାଲରେ ମୃତ୍ୟୁକୁ ପ୍ରତୀକ୍ଷା କରି ରହିଛି । ସେମାନଙ୍କୁ ହରାଇ କପୋତ କ'ଣ ବଞ୍ଚିରହି ପାରିବ ? ସର୍ବ ଶେଷରେ ସେ ମଧ୍ୟ ବ୍ୟାଧର ଜାଲକୁ ଡେଇଁ ପଡ଼ିଛି । ପକ୍ଷୀ ସମାଜର ଆଦର୍ଶ ସ୍ୱରୂପ କପୋତୀର ପୁତ୍ର କନ୍ୟାଙ୍କ ପ୍ରତି ସ୍ନେହ, କପୋତର ପୁତ୍ର କନ୍ୟା ତଥା ପତ୍ନୀ ପ୍ରତି ସ୍ନେହ ମଣିଷ ସମାଜକୁ ଦେଇଛି ଏକ ଆଦର୍ଶ ଶିକ୍ଷା । ଯଥାର୍ଥରେ ଜଗନ୍ନାଥ ଦାସ ଭାଗବତରେ ଏହି ଉଦାହରଣଟିକୁ ସଂଯୋଜିତ କରି ଏକ ଆଦର୍ଶ ପରିବାରର ଚିତ୍ର ଉପସ୍ଥାପନା କରିଛନ୍ତି । ଯେଉଁ ପରିବାର ଭିତରେ ସ୍ୱାମୀ, ସ୍ତ୍ରୀ, କନ୍ୟା, ପୁତ୍ର ପରସ୍ପର ସ୍ନେହ ରଜ୍ଜୁରେ ଗ୍ରନ୍ଥିତ ସେହି ପରିବାର ଯେ ଏକ ମହତ୍ ଓ ଆଦର୍ଶ ପରିବାର ଏକଥା ଭାଗବତ ହିଁ ଶିକ୍ଷା ଦେଇଥାଏ ।

ଉତ୍କଳୀୟ ନାରୀର ପରମ ଧର୍ମ ହେଲା ସ୍ୱାମୀ ସେବା । ସ୍ୱାମୀ ହେଉଛି ସ୍ତ୍ରୀର ଗତି ମୁକ୍ତି ଦାତା । ସ୍ୱାମୀ କଦାକାର, ବ୍ୟାଧିଗ୍ରସ୍ତ ହେଲେ ମଧ୍ୟ ସ୍ତ୍ରୀ ନିକଟରେ ସେ ସାକ୍ଷାତ ଭଗବାନ ସ୍ୱରୂପ । ଏ ଶିକ୍ଷା ଜଗନ୍ନାଥ ଦାସ ତାଙ୍କ ଭାଗବତରେ ବର୍ଣ୍ଣନା କରିଛନ୍ତି । ଯଥା:—

"ସ୍ୱାମୀ ହୋଇଲେ କଦାକାର ।
କୁତ୍ସିତ ବ୍ୟାଧି ଦୁରାଚାର ॥
ସ୍ୱାମୀକୁ ନ ମଣିବ ଆନ ।
ସ୍ୱାମୀ ସାକ୍ଷାତ ଭଗବାନ ॥
ବିଧବା ହୋଏ ଜନ୍ମ ସାତ ।
ଯେ ନାରୀ ସ୍ୱାମୀ ଅଭଗତ ॥"

ପୁନଶ୍ଚ ଭାଗବତରେ ଥିବା ଗୋପାଙ୍ଗନାମାନଙ୍କର ବସନ ଚୋରୀ ପ୍ରସଙ୍ଗରେ ନାରୀ ସମାଜକୁ ଉପଯୁକ୍ତ ଶିକ୍ଷା ଦେଇଛନ୍ତି ଜଗନ୍ନାଥ ଦାସ । ଉଲଗ୍ନ ହୋଇ ଜଳରେ ସ୍ନାନ କରିବା ନାରୀମାନଙ୍କ ପକ୍ଷରେ ଏକାନ୍ତ ଘୃଣ୍ୟ କଥା । ଏଣୁ ଗୋପାଙ୍ଗନାମାନେ ଯେତେବେଳେ ଆଉ ଉଲଗ୍ନ ହୋଇ ଜଳକ୍ରୀଡ଼ା କରିବେ ନାହିଁ ବୋଲି ଶପଥ କରିଛନ୍ତି ସେତେବେଳେ କୃଷ୍ଣ ସେମାନଙ୍କର ବସନ ଫେରାଇ ଦେଇଛନ୍ତି । ଏହି ବର୍ଣ୍ଣନା ପ୍ରସଙ୍ଗରେ ଜଗନ୍ନାଥ ଦାସ ନାରୀ ସମାଜକୁ ଦେଇଛନ୍ତି ଚେତନାର ଚାବୁକ୍ । ଏହା ହିଁ ହେଉଛି ଭାଗବତର ସମାଜ ଗଠନରେ ଅନ୍ୟ ଏକ ପ୍ରଧାନ ଭୂମିକା । ପିଙ୍ଗଳା ବେଶ୍ୟା ଉପାଖ୍ୟାନ ମଧ୍ୟ ଉତ୍କଳୀୟ ନାରୀ ସମାଜକୁ ଦେଇଛି ଏକ ଜୀବନ୍ତ ଚେତାବନୀ ।

ଭାଗବତରେ ଅନେକ ଅଲୌକିକ ଘଟଣାବଳୀ ଉତ୍କଳୀୟ ଜନତାଙ୍କ ପ୍ରାଣରେ ସଂଚାରକରେ ଭକ୍ତି ତତ୍ତ୍ୱର ଫଲ୍‌ଗୁଧାରା । ଭକ୍ତି ଯୋଗ ସମ୍ପର୍କରେ ସରଳ ଓ ପ୍ରାଞ୍ଜଳ ବର୍ଣ୍ଣନା ଭାଗବତର ୧୧ଶ ସ୍କନ୍ଧ–୨୦ଶ–୨୧ଶ ଅଧ୍ୟାୟ ମାନବ ମନରେ ଗଭୀର ପ୍ରଭାବ ପକାଇ ଥାଏ । ଏହି ଅଧ୍ୟାୟର ପଦଗୁଡ଼ିକ ଏତେ ତଥ୍ୟ ପୂର୍ଣ୍ଣ ଯେ ଓଡ଼ିଶାର ଅଧିକାଂଶ ଲୋକଙ୍କ ମୁହଁରେ ଅତି ଜଣାଶୁଣା ଭାବେ ଗୀତ ହୋଇଥାଏ:–

"ଦୁଃଖେ ଅର୍ଜିତ ଯେତେ ଧନ ।<br>
ସେ ନୁହେଁ ସୁଖେ ପ୍ରୟୋଜନ ॥"

ପୁନଶ୍ଚ

"ପଶୁ ତନୟ ଦାରା ଦାସ ।<br>
ସେ ସର୍ବ ବିଭୂତି ପ୍ରକାଶ ॥"

ସାଂସାରିକ ମାୟା, ମୋହ, ଲୋଭର ବଶବର୍ତ୍ତୀ ହୋଇ ମାନବ ନାନା ପ୍ରକାର ଦୁଃଖର ସମ୍ମୁଖୀନ ହୁଏ ଏବଂ ଇହଲୋକରେ ଅଶେଷ କ୍ଲେଶ ପାଇଥାଏ । ତେଣୁ ମାନବକୁ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଦୁଃଖରୁ ମୁକ୍ତି ଲାଭ ନିମିତ୍ତ, ଲୋଭ, ମୋହାଦି ଷଡ଼ରିପୁର ଦମନ ପୂର୍ବକ ଆତ୍ମ-ତତ୍ତ୍ୱରେ ପର୍ଯ୍ୟବେକ୍ଷଣ କରିବା ନିମିତ୍ତ ଭାଗବତରେ ନିର୍ଦ୍ଦେଶ ଦିଆଯାଇଛି ।

ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଜାତୀୟ ଐକ୍ୟ, ଶିକ୍ଷା ଓ ସଂସ୍କୃତିର ମୂଳ ଉତ୍ସ ରୂପେ କେବଳ ଯେ ବିଗତ ଚାରି ଶହ ବର୍ଷ ଧରି ସମ୍ମାନିତ ହୋଇ ଆସୁଛି ତାହା ନୁହେଁ ଏହା ଏ ଜାତିର ଅସ୍ତିତ୍ୱ ଥିବା ପର୍ଯ୍ୟନ୍ତ ଉତ୍କଳୀୟ ଚିନ୍ତା ଓ ଚେତନା ଜୀବନ୍ତ ଇତିହାସ ଭାବେ ସମସ୍ତଙ୍କୁ ପ୍ରବୁଦ୍ଧ ଓ ଜାଗରିତ କରୁଥିବ ।

ରାସଲୀଳାରେ ଗୋପାଙ୍ଗନାମାନଙ୍କ ସହିତ ଶ୍ରୀକୃଷ୍ଣଙ୍କର ଯେଉଁ ପ୍ରେମ ବର୍ଣ୍ଣିତ ହୋଇଛି ତାହା ବାହ୍ୟଦୃଷ୍ଟିରେ ମାନବୀୟ ପ୍ରେମ ହେଲେ ମଧ୍ୟ ଅନ୍ତଃ ସୌନ୍ଦର୍ଯ୍ୟ, ଅନ୍ତଃ ସ୍ୱରୂପ ବିଶ୍ଳେଷଣରେ ତାହା ପରମାତ୍ମାଙ୍କ ସହିତ ଜୀବାତ୍ମାର ମିଳନ । ଯେତେବେଳେ ଜୀବାତ୍ମା ସମସ୍ତ ପ୍ରକାର ସାଂସାରିକ ଭୋଗ ବିଷୟାଭିଳାଷରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରିଦିଏ ଓ ଭଗବତ୍‌ପ୍ରାପ୍ତି ତାହାର ଏକ ମାତ୍ର ଉଦ୍ଦେଶ୍ୟ ହୁଏ ସେତେବେଳେ ଜୀବାତ୍ମାର ପରମାତ୍ମା ସହିତ ମିଳନ ହୁଏ । ବଂଶୀଧ୍ୱନୀ ଗୋପୀମାନଙ୍କ ନାମ ଜଣ ଜଣ କରି ଉଚ୍ଚାରଣ କଲାବେଳେ ଗୋପୀମାନେ ବିଭିନ୍ନ ପ୍ରକାର ସାଂସାରିକ କାର୍ଯ୍ୟରେ ଲିପ୍ତ ଥିଲେ । କେହି ଗୁରୁଜନମାନଙ୍କ ସେବା କରୁଥିଲେ ତ କେହି ଗୋ-ଦହନଜନିତ ବିଭିନ୍ନ କାର୍ଯ୍ୟ କରୁଥିଲେ । କେହି ଅଙ୍ଗ ଶୃଙ୍ଗାର କରୁଥିଲେ ତ କେହି ପୂଜାପାଠ ଇତ୍ୟାଦି ବିଭିନ୍ନ କାର୍ଯ୍ୟ କରୁଥିଲେ । ଭାଗବତରେ ବର୍ଣ୍ଣିତ ଏହି ସବୁ କାର୍ଯ୍ୟକୁ (୧) ଧର୍ମ, (୨) ଅର୍ଥ, (୩) କାମ, (୪) ମୋକ୍ଷ ଦୃଷ୍ଟିରୁ ମଧ୍ୟ ବିଭାଗ କରାଯାଇପାରେ । ଅର୍ଥାତ୍ ଗୁରୁଜନମାନଙ୍କ ସେବା ଶୁଶ୍ରୂଷା ଧର୍ମ ଅର୍ଜ୍ଜନ ପାଇଁ, ଗୋ-ଦହନ ଅର୍ଥ ଉପାର୍ଜ୍ଜନ ପାଇଁ, ଅଙ୍ଗ ଶୃଙ୍ଗାରର ଲକ୍ଷ୍ୟ ହେଉଛି କାମ ସାଧନ ଏବଂ ପୂଜା ପାଠ ମୋକ୍ଷ ପାଇଁ ଉଦ୍ଦିଷ୍ଟ । ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନୀ ଶୁଣିବାପରେ ଧର୍ମ, ଅର୍ଥ, କାମ, ମୋକ୍ଷ କୌଣସି କାର୍ଯ୍ୟ ଗୋପୀମାନଙ୍କୁ ଅଟକାଇ ପାରି ନ ଥିଲା । ଭଗବାନଙ୍କ ସାନିଧ୍ୟ ଲାଭ ଏହି ସବୁ କାର୍ଯ୍ୟଠାରୁ ଯେ ଶ୍ରେଷ୍ଠ ଏହା ସେମାନେ ଭଲ ଭାବେ ଜାଣିଥିଲେ । ତେଣୁ ପ୍ରେମଲୁବ୍ଧା ଗୋପୀମାନେ ଶ୍ରୀକୃଷ୍ଣ ରୂପୀ ପ୍ରେମ ସାଗରରେ ନିମଜ୍ଜିତ ହେବାକୁ ଯିବାବେଳେ ସେମାନଙ୍କୁ କୌଣସି ସାଂସାରିକ ବାଧି ବନ୍ଧନ ଅଟକାଇ ପାରି ନ ଥିଲା । କାରଣ ହୃଦୟରେ ଥରେ ଭଗବତ ଚେତନା ଜାଗ୍ରତ ହେବା ପରେ ସଂସାରର ସବୁ ଆକର୍ଷଣ ତୁଚ୍ଛ ହୋଇଯାଏ । ଏଠାରେ ମଧ୍ୟ ଦର୍ଶାଇ ଦିଆଯାଇଛି ଯେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳପ୍ରାପ୍ତିଠାରୁ ରାଗାନୁଗା ଭକ୍ତି ବା ନିଷ୍କାମ ଭକ୍ତି ଶ୍ରେଷ୍ଠ ।

ମନୁଷ୍ୟର ସାଂସାରିକ ବେଦନା ଏବଂ ଯନ୍ତ୍ରଣା ନିମନ୍ତେ ତା'ର ସ୍ୱାକୃତ କର୍ମରାଶି ଏକାନ୍ତ ଭାବରେ ଦାୟୀ । ତେଣୁ ଅସତ୍ କର୍ମରୁ ନିବୃତ୍ତ ହୋଇ ସତ୍‌କର୍ମ ସମ୍ପାଦନ ପୂର୍ବକ ତାହାର ଫଳ ଭଗବତ୍ ଚରଣାରବିନ୍ଦରେ ଅର୍ପଣ କରିବାର ସତ୍ୟ ଜଗନ୍ନାଥ ଦାସ ଓଡ଼ିଆମାନଙ୍କୁ ଦେଇଛନ୍ତି । ସଂଯମ ଏବଂ ଅନାସକ୍ତିରେ ପ୍ରାଣ, ମନ ପୂତ କରିବା ପ୍ରସଙ୍ଗରେ କୁହାଯାଇଛି:–

"ଧନ ଅର୍ଜନେ ଧର୍ମ କରି । ଧର୍ମେ ପ୍ରାପତ ନରହରି ॥<br>
ଧନ ଅର୍ଜନେ ଦେହ ଧରେ । ମରଣ ସଙ୍କଟେ ନ ଡରେ ॥"

ଚରିତ୍ର ଦୃଷ୍ଟିରୁ ବିଚାର କଲେ ଭାଗବତର କୃଷ୍ଣଚରିତ୍ର ମାନବ ସମାଜ ଉପରେ ଗଭୀର ପ୍ରଭାବ ପକାଇଥାଏ । ଏତଦ୍‌ବ୍ୟତୀତ ଗୋପୀମାନଙ୍କର କୃଷ୍ଣଙ୍କ ପ୍ରତି ଐକାନ୍ତିକ ପ୍ରେମ, ଉଦ୍ଧବ, ଅକ୍ରୁରର ଦାସ୍ୟତା, ଅର୍ଜ୍ଜୁନଙ୍କ ସଖ୍ୟଭାବ, ଏ ସମସ୍ତ ମଧ୍ୟ ସମାଜ ଉପରେ ଗଭୀର ପ୍ରଭାବ ପକାଇଥାଏ ।

ଭକ୍ତର ଭକ୍ତି ଡୋରରେ ଭଗବାନ ବନ୍ଧା । ଭକ୍ତର ଅଚଳା ଭକ୍ତି ନିକଟରେ ଭଗବାନ ପରାଜିତ ହୁଅନ୍ତି । ସେ ଭକ୍ତର ଅଭିଳାଷ ପୂର୍ଣ୍ଣ କରିଥାନ୍ତି । କୁବୁଜା ଉପାଖ୍ୟାନରେ ଭଗବାନ ଯେ ଭକ୍ତର ଅଧିନ ଏହା ଦର୍ଶାଇ ଦିଆଯାଇଛି ଓ ମାନବ ସମାଜକୁ ଭକ୍ତି ମାର୍ଗରେ ଗତି କରିବାପାଇଁ ଅଶେଷ ପ୍ରେରଣା ରହିଛି ।

ଭାଗବତର ବାଣୀ ଅମର ଓ ଭାଗବତର ବୈଶିଷ୍ଟ୍ୟ ଅଗାଧ । ଏଥିରେ ସୂଚିତ ହୋଇଥିବା ରାଜଧର୍ମ, ଗୃହସ୍ଥ ଧର୍ମ, ସ୍ତ୍ରୀ ଧର୍ମ, ଛାତ୍ର ଧର୍ମ ପ୍ରଭୃତି ସମାଜ ଗଠନରେ ବଳିଷ୍ଠ ଭୂମିକା ଗ୍ରହଣ କରିଛି । ଯଥା:–

"ଦୁଷ୍ଟ ମାରଣ ରାଜଧର୍ମ । ଏ ତ ସ୍ୱଭାବେ ରାଜଧର୍ମ ॥"

ପୁଣି

"ସାକ୍ଷାତେ ଗୁରୁଯେ ଈଶ୍ୱର । ଗୁରୁଙ୍କୁ ନମଣିବ ନର ॥"

ଆମର ସାଂସ୍କୃତିକ ଜୀବନ ଉପରେ ଭାଗବତର ଅବଦାନ ଅସୀମ । କୃଷ୍ଣ ଜନ୍ମୋତ୍ସବ ପାଠରେ ଯେପରି ଓଡ଼ିଆ ଶିଶୁର ପ୍ରସୂତି ଗୃହ ମୁଖରିତ ହୋଇ ଉଠିଥାଏ ମୃତ୍ୟୁ ସମୟରେ ସେହିପରି କ୍ରନ୍ଦନର କରୁଣ ସ୍ୱର ମଧ୍ୟରୁ ଭାଗବତର ସାନ୍ତ୍ୱନାଦାୟକ ପଦାବଳୀ ଶୁଣାଯାଇଥାଏ ।

ଆମର ପ୍ରାତ୍ୟହିକ ଜୀବନ ଯାତ୍ରାରେ ଆମେ କିଭଳି ରୀତି, ନୀତି, ଆଚାର, ବ୍ୟବହାର ମାନି ଚଳିବୁ ସେ ସମ୍ପର୍କରେ ମଧ୍ୟ ଖୁବ୍ ସୁନ୍ଦର ଭାବେ ଏଥିରେ ଉପଦେଶ ଦିଆଯାଇଛି । ଯଥା :–

"ମଧୁର ବିନୟ ବଚନ । କହି ତୋଷିବ ଜନ ମନ ॥"

ଶୃଙ୍ଖଳିତ, ଉନ୍ନତ ସମାଜ ଗଠନରେ ଭାଗବତର ଭୂମିକା ଅପରିମେୟ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଭାଗବତ ହିଁ ଯେପରି ଉତ୍କଳୀୟ ଜନତାର ପ୍ରାଣ ସ୍ୱରୂପ, ପ୍ରେରଣାଦାୟକ ଏବଂ ନିୟାମକ ।

ଜଗନ୍ନାଥ ଦାସଙ୍କ ଭାଗବତ ସମାଜ ଉପରେ ଏତେ ଗଭୀର ଭାବେ ପ୍ରଭାବ ପକାଇଛି ଯେ କି ଶିକ୍ଷିତ, କି ଅଶିକ୍ଷିତ, କି ମୂର୍ଖ, କି ପଣ୍ଡିତ, କି ପାଷାଣ ସମସ୍ତ ଓଡ଼ିଆଙ୍କ ମୁଖରେ ଭାଗବତର ଅଂଶ ବିଶେଷ ଉଚ୍ଚାରିତ ହେବା ଦେଖାଯାଏ । ଅଧିକାଂଶ ଗୃହାଭ୍ୟନ୍ତରରୁ ଶୁଣାଯାଏ :–

"କହଇ ଦାସ ଜଗନ୍ନାଥ । କୃଷ୍ଣ ଚରିତ ଭାଗବତ ॥"

ଆଜି ମଧ୍ୟ ଓଡ଼ିଶାରେ ଏପରି କୌଣସି ଗ୍ରାମ ନାହିଁ ଯେଉଁଠାରେ ଭାଗବତ ଗାଦି ନାହିଁ ଏବଂ ପ୍ରତ୍ୟେକ ଘରେ ଜଗନ୍ନାଥ ଦାସଙ୍କ ଭାଗବତରୁ ଖଣ୍ଡିଏ ଦୁଇ ଖଣ୍ଡି ପୋଥିର ଅଭାବ ପରିଲକ୍ଷିତ ହୁଏ ନାହିଁ ।

"ଶ୍ରୀମଦ୍‌ଭାଗବତ" ଭଳି ଗ୍ରନ୍ଥ ଭାରତୀୟ ସାହିତ୍ୟରେ ବିରଳ । ଏଥିରେ ଏକାଧାରରେ ଯେଉଁ ଭଳି ତଥ୍ୟ ସନ୍ନିବେଶିତ କରାଯାଇଛି ପୃଥିବୀର ସାହିତ୍ୟର କୌଣସି ଗ୍ରନ୍ଥରେ ଏଭଳି ତଥ୍ୟ ନାହିଁ କିମ୍ବା ଏଭଳି ସମାଜ ଗଠନର ଭୂମିକା ମଧ୍ୟ ନାହିଁ କହିଲେ ଅତ୍ୟୁକ୍ତି ହେବାର ନାହିଁ ।

ସା:/ପୋ:ଅ: ଛଣପୁର ଜି: ବାଲେଶ୍ୱର



ସୋଭିଏତ୍ ରୁଷ କମ୍ୟୁନିଷ୍ଟ ପାର୍ଟି-ସେକ୍ରେଟାରୀ ଶ୍ରୀ ଗୋର୍ବାଚେଭ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ । P.M. SRI GANDHI HAVING TALKS WITH MR. GORBA

ର୍ଷଙ୍କୁ ପ୍ରଦତ୍ତ ଜନ୍.ସି. ଫେରିସନ୍ ସ୍ମାରକୀ ପଦକ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ ଗ୍ରହଣ କରୁଛନ୍ତି । P.M. SRI GANDHI RECEIVING JOHN-C. MEMORIAL MEDAL AWARDED TO IN





ନୂତନ ମନ୍ତ୍ରୀରୂପେ ଶ୍ରୀ ଯଦୁନାଥ ଦାଶମହାପାତ୍ର ଓ ଶ୍ରୀ ଶରତ ରାଉତଙ୍କ ଶପଥ ଗ୍ରହଣ ।

MR. J.N. DASHMOHAPATRA & MR. SARAT ROUT WERE SWORN IN AS



...ର ସୂଚନା କେନ୍ଦ୍ର ଉଦ୍‌ଘାଟନେ । ⇧




କେନ୍ଦ୍ରମନ୍ତ୍ରୀ ଶ୍ରୀ ଭି.ଏନ୍. ଗାଡଗିଲ୍‌ଙ୍କ ସହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ ।





ଯାଜପୁର ଠାରେ ପ୍ରାଥମିକ ଶିକ୍ଷକ ଫେଡେରେସନ ଅଧିବେଶନରେ ମୁଖ୍ୟମନ୍ତ୍ରୀ













...GURATION OF ...URAL CENTRE AT SAHID BHAWAN, ...TACK








“ରୋଜା ଅଫ୍
ଉପଲକ୍ଷେ
ରାଜ୍ୟପାଳ

GOVERNER
MR. PANDE
OCCASION OF
“ROSA AFFT



ଭକତ ଗୁହୁଁଛି ଅପଲକ ନେତ୍ରେ
ରଥେ ବିଜେ ତିନି ଦିଅଁ
ଭକତ-ପାଠକ ଦେଖୁଛି କେସନେ
ଉତ୍କଳ ପ୍ରସଙ୍ଗ ପ୍ରିୟ ।।















ଆମେରିକା ରାଷ୍ଟ୍ରପତି ଶ୍ରୀ ରେଗାନଙ୍କ ସହ ପ୍ରଧାନମନ୍ତ୍ରୀ
ଶ୍ରୀ ରାଜୀବ ଗାନ୍ଧୀ

P.M. SRI GANDHI HAVING TALKS WITH MR. REGAN.

U.S. CHAMBER OF COMMERCE





# ସୌର ସଂସ୍କୃତି

ଶ୍ରୀ ରଘୁନାଥ ପାତ୍ର

(୨)

ସେଥିପାଇଁ ସୂର୍ଯ୍ୟୋପନିଷଦରେ ଉଲ୍ଲେଖ ଅଛି "ଏଷ ବ୍ରହ୍ମାଚ ବିଷ୍ଣୁଚ ରୁଦ୍ର ଏଷହି ଭାସ୍କରଃ" ।

ପୁନଶ୍ଚ "ନମୋ ମିତ୍ରାୟ ଭାନବେ ମୃତ୍ୟୋର୍ମା ପାହି

ଭ୍ରାଜିଷ୍ଣବେ ବିଶ୍ୱହେତବେ ନମଃ ॥
ସୂର୍ଯ୍ୟାଦ୍ ଭବନ୍ତି ଭୂତାନି ସୂର୍ଯ୍ୟେଣ ପାଳିତାନି ତୁ ।
ସୂର୍ଯ୍ୟେ ଲୟଂ ପ୍ରାପ୍ନୁବନ୍ତି ଯଃ ସୂର୍ଯ୍ୟଃ ସୋଽହମେବ ଚ" ॥

(ସୂର୍ଯ୍ୟୋପନିଷଦ ୨।୪)

ଅଦ୍ୟାବଧି ପ୍ରତ୍ୟେକ ନିଷ୍ଠାପର ହିନ୍ଦୁ ପ୍ରାତଃସ୍ନାନ ସମାପନକରି ଆଦିତ୍ୟଙ୍କର ଦ୍ୱାଦଶ ଅମୀୟ ନାମାବଳୀ ପାଠ କରିଥାଏ ।

"ଆଦିତ୍ୟଃ ପ୍ରଥମଂନାମ ଦ୍ୱିତୀୟଂତୁ ଦିବାକରଃ ।
ତୃତୀୟଂ ଭାସ୍କରଃ ପ୍ରୋକ୍ତଂ ଚତୁର୍ଥଂ ତୁ ପ୍ରଭାକରଃ ॥
ପଞ୍ଚମଂତୁ ସହସ୍ରାଂଶୁଃ ଷଷ୍ଠଂ ତ୍ରୈଲୋକ୍ୟଲୋଚନଃ ।
ସପ୍ତମଂ ହରିଦ ଶ୍ୱଶ୍ଚ ଅଷ୍ଟମଂଚ ବିଭାବସୁଃ ॥
ନବମଂ ଦିନକରଃ ପ୍ରୋକ୍ତୋ ଦଶମଂ ଦ୍ୱାଦଶାତ୍ମକଃ ।
ଏକାଦଶଂ ତ୍ରୟୋମୂର୍ତ୍ତିଃ ଦ୍ୱାଦଶଂ ସୂର୍ଯ୍ୟ ଏବ ଚ ॥"

(ଆଦିତ୍ୟ ହୃଦୟସ୍ତୋତ୍ର)

ପଦ୍ମ ଓ ଭବିଷ୍ୟୋତ୍ତର ପୁରାଣରେ ଭଗବାନ ବିଷ୍ଣୁ ଓ ଶ୍ରୀକୃଷ୍ଣଙ୍କ ରଥଯାତ୍ରା, ଏକାମ୍ର ପୁରାଣରେ ଚୈତ୍ର ମାସରେ ଶିବଙ୍କ ରଥଯାତ୍ରା, ସ୍ୱୟମ୍ଭୁ ପୁରାଣରେ ଚୈତ୍ରମାସରେ ସ୍ୱୟମ୍ଭୁନାଥଙ୍କ ରଥଯାତ୍ରା, ମାର୍ଗଶୀର ମାସରେ ପାର୍ଶ୍ୱନାଥ ଓ ମହାବୀରଙ୍କ ରଥଯାତ୍ରା; ସ୍କନ୍ଦପୁରାଣ, ବାମଦେବ ସଂହିତା ଓ ନୀଳାଦ୍ରି-ମହୋଦୟରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାପରି କୂର୍ମ ଓ ଭବିଷ୍ୟ ପୁରାଣରେ ମାଘ ମାସରେ ସୂର୍ଯ୍ୟଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବାର ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ । ଶ୍ରୀ ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ବଳଭଦ୍ରଙ୍କ ରଥରନାମ ତାଳଧ୍ୱଜ, ସୁଭଦ୍ରାଙ୍କ ରଥର ନାମ ଦେବଦଳନ, ଦୁର୍ଗାଙ୍କ ରଥର ନାମ ରକ୍ତଣୀ ଶିବଙ୍କ ରଥର ନାମ ଅମୋଘ, ଗଣେଶଙ୍କ ରଥର ନାମ ଖଦିରପରି, ସୂର୍ଯ୍ୟଙ୍କ ରଥର ନାମ ହିରଣ୍ୟରେତସ ବା ମକରଧ୍ୱଜ । ତେଣୁ ଇନ୍ଦ୍ର, ଚନ୍ଦ୍ର ଓ ବରୁଣାଦି ସମସ୍ତ ଦେବତାଙ୍କର ରଥୋତ୍ସବ ଦେଖାଯାଏ ।

"ହିରଣ୍ମୟେନ ସବିତା ରଥେନ ଦେବୋଯାତି ଭୁବନାନି ପଶ୍ୟନ ।" ବୈଦିକ ଶ୍ଳୋକରୁ ସୂର୍ଯ୍ୟଙ୍କ ରଥଯାତ୍ରାର ସୂଚନା ସୁସ୍ପଷ୍ଟ । ସୂର୍ଯ୍ୟଦେବଙ୍କ ରଥ ଓ ରଥୋତ୍ସବର ବର୍ଣ୍ଣନ ଶ୍ରୀମଦ୍-ଭାଗବତ, ବିଷ୍ଣୁ ପୁରାଣ, କୂର୍ମ ପୁରାଣ ଓ ଭବିଷ୍ୟ ପୁରାଣରେ ଦୃଷ୍ଟିଗୋଚର ହୁଏ । ସୂର୍ଯ୍ୟଙ୍କ ଏକଚକ୍ର ବିଶିଷ୍ଟ ରଥର ନାମ ମକରଧ୍ୱଜ ଓ ଚକ୍ରନାମ ସମ୍ବତ୍ସର । ଦ୍ୱାଦଶ ଅର ବା ପକ୍ଷ ଦ୍ୱାଦଶ ମାସ, ଷଡନେମି ଷଡ଼ଋତୁ ଓ ନାଭିତ୍ରୟ ଚତୁର୍ମାସ୍ୟାର



SURYA STONE
MADRAS MUSEUM

ପ୍ରତୀକ । ଅକ୍ଷର ଏକଭାଗ ସୁମେରୁ ପର୍ବତର ମସ୍ତକରେ ଓ ଅନ୍ୟଭାଗ ମାନସୋତ୍ତର ପର୍ବତରେ ଅବସ୍ଥାପିତ । ଶ୍ରୀମଦ୍ ଭାଗବତାନୁସାରେ ଉକ୍ତ ଅକ୍ଷର ବିସ୍ତୃତି ଏକକୋଟି ସାର୍ଦ୍ଧ ସପ୍ତତ୍ରିଂଶ ଲକ୍ଷ ଯୋଜନ ଓ ଦ୍ୱିତୀୟ ଅକ୍ଷ, ପ୍ରଥମ ଅକ୍ଷର ଏକ ଚତୁର୍ଥାଂଶ । ଉକ୍ତ ରଥରେ ଉପବେଶନ କରିବା ସ୍ଥାନର ପରିମାଣ ୩୬ ଲକ୍ଷ ଯୋଜନ ଦୀର୍ଘ ଓ ୯ ଲକ୍ଷ ଯୋଜନ ପ୍ରସ୍ଥ । ଅରୁଣ ହେଉଛନ୍ତି ସାରଥି ଓ ବେଦମୟ ରଥ ମୁହୂର୍ତ୍ତକ ମଧ୍ୟରେ ଇନ୍ଦ୍ର, ଯମ, ବରୁଣ ଓ ଚନ୍ଦ୍ର ପୁରୀ ଭ୍ରମଣକରେ ;

"ମୁହୂର୍ତ୍ତେନ ଚତୁସ୍ତ୍ରିଂଶଲକ୍ଷ ଯୋଜନାନ୍ୟଷ୍ଟ ଶତାଧିକାନି ସୌରୋ । ରଥସ୍ତ୍ରୟୀ ମୟୋଽସୌ ଚତୃସୃଷୁ ପରିବର୍ତ୍ତତେ ପୁରୀଷୁ" ॥ (ଶ୍ରୀମଦ୍‌ଭାଗବତ ୫।୨୧।୧୨)

ବିଷ୍ଣୁ ପୁରାଣାନୁସାରେ ସୂର୍ଯ୍ୟଦେବଙ୍କର ରଥ ନ'ଯୋଜନ ବିସ୍ତୃତ ଓ ଏହାର ଈଷାଦଣ୍ଡ ଦ୍ୱିଗୁଣ ପରିମାଣ ଅଟେ । ଦେଢ଼ କୋଟି ସାତଲକ୍ଷ ଯୋଜନ ପରିମାଣ, ଏହାର ପହି । ତିନୋଟି ନାଭି, ପାଞ୍ଚଟି ଅର, ଛ'ଟି ନେମିଯୁକ୍ତ ସଂବତ୍ସରାତ୍ମକ ଅକ୍ଷୟ ଚକ୍ରରେ ସଂପୂର୍ଣ୍ଣ କାଳଚକ୍ର ବିଦ୍ୟମାନ । ରଥ ଯୋଡିତ ସପ୍ତାଶ୍ୱ ଗାୟତ୍ରୀ, ବୃହତୀ, ଉଷ୍ଣିକ, ଜଗତି, ତ୍ରିଷ୍ଟୁପ, ଅନୁଷ୍ଟୁପ ଓ ପଂକ୍ତି ଇତ୍ୟାଦି ସପ୍ତ ଛନ୍ଦର ପ୍ରତୀକ ମାତ୍ର ।



MARBLE SURYA NARAYAN
RUPNAGAR RAJPUTANA

"ଯୋଜନାନାଂ ସହସ୍ରାଣି ଭାସ୍କରସ୍ୟ ରଥୋନବ
ଈଷାଦଣ୍ଡସ୍ତଥୈବାସ୍ୟ ଦ୍ୱିଗୁଣୋ ମୁନିସତ୍ତମ ॥
ସାର୍ଦ୍ଧକୋଟିସ୍ତଥା ସପ୍ତ ନିୟୁତାନ୍ୟଧିକାନି ବୈ ।
ଯୋଜନପନାଂସ୍ତତ୍ରସ୍ୟା ଅକ୍ଷସ୍ତତ୍ର ଚକ୍ର ପ୍ରତିଷ୍ଠିତମ୍ ॥
ତ୍ରିନାଭିମତି ପଞ୍ଚାରଂ ଷଣ୍ଣେମିନ୍ୟକ୍ଷୟାତ୍ମକେ ।
ସଂବତ୍ସରମୟେ କୃତ୍ସ୍ନ କାଳଚକ୍ରଂ ପ୍ରତିଷ୍ଠିତମ୍ ॥
ହୟାଶ୍ଚ ସପ୍ତଛନ୍ଦାଂସି ତେଷାଂ ନାମାନି ମେ ଶୃଣୁ ।
ଗାୟତ୍ରୀ ଚ ବୃଂହତ୍ୟୁଷ୍ଣୀକ୍ ବୃହତ୍ୟୁଷ୍ଣଗ୍‌ଜଗତୀ ତ୍ରିଷ୍ଟୁବେବ
ଅନୁଷ୍ଟୁପ୍‌ପଂକ୍ତିରିତ୍ୟୁକ୍ତା ଛନ୍ଦାଂସି ହରୟୋରବେଃ ॥

(ବିଷ୍ଣୁ ପୁରାଣ ୨।୮)

ସୂର୍ଯ୍ୟଦେବ ଦେବଗିରି ସୁମେରୁ ପର୍ବତସ୍ଥ ବ୍ରହ୍ମାଙ୍କ ନିବାସ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନକୁ ପ୍ରକାଶିତ କରନ୍ତି । ସମସ୍ତ ସୌର ରଶ୍ମି ବ୍ରହ୍ମାଙ୍କ ସଭାରେ ପହଞ୍ଚି ନିଷ୍ପ୍ରଭହୁଏ । ସୂର୍ଯ୍ୟଙ୍କର ଉତ୍ତରାୟଣ ମାସ—ମାଘ, ଫାଲ୍‌ଗୁନ, ଚୈତ୍ର, ବୈଶାଖ, ଜ୍ୟେଷ୍ଠ ଓ ଆଷାଢ଼ ; ଦକ୍ଷିଣାୟନ ମାସ ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର ଓ ପୌଷ । ସୂର୍ଯ୍ୟ ଉତ୍ତରାୟଣ, ଦକ୍ଷିଣାୟନ ଓ ବିଷୁବନାମକ କ୍ରମଶଃ ମନ୍ଦ, ଶୀଘ୍ର ଓ ସମାନ ଗତିରେ ଭ୍ରମଣକରି ସମୟାନୁସାରେ ମକରାଦି ରାଶିରେ ଉଚ, ନୀଚ ଓ ସମାନ ସ୍ଥାନକୁ ଗତିକରି ଦିନରାତିକୁ ବଡ଼ସାନ, କରିଥାନ୍ତି । ମେଷ ଓ ତୁଳା ରାଶିରେ ଅବସ୍ଥାନ କାଳରେ ଦିନରାତି ସମାନହୁଏ । ବୃଷାଦି ପଞ୍ଚରାଶିରେ ଗତିକଲେ ଦିନ ବଡ଼ ଓ ବୃଶ୍ଚିକ ରାଶିରେ ଗତିକଲେ ଦିନ ସାନ ହୁଏ । ସୂର୍ଯ୍ୟଙ୍କ ରଥରେ ଋଷି, ଗନ୍ଧର୍ବ, ଅପ୍ସରା, ଯକ୍ଷ, ସର୍ପ ଓ ରାକ୍ଷସ ସମସ୍ତେ ଅଧିଷ୍ଠିତ । ଋଷି ମୁନିମାନେ ସ୍ତବ ପାଠ କରନ୍ତି, ଗନ୍ଧର୍ବଗଣ ସୂର୍ଯ୍ୟଙ୍କର ଗୁଣଗାନ କରନ୍ତି, ଅପ୍ସରା ନୃତ୍ୟ କରନ୍ତି, ରାକ୍ଷସଗଣ ଅନୁଗମନ କରନ୍ତି, ସର୍ପଗଣ ବହନ କରନ୍ତି ଓ ଯକ୍ଷଗଣ ଆକର୍ଷଣ କରନ୍ତି । ତାଙ୍କ

ଶିଶୁମାର ଚାଳକଗଣ ସମସ୍ତ ପାର୍ଶ୍ୱରୁ ରଥକୁ ପରିବେଷ୍ଟନ କରିଥାନ୍ତି । ଶ୍ରୀମଦ୍‌ଭାଗବତାନୁସାରେ—

ଅଙ୍ଗୁଷ୍ଠ ପରିମାଣ ଷଷ୍ଠ ସହସ୍ର ବାଲ୍ୟଖିଲ୍ୟ ଋଷିଗଣ ସୂର୍ଯ୍ୟଙ୍କ ସମ୍ମୁଖରେ ରହି ଭଗବାନ ବିରଞ୍ଚି ନାରାୟଣଙ୍କର ସ୍ତବ ପାଠ କରନ୍ତି ।

"ସ୍ତୁବନ୍ତିମୁନୟଃ ସୂର୍ଯ୍ୟଂଗନ୍ଧର୍ବୈଂ ର୍ଗୀୟତେ ପୁରଃ ।
ନୃତ୍ୟନ୍ତ୍ୟପ୍ସରସୋ ଯାନ୍ତି ସୂର୍ଯ୍ୟସ୍ୟାନୁ ନିଶାଚରାଃ ।।
ବହନ୍ତି ପନ୍ନଗା ଯକ୍ଷୈଃ କ୍ରିୟତେ ଭୀଷୁସଙ୍ଗ୍ରହଃ ।
ବାଲଖିଲ୍ୟାସ୍ତଥୈବୈନଂ ପରିବାର୍ଯ୍ୟ ସମାସତେ ।।
(ବିଷ୍ଣୁ ପୁରାଣ ୨ । ୮)

ଉକ୍ତ ସପ୍ତଗଣ (ଋଷି, ଗନ୍ଧର୍ବ,ଅପ୍‌ସରା, ଯକ୍ଷ, ସର୍ପ, ରାକ୍ଷସ ଓ ବାଲ୍ୟଖିଲ୍ୟାଦି ଋଷିବାଳକ) ଙ୍କ ଗତିଭେଦ ନେଇ ବିଭିନ୍ନ ଋତୁ ଓ ମାସରେ ଶୀତ, ଉଷ୍ଣତା ଓ ବୃଷ୍ଟିର କ୍ରମବିକାଶ ବା ଲାଘବ ହୋଇଥାଏ ।

"ଏତସ୍ୟାଂ ସପ୍ତଗଣାଃ ସୂର୍ଯ୍ୟମଣ୍ଡଳେ ମୁନିସତ୍ତମ ।
ହିମୋଷ୍ଣ ବାରି ବୃଷ୍ଟିନାଂ ହେତୁଃ ସ୍ୱ ସମୟଂ ଗତଃ ।। "
(ବିଷ୍ଣୁ ପୁରାଣ ୨ । ୮)

ଚୈତ୍ର ମାସରେ ସୂର୍ଯ୍ୟଙ୍କ ରଥରେ ଧାତା, କ୍ରତୁ ସ୍ଥଳା ଅପ୍‌ସରା, ପୁଲସ୍ତ୍ୟ, ବାସୁକି, ରଥଭୃତ୍ ଯକ୍ଷ, ହେତି ରାକ୍ଷସ, ତୁମ୍ବୁରୁ ଗନ୍ଧର୍ବ; ବୈଶାଖ ମାସରେ ଅର୍ଯ୍ୟମା, ପୁଲହ, ରଥୌଜା, ପୁଞ୍ଜିକା ସ୍ଥଳା, ପ୍ରହେତି, କଚ୍ଛ, ନୀର ଓ ନାରଦ; ଜ୍ୟେଷ୍ଠ ମାସରେ ମିତ୍ର, ଅତ୍ରି, ପୌରୁଷେୟ, ମେନକା, ହାହା ଓ ରଥସ୍ୱନ ଯକ୍ଷ; ଆଷାଢ଼ ମାସରେ ବରୁଣ, ବଶିଷ୍ଠ ନାଗ, ସହଜନ୍ୟା ହୁହୁ, ରଥ ନାମକ ରାକ୍ଷସ ଓ ରଥଚିତ୍ର ଯକ୍ଷ; ଶ୍ରାବଣ ମାସରେ ଇନ୍ଦ୍ର, ବିଶ୍ୱାବସୁ, ସ୍ରୋତ୍ର, ଏଲାପୁତ୍ର, ଅଙ୍ଗିରା, ପ୍ରେମଲୋଚା ଅପସରା, ସର୍ବନାମକ ରାକ୍ଷସ, ଭାଦ୍ରବ ମାସରେ ବିବସ୍ୱାନ, ଉଗ୍ରସେନ ଗନ୍ଧର୍ବ, ଭୃଗୁ, ଅପୂରଣ ଯକ୍ଷ, ଅନୁମ୍ଳୋଚା ଅପ୍‌ସରା, ଶଂଖପାଳ ସର୍ପ ଓ ବ୍ୟାଘ୍ର ନାମକ ରାକ୍ଷସ, ଆଶ୍ୱିନ ମାସରେ ପୂଷା, ବସୁରୁଚି, ବାତ ରାକ୍ଷସ, ଗୌତମ ଧନଞ୍ଜୟ ସର୍ପ, ସୁଷେଣ ଗନ୍ଧର୍ବ ଓ ଘୃତାଚୀ ଅପ୍‌ସରା; କାର୍ତ୍ତିକମାସରେ ବିଶ୍ୱାବସୁ, ଭରଦ୍ୱାଜ, ପର୍ଜନ୍ୟ, ଐରାବତ ସର୍ପ, ବିଶ୍ୱାଚୀ ଅପ୍‌ସରା , ସେନାଜିତ୍ ଯକ୍ଷ ଓ ଆପ ନାମକ ରାକ୍ଷସ; ମାର୍ଗଶୀର ମାସରେ ଅଂଶନାମକ ଆଦିତ୍ୟ, କଶ୍ୟପ, ତାର୍କ୍ଷ୍ୟ, ମହାପଦ୍ମ ସର୍ପ, ଉର୍ବଶୀ ଅପ୍‌ସରା, ଚିତ୍ରସେନ ଗନ୍ଧର୍ବ, ବିଦ୍ୟୁତ ରାକ୍ଷସ; ପୌଷ ମାସରେ କ୍ରତୁ ଋଷି, ଭଗ ନାମକ ଆଦିତ୍ୟ, କର୍ଣ୍ଣାୟୁ ଗନ୍ଧର୍ବ, ସ୍ଫୁର୍ଜ ରାକ୍ଷସ, କର୍କୋଟକ ସର୍ପ, ଅରିଷ୍ଟନେମି ଯକ୍ଷ ଓ ପୂର୍ବଚିତ୍ତି ଅପ୍‌ସରା; ମାଘ ମାସରେ ତ୍ୱଷ୍ଟା, ଜମଦଗ୍ନି, କମ୍ବଳ ନାମକ ସର୍ପ, ତିଲୋତ୍ତମା, ବ୍ରହ୍ମପେତ ରାକ୍ଷସ, ଋତଜିତ୍ ଯକ୍ଷ ଓ ଧୃତରାଷ୍ଟ୍ର ଗନ୍ଧର୍ବ; ଫଗୁଣ ମାସରେ ବିଷ୍ଣୁ ନାମକ ଆଦିତ୍ୟ, ଅଶ୍ୱତର ସର୍ପ, ରମ୍ଭା ଅପ୍‌ସରା, ସୂର୍ଯ୍ୟବର୍ଚ୍ଚ, ଗନ୍ଧର୍ବ, ସତ୍ୟଜିତ ଯକ୍ଷ, ବିଶ୍ୱାମିତ୍ର ଓ ଯଜ୍ଞୋପେତ ରାକ୍ଷସ ଇତ୍ୟାଦ ଋଷି, ଗନ୍ଧର୍ବ, ଅପସରା, ଯକ୍ଷ, ସର୍ପ ରାକ୍ଷସ ଓ ଋଷିକୁମାରଗଣ ଭଗବାନ ବିରଞ୍ଚି ନାରାୟଣଙ୍କ ରଥରେ ସ୍ତବପାଠ କରନ୍ତି ।

ଭବିଷ୍ୟ ପୁରାଣରେ ସୂର୍ଯ୍ୟଦେବଙ୍କ ରଥୋତ୍ସବ ବା ସୌର ଯାତ୍ରାର ବିଶଦ ଭାବେ ବର୍ଣ୍ଣିତ । ମାଘ ଶୁକ୍ଳ ସପ୍ତମୀ ତିଥିରେ ଉପବାସ ବ୍ରତ ଆଚରଣ କରି ଭଗବାନ ଭାସ୍କରଙ୍କୁ ରଥାରୋହଣ କରାଇବାକୁ ହୁଏ । ରଥାରୋହଣ ପୂର୍ବରୁ ରଥ ସମ୍ମୁଖରେ ଅଶ୍ୱ କାର୍ଯ୍ୟ (ବାଜୀ ବା ଜଡ଼ା ଘୋଡ଼ା ) ଅନୁଷ୍ଠିତ ହୁଏ । ସୂର୍ଯ୍ୟଙ୍କୁ ରାତ୍ରିରେ ରଥାରୋହଣ କରି ବିବିଧ ଉତ୍ସବ ଆଚରଣ ପୂର୍ବକ ରାତ୍ରି ଜାଗରଣ ରହିବା ବିଧେୟ । ଅଷ୍ଟମୀ ଦିନ ପ୍ରାତଃ କାଳରେ ବିବିଧ ନୃତ୍ୟ ବାଦ୍ୟ ସହ ରଥ ଭ୍ରମଣ କରିଥାଏ । ଉକ୍ତ ରଥ କାଞ୍ଚନ, ରୌପ୍ୟ ବା ଦୃଢ଼ ଦାରୁଦ୍ୱାରା ନିର୍ମିତ ଏବଂ ଏହାର ଅକ୍ଷ, ଯୁଗ ଓ ଚକ୍ର ଅତିଶୟ ଦୃଢ଼ ହେବା ବିଧେୟ ।



SURYA NARAYAN STONE
BELUR

"କାଞ୍ଚନୋ ବା ରୌପ୍ୟୋ ଦୃଢ଼ଦାରୁ ମୟୋ ବାପି ବା ।
ଦୃଢ଼ାକ୍ଷଯୁଗଚକ୍ରଶ୍ଚ ରଥଃ କାର୍ଯ୍ୟଃ ସୁ ଯନ୍ତ୍ରିତଃ (ଭ. ପୁ. ୫୫)

ସୂର୍ଯ୍ୟଦେବଙ୍କ ରଥ ସଂବତ୍ସର ଅବୟବ ଦ୍ୱାରା ପରିକଳ୍ପିତ । ରଥଚକ୍ରର ନାଭିତ୍ରୟ ତ୍ରିକାଳ, ପାଞ୍ଚଟି ଅର ପର୍ବଦେଶ, ଷଡ଼ନେମି ଷଡ଼ ଋତୁ ଓ ଧ୍ୱଜା ଧର୍ମ ସଦୃଶ । ଏଥିରେ ଜ୍ୟୋତିଷଚକ୍ରୋକ୍ତ ସମସ୍ତ ଗ୍ରହ ନକ୍ଷତ୍ରାଦର ସମାବେଶ ହୋଇଥାଏ । ରଥର ବେଦୀ ଉତ୍ତରାୟଣ ଓ ଦକ୍ଷିଣାୟନ କରିବା ବିଧେୟ ।

"ସଂବତ୍ସରସ୍ୟାବୟବୈଃ କଳ୍ପିତାନି ଯଥାକ୍ରମଂ ।
ନାଭିସ୍ତିସ୍ରସ୍ତୁ ଚକ୍ରସ୍ୟ ଏୟଃ କଳାଃ ପ୍ରକୀର୍ତ୍ତିତାଃ।।
ଆରାଃ ପଞ୍ଚ ପର୍ବଦେଶ ନେମ୍ୟଃ ଷଡ଼ୃତବଃ ସ୍ମୃତାଃ ।
ରଥବେଦୀ ସ୍ମୃତେ ତସ୍ୟ ଅୟନେ ଦକ୍ଷିଣୋତ୍ତରେ ।।"

ରଥରେ ସୂର୍ଯ୍ୟଦେବଙ୍କ ସହିତ ବ୍ରହ୍ମା, ବିଷ୍ଣୁ ଓ ଶିବାଦି ଦେବତା ଯଥା ସ୍ଥାନରେ ସ୍ଥାପନ କରି ପ୍ରଜାଗଣଙ୍କ ମଙ୍ଗଳପାଇଁ ପ୍ରତିବର୍ଷ ରଥଯାତ୍ରା କରିବାକୁ ପଡ଼େ । ହରିତ୍ ବର୍ଣ୍ଣ ସୁଲକ୍ଷଣ ସଂପନ୍ନ

ଅଶ୍ୱ ନଯୋଜିତ ହୁଅନ୍ତି । ଅଶ୍ୱର ଅଭାବରେ ବଳୀବର୍ଦ୍ଦ (ବଳଦ) ପ୍ରଚଳନ ଦେଖାଯାଏ । ରଥର ଉଭୟ ପାର୍ଶ୍ୱରେ ସୂର୍ଯ୍ୟଙ୍କର ଦୁଇ ପତ୍ନୀ, ଦକ୍ଷିଣରେ ନିକ୍ଷୁଭା ଓ ବାମରେ ରାଜ୍ଞୀ ସ୍ଥାପିତ ହୁଅନ୍ତି । ଉଭୟ ପାର୍ଶ୍ୱରେ ଛତ୍ର, ଉପରି ଦେଶରେ ବ୍ରହ୍ମକଳ୍ପ, ଭୌମ ଓ କୁବେର ଏବଂ ପୃଷ୍ଠଦେଶରେ ଗରୁଡ଼ ଅବସ୍ଥାପିତ । ଶ୍ୱେତ ଆତପତ୍ର ଓ ସ୍ୱର୍ଣ୍ଣ ଦଣ୍ଡ ସ୍ଥାପନ କରାଯାଏ ।

"ସ୍ଥାନାତ୍ ପ୍ରଚଲ୍ୟାର୍କେ ଛତ୍ର ରଥମାରୋପୟେଚ୍ଛନୈଃ ।
ରାଜ୍ଞୀ ଚ ନିକ୍ଷୁଭା ଛତ୍ର ଭାର୍ଯ୍ୟେ ତସ୍ୟ ମହାତ୍ମନଃ ॥
ଶନୈରାରୋପୟେତ୍ ଛତ୍ର ଉଭୟୋଃ ପାର୍ଶ୍ୱୟୋ ରଥେ ।
ନିକ୍ଷୁଭାଂ ଦକ୍ଷିଣେ ପାର୍ଶ୍ୱେ ରାଜ୍ଞୀଂ ଚ୍ୟାପ୍ୟୁତରେ ତଥା ॥
ଦ୍ୱାରେଚ ବ୍ରାହ୍ମଣୀ ତସ୍ମିନ୍ ଦିବୈ୍ୟା ଭୌମଶ୍ଚ ପାର୍ଶ୍ୱୟୋ ।
ବ୍ରହ୍ମ କଳ୍ପସ୍ଥାଭୌମଃ କୁବେରସ୍ୟୋ ପରିସ୍ଥିତି ॥
ଗରୁଡ଼ଂ ପୃଷ୍ଠତଶ୍ଚାସ୍ୟ ବର୍ତ୍ତମାନଂ ପ୍ରକଳ୍ପୟେତ୍ ।
ଆତପତ୍ରଂ ତଥା ଶ୍ୱେତଂ ସ୍ୱର୍ଣ୍ଣଦଣ୍ଡମନୋପମମ୍ ।।"

(ଭ. ପ.)

ପିଙ୍ଗଳ ନାମକ ଲେଖକ ହେଉଛନ୍ତି ସୂର୍ଯ୍ୟଦେବଙ୍କ ପାର୍ଷଦ । ରଥରେ ଦ୍ୱାରପାଳ ବିଦ୍ୟମାନ । ରଥର ଧ୍ୱଜା ଉପରେ ଅରୁଣଦେବ ଅଧିଷ୍ଠିତ । କେବଳ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ ଉପବାସ ବ୍ରତାଚରଣ କରି ରଥାକର୍ଷଣ କରିଥାନ୍ତି । ପ୍ରଥମେ ମନ୍ଦିରର ପୂର୍ବଦ୍ୱାର ଦେଇ ରଥକୁ ନେବାକୁ ହୋଇଥାଏ । ବିବିଧ ସତ୍‌କର୍ମ, ବେଦପାଠ, ବ୍ରାହ୍ମଣ ଭୋଜନ, ଦେବପୂଜା ଗ୍ରହ ନକ୍ଷତ୍ର ପୂଜନରେ ଦିନଟି ଅତିବାହିତ ହୁଏ । ଧୀରେ ଧୀରେ ରଥ ଭ୍ରମଣ କରେ । ମାଘ ଶୁକ୍ଳ ସପ୍ତମୀ ଦିନ ଦାନଧର୍ମ ଆଚରଣ କରି ସୂର୍ଯ୍ୟଦେବଙ୍କ ରଥୋତ୍ସବ ପାଳନ କରାଯାଉଥିବାରୁ ମାଘ ସପ୍ତମୀ 'ରଥ ସପ୍ତମୀ' ନାମରେ ଅଭିହିତ ।

"ରଥସ୍ୟାପ୍ୟପି ଦାନଂ ତୁ ରଥଯାତ୍ରା ନ ସୁବ୍ରତ । " (ଭ. ପୁ.)

ବିଶ୍ୱକର୍ମା ଶିଳ୍ପାନୁସାରେ ସୂର୍ଯ୍ୟରଥ ମକର ଧ୍ୱଜ ଏକଚକ୍ର ବିଶିଷ୍ଟ ଓ ସପ୍ତାଶ୍ୱ ପରିଶୋଭିତ । ସୂର୍ଯ୍ୟ ମଣିମୁକ୍ତା ଓ ସ୍ୱର୍ଣ୍ଣାଳଙ୍କାର ଖଚିତ ବେଶପୋଷାକରେ ଯୋଦ୍ଧାରୂପେ ସୁସଜ୍ଜିତ, ବକ୍ଷରେ ସାଞ୍ଜୁ, ହସ୍ତରେ ପଦ୍ମ, ଓ ମସ୍ତକରେ ମଣିମୁକ୍ତା ଖଚିତ ଦେଦୀପ୍ୟମାନ ମୁକୁଟ । ସୁଦୀର୍ଘ କେଶପାଶ ଜ୍ୟୋତିର୍ମୟ ଆଲୋକମଣ୍ଡଳଦ୍ୱାରା ପରିବେଷ୍ଟିତ । ଦକ୍ଷିଣରେ ପତ୍ନୀ ନିକ୍ଷୁଭା ଓ ବାମରେ ରାଜ୍ଞୀ । ରଥ ସମ୍ମୁଖରେ ଖଡ୍‌ଗଧାରୀ ଦୁଇଟି ଦ୍ୱାରପାଳ ବା ରକ୍ଷୀ ବିଦ୍ୟମାନ– ଯମ ବା ଦଣ୍ଡ (ମତାନ୍ତରେ କାର୍ତ୍ତିକେୟ) ଓ ପିଙ୍ଗଳ (ଅଗ୍ନି) ।

"ଏକ ଚକ୍ରଂ ସସପ୍ତାଶ୍ୱଂ ସମାରଥିଂ ମହାରଥମ୍ ।
ହସ୍ତଦ୍ୱୟଂ ପଦ୍ମଧରଂ କଞ୍ଚୁକଶ୍ଚନ୍ନ ବକ୍ଷସମ୍ ।।
ଅକୁଞ୍ଚିତ ସୁକେଶଶ୍ଚ ପ୍ରଭାମଣ୍ଡଳ ମଣ୍ଡିତମ୍ ।
କେଶବେଶ ସମାୟୁକ୍ତଂ ସ୍ୱର୍ଣ୍ଣରତ୍ନ ବିଭୂଷିତମ୍ ।।
ନିକ୍ଷୁଭା ଦକ୍ଷିଣେ ପାର୍ଶ୍ୱେ ବାମେ ରାଜ୍ଞୀ ପ୍ରକୀର୍ତ୍ତିତା ।
ସର୍ବାଭରଣ ସଂଯୁକ୍ତା କେଶହାର ସମୁଜ୍ଜ୍ୱଳା ।।
ଏକ ମୁଖରଥସ୍ୟ ମକରଧ୍ୱଜ ଉଚ୍ୟତେ ।
ମକୁଟଶ୍ଚାପି ଦାତବ୍ୟମନ୍ୟତ୍ ସର୍ବଂସମଣ୍ଡଳମ୍ ।।

(ବିଶ୍ୱକର୍ମା–ଶିଳ୍ପ)



BRONZE SURYA NARAYAN
MADRAS MUSEUM

ଅଂଶୁମଦ୍ ଭେଦାଗମ ଓ ସୁପ୍ରଭେଦାଗମ ଅନୁସାରେ ସୂର୍ଯ୍ୟ ଦ୍ୱିଭୁଜ ବିଶିଷ୍ଟ ଓ ଉଭୟ ହସ୍ତରେ ପଦ୍ମ । ପଦ୍ମ ଦୁଇଟି ସ୍କନ୍ଧ ଉଚ୍ଚତାରେ ବିଦ୍ୟମାନ । କାନ୍ତିମଣ୍ଡଳ ସୁଶୋଭିତ ମସ୍ତକରେ ଜାଜ୍ୱଲ୍ୟମାନ କରଣ୍ଡ ମୁକୁଟ । ବିବିଧ ଅଳଙ୍କାର ଯୁକ୍ତ ଅବୟବ ରକ୍ତାମ୍ବର ଦ୍ୱାରା ସୁଶୋଭିତ ଓ କର୍ଣ୍ଣରେ ଦୋଳାୟମାନ ପଦ୍ମପରାଗକୁଣ୍ଡଳ ଏବଂ ହୃଦଦେଶ ରତ୍ନହାର ସୁଶୋଭିତ । ସକ୍ଷ୍ମାତିସୂକ୍ଷ୍ମ ପୋଷାକ ଦେଇ ଶରୀରାଂଶ ସୁସ୍ପଷ୍ଟ । ସ୍କନ୍ଧରେ ଯଜ୍ଞୋପବିତ । ପ୍ରତିମା ଏକ ପଦ୍ମପୀଠ ବା ଏକ ଷଟ୍‌କୋଣୀ ସପ୍ତାଶ୍ୱ ଯୋଜିତ ରଥରେ ଦଣ୍ଡାୟମାନ । ଏକଚକ୍ର ବିଶିଷ୍ଟ ରଥ ଖଞ୍ଜ ଅରୁଣଙ୍କ ଦ୍ୱାରା ପରିଚାଳିତ । ଦକ୍ଷିଣରେ ଉଷା ଓ ବାମରେ ପ୍ରତ୍ୟୁଷା ଦଣ୍ଡାୟମାନା ।



SURYA STONE
ELLORA

"ଦ୍ୱିଭୁଜା ପଦ୍ମହସ୍ତାଶ୍ଚ ରକ୍ତପଦ୍ମାସନେ ସ୍ଥିତା ।
ରକ୍ତମଣ୍ଡଳ ସଂଯୁକ୍ତାଃ କରଣ୍ଡମକୁଟାନ୍ୱିତାଃ ।।

ଜ୍ଞାନଧର ଧରାସ୍ସର୍ବେ ସର୍ବାଭରଣ ଭୂଷିତାଃ ।
ଛନ୍ଦୀର ସମାଯୁକ୍ତା ଭାସ୍ୱରା ଦ୍ୱାଦଶା ଇମେ ॥
ବୈବସ୍ୱତୋ ବିବସ୍ୱାଂଶ୍ଚ ମାର୍ତାଣ୍ଡୋ ଭାସ୍କରୋ ରବିଃ ।
ଲୋକ ପ୍ରକାଶକଶ୍ଚୈବ ଲୋକସାକ୍ଷ୍ୟ ତ୍ରିବିକ୍ରମଃ ॥
ଆଦିତ୍ୟଶ୍ଚ ତଥା ସୂର୍ଯ୍ୟଃ ଅଂଶୁମାଂଶ୍ଚ ଦିବାକରଃ ।
ଏତେ ବୈ ଦ୍ୱାଦଶାଦିତ୍ୟାଶ୍ଚୋଭରାଦି କ୍ରମାସ୍ଥିତାଃ ॥
(ଅଂଶୁମଦ୍ ଭେଦାଗମ, ଏକୋନପଞ୍ଚାଶପଟଳ)

ପୁନଶ୍ଚ

ଅର୍ଯ୍ୟମା ଚେନ୍ଦ୍ରବରୁଣୌ ପୂଷାବିଷ୍ଣୁର୍ଭଗସ୍ତଥା ।
ଅଜଘନ୍ୟୋ ଜଘନ୍ୟଶ୍ଚ ମିତ୍ରୋ ଧାତା ଇତି ସ୍ମୃତାଃ ॥
ବିବସ୍ୱାଂଶ୍ଚୈବ ପର୍ଜନ୍ୟସ୍ତ୍ୱାଦିତ୍ୟା ଦ୍ୱାଦଶ ସ୍ମୃତାଃ ।
ଦ୍ୱିଭୁଜା ପଦ୍ମହସ୍ତାଚ ରକ୍ତପଦ୍ମାସନେ ସ୍ଥିତାଃ ॥
ରଶ୍ମିମଣ୍ଡଳ ସଂଯୁକ୍ତାଃ ସୁରକ୍ତା ଲୋକନାୟକାଃ ”
(ସୁପ୍ରଭେଦାଗମ, ଅଷ୍ଟଚତ୍ୱାରିଂଶତମ ପଟଳ)



Egyptian Gods

ପୁନଶ୍ଚ

ଅଦିତେଃ ପୁତ୍ର ଭାବତ୍ୱାଦାଦିତ୍ୟସ୍ୟେତି ଚୋଚ୍ୟତେ ।
ଈଶ୍ୱର ସ୍ୟାର୍ଧଭାଗେ ତୁ ଜଗଶ୍ଚକ୍ଷୁରିତି ସ୍ମୃତଃ ॥
ଦ୍ୱିଭୁଜଂ ପଦ୍ମହସ୍ତଂ ତୁ ରକ୍ତବର୍ଣ୍ଣଂ ସୁରୂପକମ୍ ।
କରଣ୍ଡମକୁଟପେତଂ ସର୍ବାଭରଣଭୂଷିତମ୍ ॥
ମକୁଟ ଦ୍ୱିଗୁଣଂ ତାରଂ ପ୍ରଭାମଣ୍ଡଳମଧ୍ୟମମ୍ ।
ଉଷାଶ୍ଚ ପ୍ରତ୍ୟୁଷୋଦେବୀ ସବ୍ୟାସବ୍ୟେ ତୁ ସଂସ୍ଥିତାଃ ॥
ଅରୁଣଂସ୍ତ୍ୱଗ୍ରତଃ କୃତ୍ୱା ପଙ୍କଜଂ ତତ୍ସ୍ୱରୂପକମ୍ ।
ସପ୍ତାଶ୍ୱରଥମଧ୍ୟସ୍ଥଂ ଭାସ୍କରଂ ପାପନାଶନମ୍ ॥
ରକ୍ତପଦ୍ମାସନସ୍ଥଂହି ଆସନଂ ତତ୍ର କଳ୍ପୟେତ୍ ।
ପୂର୍ବୋକ୍ତବିଧିନା ସର୍ବମାଦିତ୍ୟଂ ପରିକଳ୍ପୟେତ୍ ॥
(ସୁପ୍ରଭେଦାଗମ, ଏକୋନପଞ୍ଚାଶତମ ପଟଳ)

'ଶିଳ୍ପରତ୍ନ' ଅନୁସାରେ ସୂର୍ଯ୍ୟଙ୍କ ଦ୍ୱାରପାଳ ଦ୍ୱୟଙ୍କ ନାମ ମଣ୍ଡଳ ଓ ପିଙ୍ଗଳ । ସୂର୍ଯ୍ୟଦେବ ଏକଚକ୍ର ବିଶିଷ୍ଟ ସପ୍ତାଶ୍ୱ-ଯୋଜିତ ରଥ ଉପରେ ଦଣ୍ଡାୟମାନ । ମସ୍ତକରେ ପଦ୍ମରାଗ ନିର୍ମିତ କିରୀଟ ଓ କର୍ଣ୍ଣରେ ଦୋଳାୟମାନ ମାଣିକ୍ୟ କୁଣ୍ଡଳ । ସାରଥି ଅରୁଣ ।

ରକ୍ତବର୍ଣ୍ଣୋ ମହାତେଜା ଦ୍ୱିବାହୁଃ ପଦ୍ମଭୃଦ୍ରବିଃ ।
ସପ୍ତଭିସ୍ତୁରଗୈର୍ଯୁକ୍ତେ ସର୍ବରତ୍ନ ସମନ୍ୱିତେ ॥
ଏକଚକ୍ରେ ରଥେ ତିଷ୍ଠନ୍ ପାଦାକ୍ରାନ୍ତ ସରୋରୁହଃ ।
ମାଣିକ୍ୟ-କୁଣ୍ଡଳୋପେତଃ ପଦ୍ମରାଗ କିରୀଟକଃ ॥
ରକ୍ତାମ୍ବରଧରୋ ରମ୍ୟଃ ସୁବ୍ୟକ୍ତାଙ୍ଗୋ ମନୋହରଃ ।
ଅରୁଣ ସାରଥିଃ କାର୍ଯ୍ୟଃ ପ୍ରତିହାରୌ ଚ ପାର୍ଶ୍ୱୟୋଃ ॥
ମଣ୍ଡଳ ପିଙ୍ଗଳ ନାମାନୌ ଖଡ୍ଗଖେଟକ ଧାରିଣୌ ।
( ଶିଳ୍ପରତ୍ନେ ପଞ୍ଚବିଂଶାଧ୍ୟାୟ )

ସୂର୍ଯ୍ୟଙ୍କ ପ୍ରତିମା ନିର୍ମାଣ ସମୟରେ ନାସା, କପୋଳ, ବକ୍ଷସ୍ଥଳ, ଜାନୁ ଓ ଊରୁଦେଶ ସମୁନ୍ନତ ଓ ସୁସ୍ପଷ୍ଟ ହେବା ବିଧେୟ । ଏକହସ୍ତ ଉଚ୍ଚତା ବିଶିଷ୍ଟ ସୂର୍ଯ୍ୟ ପ୍ରତିମାକୁ ସୌମ୍ୟ-ମୂର୍ତ୍ତି କୁହାଯାଏ ଓ ଏହା ଶୋଭନୀୟ ଓ ଶାନ୍ତି ପ୍ରଦାୟକ । ଦ୍ୱିହସ୍ତ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଧନ ପ୍ରଦାୟକ ଓ ତ୍ରିହସ୍ତ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଆନନ୍ଦ ଓ ସମୃଦ୍ଧି ପ୍ରଦାୟକ । ଉତ୍ତର ବୈଦିକ ସାହିତ୍ୟ, ରାମାୟଣ ଓ ମହାଭାରତରେ ସୂର୍ଯ୍ୟ ସମ୍ବନ୍ଧୀୟ ବହୁ ବର୍ଣ୍ଣନ ଦୃଷ୍ଟିଗୋଚର ହୁଏ । ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ରୂପ ମଣ୍ଡନରେ ସୂର୍ଯ୍ୟଦେବଙ୍କର ଦ୍ୱିଭୁଜ ବର୍ଣ୍ଣନ ଥିବାବେଳେ ମତ୍ସ୍ୟ ପୁରାଣରେ ଚତୁର୍ଭୁଜ, ଶ୍ରୀମୁଖ ମୂର୍ତ୍ତିଯୁକ୍ତ ବର୍ଣ୍ଣିତ ହୋଇଛି ।

ପଦ୍ମାସନଃ ପଦ୍ମକରଃ ପଦ୍ମଗର୍ଭଦଳଦ୍ୟୁତିଃ ।
ସପ୍ତାଶ୍ୱ ରଥ ସଂସ୍ଥଶ୍ଚ ଦ୍ୱିଭୁଜଶ୍ଚ ସଦାଗତିଃ ॥
( ବିଷ୍ଣୁ ଧର୍ମୋତ୍ତର ପୁରାଣ )

ସର୍ବ ଲକ୍ଷଣ ସଂଯୁକ୍ତଂ ସର୍ବାଭରଣଭୂଷିତମ୍ ।
ଦ୍ୱିଭୁଜଂ ଚୈକବକ୍ତ୍ରଂ ଚ ଶ୍ୱେତ ପଙ୍କଜଧୃକ୍କରମ୍ ॥
ବର୍ତ୍ତୁଳଂ ତେଜସୋ ବିମ୍ବଂ, ମଧ୍ୟସ୍ଥଂ ରକ୍ତବାସସମ୍ ।
ଆଦିତ୍ୟସ୍ୟ ତ୍ୱିଦଂ ରୂପଂ କୁର୍ଯ୍ୟାତ୍ପାପ ପ୍ରଣାଶନମ୍ ॥
( ରୂପ ମଣ୍ଡନ )

ରବିଃ କାର୍ଯ୍ୟଶ୍ ଶୁଭଶ୍ମଶ୍ରୁଃ ସିନ୍ଦୂରାରୁଣ ସୁପ୍ରଭଃ ।
ଆପୀଚ୍ୟ ବେଷଃ ସ୍ୱାକାରଃ ସର୍ବାଭରଣ ଭୂଷିତଃ ।
ଚତୁର୍ବାହୁର୍ମହାତେଜାଃ କବଚେନାଭି ସଂବୃତଃ ॥
( ମତ୍ସ୍ୟ ପୁରାଣ )

ଏତଦ୍ବ୍ୟତୀତ ଭଗବାନ ବିଷ୍ଣୁ ଓ ଶିବଙ୍କର ଅର୍ଦ୍ଧନାରୀଶ୍ୱର (ଅର୍ଦ୍ଧେକ ପୁରୁଷ ଓ ଅର୍ଦ୍ଧେକ ନାରୀ) ରୂପ ପରି ଭଗବାନ ଭୁବନ ଭାସ୍କରଙ୍କର ରଥାରୂଢ଼ ଅର୍ଦ୍ଧନାରୀଶ୍ୱର ରୂପ ବର୍ଣ୍ଣନ ଶାସ୍ତ୍ରରେ ଦୃଷ୍ଟିଗୋଚର ହୁଏ ।

"ଏକଚକ୍ର ସସପ୍ତାଶ୍ୱ ସସାରଥି ମହାରଥମ୍ ।
କୃତ୍ୱା ତୁ ସ୍ଥାପୟେତ୍ସୂର୍ଯ୍ୟଂ ପୁରୁଷାକୃତି ରୂପିଣମ୍ ॥

ତଦର୍ଦ୍ଧଂ ବାମତଶ୍ୟାମଂ ନାରୀରୂପ ସମନ୍ୱିତମ୍ ।
କୃତ୍ୱା ତୁ ସ୍ଥାପୟେ ସମ୍ୟକ୍ ସର୍ବାଭରଣ ଭୂଷିତମ୍ ॥
ଆକୁଞ୍ଚିତ ସୁକେଶାଢ୍ୟ ପ୍ରଭାମଣ୍ଡଳ ସଂଯୁତମ୍ ।
ମକୁଟଂ ବା ବିଧାତବ୍ୟ ମନ୍ୟଚ୍ଚର୍ବଂ ସମଣ୍ଡନମ୍ ॥
ହସ୍ତଦ୍ୱୟ ଲସତ୍‌ପଦ୍ମଂ କଞ୍ଚୁକାଞ୍ଚିତ ବିଗ୍ରହମ୍ ।
ଏକଚକ୍ରଂ ଦ୍ୱିକୋର୍ଦଣ୍ଡଂ ସନ୍ଧେ ସପ୍ତ ଜରାନ୍ୱିତମ୍ ॥"

ବିଶ୍ୱକର୍ମା ଶାସ୍ତ୍ରରେ ଆଦିତ୍ୟଙ୍କର ଆୟୁଧ ନିମ୍ନୋକ୍ତ କର୍ମରେ ବର୍ଣ୍ଣିତ ।

ଧାତାଙ୍କ ପଶ୍ଚାତ୍ ଦକ୍ଷିଣ ହସ୍ତରେ ପଦ୍ମମାଳା, ବାମ-ହସ୍ତରେ କମଣ୍ଡଳୁ ଏବଂ ସମ୍ମୁଖ ଦକ୍ଷିଣ ଓ ବାମହସ୍ତରେ ପଦ୍ମ ବିରାଜମାନ । ମିତ୍ରଙ୍କର ଯଥାକ୍ରମେ ସୋମ, ଶୂଳ ଓ ପଦ୍ମ ; ଅର୍ଯ୍ୟମାଙ୍କର ଚକ୍ର, କୌମୋଦକୀ ଗଦା ଓ ପଦ୍ମ ; ରୁଦ୍ରଙ୍କର ଅକ୍ଷମାଳା, ଚକ୍ର ଓ ପଦ୍ମ ; ବରୁଣଙ୍କର ଚକ୍ର, ପାଶ ଓ ପଦ୍ମ ; ସୂର୍ଯ୍ୟଙ୍କର କମଣ୍ଡଳୁ, ଅକ୍ଷମାଳା ଓ ପଦ୍ମ ; ଭୀମଙ୍କର ଶୂଳ, ଚକ୍ର ଓ ପଦ୍ମ ; ବିବସ୍ୱାନଙ୍କର ଶୂଳ, ପୁଷ୍ପମାଲ୍ୟ ଓ ପଦ୍ମ ; ପୂଷାଙ୍କର ସମସ୍ତ ଚତୁର୍ଭୁଜରେ ପଦ୍ମ ; ସାବିତ୍ରୀଙ୍କର ଗଦା, ଚକ୍ର ଓ ପଦ୍ମ ; ତ୍ୱଷ୍ଟାଙ୍କର ପୁଷ୍ପମାଲ୍ୟ, ହୋମଜ କଳିକା ଓ ପଦ୍ମ ; ବିଷ୍ଣୁଙ୍କର ପଶ୍ଚାତ୍ ଦକ୍ଷିଣ ହସ୍ତରେ ଚକ୍ର ଓ ଅନ୍ୟ ହସ୍ତ ତ୍ରୟରେ ପଦ୍ମ ବିରାଜମାନ ।

ଆଦିତ୍ୟମାନଙ୍କ ମଧ୍ୟରେ ରୁଦ୍ର ମୁଖ୍ୟ ଆଦିତ୍ୟ । ମିତ୍ର ତ୍ରିନୟନଯୁକ୍ତ । ସୌମ୍ୟ ମୂର୍ତ୍ତି ପୂଷା ଅଘନାଶକ ରୂପେ ଚିର ବନ୍ଦିତ । ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରେ ବିଷ୍ଣୁ ଅତୀବ ତେଜସ୍ୱର ।

ଅଦ୍ୟାବଧି ଭାରତରେ ସର୍ବତ୍ର ସୂର୍ଯ୍ୟୋପାସନା ଦେଖା ଯାଉଥିଲେ ମଧ୍ୟ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟତ୍ର ସୂର୍ଯ୍ୟଦେବଙ୍କ ରଥୋତ୍ସବ ବା ସୌର ଗୁଣ୍ଡିଚା ଦୃଷ୍ଟିଗୋଚର ହୁଏ ନାହିଁ । ଶ୍ରୀମନ୍ଦିରର ମହାଲକ୍ଷ୍ମୀ ମନ୍ଦିରର ପୂର୍ବ ଦିଗରେ କୂର୍ମ ପ୍ରାଚୀରକୁ ଲାଗି ସୂର୍ଯ୍ୟଦେବଙ୍କ ମନ୍ଦିର । (୪୫ ନଂ ପୃଟରେ ସୂର୍ଯ୍ୟଦେବଙ୍କ ବିମାନ, ନାଟ ମନ୍ଦିର ଓ ଜଗମୋହନ ଏବଂ ୪୬ ନଂ. ପୃଟରେ ସୂର୍ଯ୍ୟଙ୍କର ରୋଷଘର) । ବିମାନ ମଧ୍ୟରେ ଏକ ସିଂହାସନ ଉପରେ ପ୍ରସ୍ତରର ସୂର୍ଯ୍ୟମୂର୍ତ୍ତି ପୂଜା ପାଉଛନ୍ତି । ସୂର୍ଯ୍ୟଦେବ ସପ୍ତାଶ୍ୱ ଯୋଜିତ ରଥାରୂଢ଼, ସାରଥି ଅରୁଣ ଓ ଉଭୟ ପାର୍ଶ୍ୱରେ ସୌର ପତ୍ନୀ ଛାୟା ମାୟା (ଉଷା ଓ ପ୍ରତ୍ୟୁଷା) ବିରାଜମାନା । ବିଜେ ପ୍ରତିମା, ଉତ୍ତରାୟଣ ଓ ଦକ୍ଷିଣାୟନ ସୂର୍ଯ୍ୟମୂର୍ତ୍ତି ଅଷ୍ଟଧାତୁ ନିର୍ମିତ । ଉକ୍ତ ମନ୍ଦିରର ପୂଜକଙ୍କଠାରୁ ଶୁଣାଯାଏ, କୋଣାର୍କ ମନ୍ଦିରର ପତନ ପରେ ସେଠାକାର ଉପାସ୍ୟ ଦେବତା ସୂର୍ଯ୍ୟଦେବ (ପାଷାଣ ପ୍ରତିମା) ଓ ଚଳନ୍ତି ପ୍ରତିମା (ଅଷ୍ଟଧାତୁ ନିର୍ମିତ) ଶ୍ରୀମନ୍ଦିରକୁ ଅଣାଯାଇ ପୂଜା କରାଯାଉଛି । କିନ୍ତୁ ପ୍ରିୟ ପାଠକ ! ମୂର୍ତ୍ତିର କାରୁକାର୍ଯ୍ୟ ଦୃଷ୍ଟିରୁ ସୂର୍ଯ୍ୟଦେବଙ୍କ ପାଷାଣ ବିଗ୍ରହ ଗଭୁଚିତ୍ରଣାଳା କୋଣାର୍କର ଉପାସ୍ୟ ଦେବତା କି ନୁହେଁ ବିଶ୍ୱାସ । ପାଷାଣ ବିଗ୍ରହର ପଶ୍ଚାତ୍ ଭାଗରେ ପଶ୍ଚିମାଭିମୁଖୀ ଏକ ବୃହତ୍ ପ୍ରସ୍ତର ମୂର୍ତ୍ତି ଦୀପା ଲୋକରେ ନିରୀକ୍ଷଣ କଲେ ଦେଖାଯାଏ । ସୂର୍ଯ୍ୟ ମନ୍ଦିରର ପୂଜକ ଉକ୍ତ ମୂର୍ତ୍ତିକୁ ଇନ୍ଦ୍ରଦେବ ବୋଲି କହିଥାଆନ୍ତି କିନ୍ତୁ ମୂର୍ତ୍ତିର ପୂର୍ଣ୍ଣାଙ୍ଗ ଦେଖା ଯାଉ ନ ଥିବାରୁ ପ୍ରକୃତଭାବେ ନିର୍ଣ୍ଣୟ କରିବା କଷ୍ଟକର ।

ଅଷ୍ଟଧାତୁ ନିର୍ମିତ ଉଭୟ ମୂର୍ତ୍ତି ଦ୍ୱିବାହୁ ବିଶିଷ୍ଟ ଓ ହସ୍ତରେ ପଦ୍ମ ଓ ବରଦମୁଦ୍ରା । ପଦ୍ମଦ୍ୱୟ ସ୍କନ୍ଧ ଉପରେ ବିରାଜମାନ । କୁବଳୟ ଦଳୋତ୍‌ଫୁଲ୍ଲ ନେତ୍ରଯୁଗଳ । ମସ୍ତକରେ କଣ୍ଠ ମୁକୁଟ, ଲମ୍ବ୍ୟମାନ କର୍ଣ୍ଣାବତଂସ, କେୟୂରାଦି ଅଳଂକାର ଓ ସ୍କନ୍ଧରେ ଯଜ୍ଞୋପବିତ । (ଏପରି ମୂର୍ତ୍ତି ବର୍ଣ୍ଣନ ପ୍ରତିମା ଗଠନ ପ୍ରସଙ୍ଗରେ ଆଲୋଚିତ ହୋଇଛି) । ଉତ୍ତରାୟଣ ସୂର୍ଯ୍ୟ, ଦକ୍ଷିଣାୟନ ସୂର୍ଯ୍ୟଠାରୁ ଅପେକ୍ଷାକୃତ ଭାବେ ବଡ଼ । ସୂର୍ଯ୍ୟଦେବଙ୍କ ହସ୍ତରେ ଥିବା ପଦ୍ମ ଶୀତର ଅବସାନ ସହେ ବସନ୍ତର ପ୍ରାଦୁର୍ଭାବ ପ୍ରଦର୍ଶନ କରେ ।

ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳ ଷଷ୍ଠୀରେ ଶ୍ରୀମନ୍ଦିରର ପ୍ରାଙ୍ଗଣରେ ସୂର୍ଯ୍ୟଦେବଙ୍କ ରଥୋତ୍ସବ ଅନୁଷ୍ଠିତ ହୋଇଥାଏ । ଏକ ଦ୍ୱାଦଶ ଚକ୍ର ବିଶିଷ୍ଟ ଅନୁଚ ରଥରେ କୋଣାର୍କରୁ ଆସିଥିବା ଉତ୍ତରାୟଣ ଓ ଦକ୍ଷିଣାୟନ ସୂର୍ଯ୍ୟ ଅଧିଷ୍ଠିତ ହୁଅନ୍ତି । ରଥର ଦ୍ୱାଦଶ ଚକ୍ର ଦ୍ୱାଦଶ ଆଦିତ୍ୟର ପ୍ରତୀକ । ଅଧିରଥ ଅରୁଣ ଓ ସପ୍ତାଶ୍ୱ ବିଦ୍ୟମାନ । ରଥର ଆବରଣ ବସ୍ତ୍ର ରକ୍ତିମ ସୂର୍ଯ୍ୟ ବା ଅରୁଣ ବର୍ଣ୍ଣ ।

କେତେକଙ୍କ ମତରେ, ଉକ୍ତଦିନ ଦେବତାମାନେ ପୁଷ୍ପ ବନରେ ଭଗବାନ ଭୁବନ ଭାସ୍କରଙ୍କୁ ଚୈତ୍ର ରଥରେ ଅଧିଷ୍ଠାନ କରି ରଥୋତ୍ସବ ପାଳନ କରିଥିଲେ ।



ଶ୍ରୀ ମନ୍ଦିରର ଉତ୍ତରାୟଣ ସୂର୍ଯ୍ୟ



ଶ୍ରୀମନ୍ଦିରର ଦକ୍ଷିଣାୟନ ସୂର୍ଯ୍ୟ

ଚୈତ୍ର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଦିନ ଉତ୍ତରାୟଣ ଓ ଦକ୍ଷିଣାୟନ ମୂର୍ତ୍ତି ପଞ୍ଚୋପଚାର ଭୋଗ ପରେ ଦକ୍ଷିଣ ଦ୍ୱାର ଦେଇ ରଥରେ ବିଜେ ହୁଅନ୍ତି । ପୂଜକମାନଙ୍କଠାରୁ ଶୁଣାଯାଏ, ପୂର୍ବେ କାହାଳୀ ଓ ତେଲେଙ୍ଗୀ ବାଜା ବାଜି ରଥ ଟଣା ଯାଉଥିଲା କିନ୍ତୁ ଏବେ କେବଳ ଘଣ୍ଟ ବାଜି ରଥ ଟଣା ଯାଉଛି । ଭକ୍ତମାନେ କ୍ଷୁଦ୍ର ଚକ୍ର ବିଶିଷ୍ଟ ଏହି ଅନୁଚ୍ଚ ରଥଟିକୁ ସୂର୍ଯ୍ୟ ମନ୍ଦିର ସମ୍ମୁଖ ଶ୍ରୀମନ୍ଦିରର ସପ୍ତ ପାବଚ୍ଛ (ସାତ ପାହାଚ) ଓ ସେଠାରୁ ପ୍ରତ୍ୟାବର୍ତ୍ତନ କରି ସରସ୍ୱତୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ଅର୍ଦ୍ଧ ଚନ୍ଦ୍ରାକୃତି ପରିସର ମଧ୍ୟରେ ଆକର୍ଷଣକରି ଭଗବାନ ଅଂଶୁମାଳୀ ଚିତ୍ରଭାନୁଙ୍କ ପ୍ରତି ଐକାନ୍ତିକ ଭକ୍ତି ପ୍ରଦର୍ଶନ କରି ଥାଆନ୍ତି । ରଥ ଆସି ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ରହିଲେ ଭକ୍ତମାନେ ଦୀପ, ଧୂପ ପ୍ରଦାନ କରନ୍ତି ।

କିଛି ସମୟପରେ ପୂଜକ ପୂର୍ବଦ୍ୱାର ଦେଇ ସ୍ୱହସ୍ତରେ ଦୁଇମୂର୍ତ୍ତିକୁ ଆଣି ସିଂହାସନରେ ବିଜେ କରନ୍ତି । ପ୍ରଥମେ ମହାସ୍ନାନ ହୁଏ । ନବବସ୍ତ୍ର ପରିଧାନ, ଚନ୍ଦନଲାଗି, ବଡ଼ସିଂହାରବେଶ ଓ କର୍ପୂର ଲାଗି ହୁଏ । ବରୁଣ ପୂଜା ପରେ ପାଣି ପକାଇ ମୁରୁଜ ଦିଆହୁଏ । ଟେରାବାନ୍ଧି ବଲ୍ଲଭ ବଡ଼ ସିଂହାର ଭେଟେ । ସୂର୍ଯ୍ୟଙ୍କ ରୋଷଘରେ ପ୍ରସ୍ତୁତ ହୋଇଥିବା ଲଡୁ, କାକରା, ଖିରି, ଶୀତଳ ଭୋଗ, ପଣାଭୋଗ ପରେ ବନ୍ଦାପନା ଆଳତି ହୋଇ ରାଜନୀତି ସମାପନ ହୁଏ । ଉତ୍ତରାୟଣ ଓ ଦକ୍ଷିଣାୟନ ସୂର୍ଯ୍ୟ ଆଜ୍ଞାମାଳ ପାଇ ପୂର୍ବଦ୍ୱାର ଦେଇ ରଥକୁ ବାହୁଡ଼ା ବିଜେ କରନ୍ତି । ପୁନର୍ବାର ଭକ୍ତମାନେ ସାତ ପାହାଚ ଓ ସେଠାରୁ ପ୍ରତ୍ୟାବର୍ତ୍ତନ ପୂର୍ବକ ସରସ୍ୱତୀଙ୍କ ମନ୍ଦିର ପର୍ଯ୍ୟନ୍ତ ରଥାକର୍ଷଣକରି ସୂର୍ଯ୍ୟଙ୍କ ନାଟ ମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖରେ ରଥ ସ୍ଥାପନ କରନ୍ତି । ଏହାପରେ ସୂର୍ଯ୍ୟଦେବଙ୍କର ସ୍ୱସ୍ଥାନକୁ ବାହୁଡ଼ା ବିଜେ ହୁଏ । ବନ୍ଦାପନା ଓ ପହୁଡ଼ ଆଳତି ସରିବାପରେ ଭଗବାନ ଭୁବନ ଭାସ୍କରଙ୍କ ପହୁଡ଼ ହୁଏ । ପୂଜକଙ୍କଠାରୁ ଶୁଣାଯାଏ, ଏକଦା କେତେକ ବାଳକ ରଥଟିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଘୁରାଇ ଆଣିବାକୁ ହଟ୍ଟଗୋଳ ହୋଇଥିଲା ଓ ଶ୍ରୀ ଜଗନ୍ନାଥଙ୍କ ସେବକମାନେ ପ୍ରତିବାଦ କରିଥିଲେ ।

ରଥଯାତ୍ରା ଉତ୍ସବ ପାଳନ ପାଇଁ ଶ୍ରୀମନ୍ଦିର କର୍ତ୍ତୃପକ୍ଷ (ପୂର୍ବେ ରାଜା) ଅଟା, ଘିଅ, ଗୁଡ଼, ଖଣ୍ଡ, ନଡ଼ିଆ, ଗୁଆଳ, ଦୁଧ, ଶୀତଳ ଭୋଗ, ମହାସ୍ନାନ ଏବଂ ଚାଟ ଟୋକେଇ ଓ କାଠପାଇଁ ଖର୍ଚ୍ଚ ଯୋଗାଇ ଦିଅନ୍ତି । ଶ୍ରୀମନ୍ଦିରର ଘଙ୍କଟା ମେକାପ ମୂର୍ତ୍ତିମାନଙ୍କପାଇଁ ପାଟପଟନି, ଭଣ୍ଡାର ମେକାପ ସୁବର୍ଣ୍ଣ ଆଲଟ- ଚାମର ଓ କର୍ପୂରବତୀ, ମୁଦୁଲି ଅଳଙ୍କାର, ପତ୍ରି ପାତ୍ର ସଜ (ଝରି, ଶଂଖ, ଦର୍ପଣ ଇତ୍ୟାଦି), ପାଳିଆ ଖୁଣ୍ଟିଆ ଅମୁଣିଆ ମାଳ, ଘଟୁଆରୀ ଚନ୍ଦନ ଓ ବିଡ଼ିଆ ଯୋଗଣିଆ ବିଡ଼ିଆ ଯୋଗାଇ ଦିଅନ୍ତି । ପ୍ରଧାନୀ ଜୀଉଙ୍କ ଭଣ୍ଡାର ଘରୁ ସୁବର୍ଣ୍ଣ ବେତ ଆଣି ରାଜଗୁରୁଙ୍କୁ ଦିଅନ୍ତି । ରାଜଗୁରୁ ମାହାରି ନାଟରେ ପଟୁଆର ହୁଅନ୍ତି । (ଏହା ପୂଜକଙ୍କ ମୁଖରେ ଶୁଣାଯାଏ କିନ୍ତୁ ବର୍ତ୍ତମାନ ଏହା ହେଉ ନାହିଁ ।)

ପଦ୍ମକ୍ଷେତ୍ର ଲୀଳା ପତ୍ରିକାରେ ସମସ୍ତ ବିବରଣୀ ଉଲ୍ଲେଖଥିବା ସୂର୍ଯ୍ୟମନ୍ଦିର ସେବକଙ୍କଠାରୁ ଶୁଣାଯାଏ ।



ମୁକ୍ତି ମଣ୍ଡପ ପାର୍ଶ୍ୱରେ ଥିବା ସୂର୍ଯ୍ୟ ମନ୍ଦିର

"ବିଷ୍ଣୁଙ୍କର ଚତୁର୍ଭୁଜ ଶ୍ରୀକ୍ଷେତ୍ର କହି ।
ଶଂଖଚକ୍ର ଗଦାପଦ୍ମ ନାମ ଅଛି ବହି ॥
ଶଂଖକ୍ଷେତ୍ରେ ଜଗନ୍ନାଥ ନାମ ପ୍ରକାଶିତ ।
ଚକ୍ର କ୍ଷେତ୍ରେ ଭୁବନେଶ୍ୱର ରୂପେ ସ୍ଥିତ ॥
ଗଦାକ୍ଷେତ୍ରେ ସ୍ୱୟଂ ଦୁର୍ଗାରୂପ ଦରଶନ ।
ପଦ୍ମକ୍ଷେତ୍ରେ ସ୍ୱୟଂ ଧର୍ମ ସୂର୍ଯ୍ୟନାରାୟଣ ॥
ଶ୍ରୀଗିରିବୈକୁଣ୍ଠ ଏହି ଅଟେ ପୁଣ୍ୟସ୍ଥାନ ।
ସୁଧର୍ମାସଭାକରିଣ ଦେବ ଭଗବାନ

ବର୍ତ୍ତମାନ ସେବକ ନାରାୟଣ ପଣ୍ଡାପାଳକ ଓ ଦାମୋଦର କର ସୂର୍ଯ୍ୟଦେବଙ୍କ ଦୈନିକ ସେବାକାର୍ଯ୍ୟ ସଂପାଦନ କରିଥାଆନ୍ତି । ଜଣେ ମହାପ୍ରଭୁ ବିରଞ୍ଚିନାରାୟଣଙ୍କ ସେବାରତ ଥିବାବେଳେ ଅନ୍ୟ ଜଣଙ୍କ ରୋଷକାର୍ଯ୍ୟ ସଂପାଦନ କରନ୍ତି ।

ପୂଜକଙ୍କଠାରୁ ଶୁଣାଯାଏ ଯେ, ସେମାନଙ୍କ ପୂର୍ବପୁରୁଷ ପୂର୍ବେ କୋଣାର୍କରେ ଥିଲେ ଏବଂ ମନ୍ଦିରର କର ଓ ପଣ୍ଡାପାଳକ ରୂପେ କାର୍ଯ୍ୟ ନର୍ବାହ କରୁଥିଲେ । ପୁରୀରେ ଶତାଧିକ ବର୍ଷ ଅବସ୍ଥାନ କରି କାଳକ୍ରମେ ସେମାନେ ଶ୍ରୀଜଗନ୍ନାଥଙ୍କ ସେବକ ସଂପ୍ରଦାୟ ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ କରି ଆସୁଛନ୍ତି । ପ୍ରଥମେ ଦୁଇଟି ପରିବାର ଆସିଥିଲେ କିନ୍ତୁ ବର୍ତ୍ତମାନ କର ୯ ଘର ଓ ପଣ୍ଡାପାଳକ ୧୨ ଘର, ଏହିପରି ୨୧ ଜଣ ସେବକ ପରିବାରର ସୂତ୍ରପାତ ହୋଇଛି ।

ଶ୍ରୀ ମନ୍ଦିରରେ ଅନୁଷ୍ଠିତ ଉପରୋକ୍ତ ସୌରପୁଣ୍ଡିଗ୍ରେ ଶ୍ରୀଜଗନ୍ନାଥଙ୍କର ସୂପକାର ଓ ପୂଜାପଣ୍ଡା ଭାଗ ନିଅନ୍ତି ନାହିଁ । ପ୍ରତିନିତ୍ୟ ଶ୍ରୀ ଜଗନ୍ନାଥଙ୍କର ପ୍ରାତଃ ଓ ଅବକାଶ ପରେ ଶ୍ରୀମନ୍ଦିରରେ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥାଏ । ଏହା ସୂର୍ଯ୍ୟୋପାସନାର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଉକ୍ତ ସୂର୍ଯ୍ୟୋପାସନା ଉପରୋକ୍ତ ସୂର୍ଯ୍ୟ ମନ୍ଦିରରେ ନ ହୋଇ ମୁକ୍ତି ମଣ୍ଡପ ସଂଲଗ୍ନ ଅନୁଚ୍ଚ ସୂର୍ଯ୍ୟମନ୍ଦିରର ପଦ୍ମପୀଠରେ ଅନୁଷ୍ଠିତ ହୋଇଥାଏ । ତେଣୁ ପୂର୍ବୋକ୍ତ ସୂର୍ଯ୍ୟ ମନ୍ଦରର ସୂର୍ଯ୍ୟୋପାସନା ତଥା ସୌର ପୁଣ୍ଡିଗ୍ ପ୍ରାଚୀନ ବୋଲି ଜଣାପଡ଼େ ନାହିଁ । ତେବେ କେତେକଙ୍କ ମତରେ ଖ୍ରୀ: ୧୬୧୧ରେ (କୋଣାର୍କ ମନ୍ଦିର ଭାଙ୍ଗିଯିବା ପରେ ଗଜପତି ପୁରୁଷୋତ୍ତମ ଦେବ (କାଞ୍ଚି ବିଜେତା



ଶ୍ରୀମନ୍ଦିରର ସୂର୍ଯ୍ୟଦେବଙ୍କ ରଥ

ନୁହନ୍ତି) କୋଣାର୍କର ସୂର୍ଯ୍ୟମୂର୍ତ୍ତି ଓ ଦୁଇଟି ବିଜେ ପ୍ରତିମା ଶ୍ରୀମନ୍ଦିରସ୍ଥ ସୂର୍ଯ୍ୟ ମନ୍ଦିରରେ ସ୍ଥାପନ କରିଥିଲେ ଓ ତଦବଧି କୋଣାର୍କରେ ପୂର୍ବ ପ୍ରଚଳିତ ସୌରପୁଣ୍ଡିଗ୍ ଶ୍ରୀ ମନ୍ଦିରରେ ପ୍ରତିବର୍ଷ ପାଳନ କରାଯାଉଛି ।

ନୀଳାଦ୍ରି ମହୋଦୟ ଅନୁସାରେ ମଧ୍ୟାହ୍ନକାଳୀନ ପୂଜା ସମୟରେ ଶ୍ରୀ ଜଗନ୍ନାଥଙ୍କୁ ସୂର୍ଯ୍ୟରୂପେ ଧ୍ୟାନ କରିବା ବିଧେୟ । ପ୍ରିୟ ପାଠକ ଏଥିରୁ ମହାପ୍ରଭୁ ନୀଳାଦ୍ରୀନାଥଙ୍କ ସହିତ ଭଗବାନ ଭୁବନ ଭାସ୍କରଙ୍କ ସମ୍ବନ୍ଧ ସହଜରେ ଅନୁମେୟ ।

"ମଧ୍ୟାହ୍ନେ ପୂଜନେ ଭୂପ ସୂର୍ଯ୍ୟମେବଚ ଚିନ୍ତୟେତ୍
ଚିନ୍ତୟିତ୍ୱାର୍ଚ୍ଚୟେଦ୍ ବିଷ୍ଣୁଂ ନୀଳାଦ୍ରୌ ଦାରୁ ରୂପୀଣମ୍
ମଧ୍ୟାହ୍ନ ଧ୍ୟାନମାଚକ୍ଷେ ସୌରଂ ପାପହରଂ ନୃପ
ଦାଡ଼ିମୀ କୁସୁମାକାରଂ ଶ୍ୱେତପଦ୍ମ ଲସତ୍ କରମ୍ ।"

ପୁନଶ୍ଚ ଉଲ୍ଲେଖ ଅଛି, ଯେଉଁ ବ୍ୟକ୍ତି ସୂର୍ଯ୍ୟୋପାସନା ଛାଡ଼ି ବିଷ୍ଣୁ ପୂଜା କରେ ସେ ଜଣେ ମୂର୍ଖ ଓ ତାହାର ସମସ୍ତ ଉପାସନା ନିଷ୍ଫଳ ହୁଏ ।

"ସୂର୍ଯ୍ୟ ପୂଜାଂ ବିନା ବିଷ୍ଣୋଃ ପୂଜାଂ ଯୋ ମୁଢ଼ଧୀଶ୍ଚରେତ
ସା ପୂଜା ରାକ୍ଷସୈର୍ଗହ୍ୟା ପ୍ରୀତୋନସ୍ୟାର୍ଜ୍ଜନାର୍ଦ୍ଦନଃ ।।"

ଭାରତୀୟ ପୁରାଣ ଶାସ୍ତ୍ର ପରି ଗ୍ରୀକ୍ ପୁରାଣ( Greek Myth) ରେ ସୂର୍ଯ୍ୟଦେବ, ସୌର ପରିବାର ଓ ରଥଯାତ୍ରା ବିଷୟ ବିଷଦଭାବେ ବର୍ଣ୍ଣନା କରାଯାଇଛି । ଉକ୍ତ ପୁରାଣ ଅନୁସାରେ ଜଅସ୍ ( Zeus )ଙ୍କ ପୁତ୍ର ଫୋଏବସ୍ ଆପୋଲୋ ( Phoebs Apollo ) ବା ହେଲିଅସ୍ ( Helios ) ହେଉଛନ୍ତି ପ୍ରାଚୀନ ଗ୍ରୀକ୍‌ମାନଙ୍କର ସୂର୍ଯ୍ୟଦେବ । ଆପୋଲୋ ବା ସୂର୍ଯ୍ୟୋଦେବଙ୍କ ପ୍ରାସାଦ ଉଜ୍ଜ୍ୱଳ କାନ୍ତିମୟ ସ୍ତମ୍ଭୋପରି ଆଧେୟ ତଥା ସ୍ୱର୍ଣ୍ଣ ଓ ପଦ୍ମରାଗ ମଣିରେ ଦୀପ୍ତିମାନ । ପ୍ରାସାଦର କାରନିସ ( Cornice ) ଛାଞ୍ଚ୍ଲ୍ୟମାନ ହସ୍ତୀଦନ୍ତରେ ନିର୍ମିତ ଓ ପ୍ରଶସ୍ତ ରୌପ୍ୟ ନିର୍ମିତ ଦ୍ୱାର ଦେଶରେ ବହୁ ଆଖ୍ୟାୟିକା ଓ ଅଲୌକିକ ଘଟଣାବଳୀ ଉତ୍କୀର୍ଣ୍ଣ ହୋଇଥିଲା ।

" Borne by Illuminous pillars, the palace of the Sun God rose lustrous with gold and Eubies. The Cronice was dazzling ivory, and carved in relief on the wide silver doors were legends and miracle tales."

Gods and Heroes—Gustav Sehwab (Tanslated in English by Olgamarx and Erust Morwitz P 49).

ଆପୋଲୋ ଲୋହିତ ପୋଷାକ ପରିଧାନ କରି ମର୍କତମଣି ଖଚିତ ଶୋଭାୟମାନ ସିଂହାସନ ଉପରେ ଅଧିଷ୍ଠିତ ଥିଲେ । ଅନୁଜ୍ଞାତ ଦାସ, ଦାସୀ ଓ ଅନୁଜୀବୀମାନଙ୍କ ମଧ୍ୟରେ ଦିବସ, ମାସ, ଋତୁ, ବର୍ଷ ଓ ଶତାବ୍ଦୀ ଦଣ୍ଡାୟମାନ ଥିଲେ । ବସନ୍ତ ଋତୁ ପୁଷ୍ପ ଗୁଚ୍ଛ, ଗ୍ରୀଷ୍ମଋତୁ ପୀତବର୍ଣ୍ଣ ଶସ୍ୟ ତଥା ଶ୍ୱେତ କେଶଗୁଚ୍ଛ, ଶରତ ଋତୁ ଚତୁଃପାର୍ଶ୍ୱରେ ନମ୍ରଭାବରେ ସ୍ଥିତ

ଥିଲେ ଓ ସେମାନଙ୍କ ମସ୍ତକର ଚତୁର୍ଦ୍ଦିଗରେ ଜ୍ୟୋତିମାନ ଚିରପ୍ରସାରୀ ଉଦ୍ଭାସିତ ହେଉଥିଲା ।

ଏକଦା ସୂର୍ଯ୍ୟ ପୁତ୍ର ଫାଇଥନ୍ ( Phaethon ) ପିତାଙ୍କ ନିକଟରେ ପହଞ୍ଚି ଦିନକ ପାଇଁ ସୌର ରଥ କାମନା କଲେ । ସୂର୍ଯ୍ୟଦେବ ପୁତ୍ରର ଏତାଦୃଶ ଦୁଃସାହସ ଓ ଅଚିନ୍ତନୀୟ ଅଭିଳାଷକୁ ଶୁଣିକରି ନିବୃତ୍ତ କରିବା ସଙ୍ଗେ ରଥର ପ୍ରଶସ୍ତି ତଥା ନିଜର ଦକ୍ଷତା ଓ ଅଗ୍ନିବୃଷ୍ଟି ବର୍ଣ୍ଣନ କଲେ । " କେବଳ ମୁଁ ସତତ ଅଗ୍ନି ବର୍ଷଣ କରୁଥିବା ପ୍ରଜ୍ୱଳିତ ରଥରେ ଦଣ୍ଡାୟମାନ ହୋଇ ବାୟୁ ମଧ୍ୟରେ ଚାଳନା କରିପାରେ । ରଥ ଏକ ନିର୍ଦ୍ଦିଷ୍ଟ ପଥରେ ପରିଚାଳିତ ହେବା ବିଧେୟ ଓ ଏହା ଅକୁତୋଭୟ ଅଶ୍ୱମାନଙ୍କ ପାଇଁ ଏକ କଠିନ କାର୍ଯ୍ୟ । ସେମାନେ କେବଳ ପ୍ରାତଃ କାଳରେ ଅଳ୍ପ ସ୍ୱସ୍ତି ଅନୁଭବ କରନ୍ତି । ମଧ୍ୟାହ୍ନରେ ରଥ ଆକାଶରେ ମଧ୍ୟ ଭାଗରେ ଅବସ୍ଥିତ ହେବା ବିଧେୟ । ନିମ୍ନ ଦେଶରେ ଭୂମି ଓ ସମୁଦ୍ର ଦେଖି କେବେ କେବେ ମୁଁ ମଧ୍ୟ ବିଚଳିତ ହୋଇଯାଏ ।

" I myself am often shaken with dread when at a such height. I stand up right in my chariot. My head spins when I look down to the land and sea so far beneath me."—Gods and Heroes—



**The Greek Gods– Chronos & Apollo**

ପୁନଶ୍ଚ ପ୍ରତ୍ୟାବର୍ତ୍ତନ ସମୟରେ ଅତ୍ୟନ୍ତ ଅକ୍ଳାନ୍ତ ହସ୍ତ ରଶ୍ମିଗୁଡ଼ିକୁ ସଂଭାଳି ନିଏ । ମୁଁ ଆକାଶରୁ ନିକ୍ଷିପ୍ତ ହେବା ପର୍ଯ୍ୟନ୍ତ ସମୁଦ୍ରର ଦେବୀ ଥେଟିସ୍ ( Thetis ) ନିଜ ଶୀତଳ ଜଳ ରାଶିରେ ମତେ ଆଶ୍ରୟ ଦେବା ପାଇଁ ଅତି ସାବଧାନତା ସହ ପ୍ରତୀକ୍ଷା କରିଥାଆନ୍ତି । ଅନ୍ୟ ଏକ ସମସ୍ୟା ହେଉଛି— ରଥ ସ୍ୱର୍ଗରେ ନିରନ୍ତର ତୀବ୍ର ଗତିର ବିପରୀତ ଦିଗରେ ଗତି କରେ ।

" Heaven turns incessantly and that the driving is against the sweep of its vast rotations."— Gods and Heroes.

ସୂର୍ଯ୍ୟଦେବ ପୁତ୍ରକୁ ରଥ ଦେବାକୁ ବାରଣ କରିବା ସମୟରେ କହିଲେ "ମୁଁ ଯଦି ତତେ ରଥ ଦେବି ତେବେ ତୁ ସମସ୍ତ ବାଧାର ନିରାକରଣ କରିପାରିବୁ ନାହିଁ" । ଏହା କହି ଫାଇଥନ୍‌କୁ ନିଜ ରଥ ଦେଖାଇଦେବାକୁ ନେଲେ । ପୁନଶ୍ଚ ଏଠାରେ ରଥର ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ, ଯାହାକି ଭାରତୀୟ ସୌର ଧର୍ମ ଦର୍ଶନର ଅନୁକୃତି ମାତ୍ର ଭାରତୀୟ ଓ ଗ୍ରୀକ୍ ପୌରାଣିକ ଗାଥାରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ମହିମାମୟ ଭଗବାନ ଭୁବନ ଭାସ୍କରଙ୍କ ମହତ୍ୱ ବର୍ଣ୍ଣନ ପ୍ରାଚୀନ ଗ୍ରୀକ୍ ପୁରାଣରେ ପର୍ଯ୍ୟାପ୍ତ ।

ଯୀଶୁ ଓ ବୁଦ୍ଧଙ୍କ ଆବିର୍ଭାବର ବହୁ ପୂର୍ବରୁ ମିଶର ଅଧିବାସୀମାନେ ସୂର୍ଯ୍ୟଦେବଙ୍କୁ ରା ( RA ), ଆମେନ୍-ରା ( AMEN-RA ) ନାମରେ ପୂଜା କରୁଥିଲେ ଓ ବହୁ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ମନ୍ଦିରର ନିର୍ମାଣ ପ୍ରଣାଳୀ ଏପରି ଥିଲା ଯେ, ସୂର୍ଯ୍ୟୋଦୟ ସମୟରେ ପ୍ରଥମ ସୌର ରଶ୍ମି ମନ୍ଦିରସ୍ଥିତ ସୂର୍ଯ୍ୟଦେବଙ୍କ ଉପରେ ପଡୁଥିଲା । ତତ୍କାଳୀନ ସୂର୍ଯ୍ୟମନ୍ଦିର ମଧ୍ୟରେ ଥେବ୍‌ସଠାରେ ନିର୍ମିତ କର୍ଣ୍ଣକ (KARNAK) ଓ ଲକସର ମନ୍ଦିର ସୁପ୍ରସିଦ୍ଧ । ପୃଥିବୀର ବୃହତ୍ତମ କର୍ଣ୍ଣକ ମନ୍ଦିରରେ ଏକଶହ ଛତିଶଟି ସ୍ତମ୍ଭ ବିଶିଷ୍ଟ ଏକ ବିରାଟ ଉପାସନା ଗୃହ ଥିଲା । ସେଠାରେ ୩୦ (ତିରିଶ) ଟି ସଜ୍ଜିତ ରଥରେ ରଥଯାତ୍ରା ହେଉଥିଲା ।

"In the Statistical tablet of Kornak one Mentioned thirty chariots worked with gold and silver with painted poles as brought from the Country".

(Layard's Nineveh)

ପ୍ରିୟ ପାଠକ ! ଆମର କୋଣାର୍କ ( KONARK ) ମନ୍ଦିର ନାମ ସହିତ ମିଶରର କର୍ଣ୍ଣକ ( KARNAK ) ମନ୍ଦିର ନାମର ସାମଞ୍ଜସ୍ୟ ପ୍ରଣିଧାନ ଯୋଗ୍ୟ । ଏପରିକି ଖ୍ରୀଷ୍ଟପୂର୍ବ ୬ ହଜାର ବର୍ଷ ପୂର୍ବେ ସୂର୍ଯ୍ୟୋପାସନା ଥିବାର ପ୍ରମାଣ ମିଳେ । ବିଶ୍ୱର ପ୍ରାଚୀନ ଦର୍ଶନ ସୌର ଦର୍ଶନ ଅଟେ । ମହାତ୍ମା ମାକ୍ସ ମୁଲରଙ୍କ ମତରେ ସୂର୍ଯ୍ୟୋପାସନାହିଁ ଧର୍ମର ଆଦ୍ୟ ଅଭିବ୍ୟକ୍ତି । କେବଳ ମିଶର ନୁହେଁ ଜାପାନ ଓ ମେକ୍ସିକୋରେ ସୂର୍ଯ୍ୟୋପାସନାର ଚରମ ବିକାଶ ସାଧିତ ହୋଇଥିଲା । ମିଶରର ସୂର୍ଯ୍ୟୋପାସନା ସହ ପିରାମିଡ୍‌ମାନଙ୍କର ଘନିଷ୍ଠ ସଂପର୍କ ଥିଲା ଏବଂ ଗଣିତ ଓ ଜ୍ୟୋତିର୍ବିଜ୍ଞାନର ଉନ୍ମେଷହିଁ ସୂର୍ଯ୍ୟୋପାସନାର ଅବଦାନ ।

ସୂର୍ଯ୍ୟଦେବଙ୍କୁ ମିଶରୀୟମାନେ ରା (RA), ଆମେନ୍-ରା ( AMEN-RA ), ଗ୍ରୀକମାନେ ଆପୋଲୋ ବା ହେଲିୟସ୍ ( Phoeles Apollo ବା Helios ), ପାର୍ସିମାନେ ମିତ୍ର (MITHRA), ତାତରିୟମାନେ ଫ୍ଲୋରସ୍, ଦକ୍ଷିଣ ଆମେରିକାର ପ୍ରାଚୀନ ପେରୁ ଅଧିବାସୀମାନେ ଫ୍ଲୁଲେସ, ଉତ୍ତର ଆମେରିକୀୟ ଲୋହିତ ଭାରତୀୟମାନେ ଏତନା (ATNA) ଓ ଏନା, ଆଫ୍ରିକାର ବିଲେ ଶ୍ୱେତ (White), ଚୀନାମାନେ ଉଚୀ (Wu. Chi.), ପ୍ରାଚୀନ ଜାପାନୀମାନେ ଇଜ୍ନା-ଗୀ ( IZNA-GI ) ନବୀନ ସେଣ୍ଟୋ ଏମିନୋ-ମିନାକ୍-ନାଚୀ (AMENO-MINAK-NACHI) ରୂପେ ଉପାସନା କରୁଥିଲେ । ଫେଲ୍ଡିୟନମାନେ ମଧ୍ୟ ସୂର୍ଯ୍ୟଙ୍କ ମହିମା କୀର୍ତ୍ତନ କରିବା ସଙ୍ଗେ ସପ୍ତ ଗ୍ରହର ସନ୍ଧାନ ପାଇଥିଲେ, ଯାହାର ନାମାନୁଯାୟୀ ସପ୍ତାହର ସପ୍ତଦିବସର ନାମକରଣ କରାଯାଇଛି । ସେମାନେ ତାହାଙ୍କ ଅବସ୍ଥିତି ଓ ଗତିବିଧି ମଧ୍ୟ ଅବଗତ ଥିଲେ ।

ପ୍ରାଚୀନ ଗ୍ରୀକମାନଙ୍କଠାରୁ ରୋମାନ୍‌ମାନେ ସୂର୍ଯ୍ୟୋପାସନାର ସନ୍ଧାନ ପାଇଥିଲେ । ପାଶ୍ଚାତ୍ୟ ଦେଶମାନଙ୍କରେ ସୂର୍ଯ୍ୟଦେବଙ୍କର ବହୁ ପର୍ବ ପାଳନ କରାଯାଉଥିଲା । ତନ୍ମଧ୍ୟରେ CARNICEA, DAPHNEPHORIA, DELIA, HYACINTHIA, PYANEPSIA, PYTHIA ଓ THARGELIA ଇତ୍ୟାଦି ପ୍ରଧାନ । ପାଲଟାଇନ୍ ( PALATINE ) ପର୍ବତରେ ଆପୋଲୋଙ୍କ ମନ୍ଦିର ଥିଲା । APOLLO AGYIENS (ଆପୋଲେ ଆଗିନ୍‌ସ)ଙ୍କ ମୂର୍ତ୍ତି ଏକ ଶଙ୍କୁ ( Cone ) ଆକୃତି ବିଶିଷ୍ଟ ପ୍ରସ୍ତର ସ୍ତମ୍ଭ । ଆପୋଲୋ ଆମିକ୍ଲେ (APOLLO AMYCLAE) ବ୍ରୋଞ୍ଜର ଏକ ସ୍ତମ୍ଭ ଓ ମସ୍ତକରେ ଶିରସ୍ତ୍ରାଣ ଓ ବିସ୍ତାରିତ ହସ୍ତରେ ଧନୁ ଓ ବର୍ଚ୍ଛା । କାଷ୍ଠନିର୍ମିତବହୁ ପୁରାତନ ପ୍ରତିମା ଜୋଆନା ( XOANA ) ମଧ୍ୟ ଦୃଷ୍ଟିଗୋଚର ହୁଏ, ଯେଉଁଥିରେ ମାନବାକୃତି ଅସ୍ପଷ୍ଟ ସଙ୍କେତ ଦେଖାଯାଏ । ଭଟିକାନ୍ (VATICAN) ର ଫ୍ରାସ୍କାଟି (FRASCATI) ଠାରେ ଥିବା Apollo Belvidere ( 1455 A. C. ) ସୂର୍ଯ୍ୟଦେବଙ୍କ ପ୍ରସିଦ୍ଧ ମୂର୍ତ୍ତି । ଏହା ସାମ୍ରାଜ୍ୟବାଦର ପ୍ରାକ୍‌କାଳୀନ ବ୍ରୋଞ୍ଜ ନିର୍ମିତ ବିଗ୍ରହ ।

ଗ୍ରୀକ୍ ଦାର୍ଶନିକ EMPEDOELESଙ୍କ ମତରେ ସୂର୍ଯ୍ୟହିଁ ବିଶ୍ୱସ୍ରଷ୍ଟା ପାର୍ସିମାନଙ୍କର ସୂର୍ଯ୍ୟୋପାସନା ପ୍ରଶଂସନୀୟ । ତାଙ୍କର ଧର୍ମପୁସ୍ତକ MIHIRYAST ର କେତେକ ସ୍ଥାନରେ ସୂର୍ଯ୍ୟୋପାସନାର ବୈଶିଷ୍ଟ୍ୟ ସୂଚିତ ହୋଇଛି । ଅଦ୍ୟାବଧି ଗ୍ରୀସ୍‌ର ସମ୍ଭ୍ରାନ୍ତ ପରିବାରମାନଙ୍କରେ ବିବାହ ମନ୍ତ୍ର ଉଚ୍ଚାରଣ ସମୟରେ ସୂର୍ଯ୍ୟ ମନ୍ତ୍ର ପାଠ କରାଯାଏ ।

ଏକଦା ୟୁରୋପର ସିସିଲି ଦ୍ୱୀପରେ ଭାଦ୍ରବ ମାସର ପ୍ରଥମଭାଗରେ ସୂର୍ଯ୍ୟଦେବଙ୍କର ରଥୋତ୍ସବ ଅନୁଷ୍ଠିତ ହେଉଥିଲା । ସୂର୍ଯ୍ୟଦେବଙ୍କ ରଥରେ ଯେପରି ଜ୍ୟୋତିଷଚକ୍ର ଓ ନବଗ୍ରହ ମୂର୍ତ୍ତିର ସନ୍ନିବେଶ ଦେଖିବାକୁ ମିଳେ, ସେହିପରି ସିସିଲିରେ ସୂର୍ଯ୍ୟଦେବଙ୍କ ଏକ ସୁବୃହତ ରଥରେ ସୂର୍ଯ୍ୟଚନ୍ଦ୍ରାଦି ନବଗ୍ରହ ଓ ଜ୍ୟୋତିଷଚକ୍ର ଖଚିତ ହୋଇ ରଥଯାତ୍ରା ଅନୁଷ୍ଠିତ ହେବା ଉଲ୍ଲେଖ ଅଛି ।

ପ୍ରଖ୍ୟାତ ଐତିହାସିକ ନଗେନ୍ଦ୍ରନାଥ ତାଙ୍କର "Archaelogical Survey of Mayurbhanja"ରେ ଉଲ୍ଲେଖ କରିଛନ୍ତି ଯେ, ମଗ ବ୍ରାହ୍ମଣମାନେ (Magas ବା Scythic Brahmins) ପ୍ରଥମେ ଭାରତରେ ସୂର୍ଯ୍ୟୋପାସନା ପ୍ରବର୍ତ୍ତନ କରିଥିଲେ । ଭବିଷ୍ୟ ପୁରାଣରେ ଉଲ୍ଲେଖ ଅଛି, ଜରଥୁସ୍ତ୍ର (ZARATHUSTRA) ଯେ କି ଅଗ୍ନି ଉପାସନାର ପ୍ରାଧାନ୍ୟ ସୂଚାଇଥିଲେ ଓ ଯାହାର ବୈଦିକ ଭାଷ୍ୟ ଏକଦା ସୂର୍ଯ୍ୟୋପାସକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା, ତାଙ୍କର ଜନ୍ମ ଉକ୍ତ ମଗ ବ୍ରାହ୍ମଣ ପରିବାରରେ । ଅଦ୍ୟାବଧି ଅଗ୍ନି ଉପାସକ ପାର୍ସିମାନେ, ଦ୍ୱାଦଶ ଆଦିତ୍ୟ ମଧ୍ୟରୁ ମିତ୍ର, ଅର୍ଯ୍ୟମା ଓ ଭଗକୁ MITHRAA,IRYAMAN, BAGA ବା BAGHO ନାମରେ ପୂଜା କରୁଛନ୍ତି ।

ଜୈନଧର୍ମର ମୁଖ୍ୟଶାସ୍ତ୍ରର ଆଗମ 'ସୂର୍ଯ୍ୟ ପ୍ରଜ୍ଞପ୍ତିରେ' ସୂର୍ଯ୍ୟ ବିଭିନ୍ନ ଦୃଷ୍ଟିଭଙ୍ଗୀରେ ପ୍ରତିପାଦିତ । ଜୈନ ମୁନିମାନଙ୍କର ଚର୍ଯ୍ୟାରେ ସୂର୍ଯ୍ୟଙ୍କ ସ୍ଥାନ ପ୍ରଶଂସନୀୟ । ତାଙ୍କର ବହୁ କାର୍ଯ୍ୟ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ଅନୁଷ୍ଠିତ ହୋଇଥାଏ । ଏପରିକି ସେମାନେ ସୂର୍ଯ୍ୟଙ୍କ ଅନୁପସ୍ଥିତିରେ ଭୋଜନ ପରିହାର କରୁଥିଲେ ।

"ଅତ୍‌ଥଂଗୟମ୍‌ମି ଆଇଚ୍ଚେ ପୁରତ୍‌ଥା ଯ ଅଣୁଗ୍‌ଗଏ ।
ଆହାର ମଇୟଂ ସବବଂ ମଣସା ବି ନ ପତ୍‌ଥଏ ॥"

ନାଦସିଦ୍ଧ ପରମହଂସ ଯୋଗୀ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ତ୍ରାଟକ କରି ସିଦ୍ଧିପ୍ରାପ୍ତ ହୋଇଥିଲେ । ସେ କୌଣସି ବ୍ୟକ୍ତିକୁ ଲକ୍ଷ୍ୟ କରିବା ମାତ୍ରେ, ଉକ୍ତ ବ୍ୟକ୍ତିର ଭୂତ ଓ ସମସ୍ତ ଜୀବନ ବୃତ୍ତାନ୍ତ ତାଙ୍କ ସମ୍ମୁଖରେ ଉଦ୍‌ଭାସିତ ହେଉଥିଲା । ଇସ୍‌ଲାମୀୟ ଭ୍ରମଣକାରୀ ଇବନ୍‌ବତୁତା ତାଙ୍କ ଯାତ୍ରା ଓ ପ୍ରତ୍ୟାବର୍ତ୍ତନ, ଉଭୟ ସମୟରେ ଜନୈକ ହିନ୍ଦୁଯୋଗୀଙ୍କୁ ସୂର୍ଯ୍ୟ ତ୍ରାଟକ କରୁଥିବାର ଲକ୍ଷ୍ୟ କରିଥିଲେ । ପାତଞ୍ଜଳ ଯୋଗ ଦର୍ଶନରେ ମଧ୍ୟ ଉଲ୍ଲେଖ ଅଛି–ସୂର୍ଯ୍ୟଙ୍କ ଉପରେ ସଂଯମ କଲେ ଭୁବନଜ୍ଞାନ ଉଦୟ ହୁଏ । ଶାକଦ୍ୱୀପରେ ଉଭୟ ସୂର୍ଯ୍ୟ ଓ ଅଗ୍ନି ଉପାସକ ବ୍ରାହ୍ମଣ ଥିଲେ । ପାଲିଭାଷାରେ ଲିଖିତ 'BAMBHAJALA SUTTA' ରୁ ଜଣାଯାଏ, ବୁଦ୍ଧଙ୍କ ସମୟରେ ମଗ ବ୍ରାହ୍ମଣ ଜ୍ୟୋତିଷମାନେ ଅଖ୍ୟାତି ଭାଜନ ହୋଇପଡ଼ିଥିଲେ । ଉତ୍ତର ଭାରତର ସମସ୍ତ ସୂର୍ଯ୍ୟମନ୍ଦିର ମଗ ବ୍ରାହ୍ମଣଙ୍କ ବୈଶିଷ୍ଟ୍ୟ ଓ ମୌଳିକତା ସୂଚାଉଥିବା ସମୟରେ ଦକ୍ଷିଣ ଭାରତର ତାଞ୍ଜୋର ଜିଲ୍ଲାର 'ସୂର୍ଯ୍ୟନରକୋଇଲ' (SURYANARA-KOYIL) ଗ୍ରାମର ସୂର୍ଯ୍ୟମନ୍ଦିର ଗବେଷକମାନଙ୍କ ମନରେ କୌତୁହଳ ସୃଷ୍ଟି କରେ । ମନ୍ଦିରର ପ୍ରଧାନ ଉପାସ୍ୟ ମୂର୍ତ୍ତି ହେଉଛନ୍ତି ଭଗବାନ ସୂର୍ଯ୍ୟ ନାରାୟଣ ଓ ଅନ୍ୟାନ୍ୟ ସମସ୍ତ ଦେବଦେବୀ ପାର୍ଶ୍ୱ ଦେବତା ରୂପେ ପୂଜିତ ।

Owing to the existence in Northern India of the Maga Brahamins. who in all probability are related to the Mitra worshipping Maga of Persia and worshippers of Sun, it is not strange that we meet their tomples dedicated exclusively to Surya the sun-God But it is certainly curious to find a temple in the south Indian village of Suryanarakoyil in the Tanjore district dedicated entirely to the worship of sun God and the planets.

(T. A. G. Rao)

ସୂର୍ଯ୍ୟନାରାୟଣଙ୍କ ମନ୍ଦିର ନାମରୁ ଗ୍ରାମର ନାମ (Suryanarakoyil ) ହୋଇଥିବା ଅନୁମିତ । ମନ୍ଦିରର ଏକ ଶିଳାଲେଖରୁ ଜଣାଯାଏ, ଯେ ମନ୍ଦିରଟି ଏକାଦଶ ଓ ଦ୍ୱାଦଶ ଶତାବ୍ଦୀର (୧୦୬୦–୧୧୧୮ ଖ୍ରୀ. ଅ.) । କୁଳତୁଙ୍ଗଚୋଳଦେବ ( Kulothunga Choladeva ) ଙ୍କ ସମୟରେ ଏହା ନିର୍ମିତ ହୋଇଥିବାରୁ ଏହା 'କୁଳତୁଙ୍ଗଚୋଳଦେବ ମାର୍ତ୍ତଣ୍ଡାଳିୟ' ନାମରେ ପ୍ରସିଦ୍ଧ । ଅତଏବ ଉତ୍ତର ଭାରତ ପରି ଦକ୍ଷିଣ ଭାରତରେ ମଧ୍ୟ ବହୁ ସୂର୍ଯ୍ୟୋପାସକ ଥିବାର ସୂଚନା ମିଳେ ।

ସୂର୍ଯ୍ୟଦେବଙ୍କ ବହୁ ପର୍ଯ୍ୟାୟବାଚୀ ନାମ ମଧ୍ୟରେ ଆଦିତ୍ୟ ଅନ୍ୟତମ । ଦେବମାତା କଶ୍ୟପ ମହର୍ଷିଙ୍କ କଲ୍ୟାଣମୟୀ ପତ୍ନୀ ଅଦିତିଙ୍କ ଗର୍ଭରୁ ସମସ୍ତ ଦେବତାଙ୍କ ଜନ୍ମଲାଭ ଓ ତନ୍ମଧ୍ୟରୁ ଆଦିତ୍ୟ ଅନ୍ୟତମ । ଅଦିତିଙ୍କ ଗର୍ଭସମ୍ଭୂତ ହୋଇଥିବାରୁ ନାମ ଆଦିତ୍ୟ ହୋଇଥିବା ସମୀଚିନ । ବେଦରେ ସପ୍ତ ଆଦିତ୍ୟଙ୍କ ବିଷୟରେ ଉଲ୍ଲେଖ ଅଛି ଓ ଶତପଥ ବ୍ରାହ୍ମଣର 'ମାର୍ତ୍ତଣ୍ଡ' କୁ ମିଶାଇ ଅଷ୍ଟ ଆଦିତ୍ୟ ଗଣନା କରାଯାଏ । କିନ୍ତୁ ପରେ ଶତପଥ

ଗ୍ରନ୍ଥରେ ଦ୍ୱାଦଶ ଆଦିତ୍ୟଙ୍କ ସୂଚନା ମିଳେ କିନ୍ତୁ ତାଙ୍କର ନାମୋଲ୍ଲେଖ ନାହିଁ । ବୈଦିକ ଯୁଗରେ ଅନ୍ୟ ଦେବତାଙ୍କ ଅପେକ୍ଷା ସୂର୍ଯ୍ୟଦେବଙ୍କ ସ୍ଥାନ ଗୌଣ ପରିଲକ୍ଷିତ ହେଉଥିଲେ ମଧ୍ୟ ପରବର୍ତ୍ତୀକାଳରେ ସୌରୋପାସନାର ଉତ୍କର୍ଷ ପର୍ଯ୍ୟାପ୍ତ । ସୂର୍ଯ୍ୟ ବୈଦିକ ଶାସ୍ତ୍ରରେ ଧର୍ମ, ସତ୍ୟ, ନ୍ୟାୟ ଓ ପ୍ରାଣର ପ୍ରତୀକ ରୂପେ ପରିକଳ୍ପିତ । ବୈଦିକ ଯୁଗରେ ଉପନୟନ ଉତ୍ସବରେ ଶିଷ୍ୟ ଉପବୀତ ଗ୍ରହଣ କରିବା ସମୟରେ ସବିତାଙ୍କୁ ଗ୍ରହିଥାଏ ଓ ପୁରୋହିତ ଭଗବାନ ସବିତାଙ୍କୁ ପ୍ରାର୍ଥନା କରିଥାଆନ୍ତି "ହେ ସବିତା ! ଏ ଆପଣଙ୍କ ଶିଷ୍ୟ ଓ ଏହାକୁ ସୁରକ୍ଷା କରନ୍ତୁ ।" ରାମାୟଣ ଯୁଗରେ ଶ୍ରୀରାମଚନ୍ଦ୍ରଙ୍କର ଆଦିତ୍ୟ ହୃଦୟ ପଠନ, ମହାଭାରତରେ ମହାତ୍ମା କର୍ଣ୍ଣଙ୍କ ସୂର୍ଯ୍ୟୋପାସନା, ଯୁଧିଷ୍ଠିରଙ୍କ ସୂର୍ଯ୍ୟଦେବଙ୍କଠାରୁ ଅକ୍ଷୟପାତ୍ର ପ୍ରାପ୍ତି, ମହର୍ଷି ଦୁର୍ବାସାଙ୍କ କ୍ରୋଧାଗ୍ନିରୁ ପାଣ୍ଡବମାନଙ୍କର ରକ୍ଷାପ୍ରାପ୍ତି, ଶାମ୍ବଙ୍କର ସୂର୍ଯ୍ୟୋପାସନା ଓ କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ ପ୍ରଣିଧାନ ଯୋଗ୍ୟ । ଜନକ, ମାନ୍ଧାତା, ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ, ନାରଦ, କପିଳ ଓ ମହାତ୍ମା ଯାଜ୍ଞବଲ୍କ୍ୟ ସୂର୍ଯ୍ୟୋପାସନା କରି ଅଶେଷ କୀର୍ତ୍ତିର ଅଧିକାରୀ ହୋଇଥିଲେ ।

ଏ ତ ଗଲା, ବୈଦିକ ଓ ପୌରାଣିକ ଯୁଗର କଥା । ଐତିହାସିକ ଯୁଗରେ ସୂର୍ଯ୍ୟୋପାସନାର ଚରମ ଉତ୍କର୍ଷ ସାଧନ ହୋଇଥିଲା । ଡକ୍ଟର ଭଗବତ ଶରଣ ଉପାଧ୍ୟାୟଙ୍କ 'ପ୍ରାଚୀନ ଭାରତ ଇତିହାସ'ରୁ ଜଣାଯାଏ, କୁଷାଣ ରାଜତ୍ୱକାଳରେ ସୂର୍ଯ୍ୟପୂଜା ପ୍ରଚଳନ ନଥିଲେ ମଧ୍ୟ କୁଷାଣ ସମ୍ରାଟ ସ୍ୱୟଂ ସୂର୍ଯ୍ୟୋପାସକ ଥିଲେ । କନିଷ୍କଙ୍କ ପୂର୍ବଜ ଶିବ ତଥା ସୂର୍ଯ୍ୟଙ୍କ ଉପାସକ ଥିଲେ । ଗୁପ୍ତ ଯୁଗରେ ବୌଦ୍ଧ ଧର୍ମର ଅବନତି ଘଟିଥିଲା ଓ ଗୁପ୍ତ ରାଜାଙ୍କ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ବ୍ରାହ୍ମଣ ଧର୍ମର ବିଶେଷ ଅଭ୍ୟୁତ୍ଥାନ ହୋଇଥିଲା ତଥା ଶିବ, ଦୁର୍ଗା, ଲକ୍ଷ୍ମୀ, କାର୍ତ୍ତିକେୟ ଓ ସୂର୍ଯ୍ୟଦେବଙ୍କ ଉପାସନା ବିଶେଷଭାବେ ଆଦୃତ ଓ ପ୍ରଚଳିତ ହେବା ସଙ୍ଗେ ବହୁ ମନ୍ଦିର ନିର୍ମିତ ହୋଇଥିଲା । କୁମାରଗୁପ୍ତ (୪୧୪—୫୫) ନିଜେ କାର୍ତ୍ତିକେୟଙ୍କ ଉପାସକ ଥିଲେ ମଧ୍ୟ ତାଙ୍କ ସମୟରେ ଶିବ, ସୂର୍ଯ୍ୟ ଓ ବିଷ୍ଣୁଙ୍କ ବହୁ ମନ୍ଦିର ନିର୍ମିତ ହୋଇଥିଲା । ସ୍କନ୍ଦଗୁପ୍ତ (୪୫୫—୬୭)ଙ୍କ ରାଜତ୍ୱକାଳରେ ବୁଲନ୍ଦ ସହର ଜିଲ୍ଲାର ଇନ୍ଦ୍ରପୁର ନାମକ ସ୍ଥାନରେ ଦୁଇଜଣ କ୍ଷତ୍ରିୟ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ । ଗୁପ୍ତ ସାମ୍ରାଜ୍ୟରେ ସୂର୍ଯ୍ୟ ଉପାସନାର ବିଶେଷ ପ୍ରଚଳନ ଥିଲା ଓ ତାଙ୍କ ସମୟରେ ମାଲୱାର, ମନ୍ଦସୌର, ଗ୍ୱାଲିଅୟର, ଇନ୍ଦୋର ଓ ବୁନ୍ଦେଲଖଣ୍ଡର ଆଶ୍ରମକ ନାମକ ସ୍ଥାନରେ ବହୁ ସୂର୍ଯ୍ୟମନ୍ଦିର ନିର୍ମିତ ହୋଇଥିଲା । ସପ୍ତମ ଶତାବ୍ଦୀରେ ଅର୍ଥାତ୍ ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ସୂର୍ଯ୍ୟୋପାସନା ଚରମ ସୀମାରେ ପହଞ୍ଚିଥିଲା । ହର୍ଷଙ୍କ ପିତା ତଥା କେତେକ ପୂର୍ବଜ କେବଳ ସୂର୍ଯ୍ୟୋପାସକ ନଥିଲେ ଅପିତୁ 'ଆଦିତ୍ୟଭକ୍ତ' ଥିଲେ । ପ୍ରସିଦ୍ଧ କବି ବାଣଭଟ୍ଟ 'ହର୍ଷଚରିତ' ରେ ଉଲ୍ଲେଖ କରିଛନ୍ତି ଯେ, ହର୍ଷଙ୍କ ପିତା ସ୍ୱଭାବରେ ହିଁ ସୂର୍ଯ୍ୟଭକ୍ତ ଥିଲେ ଓ ପ୍ରତିଦିନ ପ୍ରାତଃ ସ୍ନାନକରି ସୂର୍ଯ୍ୟୋଦୟ ସମୟରେ 'ଆଦିତ୍ୟ ହୃଦୟ" ମନ୍ତ୍ର ଜପ କରୁଥିଲେ । (ହର୍ଷଚରିତ ପୃ. ୨୦୨) । ହର୍ଷଙ୍କ ସମୟରେ ପ୍ରୟାଗରେ ୩ ଦିନ ଅଧିବେଶନ ହୋଇଥିଲା ଓ ପ୍ରଥମ ଦିନ ବୁଦ୍ଧଙ୍କ ମୂର୍ତ୍ତି ପ୍ରତିଷ୍ଠିତ ହୋଇଥିଲା ଏବଂ ଦ୍ୱିତୀୟ ଓ ତୃତୀୟ ଦିନ କ୍ରମଶଃ ସୂର୍ଯ୍ୟ ତଥା ଶିବଙ୍କ ପୂଜାରାଧନା କରାଗଲା । ଏଥିରୁ ଜଣାପଡ଼େ ସୂର୍ଯ୍ୟପୂଜା ସେ ସମୟରେ ପର୍ଯ୍ୟାପ୍ତ ଥିଲା । ହର୍ଷଙ୍କ ପରେ ଲଳିତାଦିତ୍ୟ ମୁକ୍ତାପୀଡ଼ (୭୨୪—୭୬୦) ନାମକ ଅନ୍ୟ- ରାଜା ମଧ୍ୟ ସୂର୍ଯ୍ୟଙ୍କ ଭକ୍ତ ଥିଲେ । ସେ 'ମାର୍ତ୍ତଣ୍ଡ ମନ୍ଦିର' ନିର୍ମାଣ କରିଥିଲେ ଯାହାର ଧ୍ୱଂସାବଶେଷରୁ ସୂର୍ଯ୍ୟୋପାସନାର ବୈଶିଷ୍ଟ୍ୟ ପ୍ରତିପାଦିତ ହୁଏ ।

ଏକାଦଶ ଓ ଦ୍ୱାଦଶ ଶତାବ୍ଦୀର କୁଳତୁଙ୍ଗଚୋଳଦେବ ( Kulothunga Choladev )ଙ୍କ ନିର୍ମିତ ଦକ୍ଷିଣ ଭାରତର ତାଞ୍ଜୋର ଜିଲ୍ଲାର ସୂର୍ଯ୍ୟନରକୋଇଲ ( Suryanarakoyil ) ମାର୍ତ୍ତଣ୍ଡ ମନ୍ଦିର ଓ ତ୍ରୟୋଦଶ ଶତାବ୍ଦୀର ନରସିଂହ ଦେବଙ୍କ ନିର୍ମିତ କୋଣାର୍କ ମନ୍ଦିର ସୂର୍ଯ୍ୟଭକ୍ତିର ପରାକାଷ୍ଠା ସୂଚାଇ ଥାଏ । ଏତାଦୃକ୍ ବୈଦିକ ଯୁଗରୁ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ବହୁମାନ୍ୟତା ପ୍ରଦର୍ଶନ କରାଯାଉଥିଲା । ଅଦ୍ୟାବଧି ପ୍ରତ୍ୟେକ ନୈଷ୍ଠିକ ହିନ୍ଦୁ ପ୍ରାତଃ ସ୍ନାନପରେ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଜଳଦାନ କରିଥାଏ ।

ପ୍ରଥମେ ସୂର୍ଯ୍ୟୋପାସନାର ସ୍ୱରୂପ ଶିବଲିଙ୍ଗ ଶକ୍ତିପରି ପ୍ରତୀକାତ୍ମକ ( Symbolic ) ଥିଲା କିନ୍ତୁ ପରେ ମାନବରୂପୀ ପ୍ରତିମା ଦୃଷ୍ଟିଗୋଚର ହେଲା । ବୋଧିଗୟା, ପଶ୍ଚିମ ଭାରତର ଭାଜା, ଏଲୋରା ଗୁମ୍ଫା, ମଥୁରା ଓ ଓଡ଼ିଶାର ଖଣ୍ଡଗିରି ଗୁମ୍ଫାରେ ମାନବରୂପୀ ସୂର୍ଯ୍ୟ ପ୍ରତିମା ଦେଖାଯାଏ । ଖଣ୍ଡଗିରିର ଜୈନ- ଗୁମ୍ଫା ଓ ଉଦୟଗିରିର ବୌଦ୍ଧ ଗୁମ୍ଫାରୁ ପ୍ରାପ୍ତ ସୂର୍ଯ୍ୟମୂର୍ତ୍ତିରୁ ଜଣାଯାଏ ଯେ, କେବଳ ବ୍ରାହ୍ମଣ କାହିଁକି ବୌଦ୍ଧ ଓ ଜୈନମାନଙ୍କ ମଧ୍ୟରେ ସୂର୍ଯ୍ୟୋପାସନା ପ୍ରଚଳିତ ଥିଲା । ଖ୍ରୀ: ପୂ: ପ୍ରଥମ ଶତାବ୍ଦୀର ବୋଧିଗୟା ମୂର୍ତ୍ତି ରଥାସୀନ । ଚତୁଷ୍ଟୟ ଘୋଟକ ସ୍ୱର୍ଗଯୁଗର ପ୍ରତୀକ । ରଥର ଏକମାତ୍ର ଚକ୍ର ବର୍ଷର ପ୍ରତୀକ । ଉଭୟ ପାର୍ଶ୍ୱରେ ଧନୁର୍ଦ୍ଧାରୀ ଦୁଇଟି ସ୍ତ୍ରୀ, ଉଷା ଓ ପ୍ରତ୍ୟୁଷା ଯାହାକୁ ପ୍ରାତଃ ଓ ସାୟଂକାଳ ରୂପେ ମାନ୍ୟତା ଦିଆଯାଏ । ରଥର ନିମ୍ନଦେଶରେ, ସମ୍ଭବତଃ ଅନ୍ଧକାରର ପ୍ରତୀକରୂପେ ଦୈତ୍ୟାକାର ମାନବର ପ୍ରତିମା ଯାହାକୁ ପଦଦଳିତ କରି ରଥ ଆଗେଇ ଚାଲିଛି । ପାଟନାରୁ ପ୍ରାପ୍ତ କେତେକ ମୋହରରୁ ମଧ୍ୟ ଏପରି ଚିତ୍ର ମିଳିଥାଏ । ପଶ୍ଚିମ ଭାରତର ଭାଜା ମୂର୍ତ୍ତି ସହ ବୋଧିଗୟା ମୂର୍ତ୍ତିର ସାମଞ୍ଜସ୍ୟ ଅଛି ଓ ସମକାଳୀନପରି ମନେହୁଏ । କାନପୁର ନିକଟସ୍ଥ ଲଲାରଗଡ଼ରୁ ପ୍ରାପ୍ତ, ପ୍ରଥମ ବା ଦ୍ୱିତୀୟ ଶତାବ୍ଦୀର ସୂର୍ଯ୍ୟପ୍ରତିମା ଦଣ୍ଡାୟମାନ ନହୋଇ ବସିଥିବା ମୁଦ୍ରାରେ ପ୍ରସ୍ତୁତ । ଘୋଟକ ଏକ ଦୈତ୍ୟର ମସ୍ତକ ଦେଶରୁ ଉତ୍ଥିତ ହେବାପରି ନିର୍ମିତ । ସୂର୍ଯ୍ୟଙ୍କର ପଶ୍ଚ ପତ୍ନୀ । ଦୁଇଟି ଧନୁର୍ଦ୍ଧାରୀ ସ୍ତ୍ରୀ ପାର୍ଶ୍ୱରେ ବିଦ୍ୟମାନ, ଜଣେ ଛତ୍ର ଓ ଅପର ଜଣକ ଚାମର ବ୍ୟଜନ କରୁଛନ୍ତି । ନିମ୍ନରେ ତିନୋଟି ସ୍ତ୍ରୀ ଦଣ୍ଡାୟମାନା ।

ଭୁବନେଶ୍ୱରର ଜୈନ ଗୁମ୍ଫା ଖଣ୍ଡଗିରି (ଅନନ୍ତ ଗୁମ୍ଫା) ରେ ପ୍ରଥମ ଶତାବ୍ଦୀର ସୂର୍ଯ୍ୟପ୍ରତିମା ଦୃଷ୍ଟିଗୋଚର ହୁଏ । ଏଲୋରାର ସୂର୍ଯ୍ୟମୂର୍ତ୍ତି ଐତିହାସିକମାନଙ୍କର ପ୍ରଣିଧାନ ଯୋଗ୍ୟ ।

କେତେକ ସୂର୍ଯ୍ୟ ପ୍ରତିମାରେ ବିଦେଶୀ ପ୍ରଭାବ ପରିଲକ୍ଷିତ ହୁଏ ଯଥା ପ୍ୟାଣ୍ଟ୍, ବୁଟ୍ ବା ଜୋତା ଇତ୍ୟାଦ । ମଥୁରାରୁ ପ୍ରାପ୍ତ କୁଶାଣକାଳୀନ ସୂର୍ଯ୍ୟଙ୍କର ଯୁରୋଟି ଅଶ୍ୱ, ରଥାସୀନ ସୂର୍ଯ୍ୟଙ୍କର ଏକ ହସ୍ତରେ ପଦ୍ମ ଓ ଅନ୍ୟ ହସ୍ତରେ ଖଡ୍ଗ ।

ଶରୀରରେ ଦୀର୍ଘ କୋଟ ଓ ପଦଦ୍ୱୟ ଆଚ୍ଛନ୍ନ । ସୂର୍ଯ୍ୟଙ୍କ ଉଭୟ ସନ୍ଧରେ ଦୁଇଟି ପକ୍ଷ । ଏହା ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀର ସ୍ୱଦେଶୀ ଓ ବିଦେଶୀ କାରୁକାର୍ଯ୍ୟର ଏକ ଅପୂର୍ବ ସମନ୍ୱୟ । ମଥୁରାରୁ ମିଳିଥିବା ଅନେକ ସୂର୍ଯ୍ୟ ପ୍ରତିମାର ପକ୍ଷ ନାହିଁ ଓ ଘୋଡ଼ାଟି ଅଶ୍ୱ ନଥାଇ ମାତ୍ର ଦୁଇଟି ଅଶ୍ୱ । ହସ୍ତରେ ଖଡ୍‌ଗ ଓ କମଳ ।

ସେହିପରି ରାଜଶାହୀ ସଂଗ୍ରହାଳୟରେ ବୋଗୋରାରୁ ପ୍ରାପ୍ତ ନୀଳ ପାଷାଣ ପ୍ରତିମା ସୁରକ୍ଷିତ । ସୂର୍ଯ୍ୟ କୋଟ୍ ପରିବର୍ତ୍ତେ ଧୋତି ପରିଧାନ କରିଛନ୍ତି । ସମ୍ମୁଖରେ ସାରଥି ଅରୁଣ ଓ ଧନୁର୍ଦ୍ଧାରିଣୀ ଉଷା ଓ ପ୍ରତ୍ୟୁଷା ଉଭୟ ପାର୍ଶ୍ୱରେ ବିରାଜମାନା । ରଥର ପିଠିକାରେ ପଦ ଅଦୃଶ୍ୟପ୍ରାୟ ଓ ମସ୍ତକ କିରୀଟ ମୁକ୍ତ । ଉଦୀଚ୍ୟ ସୂର୍ଯ୍ୟପ୍ରତିମା ଅଳଂକାର ଯୁକ୍ତ ଓ ହସ୍ତ ଦ୍ୱୟରେ ନାଳ କମଳ ପୁଷ୍ପଗୁଚ୍ଛ । ପଶ୍ଚାତ୍ ଦେଶର ପ୍ରଭାମଣ୍ଡଳ ଦର୍ଶକ ମନରେ ଦିବ୍ୟଛାପ ପ୍ରଦାନ କରେ । ସେହିପରି ଚବିଶ ପରଗନା (ବଂଗଳା) କାଶୀପୁର ନାମକ ସ୍ଥାନରୁ ପ୍ରାପ୍ତ ସୂର୍ଯ୍ୟପ୍ରତିମା ବିଶୁଦ୍ଧ ଭାରତୀୟ ବେଶପରିପାଟୀରେ ସୁସଜ୍ଜିତ । ଚତୁଷ୍ଟୟ ଘୋଟକ ପରିବର୍ତ୍ତେ ସପ୍ତାଶ୍ୱ ବିରାଜମାନ ଓ ସାରଥି ଅରୁଣ ।

ମଧ୍ୟଯୁଗରେ ଓଡିଶାର କୋଣାର୍କ, ମଧ୍ୟ ପ୍ରଦେଶର ଖଜୁରାହ ଓ ଗୁଜୁରାଟର ମୁଢେରା ମନ୍ଦିରର ସୂର୍ଯ୍ୟପ୍ରତିମା ଦଣ୍ଡାୟମାନ ମୁଦ୍ରାରେ ନିର୍ମିତ ହୋଇଥିଲା । ଓଡିଶାର ଖିଚିଙ୍ଗ୍ ନାମକ ସ୍ଥାନରୁ ପ୍ରାପ୍ତ ଦ୍ୱାଦଶ ଶତାବ୍ଦୀର ପ୍ରତିମା କିରୀଟ ଓ ଅଳଙ୍କାର ଯୁକ୍ତ ଏବଂ ଉଦୀଚ୍ୟ ବେଶଧାରୀ ସୂର୍ଯ୍ୟ ପଦ୍ମାସନ ଉପରେ ଦଣ୍ଡାୟମାନ । ଉଭୟ ହସ୍ତରେ ସ୍କନ୍ଧଉଚ୍ଚତା ପର୍ଯ୍ୟନ୍ତ ପୂର୍ଣ୍ଣ ପ୍ରସ୍ଫୁଟିତ କମଳ । ପୀଠିକାରେ ସପ୍ତାଶ୍ୱଯୁକ୍ତ ଏକଚକ୍ର ବିଶିଷ୍ଟ ରଥାଙ୍କିତ । ହାସ୍ୟ-ରେଖାଯୁକ୍ତ ସୂର୍ଯ୍ୟଦେବଙ୍କ ସହିତ ଉଷା, ପ୍ରତ୍ୟୁଷା, ଦଣ୍ଡୀ, ପିଙ୍ଗଳ ତଥା ସାରଥି ଅରୁଣ ଅବସ୍ଥାନ କରିଛନ୍ତି । କିନ୍ତୁ ଖିଚିଙ୍ଗରୁ ପ୍ରାପ୍ତ ଅନ୍ୟ ପ୍ରତିମାରେ ପରିଚାରିକା ନାହାନ୍ତି ।

ଦକ୍ଷିଣ ଭାରତର ଉତ୍ତର ଅର୍କାଟ (ଗୁଡିମଲ୍ଲ) ଓ ମାନ୍ଦ୍ରାସର ପରମେଶ୍ୱର ମନ୍ଦିରର ସୂର୍ଯ୍ୟପ୍ରତିମାରେ ସୂର୍ଯ୍ୟ ଉପାନହ (ଜୋତା) ପରିଧାନ କରି ପଦ୍ମାସନ ଉପରେ ଦଣ୍ଡାୟମାନ । ସପ୍ତମ ଶତାବ୍ଦୀର ଏହି ପ୍ରତିମାସହ ଅନୁଚର, ପରିଚାରିକା, ସପ୍ତାଶ୍ୱ, ରଥ ତଥା ସାରଥିର ଅଙ୍କନ ମିଳେ ନାହିଁ । ସୂର୍ଯ୍ୟଙ୍କ ଉଭୟ ହସ୍ତରେ କମଳ ପରିବର୍ତ୍ତେ କଳଶ ଦୃଷ୍ଟିଗୋଚର ହୁଏ । ବୁନ୍ଦେଲଖଣ୍ଡର ମଥର ନାମକ ସ୍ଥାନରୁ ପ୍ରାପ୍ତ ପ୍ରତିମାର ଷଡ଼ଭୁଜ ଦେଖାଯାଏ । ଦୁଇହସ୍ତରେ ପଦ୍ମ ଓ ତ୍ରିଶୂଳ ଏବଂ ଅନ୍ୟଚତୁଷ୍ଟୟ ହସ୍ତରେ ପଦ୍ମ ଓ ବରଦମୁଦ୍ରା ।

ବହୁ ସୂର୍ଯ୍ୟମନ୍ଦିର ମୁସଲମାନ ରାଜତ୍ୱକାଳରେ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି । ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ବର୍ଣ୍ଣାନାନୁସାରେ ମୁଲତାନରେ ଏକ ବିଶାଳ ସୂର୍ଯ୍ୟମନ୍ଦିର ଥିଲା । ସିନ୍ଧୁଦେଶ ପରାଧୀନ ହେବାର ବହୁଦିନପରେ ମଧ୍ୟ ଏହି ମନ୍ଦିର ଥିଲା ଓ ମୁସ୍‌ଲିମ୍ ଶାସକ ଏହି ମନ୍ଦିରରୁ ଶୁଳ୍କ ଅସୁଲ କରୁଥିଲେ କିନ୍ତୁ ଅଧୁନା ସବୁ କିଛି ଲୁପ୍ତ । ଭିନ୍‌ମାଲ ସୂର୍ଯ୍ୟମନ୍ଦିରର ଭଗ୍ନାବଶେଷ ଅଦ୍ୟାବଧି ଆବୁଶୈଳ ଶ୍ରେଣୀରୁ ପ୍ରାୟ ୫୦ ମାଇଲ ପଶ୍ଚିମରେ ଦୃଷ୍ଟିଗୋଚର ହୁଏ । ଏଥିରେ ବ୍ୟବହୃତ ହୋଇଥିବା ଇଷ୍ଟକ ବା ଇଟାର ଆକୃତି ୧'-୦'' ୧'-୦ ୦'-୩'' । ମନ୍ଦିର ଅପେକ୍ଷା ଆସନଟି ପ୍ରାଚୀନତର । ସ୍ତୁପଟି ପ୍ରାୟ ୬୦'-୦'' ଦୀର୍ଘ; ୪୨'-୦'' ପ୍ରସ୍ଥ ଓ ୨୦'-୦'' ଉଚ୍ଚ ପ୍ରାଚୀର ଗାତ୍ରରେ ବହୁ ସୁନ୍ଦରୀ ମୂର୍ତ୍ତି ଦେଖିବାକୁ ମିଳେ । ମନ୍ଦିରଟି ବହୁ ଆଖ୍ୟାୟିକା ଓ କିମ୍ବଦନ୍ତୀ ଜଡିତ ।

କାଶ୍ମୀରର ଅମରନାଥ ଯିବା ରାସ୍ତାରେ ବିଶାଳ ମାର୍ତ୍ତଣ୍ଡ ମନ୍ଦିରର ଭଗ୍ନାବଶେଷ ଅଦ୍ୟାବଧି ଦର୍ଶକମାନଙ୍କ ମନରେ ରେଖାପାତ କରେ । ବହୁ ଗୋଳାବାରୁଦ ପ୍ରୟୋଗ କରି ଏହି ମନ୍ଦିରକୁ ଧରାଶାୟୀ କରାଯାଇଥିଲା ।

ଚିତୋରଗଡ଼ର ସୂର୍ଯ୍ୟମନ୍ଦିର 'କାଳିକାଜୀ' ମନ୍ଦିର ନାମରେ ପ୍ରସିଦ୍ଧ । ସେଠାରେ ସୂର୍ଯ୍ୟଦେବଙ୍କର କୌଣସି ପ୍ରତିମା ନାହିଁ । ମୋଢେରା (ଗୁଜୁରାଟ୍) ରେ କୁଣ୍ଡ କୂଳରେ ଏକ ବିଶାଳ ସୂର୍ଯ୍ୟ ମନ୍ଦିର ଥିଲା । ଉକ୍ତ ମନ୍ଦିରର ସ୍ଥାପତ୍ୟକଳା ଅପୂର୍ବ ଓ ବିସ୍ମୟକର । ଅଦ୍ୟାବଧି ତାହାର କିୟତ୍ ଭଗ୍ନାବଶେଷ ବିଦ୍ୟମାନ ।

ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ସ୍ମୃତିଚିତ୍ରଶାଳା କୋଣାର୍କର (୧୨୪୫-୧୨୫୬ A. D. )ସୂର୍ଯ୍ୟ ମନ୍ଦିର ଚତୁର୍ବିଂଶ (୨୪) ଚକ୍ର ବିଶିଷ୍ଟ ସପ୍ତାଶ୍ୱଯୋଜିତ ରଥରୂପେ ପରିକଳ୍ପିତ । ଗଙ୍ଗବଂଶର ସ୍ୱାଧୀନ ରାଜା ନରସିଂହ ଦେବ (୧୨୩୮-୧୨୬୪) ସମଗ୍ର ଦେଶର ବାରବର୍ଷର ରାଜସ୍ୱ ଖର୍ଚ୍ଚ କରି ଏହି ମନ୍ଦିରକୁ ନିର୍ମାଣ କରିଥିଲେ । ମୂଳ ମନ୍ଦିର ଭାଂଗିଯାଇଛି, କେବଳ ରହିଯାଇଛି ତାହାର ମୁଖଶାଳା, କାରୁକାର୍ଯ୍ୟ ଖଚିତ ଜଗମୋହନ ଓ ନାଟମନ୍ଦିର ଦର୍ଶକ ମନରେ କୌତୁହଳ ସୃଷ୍ଟିକରେ । କେତେକ ଐତିହାସିକମାନଙ୍କ ମତରେ ମନ୍ଦିରକାର୍ଯ୍ୟ ଅସଂପୂର୍ଣ୍ଣ ଥିଲା ଓ ଦେବବିଗ୍ରହ ପ୍ରତିଷ୍ଠିତ ହୋଇପାରି ନଥିଲା କିନ୍ତୁ କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟ ସ୍ୱରଚିତ ଗ୍ରନ୍ଥରେ କୋଣାର୍କ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମନ୍ଦିରର ପତାକା ସ୍ୱର୍ଗଲୋକକୁ ସ୍ପର୍ଶ କରୁଥିଲା । ପଣ୍ଡିତ ବାଚସ୍ପତି ମିଶ୍ରଙ୍କ ତୀର୍ଥ ଚିନ୍ତାମଣି ଗ୍ରନ୍ଥରୁ ଜଣାଯାଏ, ପୂଜକମାନେ ପ୍ରତ୍ୟହ ସମୁଦ୍ରରେ ସ୍ନାନ କରି ମନ୍ଦିରକୁ ତିନିଥର ପ୍ରଦକ୍ଷିଣ କରି ସୂର୍ଯ୍ୟଦେବଙ୍କୁ ଅର୍ଚ୍ଚନା କରୁଥିଲେ । ଶାରଳା ମହାଭାରତରେ ମଧ୍ୟ କୋଣାର୍କର ପୂର୍ଣ୍ଣପରିଚୟ ଲିପିବଦ୍ଧ ହୋଇଛି । ମନ୍ଦିରଟି ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଥିଲା ଓ ଦେବତା ପୂଜା ପାଉଥିଲେ । ମାଘ ଶୁକ୍ଳ ସପ୍ତମୀରେ ପ୍ରତିବର୍ଷ ସୂର୍ଯ୍ୟଙ୍କର ରଥ ଯାତ୍ରା ହେଉଥିଲା । କେତେକଙ୍କ ମତରେ ଶ୍ରୀଜଗନ୍ନାଥ ମନ୍ଦିରର ସୂର୍ଯ୍ୟମନ୍ଦିରରେ ଥିବା ରତ୍ନ ସୂର୍ଯ୍ୟମୂର୍ତ୍ତି (ପଶ୍ଚିମାଭିମୁଖୀ) ହିଁ କୋଣାର୍କର ସୂର୍ଯ୍ୟମୂର୍ତ୍ତି 'କୋଣାଦିତ୍ୟ' । କେତେକଙ୍କ ମତରେ ମୂଳମନ୍ଦିର ବା ବିମାନ ୨୨୫ ଫୁଟ ଉଚ୍ଚ ଥିଲା । କେଉଁ କାରଣରୁ ମନ୍ଦିରଟି ଧ୍ୱଂସବିଧ୍ୱସ୍ତ ହୋଇ ଭୂମିସାତ୍ ହେଲା ତାହା ରହସ୍ୟମୟ ଓ ଅନୁସନ୍ଧାନର ବିଷୟ । ତେବେ ୧୫୭୦ ଖ୍ରୀଷ୍ଟାବ୍ଦରେ ଓଡିଶାର ସ୍ୱାଧୀନତା ଲୋପ ପରେ କଳାପାହାଡ଼ ତଥା ପରବର୍ତ୍ତୀ ମୁସଲମାନ ଶାସନକର୍ତ୍ତାଗଣ ମନ୍ଦିରଟିକୁ ନଷ୍ଟ କରିଥିବା ଅନୁମେୟ । ମନ୍ଦିରର କାରୁକାର୍ଯ୍ୟରେ ତତ୍କାଳୀନ ଓଡିଶାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଜୀବନର ପ୍ରତିଛବି ପରିଲକ୍ଷିତ ହୁଏ । ତଦାନୀନ୍ତନ ନୃତ୍ୟ, ବାଦ୍ୟ, ପୋଷାକ ପରିଛଦ, ସମରବାହିନୀ, ଯୁଦ୍ଧଯାତ୍ରା, ବିଦ୍ୟା ଓ ଧର୍ମଶିକ୍ଷାର ସଂପୂର୍ଣ୍ଣ ପରିଚୟ ମିଳେ । ମନ୍ଦିରର ଚକ୍ର, ଅଶ୍ୱ, ହସ୍ତୀ, ପ୍ରେମପତ୍ର ଶୋଭିନି ନାରୀ ଓ ଅଳସକନ୍ୟା

ଶିଳ୍ପକଳାର ଚରମୋତ୍କର୍ଷର ନିଦର୍ଶନ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ "କୋଣାର୍କ ହେଉଛି ପ୍ରସ୍ତରରେ ଖୋଦିତ ଏକ ଜୀବନ୍ତ କବିତା । " ମରହଟ୍ଟାଶାସନ କାଳରେ, ପୁରୀର ଶ୍ରୀଜଗନ୍ନାଥଙ୍କ ସିଂହଦ୍ୱାର ସମ୍ମୁଖରେ ସ୍ଥାପିତ କୋଣାର୍କର ଅରୁଣସ୍ତମ୍ଭ ଅଧୁନା ଦର୍ଶକ ମନରେ ବିସ୍ମୟ ସୃଷ୍ଟି କରେ ।

'Vaisnavism, Saivism and Minor Religion System' ର ରଚୟିତା R. G. Bhandarkar ପ୍ରାଚୀନ ଭାରତରେ ପ୍ରଚଳିତ ସୌରଉପାସନା ଓ ସୌର ସଂପ୍ରଦାୟ ବିଷୟ ଆଲୋଚନା କରିଥିଲେ ମଧ୍ୟ ଉତ୍କଳୀୟ ଭାସ୍କର୍ଯ୍ୟ ଶିଳ୍ପକଳାର ସର୍ବୋତ୍ତମ ନିଦର୍ଶନ କୋଣାର୍କ ବିଷୟରେ ନୀରବ ରହିଛନ୍ତି । କୋଣାର୍କ ଓ ଚନ୍ଦ୍ରଭାଗାର ପ୍ରଶସ୍ତି ସଂସ୍କୃତ ବ୍ରହ୍ମ ପୁରାଣ, ସୂର୍ଯ୍ୟ ପୁରାଣ ଓ କପିଳ ସଂହିତାରେ ଦୃଷ୍ଟିଗୋଚର ହୁଏ । ବ୍ରହ୍ମପୁରାଣର ଛଅଟି ଅଧ୍ୟାୟ (୨୮-୩୩)ରେ ସୂର୍ଯ୍ୟଙ୍କ ମହିମା ବର୍ଣ୍ଣନ ଦେଖାଯାଏ ।

"ଲବଣସ୍ୟୋଧିତୀରେ ପବିତ୍ରେ ସୁମନୋହରେ ।
ସର୍ବତ୍ର ବାଲୁକାକୀର୍ଣ୍ଣେ ଦେଶେ ସର୍ବଗୁଣାନ୍ୱିତେ ।।
ଆସ୍ତେ ଯତ୍ର ସ୍ୱୟଂ ଦେବଃ ସହସ୍ରାଂଶୁର୍ଦିବାକରଃ
କୋଣାଦିତ୍ୟ ଇତି ଖ୍ୟାତୋ ଭୁକ୍ତି ମୁକ୍ତି ଫଳପ୍ରଦଃ ।।"
(ବ୍ରହ୍ମ ପୁରାଣ)

କପିଳସଂହିତାର ଭାସ୍କର କ୍ଷେତ୍ର, ମୈତ୍ରେୟ ବନ ଓ ଶାମ୍ବଙ୍କ ସୂର୍ଯ୍ୟୋପାସନା ଦ୍ରଷ୍ଟବ୍ୟ । ଏଥିରେ ଉଲ୍ଲେଖ ଅଛି ଯେ, ଏକଦା ଦ୍ୱାରକା ଦ୍ୱାରବତୀ କୃଷ୍ଣପତ୍ନୀଗଣ, ନୀଳ ଜୀମୁତ ଶ୍ରୀକୃଷ୍ଣ ସଦୃଶ ପୀତବସ୍ତ୍ର ପରିହିତ ଶାମ୍ବଙ୍କୁ, ଦୂରରୁ କୃଷ୍ଣ ମନେକରି କାମବିହ୍ୱଳିତ ହେଲେ ଓ ଶାମ୍ବଙ୍କର ଅନୁରୂପ କାମବିକାର ସୃଷ୍ଟିହେବାରୁ, ଶ୍ରୀକୃଷ୍ଣ ଶାମ୍ବଙ୍କୁ କୁଷ୍ଠରୋଗରେ ଆକ୍ରାନ୍ତ ହେବାପାଇଁ ଅଭିଶାପ ଦେଇଥିଲେ । "ଇଦାନୀଂତବ ଦେହେ ଚ କୁଷ୍ଠ ଭବତୁ ସର୍ବତଃ ।" ଶାମ୍ବ ଅତି ଶୋକାତୁର ହୋଇ ପ୍ରାର୍ଥନା କରିବାରୁ ଶ୍ରୀକୃଷ୍ଣ ଶାପମୁକ୍ତି ପାଇଁ ମୈତ୍ରେୟ ବନରେ ସୂର୍ଯ୍ୟୋପାସନ କରିବାକୁ ଶାମ୍ବଙ୍କୁ ଉପଦେଶ ଦେଇଥିଲେ । ତଦନନ୍ତର ଶାମ୍ବ ଦୀର୍ଘ ବାର ବର୍ଷ କାଳ ତପସ୍ୟାଚରଣ ପୂର୍ବକ ସୂର୍ଯ୍ୟୋପାସନା କରିଥିଲେ । ସୂର୍ଯ୍ୟଦେବ ତାଙ୍କୁ ସ୍ୱପ୍ନରେ ଦେଖାଦେଇ ଏକବିଂଶନାମ ବିଶିଷ୍ଟ ଏକ ମନ୍ତ୍ର ଜପ କରିବାକୁ ଉପଦେଶ ଦେଇଥିଲେ । ଶାମ୍ବ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ପୁଣ୍ୟତୋୟା ଚନ୍ଦ୍ରଭାଗାରେ ଅବଗାହନ ପାଇଁ ଯାଇଥିଲେ ଓ ସେଠାରେ ଜଳସ୍ଥିତ ପଦ୍ମ ଉପରେ ବିଦ୍ୟମାନ ସୂର୍ଯ୍ୟପ୍ରତିମା ପ୍ରାପ୍ତ ହୋଇଥିଲେ । ସେ ସେଠାରେ ଏକ ସୂର୍ଯ୍ୟମନ୍ଦିର ନିର୍ମାଣକରି ଉକ୍ତ ପ୍ରତିମା ପ୍ରତିଷ୍ଠା କରିଥିଲେ ଓ ଆରୋଗ୍ୟ କୁଷ୍ଠରୋଗରୁ ମୁକ୍ତ ହୋଇ ଦ୍ୱାରାବତୀ ପ୍ରତ୍ୟାବର୍ତ୍ତନ କରିଥିଲେ ।

"ପ୍ରାସାଦଂ କରୟିତ୍ୱା ଚ ସ୍ଥାପୟିତ୍ୱା ସତ୍ତ୍ୱରଃ ।
ପୂଜୟିତ୍ୱା ଚ ବିଧିବତ୍ ଭକ୍ତ୍ୟାନତ୍ୱା ପରଂତପଃ ।।"

କିନ୍ତୁ ଆଦିକବି ସାରଳାଦାସଙ୍କ ମହାଭାରତର ବନପର୍ବ ଅନୁସାରେ ଶାମ୍ବ ଦ୍ୱାରକାର ପଶ୍ଚିମ ଦ୍ୱାରରେ ଦ୍ୱାରପାଳକ ଥିଲେ । ଇତ୍ୟବସରେ ଦେବର୍ଷି ନାରଦ ସେଠାରେ ପହଞ୍ଚି ଶ୍ରୀକୃଷ୍ଣଙ୍କ ସହ ସାକ୍ଷାତ କରିବାକୁ ଇଚ୍ଛା ପ୍ରକାଶ କଲେ କିନ୍ତୁ ଶ୍ରୀକୃଷ୍ଣ ଶାମ୍ବଙ୍କୁ ଅନ୍ତଃପୁରକୁ ଯିବାକୁ ବାରଣ କରିବାରୁ ସେ ଅକ୍ଷମତା ପ୍ରକାଶ କଲେ । ନାରଦ ହୋଧାଗ୍ନିରେ ଦ୍ୱାରକା ଜାଳିଦେବା ପାଇଁ ଧମକ ଦେବାରୁ, ଶାମ୍ବ ସର୍ବୈଶ୍ୱର୍ଯ୍ୟମୟ ଦ୍ୱାରକାର ଜନ-ଜୀବନ ରକ୍ଷା ପାଇଁ ଭିତରକୁ ପ୍ରବେଶ କଲେ । ଶ୍ରୀକୃଷ୍ଣ ସେତେବେଳେ ଜାମ୍ବବତୀଙ୍କ ଗହଣରେ ଥିବାରୁ, ଶାମ୍ବଙ୍କୁ କୁଷ୍ଠରୋଗରେ ଆକ୍ରାନ୍ତ ହେବାପାଇଁ ଅଭିଶାପ ଦେଲେ । ପରିଶେଷରେ ଦେବର୍ଷିନାରଦଙ୍କ ଉପଦେଶ କ୍ରମେ, ଶାମ୍ବ କୋଣାର୍କ ତୀର୍ଥରେ ତପସ୍ୟାଚରଣ କରେ ଓ କୁଷ୍ଠ ରୋଗରୁ ସଂପୂର୍ଣ୍ଣ ମୁକ୍ତ ହୋଇ ଦ୍ୱାରକା ପ୍ରତ୍ୟାବର୍ତ୍ତନ କଲେ । ମକର ମାସରେ ଚନ୍ଦ୍ରଭାଗାରେ ପ୍ରାତଃ ସ୍ନାନ, ସୂର୍ଯ୍ୟୋଦେବଙ୍କ ଦର୍ଶନ ଓ ପିତୃ ପୁରୁଷଙ୍କୁ ପିଣ୍ଡଦାନ ଅଶେଷ ମଙ୍ଗଳପ୍ରଦ ।

" ବାଲୁ ଏଥେ ସ୍ନାହାନ କରି ଯେ ପ୍ରକୃତି ବିରଞ୍ଚି ।
ଗଳନ୍ତ କୁଷ୍ଠ ବ୍ୟାଧି ଥିଲେ ପକାଇ ସର୍ବପୋଛି ।।"

ପୁନଶ୍ଚ ସାରଳାଦାସଙ୍କ ବନ ପର୍ବରେ ଅର୍କ ଦୈତ୍ୟବଧ ବିଷୟ ପ୍ରଣିଧାନ ଯୋଗ୍ୟ । ଅର୍କ କ୍ଷେତ୍ରର ତଦାନୀନ୍ତନ ରାଜା କଣୟ ବିନ୍ଦୁ ବା କଣୟ କେଶରୀ ଓ ତାଙ୍କର ଦାରିଦ୍ର୍ୟ ପ୍ରପୀଡ଼ିତ ପ୍ରଜାବର୍ଗ ଅର୍କ ଦୈତ୍ୟଦ୍ୱାରା ନିର୍ଯ୍ୟାତିତ ହେଉଥିଲେ । ତେଣୁ ରାଜା ପ୍ରଜାମାନଙ୍କ ଦୁଃଖ ଦୁର୍ଦ୍ଦଶାର ଅପନୋଦନ ପାଇଁ ପୁଣ୍ୟତୋୟା ଚନ୍ଦ୍ରଭାଗା କୂଳରେ 'କରତାରଙ୍କୁ (ସୂର୍ଯ୍ୟୋଦେବ ସାରଳାଦାସଙ୍କ ଦ୍ୱାରା କରତାର ନାମରେ ଅଭିହିତ) । ପଞ୍ଚଦଶ ବର୍ଷ ଉପାସନା କଲେ । ଅର୍କ ଦୈତ୍ୟ ଏଥିରେ ଈର୍ଷାନ୍ୱିତ ହୋଇ 'ଲୌହ ଲଗୁଡ଼'ରେ ରାଜାଙ୍କୁ ପ୍ରହାର କରିବାକୁ ଉଦ୍ୟତ ହେଲ । ଭଗବାନ ବିରଞ୍ଚି ନାରାୟଣ ଭକ୍ତର ଦୁରବସ୍ଥା ସହ୍ୟ କରି ନ ପାରି ଦୈତ୍ୟ ସଙ୍ଗେ ଯୁଦ୍ଧ କଲେ । ମାଘ ମାସ ସପ୍ତମୀ ଦିନ ଅର୍କ ଦୈତ୍ୟ ନିହତ ହେଲ ଓ ଉକ୍ତ କ୍ଷେତ୍ରରେ ସପ୍ତଦଣ୍ଡ ସୁବର୍ଣ୍ଣ ବୃଷ୍ଟି ହେବାରୁ ପ୍ରଜାଙ୍କର ଦୁଃଖ ଦାରିଦ୍ର୍ୟ ଦୂରୀଭୂତ ହୋଇଥିଲା ।

" ମକର ମାସ ଶୁକ୍ଳ ପକ୍ଷ ସପ୍ତମୀ ରାତି ।
ଅର୍କ ଦଇତକୁ ଦେବ ଧଇଲେ କୋପମୂର୍ତ୍ତି ।।"

ପଣ୍ଡିତ କୃପାସିନ୍ଧୁ ମିଶ୍ର ତାଙ୍କ କୋଣାର୍କ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର କୋଣାର୍କ ମନ୍ଦିର ପୂର୍ବରୁ, ଅନ୍ୟ ଏକ ସୂର୍ଯ୍ୟମନ୍ଦିର ଓଡ଼ିଶାର ଚନ୍ଦ୍ରଭାଗା ନଦୀ କୂଳରେ ବିଦ୍ୟମାନ ଥିଲା । ଅବଶ୍ୟ କପିଳ ସଂହିତାରେ କୃଷ୍ଣାତ୍ମଜ ଶାମ୍ବ ଏକ ମନ୍ଦିର ନିର୍ମାଣ କରି ସୂର୍ଯ୍ୟୋପାସନା କରିବାର ବର୍ଣ୍ଣନ ଦୃଷ୍ଟିଗୋଚର ହୁଏ । ପ୍ରିୟ ପାଠକ ! ପୂର୍ବ କୋଣାର୍କ ମନ୍ଦିରର ସ୍ଥିତି ଓ ନିର୍ମାଣ ସମୟ ବିସ୍ମୟ ।

ବରାହମିହିରଙ୍କ ମତରେ ସୂର୍ଯ୍ୟ ପ୍ରତିମା ଓ ସୂର୍ଯ୍ୟ ମନ୍ଦିରର ପ୍ରତିଷ୍ଠା ମଗ ବ୍ରାହ୍ମଣମାନଙ୍କ ଦ୍ୱାରା ହେବା ବିଧେୟ । କେତେକଙ୍କ ମତରେ ବୈଦିକ ଯୁଗରୁ ସୂର୍ଯ୍ୟୋପାସନାର ପ୍ରଚଳନ ଥିଲେ ମଧ୍ୟ ଆନୁମାନିକ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରୁ ଭାରତୀୟ ସୂର୍ଯ୍ୟୋପାସନା ପଦ୍ଧତି ପାରସ୍ୟ ଦେଶର ସୂର୍ଯ୍ୟୋପାସନା ପଦ୍ଧତିରେ ପ୍ରଭାବିତ ହେଲ ଓ ଉକ୍ତ ନୂତନ ଉପାସନା ଭାରତର

ଭାରତ ପଶ୍ଚିମାଞ୍ଚଳରେ 'ମଗ' ନାମଧାରୀ ଏକ ସ୍ୱତନ୍ତ୍ର ପୂଜକ ସମ୍ପ୍ରଦାୟ ଦ୍ୱାରା ସମ୍ପାଦିତ ହେଉଥିଲା । ସେମାନଙ୍କ ମତରେ ଏହି ମଗ ମାନେ ପ୍ରାଚୀନ ପାରସ୍ୟ ପୁରୋହିତ 'ମଗି' ମାନଙ୍କ ବଂଶଧର ଓ ସେମାନଙ୍କ ମାଧ୍ୟମରେ ସୂର୍ଯ୍ୟ ବା ମିହିର ଉପାସନା ପ୍ରଚଳିତ ହେଲା । ଭବିଷ୍ୟ ପୁରାଣରେ ଉଲ୍ଲେଖ ଅଛି ଯେ, ଶାମ୍ବ ଶାକଦ୍ୱୀପରୁ ମଗ ପୁରୋହିତ ଆଣି ଚନ୍ଦ୍ରଭାଗା କୂଳରେ ମନ୍ଦିର ନିର୍ମାଣ କରି ସୂର୍ଯ୍ୟୋପାସନା ପ୍ରଚଳନ କରିଥିଲେ । ମଗମାନେ ସୂର୍ଯ୍ୟ ସମ୍ଭୂତ ଓ ଶାମ୍ବଙ୍କ ଦ୍ୱାରା ଆନୀତ ହେବା ବିଷୟ ବିହାରସ୍ଥ ଏକ ଶିଳା ଲିପିରେ ଉତ୍କୀର୍ଣ୍ଣ ହୋଇଛି ।

ପୁନଶ୍ଚ ଭଦ୍ରକଠାରୁ ୧୨ କିଲୋମିଟର ଦୂର ପାଳିଆ ଗ୍ରାମର ବିରଞ୍ଚିନାରାୟଣ ମନ୍ଦିର ଷୋଡ଼ଶଚକ୍ର ବିଶିଷ୍ଟ ଏକ ସପ୍ତାଶ୍ୱ ଯୋଜିତ ରଥ ରୂପେ ପରିକଳ୍ପିତ । କେତେକଙ୍କ ମତରେ ଏହା କେଶରୀ ବଂଶର କୌଣସି ରାଜାଙ୍କ ସମୟରେ ନିର୍ମିତ ହୋଇଥିବ । ମନ୍ଦିରର ଉଚ୍ଚତା ୭୫ ଫୁଟ । କଳାପାହାଡ଼ ଆକ୍ରମଣ ସମୟରେ ପ୍ରାଚୀନ ମୂର୍ତ୍ତି ଭାଙ୍ଗି ଯାଇଛି ଓ ଉକ୍ତ ଭଗ୍ନ ମୂର୍ତ୍ତି ମନ୍ଦିରର ଏକ କୋଣରେ ଥିବା ଦେଖାଯାଏ । ବର୍ତ୍ତମାନ ପୂଜା ପାଉଥିବା ୩ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି, ଅଷ୍ଟାଦଶ ଶତାବ୍ଦୀରେ ମରହଟ୍ଟାଙ୍କ ଦ୍ୱାରା ସ୍ଥାପିତ । ମୁଖଶାଳାର ଏକ ଭଗ୍ନାଂଶ ଏବେ ମଧ୍ୟ ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଯତ୍ନ ସହକାରେ ରଖା ଯାଇଥିବାର ଶୁଣାଯାଏ । କାରୁକାର୍ଯ୍ୟ ଦୃଷ୍ଟିରୁ ମନ୍ଦିରଟି ତ୍ରୟୋଦଶ ଶତାବ୍ଦୀର ହୋଇଥିବା, କେତେକ ଐତିହାସିକ ମତପୋଷଣ କରନ୍ତି । ପାରମ୍ପରିକ ରୀତିରେ ବର୍ଷକୁ ଚାରୋଟି ମେଳାହୁଏ । ୧ । କାର୍ତ୍ତିକ ପୂର୍ଣ୍ଣିମା । ୨ । ମକର ସଂକ୍ରାନ୍ତି । ୩ । ମାଘ ସପ୍ତମୀ ୪ । ଅଗ୍ନି ଉତ୍ସବ ଇତ୍ୟାଦି ।

ସୂର୍ଯ୍ୟଦେବ ଉତ୍କଳର ଧର୍ମଦେବତା ନାମରେ ସୁବିଦିତ । ସୂର୍ଯ୍ୟଦେବଙ୍କ ପ୍ରୀତ୍ୟର୍ଥେ ବହୁ ଓଷା ବ୍ରତ 'ପୁଷ ରବିବାର ବ୍ରତ', 'ରବିନାରାୟଣ ବ୍ରତ,' ସମ୍ବର ଦଶମୀ ଇତ୍ୟାଦି ପ୍ରଚଳିତ । ମାଘ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ସ୍ନାନକରି ସୂର୍ଯ୍ୟଙ୍କୁ ଦର୍ଶନ କରିବା ଏକ ଚିରା ଚରିତ ପ୍ରଥା । ସୂର୍ଯ୍ୟୋପାସକମାନେ ରକ୍ତ ଚନ୍ଦନର ତିଳକ, ରକ୍ତବର୍ଣ୍ଣ ବସ୍ତ୍ର ଓ ରକ୍ତବର୍ଣ୍ଣ ପୁଷ୍ପ ବ୍ୟବହାର କରନ୍ତି । ଏମାନେ ନବୋଦିତ ସୂର୍ଯ୍ୟଙ୍କୁ ବ୍ରହ୍ମା, ମଧ୍ୟାହ୍ନ ସୂର୍ଯ୍ୟଙ୍କୁ ସଂହାରକର୍ତ୍ତା ଶିବ ଓ ସାୟାହ୍ନ ସୂର୍ଯ୍ୟଙ୍କୁ ବିଷ୍ଣୁ ରୂପେ ଉପାସନା କରନ୍ତି । ଏତଦ୍ ବ୍ୟତୀତ ମହିମାଧର୍ମାବଲମ୍ବୀ-ମାନେ ପ୍ରଭାତରେ ଶଯ୍ୟା ତ୍ୟାଗ କରି ପୂର୍ବାଭିମୁଖୀ ହୋଇ ସାତ ଥର ଓ ସୂର୍ଯ୍ୟାସ୍ତ ପୂର୍ବରୁ ପଶ୍ଚିମ ଦିଗକୁ ମୁଖକରି ପାଞ୍ଚ ଥର 'ବ୍ରହ୍ମଦର୍ଶନ' କରିଥାଆନ୍ତି । ଆଦିତ୍ୟହିଁ ପରଂବ୍ରହ୍ମ ସନାତନ ଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କଦ୍ୱାରା ସୃଷ୍ଟ ଓ ପରିପାଳିତ, ଏହା ସୋରପନ୍ଥୀମାନଙ୍କର ଦୃଢ଼ ଧାରଣା ।

ସାରଳାଦାସଙ୍କ ବ୍ୟତୀତ ସପ୍ତଦଶ ଶତାବ୍ଦୀର ବିଶିଷ୍ଟ ପୁରାଣକାର ମହାଦେବ ଦାସ ତାଙ୍କର 'ବିଷ୍ଣୁକେଶରୀ' ପୁରାଣରେ ସୂର୍ଯ୍ୟଙ୍କ ରଥ ବିଷୟରେ ନିମ୍ନୋକ୍ତ ପ୍ରକାର ଉଲ୍ଲେଖ କରିଛନ୍ତି ।

" ଦେଖିଲେ ସେ ପୂର୍ବଦିଗେ ଦିନକର ରଥ ।
ଏକ ଚକ୍ର ଗମନ୍ତେଣ ନ ଦିଶଇ ପଥ ।।
ସ୍ୱର୍ଣ୍ଣମୟୀ ରଥ ନବରତ୍ନେ ଅଛି ଜଡ଼ି ।
ଦେବଙ୍କୁ ଦୁର୍ଲଭ ଦିବ୍ୟ ଅଛି ତାକୁ ଗଢ଼ି ।।
ସୁବର୍ଣ୍ଣ ପାଟଶାଢ଼ୀ ଯେ ଦର୍ପଣ ଚାମର ।
ଅମଳାନ କୁସୁମରେ ମଣ୍ଡି ରହୁବର ।।
ଗଜମୋତି ମାଣିକ୍ୟ ଯେ ହେମ ଶୁଦ୍ଧେ ଗୁଚ୍ଛା ।
ଶ୍ରୀ କର୍ପୂର ବାସେ ମୋହେ ଗଗନର ପକ୍ଷୀ ।।"

ମଣିମାଣିକ୍ୟ ଓ ନବରତ୍ନ ଖଚିତ ରଥରେ ଉପବିଷ୍ଟ ଜ୍ୟୋତିର୍ମୟ ଭୁବନ ଭାସ୍କର ଉପବିଷ୍ଟ ଓ ତାଙ୍କର କମନୀୟ ଦେବ ଦୁର୍ଲଭ ରୂପକାନ୍ତି କବିଙ୍କ ନିମ୍ନୋକ୍ତ କଳ୍ପନାରେ ରୂପାୟିତ ।

"ପ୍ରସନ୍ନ ଆନନ ଗୋଟି ଅତି ଜ୍ୟୋତିର୍ମୟ ।
ବେନି ଲୋଚନର ପ୍ରଭା ବ୍ରହ୍ମାଣ୍ଡ ପ୍ରାୟ ।।
ସୁସଞ୍ଚ ନାସା କସ୍ତୁରୀ ରେଖା ଜିଣି ନିଶ ।
ସୁରଙ୍ଗ ଅଧର ଅତି ଲାବଣ୍ୟ ଯେ ବେଶ ।।
ହୃଦୟରେ ବିରାଜଇ ସ୍ୟମନ୍ତକ ମଣି ।
କନକର କଙ୍କଣ ଯେ ପଦ୍ମ ବେନି ପାଣି ।।
କଟିତଟେ ପୀତାମ୍ବର ମେଖଳା ତ୍ରୀସରା ।
ଶୁଦ୍ଧଘଣ୍ଟି ଘାଗୁଡ଼ି ଯେ ଗଜ ମୋତି ଝରା ।।
ହୀରାର ମେଢ଼ର ନୂପୁର ରତ୍ନ ସାର ।
କମଳ ଆସନେ ସୁଖେ ବିଜେ ଦିନକର ।।"
ବେନିପାର୍ଶ୍ୱରେ ବିଜେ ତାଙ୍କ ବେନିନାରୀ ।
ବିଶ୍ୱକର୍ମାର ଜେମା କି ଦିବ୍ୟ ରୂପଧରି ।।
ଛାମୁରେ ନୃତ୍ୟକରନ୍ତି ଅପ୍ସରା ଗଣେ ।
ବ୍ରହ୍ମ ଋଷିଏ ମିଳିଣ ମଂଗଳାରୋପଣେ ।।
ଷୋଡ଼ଶୋପଚାରେ କରୁଛନ୍ତି ପୂଜାବିଧି ।
ସଂସାରର କରତା ସେ ସର୍ବଗୁଣନିଧି ।।
ପ୍ରାଣୀଙ୍କର ହିତଅର୍ଥେ ଶୂନ୍ୟ ପଥେଚଳି ।
ଉଚ୍ଚୈଶ୍ରବାମାନେ ସପ୍ତ ଅଶ୍ୱ ମହାବଳୀ ।।
ଅତି ଯତନରେ ତାଙ୍କୁ ସ୍ୟନ୍ଦନରେ ଯୋଚି ।
ଗରୁଡ଼ ଅଗ୍ରଜକରେ ବାଗ ରଜ୍ଜୁ ସର୍ପି ।।
ଭରି ଆସନ ହେତୁରୁ ଅରୁଣ ବୋଲାଇ ।
ସାରଥି ପଣରେ ବସି ସଦା ରଥବାହି ।।
ସଂସାରର କାରଣରେ ଚଳେ ଦେବଯାନ ।
ବିମାନ ଗମନ୍ତେ ଶୂନ୍ୟେ ବାଜେ ବାଦ୍ୟମାନ ।।

ସେହିପରି କବିତାଙ୍କ ମାର୍କଣ୍ଡେୟ ପୁରାଣରେ, ସୂର୍ଯ୍ୟଦେବ ବୈଶ୍ୟ ଜାତିର ଉପାସ୍ୟ ଦେବତାବୋଲି ବର୍ଣ୍ଣନା କରିଛନ୍ତି ।"ବୈଶ୍ୟ ଜାତିରେ ଜନମ ଲଭିବେ ଯେମାନେ । ଇଷ୍ଟ କରିଣ ଯୋନିମେ ଛାୟାର ରମଣେ ।।" ପରବର୍ତ୍ତୀକାଳୀନ ପୁରାଣକବି ପୀତାମ୍ବର ଦାସ 'ନୃସିଂହ ପୁରାଣ'ର ମଂଗଳାଚରଣରେ ସୂର୍ଯ୍ୟଦେବଙ୍କୁ ସ୍ତବନ କରିଛନ୍ତି । କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'ବୈଦେହୀଶ ବିଳାସ'ର ମଂଗଳାଚରଣରେ ବିଷ୍ଣୁ ଓ ଶିବଙ୍କ ସହିତ ସୂର୍ଯ୍ୟଦେବଙ୍କୁ ବନ୍ଦନା କରିଛନ୍ତି । କବିବର ରାଧାନାଥ 'ଚନ୍ଦ୍ରଭାଗା' କାବ୍ୟରେ କଳ୍ପନା ବିଭୋରଚିତ୍ତୋଇ ପଚନ୍ଦ୍ରୋମୁଖୀ କୋଣାର୍କମନ୍ଦିର ସମ୍ବନ୍ଧରେ ଏକ ଅପୂର୍ବ ଆଖ୍ୟାୟିକା ସୃଷ୍ଟି କରିଛନ୍ତି । ସୂର୍ଯ୍ୟଦେବଙ୍କର, ଋଷି ସୁମନ୍ତ୍ୟୁଙ୍କ ପାଳିତାକନ୍ୟା ସୁନ୍ଦରୀ ଚନ୍ଦ୍ରଭାଗାର ପଶ୍ଚାଦ୍ଧାବନ, କାମଦେବଙ୍କ



KONARK- SUN TEMPLE

ପୁରୁଷୋତ୍ତମଙ୍କ ପୁଷ୍ପାୟୁଧ ନିକ୍ଷେପ, ଚନ୍ଦ୍ରଭାଗାର ସାଗର ଗର୍ଭକୁ ଗମନ ପ୍ରଦାନ ଓ ପୁଣ୍ୟଶ୍ଳୋକ ଋଷି ସୁମନ୍ୟୁଙ୍କ ଅଭିଶାପରେ କୋଣାର୍କ ମନ୍ଦିର ପତନ ଯେ କୌଣସି ପାଠକକୁ ଆତ୍ମହରା କରେ । କ୍ରିକ୍‌ମଇଥର ଆପ୍ରୋଲ୍ଲେ, କ୍ୟୁପିଡ୍ ଓ ମିନରଭା ପ୍ରସଂଗ ସହିତ ଯୋନାଥଙ୍କ ଉପରୋକ୍ତ କାବ୍ୟର ବହୁ ସାଦୃଶ୍ୟ ପରିଲକ୍ଷିତ ହୁଏ । ଏତଦ୍‌ବ୍ୟତୀତ ଚନ୍ଦ୍ରଭାଗା ଓ କୋଣାର୍କର କିମ୍ବଦନ୍ତୀ ଅବଲମ୍ବନରେ ବିଗତ ଏକଶତ ବର୍ଷ ମଧ୍ୟରେ ବହୁକାବ୍ୟ, କବିତା ଆଦି ସୁରଚିତ । ରତ୍ନାକର ଗର୍ଗବଟୁ ଓ ନାରାୟଣଚନ୍ଦ୍ର ଦାସଙ୍କ ସୂର୍ଯ୍ୟପୁରାଣ ପ୍ରଣିଧାନ ଯୋଗ୍ୟ । ଉତ୍କଳମଣି ଗୋପବନ୍ଧୁଙ୍କ ଧର୍ମପଦ, ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ', ଅଶ୍ୱିନୀକୁମାର ଘୋଷଙ୍କ 'କୋଣାର୍କ' ଓ ଯଦୁନାଥ ଦାସ ମହାପାତ୍ରଙ୍କ 'ସୂର୍ଯ୍ୟମନ୍ଦିର' ଓ ଡ଼କ୍‌ଟର ମାୟାଧର ମାନସିଂହଙ୍କ 'କୋଣାର୍କର ସମ୍ୟଲୀଳା' ପ୍ରଣିଧାନ ଯୋଗ୍ୟ ।

ଦ୍ୱିତୀୟ ଜୀବିତଗୁପ୍ତଙ୍କ ଦଶମ ଶତାବ୍ଦୀର ଏକ ଶିଳାଲେଖ କଲିକତା ଯାଦୁଘର (Museum) ରେ ଅଛି । ଏହାର ବିବରଣୀ Cunningham Archaeological reports vol XVI P. 65 ରେ ଉଲ୍ଲେଖଅଛି । ସୂର୍ଯ୍ୟଦେବଙ୍କ ଅଂଗ-ସ୍ପୃଷ୍ଟ ପ୍ରକାଶମାନ 'ମଗ' ବ୍ରାହ୍ମଣ, ଭଗବାନ ଶ୍ରୀକୃଷ୍ଣଙ୍କ ଅନୁମତି କ୍ରମେ ତାଙ୍କ ପ୍ରିୟ ପୁତ୍ର ଶାମ୍ବଙ୍କ ଦ୍ୱାରା ଶାକଦ୍ୱୀପରୁ ଅଣାଯାଇଥିଲେ ଅର୍ଥାତ୍ ଦ୍ୱାପର ଯୁଗରେ ମଧ୍ୟ ସୂର୍ଯ୍ୟ ସାଧନାର ବିଶେଷଜ୍ଞ ଥିଲେ, ଯାହାକି ଭବିଷ୍ୟ, ସାମ୍ବ ପୁରାଣ ଓ ବ୍ରହ୍ମଯାମଳରେ ଉଲ୍ଲିଖିତଅଛି ।

"ଯଥା ପୁଷ୍ପଂ କଦମ୍ବସ୍ୟ ସମନ୍ତାତ୍ କେସରୈର୍ବୃତମ୍ ।
ତଥୈବ ତେଜସା ଗୋଳଂ ସମନ୍ତାଦ୍ ରଶ୍ମିଭିର୍ବୃତମ୍ ॥
—ସାମ୍ବପୁରାଣ (୭—୩୫)

ଯେପରି କଦମ୍ବ ପୁଷ୍ପ ସୁନ୍ଦର କେଶର ଦ୍ୱାରା ଆବୃତ ସେହିପରି ଭଗବାନ ଭୁବନଭାସ୍କର ଅଖଣ୍ଡ ମଣ୍ଡଳାକାର ତେଜଃ ପୁଞ୍ଜ ଦ୍ୱାରା ସମସ୍ତ ଦିଗଦିଗନ୍ତ ପରିବ୍ୟାପ୍ତ ଉକ୍ତ ତେଜପୁଞ୍ଜ ଗୋଲକ ମଧ୍ୟରେ ଯୋଗଦର୍ଶିତ ସହସ୍ରଶୀର୍ଷା ଭଗବାନ ହିରଣ୍ୟଗର୍ଭ ବିଦ୍ୟମାନ ।

ପୁନଶ୍ଚ "ଏକ ଏବହି ଲୋକାନାଂ ସୂର୍ଯ୍ୟ ଆତ୍ମାଽଦିକୃଦ୍ଧରିଃ ।
ସର୍ବବେଦ କ୍ରିୟାମୂଳମୃଷିଭିର୍ବହୁଧୋଦିତଃ ॥"
(ଶ୍ରୀମଦ୍‌ଭାଗବତ ୧୨-୧୧-୩୦)

ସମସ୍ତ ବୈଦିକ ପ୍ରକ୍ରିୟାର ମୂଳକାରଣ ସ୍ୱୟଂ ଶ୍ରୀହରି ସୂର୍ଯ୍ୟ ରୂପରେ ବିରାଜମାନ ହୋଇଥିବାରୁ ଋଷି ମୁନିଗଣ ତାଙ୍କର ଗୁଣାନୁକୀର୍ତ୍ତନ କରିଥାଆନ୍ତି ।

Prof. Henderson କହିଛନ୍ତି—The Sun is the supreme existence in the whole solar system. All of the Sun we are fiilted to receive comes to us as the Sunshine, illuminating, Vivifying, pleasant, bringing into existence all that is living on the plane.

ଭଗବାନ ସୂର୍ଯ୍ୟଙ୍କ କିରଣରେ ଅନ୍ତର୍ନିହିତଥିବା ପ୍ରାଣ ଶକ୍ତିରୁ ବିଶ୍ୱ ଚୈତନ୍ୟମୟ, ପ୍ରାଣମୟ ହୋଇଉଠିଛି । ପ୍ରଖ୍ୟାତ ଆମେରିକୀୟ ପତ୍ରିକା 'New Scientist—Aug. 1973'ରେ ଡ଼.ଫ୍ରାନ୍‌ସିସ୍, ଡ଼ଃ ଫ୍ରିକ୍ ଓ ଡ଼ଃ ଲେସ୍‌ଲି କହିଛନ୍ତି । ଏହି ପୃଥିବୀ ଉପରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ କୌଣସି ଜୀବନ ନ ଥିଲା । ଏପରିକି ଜୀବନର କୌଣସି ସମ୍ଭାବନା ନ ଥିଲା । ମହାକାଶ ସୂର୍ଯ୍ୟାଶ୍ରୟଜନିତ ଜୀବନ ସ୍ଫୁଲିଙ୍ଗ ପ୍ରଥମେ ଏ ବନ୍ଧ୍ୟା ପୃଥିବୀ ଉପରକୁ ଆସିଥିଲା ।

ସୂର୍ଯ୍ୟୋପାସନା ବିଷୟକ କେତେକ ବିଦ୍ୟା ଉପନିଷଦରେ ନିରୂପିତ ହୋଇଛି (୧)ବ୍ରହ୍ମଜ୍ଞାନଦହର ବିଦ୍ୟା (୨) ମଧୁବିଦ୍ୟା (୩) ଉପକୋଶଳ ବିଦ୍ୟା (୪) ମନ୍ତ୍ରବିଦ୍ୟା (୫) ସଂଶୃଗ୍ମି ବିଦ୍ୟା ଇତ୍ୟାଦି ।

ଋଷିମୁନିଗଣଙ୍କ ମତରେ ଶୁଦ୍ଧ ଆତ୍ମତେଜ (Cosmic Ray) ସୂର୍ଯ୍ୟମଣ୍ଡଳ ଭେଦକରି ଜଗତକୁ ଓହ୍ଲାଇ ଆସେ । ଶୁଦ୍ଧଭୂମିରେ ଅବତୀର୍ଣ୍ଣହେବା ଓ ଶୁଦ୍ଧ ଧାମକୁ ଯିବାପାଇଁ ସୂର୍ଯ୍ୟହିଁ ଏକମାତ୍ର ଦ୍ୱାର ସ୍ୱରୂପ । ପିଥାଗୋରାସ୍ କହିଛନ୍ତି, ସୂର୍ଯ୍ୟ ହିଁ ଏକ ତେଜୋଧାରକ ପାତ୍ର ଯାହା ମଧ୍ୟଦେଇ ଆତ୍ମଜ୍ୟୋତିଃ (Cosmic Ray) ଜଗତକୁ ଓହ୍ଲାଇଆସେ । ପ୍ଲାଟୋ ଓ ଅନ୍ୟାନ୍ୟ ତତ୍ତ୍ୱଦର୍ଶୀଙ୍କ ମତରେ ସୂର୍ଯ୍ୟହିଁ ପରମପଦାର୍ଥ (Divine Intelligence)ର ପ୍ରଥମ ବିକାଶ ଈଶ୍ୱର ନିଜରଶ୍ମିରେ ଯେଉଁ ତେଜ ପ୍ରଜ୍ୱଳିତ କରିଛନ୍ତି ତାହାହିଁ ସୂର୍ଯ୍ୟ ।

ଅଧୁନା 'ଆମେରିକୀୟ (International Solar Energy Society) ଜରିଆରେ ସୌର ଶକ୍ତିଉପରେ ବହୁ ଗବେଷଣା ଓ '(Sun World)' ନାମକ ପତ୍ରିକା ଜରିଆରେ ପରିପ୍ରସ୍ତୁତ ଚାଲିଛି । ସୌର ତାପଜ ପ୍ରକ୍ରିୟା (Solar thermal System)ରୁ ସୌରଚୁଲି (Solar Cooker) ଲବଣ ଜଳକୁ ମଧୁର ଜଳରେ ରୂପାନ୍ତରିତ କରିବାପାଇଁ ସୌର-ପାତନ ଯନ୍ତ୍ର (Solar Still), ଜଳକୁ ଉଷ୍ମ କରିବାପାଇଁ ଜଳ ଉତ୍ତାପକାରୀ ଯନ୍ତ୍ର (Water boiler), ଜଳସେଚନପାଇଁ ସୌର ପଂପ (Solar Pump), କୋଷ, (Solar Cell) ନିର୍ମିତ ସୌର ଶୀତଳୀକରଣ ପାଇଁ (Solar Refrigeration), ଶସ୍ୟ ଶୁଖାଇବାପାଇଁ 'Solar Crop dryer,', ବୈଜ୍ଞାନିକମାନଙ୍କର ଏକ ପ୍ରଶଂସନୀୟ ପଦକ୍ଷେପ । ଏତଦ୍‌ବ୍ୟତୀତ ଜାହାଜ ଚଳାଚଳ (Navigation), ବେତାର Tele Communication,

ରେଡ଼ିଓ, ଟେଲିଭିଜନ, Railway signalling Bettery Charging. ଓ କୃତ୍ରିମ ଉପଗ୍ରହ (Satelite)ର ଚଳାଚଳରେ ସୌରଶକ୍ତି ପ୍ରତ୍ୟକ୍ଷଭାବେ ବ୍ୟବହୃତ ହେଉଛି । ସୌର ଶକ୍ତିଦ୍ୱାରା ଚାଳିତ ଯନ୍ତ୍ର, ଇନ୍ଧନପାଇଁ ପେଟ୍ରୋଲ କିମ୍ବା କୌଣସି ଖର୍ଚ୍ଚକଟେଇ ଆବଶ୍ୟକ କରେନାହିଁ ଓ ବାୟୁମଣ୍ଡଳର କୌଣସି କ୍ଷତି ଘଟାଏନାହିଁ । ଏହାର ପ୍ରୟୋଗ ଯେ କୌଣସି ଗ୍ରାମାଞ୍ଚଳରେ ଅଳ୍ପ ସମୟରେ ମଧ୍ୟ କରାଯାଇପାରେ । ହୁଏତ ଅଳ୍ପ ଦିନ ମଧ୍ୟରେ ଆମର ସମସ୍ତ ଯାନବାହାନ ପେଟ୍ରୋଲ ବା ଡ଼ିଜେଲ ଉପରେ ନିର୍ଭରନକରି ସୌର ଶକ୍ତିଦ୍ୱାରା ପରିଚାଳିତ ହେବ । ଭାରତ ସରକାରଙ୍କ Deptt. of Non-Conventional Energy Sources ତରଫରୁ ପ୍ରତ୍ୟେକ ପ୍ରଦେଶରେ ଏହାର ପରିପ୍ରଚାର ଚାଲିଛି । ଓଡ଼ିଶାରେ Deptt. of Science, Technology & Environment ଓ OREDA (Orissa Renewable Energy Development Agency) ଜରିଆରେ Solar Cooker ଓ Biogasର ବ୍ୟାପକ ପ୍ରଚାର ଓ ପ୍ରସାର ଚାଲୁ ରହିଛି ।



ପ୍ରାତଃ ଗାୟତ୍ରୀ



ମଧ୍ୟାହ୍ନ ଗାୟତ୍ରୀ



ସାୟାହ୍ନ ଗାୟତ୍ରୀ

ସୂର୍ଯ୍ୟଦେବଙ୍କର ବହୁବିଧ ନାମକରଣ ଦେଖାଯାଏ ଯଥା:- ଆଦିତ୍ୟ, ସବିତା, ମିହିର, ଅର୍କ, ପ୍ରଭାକର, ମାର୍ତ୍ତଣ୍ଡ, ଭାସ୍କର, ଭାନୁ, ଚିତ୍ରଭାନୁ, ଦିବାକର ଓ ରବି ଇତ୍ୟାଦି । ସୂର୍ଯ୍ୟ ବା ସବିତାଙ୍କ ଶକ୍ତି ହିଁ ସାବିତ୍ରୀ । "ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋ ନଃ ପ୍ରଚୋଦୟାତ୍ ।" ଏହା 'ସବିତା ମନ୍ତ୍ର' । ଏଥିରେ ଗାୟତ୍ରୀ ଛନ୍ଦ ପ୍ରୟୋଗ ହେଲେ ଏହାର ନାମ ଗାୟତ୍ରୀ ମନ୍ତ୍ର ହୁଏ । ଏହା ବେଦରେ ସର୍ବୋଚ୍ଚ ମହତ୍ୱପୂର୍ଣ୍ଣ ଓ ବେଦମାତା ନାମରେ ତ୍ରିଲୋକବିଦିତ । ସଂକ୍ଷେପରେ ଉକ୍ତ ମନ୍ତ୍ରର ଅର୍ଥ ଦେଦୀପ୍ୟମାନ ସବିତାଙ୍କ ତେଜକୁ ଧ୍ୟାନ କରୁଛୁ । ସେ (ତେଜ) ମୋ ବୁଦ୍ଧିର ପ୍ରେରକ ହୁଅନ୍ତୁ । ଉକ୍ତ ମନ୍ତ୍ରରେ ପ୍ରଣବ ଓ ତିନି ବ୍ୟାହୃତି ଅର୍ଥାତ୍ 'ଓଁ ଭୂର୍ଭୁବଃ ସ୍ୱଃ ଯୋଗ କଲେ ଗାୟତ୍ରୀ ମନ୍ତ୍ର ହୋଇଥାଏ-"ଓଁ ଭୂର୍ଭୁବଃ ସ୍ୱଃ ତତ୍ ସବିତୁ ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋ ନ ପ୍ରଚୋଦୟାତ୍ ।" ବେଦପାଠ କରିବା ପୂର୍ବରୁ ଓ ମନ୍ତ୍ର ସିଦ୍ଧପାଇଁ ପୁରଶ୍ଚରଣ କରିବା ପୂର୍ବରୁ ଗାୟତ୍ରୀ ମନ୍ତ୍ର ପାଠ କରାଯାଏ । ଏପରିକି ଶାସ୍ତ୍ରାନୁଷ୍ଠାନ ରହିତ ଯେ କୌଣସି କାର୍ଯ୍ୟସିଦ୍ଧପାଇଁ ଗାୟତ୍ରୀ ମନ୍ତ୍ର ପାଠ ଓ ତିଳହୋମ ପ୍ରକୃଷ୍ଟ ।

"ଯତ୍ର ଯତ୍ରଚ ସଂକୀର୍ଣ୍ଣମାତ୍ମାନଂ ମନ୍ୟତେ ଦ୍ୱିଜଃ ।
ତତ୍ର ତତ୍ର ତିଳୈର୍ହୋମୋ ଗାୟତ୍ର୍ୟାଶ୍ଚ ଜପସ୍ତଥା ।।"

ତ୍ରିକାଳ ସନ୍ଧ୍ୟାପାଇଁ ଗାୟତ୍ରୀମାତାଙ୍କର ପୃଥକ୍ ପୃଥକ୍ ଧ୍ୟାନ ଅଛି । ପ୍ରାତଃ ସ୍ନାନ ପରେ ଜଳାଶୟରେ ଦଣ୍ଡାୟମାନ ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ, ଜଳଧାରାର ଅନ୍ତରାଳରେ ସୂର୍ଯ୍ୟଙ୍କ କିରଣ ଶରୀର ଉପରେ ପ୍ରଭାବ ପକାଇଥାଏ ଓ ସୂର୍ଯ୍ୟଦେବଙ୍କ Ultra Violet Ray ଶରୀର ସୁସ୍ଥ ରଖେ । ବେଦରେ Ultra Violet Ray 'ଏତଶ' ବା 'ନୀଳଗ୍ରୀବ' ରୂପେ ବର୍ଣ୍ଣିତ ।

'ସ୍ୱସ୍ତିକ' ହିନ୍ଦୁମାନଙ୍କର ଏକ ସୌର ଚିହ୍ନ ଓ ଏହାର ଅର୍ଥ 'ଭଲରେ ରୁହ' । ଏହା ତେଜ ଅଥବା ମହିମାର ଦ୍ୟୋତକ ।

ପୃଥିବୀର ପ୍ରତ୍ୟେକ ଭାଷାଭାଷୀ ଭଗବାନ ଭାସ୍କରଙ୍କ ପ୍ରଶସ୍ତିଗାନ କରିଛନ୍ତି । ପ୍ରସିଦ୍ଧ ଇଂରେଜ କବି ଲର୍ଡ଼ ଟେନିସନ

ସୂର୍ଯ୍ୟଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଲେଖିଛନ୍ତି, ବୋଧହୁଏ ସିନାଇ (SINAI) ପର୍ବତରୁ ଧର୍ମଦୂତ ଓହ୍ଲାଇ ଆସୁଛନ୍ତି !

"Down Sank the great red Sun and in golden glimmering Vapours Veiled the light of his face, Like the Prophet descending from Sinai" (Evangeline).

ପୁନଶ୍ଚ ବିଶ୍ୱବନ୍ଦିତ କବି ସେକ୍ସପିଅର ଭାବାବେଶରେ ଉଲ୍ଲେଖ କରିଛନ୍ତି–ସବିତାଙ୍କ କିରଣ ମାଟିମଟାଳକୁ ସୁବର୍ଣ୍ଣ କରିଦେଉଛି ।

The glorious Sun
Stays in his Course and plays the alchemist,
Turning with splendour of his precious eye The meagre cloddy earth to glottering gold.

(King John III)

ଭଗବାନ ଦତ୍ତାତ୍ରେୟଙ୍କ ନିମ୍ନୋକ୍ତ ବିଚିତ୍ର ଉଦ୍‌ଭାବନ ପ୍ରଣିଧାନ ଯୋଗ୍ୟ ।

"ମାତୁ ଲିଂଗସ୍ୟ ବୀଜେନ ତୈଳ ଗ୍ରାହ୍ୟଂ ପ୍ରଯତ୍ନତଃ
ଲେପୟେତାମ୍ରପାତ୍ରେ ଚ ତନ୍ମଧ୍ୟାହ୍ନେ ବିଲୋକୟାତ୍ ॥
ଉଦୟେନ ସହ ସାକାରୋ ଦୃଶ୍ୟତେ ଭାସ୍କରୋଧ୍ରୁବମ୍
ବିନା ମନ୍ତ୍ରେଣ ସିଦ୍ଧିଃ ସ୍ୟାତ୍ ସିଦ୍ଧ ଯୋଗ ଉଦାହୃତଃ ॥

(ଦତ୍ତାତ୍ରେୟ ତନ୍ତ୍ର, ଏକାଦଶ ପଟଳ)

ଜମ୍ବୀର ବୀଜରୁ ଯତ୍ନ ସହକାରେ ତୈଳ ବାହାର କରି, ମଧ୍ୟାହ୍ନ ସମୟରେ ଉକ୍ତ ତୈଳକୁ ତାମ୍ର ପାତ୍ରରେ ଲେପଦେଇ ସୂର୍ଯ୍ୟଙ୍କ ସମ୍ମୁଖରେ ରଖିଲେ, ଉଆଗୁଡ଼ ସାକାର ସୂର୍ଯ୍ୟଦେବ ନିଶ୍ଚିତ ଭାବେ ଦେଖାଯିବେ । ଏଥିପାଇଁ କୌଣସି ମନ୍ତ୍ରର ଆବଶ୍ୟକତା ନାହିଁ । (ତୈଳ ଓ ସମୟ ଅଭାବରୁ ଏ ଲେଖକ ପରୀକ୍ଷା କରିପାରି ନାହିଁ ।)

ଜନ୍ମରକ୍ଷା, ଆୟୁବୃଦ୍ଧି, ଅଖଣ୍ଡ ଯଶପ୍ରାପ୍ତି ଓ ନୀରୋଗ ଜୀବନ ଲାଭ ପାଇଁ ସୂର୍ଯ୍ୟୋପାସନା ଅପରିହାର୍ଯ୍ୟ । ଯୁଦ୍ଧରେ ବିଜୟଲାଭ ଓ ଜନ୍ମଜନ୍ମାନ୍ତର ପାପ ମୋଚନ ପାଇଁ ସବିତାଙ୍କ ତ୍ରିକାଳ ଉପାସନା ପ୍ରକୃଷ୍ଟ ।

"ଦିବସ୍ତନ୍ତୁ ଜାତାନାଂ ଶୃଣୁୟାଦ୍ ବା ପଠେତ୍ ତଥା ।
ଆପଦଂ ପ୍ରାପ୍ୟ ମୁଚ୍ୟେତ ପ୍ରାପ୍ନୁୟାଚ୍ଚ ମହଦୀଶଃ ॥
ଅହୋରାତ୍ରକୃତଂ ପାପମେତଚ୍ଛମୟତି ଶ୍ରୁତମ୍ ।
ମାହାତ୍ମ୍ୟମାଦିଦେବସ୍ୟ ମାର୍ତ୍ତଣ୍ଡସ୍ୟ ମହାତ୍ମନଃ ॥"

(ମାର୍କଣ୍ଡେୟ ପୁରାଣ)

ପୁନଶ୍ଚ

"ଏତା ଭଗବତୋ ବିଷ୍ଣୋରାଦିତ୍ୟସ୍ୟ ବିଭୂତୟଃ ।
ସ୍ମରତାଂ ସନ୍ଧ୍ୟୟୋର୍ନୃଣାଂ ହରନ୍ତ୍ୟଂହୋ ଦିନେ ଦିନେ ॥

(ଶ୍ରୀମଦ୍ ଭାଗବତ ୧୨-୧୧-୪୫)

ସୂର୍ଯ୍ୟଙ୍କ କିରଣ ମଧ୍ୟରୁ ଚାରି ଶତ କିରଣ ଜଳ ବୃଷ୍ଟି କରେ, ତିରିଶ କିରଣ ହିମ (ଶୀତ) ସୃଷ୍ଟି ଉତ୍ପନ୍ନ କରେ । ଏହା ସୂର୍ଯ୍ୟ ଦେହରେ ଔଷଧ ଶକ୍ତି ବୃଦ୍ଧି କରେ । ଅଗ୍ନିରେ ଆହୁତି ସୂର୍ଯ୍ୟ ପର୍ଯ୍ୟନ୍ତ ପହଞ୍ଚି ଅନ୍ନ ଉତ୍ପନ୍ନ କରେ । ଯଜ୍ଞରୁ ପର୍ଜନ୍ୟ ଓ ପର୍ଜନ୍ୟରୁ ଅନ୍ନ ହେବା ଶାସ୍ତ୍ର ସିଦ୍ଧ ଓ ଲୋକ ପ୍ରସିଦ୍ଧ । ଭଗବାନ ଦିନନାଥ ସର୍ବଶକ୍ତି ନିକେତନ, ବିଶ୍ୱ ପ୍ରକାଶକ ଓ ବିଶ୍ୱପ୍ରାଣାଶୟ ଅଟନ୍ତି ।

"ବିଶ୍ୱ ପ୍ରକାଶକ ଶ୍ରୀମାନ୍ ସର୍ବଶକ୍ତି ନିକେତନ ।
ଜଗନ୍ନିୟନ୍ତଃ ସର୍ବେଶ ବିଶ୍ୱପ୍ରାଣାଶୟ ପ୍ରଭୋ ॥"

ପତଞ୍ଜଳି ଯୋଗ ଦର୍ଶନରେ ଯଥାର୍ଥରେ କହିଛନ୍ତି
"ଭୁବନଜ୍ଞାନଂ ସୂର୍ଯ୍ୟେ ସଂଯମାତ୍" । (ବିଭୂତିପାଦ ୨୬)

ତନ୍ତ୍ର ସାଧନରେ ବର୍ଣ୍ଣନା ଅଛି, ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଂଗ ଓ ଅଗ୍ନିଙ୍କର ସପ୍ତଜିହ୍ୱା ସୂର୍ଯ୍ୟମଣ୍ଡଳରେ ପ୍ରକଟିତ ହୁଏ ।

"କାଳୀ କରାଳୀ ଚ ମନୋଜବା ଚ
ସୁଲୋହିତା ଯା ଚ ସୁଧୂମ୍ର ବର୍ଣ୍ଣା ।
ବିସ୍ଫୁଲିଙ୍ଗିନୀ ବିଶ୍ୱରୁଚୀ ଚ ଦେବୀ
ଲେଲାୟମାନା ଇତି ସପ୍ତ ଜିହ୍ୱା ॥"

(ମୁଣ୍ଡକୋପନିଷଦ ୨-୪)

ସୂର୍ଯ୍ୟଙ୍କର ଶରୀରରୁ ସପ୍ତ ଭୈରବର ମଧ୍ୟ ପରି ପ୍ରକାଶ ତନ୍ତ୍ରରେ ଦେଖାଯାଏ ଯଥା :ମଣ୍ଡାନ, ଫଟ୍‌କାର, ଷଡ଼ଚକ୍ର, ଏକାକ୍ଷ, ହରିକେଶ, ଚଣ୍ଡ ଓ ଭ୍ରମର ଭାସ୍କର ଇତ୍ୟାଦି ।

ଶ୍ରୀମଦ୍ ଭାଗବଦ୍ ଗୀତାରେ ଭଗବାନ କହିଛନ୍ତି, ଚନ୍ଦ୍ର ସୂର୍ଯ୍ୟ ଓ ଅଗ୍ନିରେ ଯେଉଁ ତେଜ ବିଦ୍ୟମାନ ତାହା ମୋର ପରିପ୍ରକାଶ ବା ସ୍ୱରୂପ ମାତ୍ର ।

"ଯଦାଦିତ୍ୟ ଗତଂ ତେଜୋ ଜଗଦ୍ ଭାସୟତେଽଖିଳମ୍ ।
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ॥"(ଗୀତା୧୫-୧୨)
ପୁନଶ୍ଚ, ପ୍ରଭାସ୍ମି ଶଶି ସୂର୍ଯ୍ୟୟୋଃ ।" (ଗୀତା-୭-୮)

'ବ୍ରହ୍ମକୃତ୍ ସୂର୍ଯ୍ୟ ସ୍ତୁତିବର୍ଣ୍ଣନମ୍'ରେ ଅରୁଣଦେବ କହିଛନ୍ତି, ବ୍ରହ୍ମାଙ୍କର ବ୍ରହ୍ମତ୍ୱ, ବିଷ୍ଣୁଙ୍କର ବିଷ୍ଣୁତ୍ୱ ଓ ଶଙ୍କରଙ୍କ ଶିବତ୍ୱ ପ୍ରାପ୍ତି କେବଳ ଭାସ୍କର ପୂଜନ ଦ୍ୱାରା ସମ୍ଭବ ହୋଇପାରିଛି ।

"ପୂଜୟିତ୍ୱା ରବିଂ ଭକ୍ତ୍ୟା ବ୍ରହ୍ମତ୍ୱମାଗତଃ ।
ବିଷ୍ଣୁ ତ୍ୱଂ ଚାପି ଦେବେଶୋ ବିଷ୍ଣୁରାପ ତଦର୍ଚନାତ୍ ॥
ଶଙ୍କରୋପି ଜଗନ୍ନାଥଃ ପୂଜୟିତ୍ୱା ଦିବାକରମ୍ ।
ମହାଦେବତ୍ୱମଗମତ୍ ପ୍ରସାଦାତ୍ ଖଗାଧିପ ॥"

ଭବିଷ୍ୟ ପୁରାଣରେ ଭଗବାନ ଶ୍ରୀକୃଷ୍ଣ ଶାମ୍ବଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି–ପ୍ରତ୍ୟକ୍ଷ ଦେବତା ହେଉଛନ୍ତି ଭଗବାନ ସୂର୍ଯ୍ୟ । ସେ ଜଗତର ନେତ୍ର ଓ ଦିବସର ସ୍ରଷ୍ଟା । ତାଙ୍କଠାରୁ

ଜଗତର ଉତ୍ପତ୍ତି ଓ ଲୟ । ତାଙ୍କ ପରି ଦେବତା ଆଉ କେହି ନାହାନ୍ତି, ଅତୀତରେ କେହି ନ ଥିଲେ, ନା ଭବିଷ୍ୟତରେ କେହି ହେବେ ।

"ତସ୍ମାଦତଃ ପରଂ ନାସ୍ତି ନ ଭୂତଂ ନ ଭବିଷ୍ୟତି ।" (ଭ.ପୁ.)

ପଞ୍ଚ ଦେବତା ଉପାସନା ପଦ୍ଧତିରେ ସୂର୍ଯ୍ୟୋପାସନା ସର୍ବପ୍ରଥମ ଓ ସମସ୍ତ ଦେବଦେବୀଙ୍କ ଉତ୍ସବ ମଧ୍ୟରେ ସୌରସୃଷ୍ଟିର ସର୍ବ ପ୍ରଥମ ।

"ଆଦିତ୍ୟଂ ଗଣନାଥଞ୍ଚ ଦେବୀଂ ରୁଦ୍ରଂ ଯଥାକ୍ରମଂ ।
ନାରାୟଣଂ ବିଶୁଦ୍ଧାଖ୍ୟମନ୍ତେଚ କୁଳଦେବତାଃ ॥
ପୂର୍ବମେବ ସହସ୍ରାଂଶୋର୍ଯ୍ୟାନ ହେତୋ ମହାତ୍ମନଃ ।
ସଂବତ୍ସରସ୍ୟ କଥଯେିଃ କଳ୍ପିତୋଽସ୍ୟ ଉତ୍ସୋମୟ ॥
ସର୍ବେ ଯାତ୍ରୋତ୍ସବାନାଂବୈ ସଉଥଃ ପ୍ରଥମ ସ୍ମୃତଃ ।" (ଭ. ପୁ.)

କେଉଁ ଅନାଦି ଅନନ୍ତ କାଳରୁ ଭଗବାନ ବିରଞ୍ଚି ନାରାୟଣ ସୁରାସୁର, ପିତୃ, ଯକ୍ଷ ଓ ସିଦ୍ଧଗଣଙ୍କ ପରମାରାଧିତ ଦେବତା ।

"ସୁରଗଣ ପିତୃ ଯକ୍ଷ ସେବିତଂ
ହ୍ୟସୁର ନିଶାଚର ସିଦ୍ଧ ବନ୍ଦିତମ୍ ।
ବର କନକ ହୁତାଶନ ପ୍ରଭଂ
ପ୍ରଣିପତିତୋଽସ୍ମି ହିତାୟ ଭାସ୍କରମ୍ ॥"
(ମହାଭାରତ-ବନପର୍ବ)

× × ×

"ନମୋ ମିତ୍ରାୟ ଭାନବେ ମୃତ୍ୟୋର୍ମାପାହି
ଭ୍ରାଜିଷ୍ଣବେ ବିଶ୍ୱହେତବେ ନମଃ ॥"
(ସୂର୍ଯ୍ୟୋପନିଷଦ ୨-୪)

ଅଦ୍ୟାବଧି ଭକ୍ତି ବିହ୍ୱଳ ଧର୍ମପ୍ରାଣ ହିନ୍ଦୁକଣ୍ଠରେ ଜଗଦାଧାର ବିଶ୍ୱସ୍ରଷ୍ଟା ଭଗବାନ ଭୁବନ ଭାସ୍କରଙ୍କ ନିମ୍ନୋକ୍ତ ସ୍ତବ ଝଙ୍କୃତ ହୋଇଥାଏ । ବ୍ରହ୍ମା, ବିଷ୍ଣୁ ଶଙ୍କରାତ୍ମିକ ବିଶ୍ୱଲୋଚନ ସୂର୍ଯ୍ୟଦେବ ସଚରାଚର ଜଗତର ଆତ୍ମା, ପ୍ରତ୍ୟକ୍ଷ ଦେବତା । ପ୍ରତ୍ୟେକ ଭାରତୀୟ ତ୍ରୈଲୋକ୍ୟ ଚିନ୍ତାମଣି ବିରଞ୍ଚି ନାରାୟଣଙ୍କ ଜ୍ଞାନାଲୋକରେ ଉଦ୍‌ଭାସିତହୋଇ ଅଭିନବ ଉନ୍ମେଷ ଓ ବିକାଶୋନ୍ମୁଖୀ ପଥରେ ଅଗ୍ରସର ହୋଇ ଭାରତକୁ ଭାସ୍ୱର (ପ୍ରଭାପୂରିତ) କରନ୍ତୁ ।

"ନମଃ ସର୍ବତ୍ରେ ଜଗଦେକ ଚକ୍ଷୁଷେ ।
ଜଗତ୍ ପ୍ରସୂତି ସ୍ଥିତି ନାଶ ହେତବେ ॥
ତ୍ରୟୀ ମୟାୟ ତ୍ରିଗୁଣାତ୍ମ ଧାରିଣେ ।
ବିରଞ୍ଚିନାରାୟଣ ଶଙ୍କରାତ୍ମନେ ॥
ଯସ୍ୟୋଦୟେନେହ ଜଗତ୍ ପ୍ରବୁଧ୍ୟତେ ।
ପ୍ରବର୍ତ୍ତନ୍ତେ ଚାଖିଳକର୍ମସିଦ୍ଧୟେ ॥
ବ୍ରହ୍ମେନ୍ଦ୍ର ନାରାୟଣ ରୁଦ୍ର ବନ୍ଦିତଃ ।
ସ ନଃ ସଦା ଯଚ୍ଛତୁ ମଙ୍ଗଳଂ ରବିଃ ॥"

ସଂପାଦକ 'ମହାପ୍ରଭୁ,
ବୃନ୍ଦାବନ ଧାମ,
ଲୋକନାଥ ରୋଡ୍, ପୁରୀ—୭୫୨୦୦୧



ବିଶ୍ୱବ୍ୟାଙ୍କ ପ୍ରତିନିଧି କ୍ଲେର ହାର୍ଭିସନ୍‌ଙ୍କୁ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କ ସ୍ୱାଗତ ସମ୍ବର୍ଦ୍ଧନା



# ଅଭ୍ୟୁଦୟର ଅନ୍ତସ୍ଥଳେ

ଶ୍ରୀ ଦାମୋଦର ପାତ୍ରୀ

ଗ୍ରାମାଞ୍ଚଳ ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଥଇଥାନ
...ମର ଅନୁଦାନ ସ୍ୱରୂପ "ମାଲବାରୀ ଚାଷ ତଥା ରେଶମ ପୋକ
..." ପ୍ରକଳ୍ପ ଅନୁଯାୟୀ କୋରାପୁଟର ଦଶମନ୍ତପୁର ବ୍ଲକ୍‌ର ମୁଦାର
...ସୁଖିପୁରୁଗୁଡ଼ା ଗ୍ରାମର ୫୦ ଜଣ ପରଜା ଆଦିବାସୀ ଉପକୃତ
...ଛନ୍ତି ।

... ପ୍ରକଳ୍ପକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟର ଅର୍ଥଲଗାଣ
...ସରକାରଙ୍କର ରେଶମ ଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ,
...ପୁରର ଶ୍ରୀ ତ୍ରିଲୋଚନ ସାହୁଙ୍କର ଅକ୍ଳାନ୍ତ ପରିଶ୍ରମରେ ତାହା
... ଫଳପ୍ରଦ ହୋଇ ପାରିଛି । ଇ.ଆର.ଆର.ପି. କାର୍ଯ୍ୟକ୍ରମ
...ଣ ଡ଼ି.ଆର.ଡ଼ି.ଏ., କୋରାପୁଟ ଏ ପ୍ରକଳ୍ପରେ ୫ଲକ୍ଷ
...ହଜାର ୫୦୦ ଟଙ୍କା ବ୍ୟୟ କରିଛି । ଏଥିରେ ଲକ୍ଷ୍ମୀପୁର ବ୍ଲକର
...ଣ ଓ ଦଶମନ୍ତପୁର ବ୍ଲକର ୫୦ ଜଣ ଆଦିବାସୀ ହରିଜନ
... ହୋଇ ପାରିବାର ଲକ୍ଷ୍ୟ ରଖା ଯାଇଛି । ପ୍ରତ୍ୟେକ ଉପକୃତ
... ପାଇଁ ୫,୮୭୫ ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା
...ଛି । ଏ ମଧ୍ୟରୁ ଦଶମନ୍ତପୁର ବ୍ଲକ ତରଫରୁ ୫୦ ଜଣ
... ବ୍ୟକ୍ତିଙ୍କ ପାଇଁ ୫୦ଟି "ରେଶମ ପୋକ ପାଳନ ତଥା
..." ପାଇଁ ଟାଇଲ୍ ଗୃହ ନିର୍ମାଣ କରି ଦିଆଯାଇଛି । ପ୍ରତ୍ୟେକ
...ମୂଲ୍ୟ ୨,୫୦୦ ଟଙ୍କା । ଅବଶିଷ୍ଟ କାର୍ଯ୍ୟକୁ ସହକାରୀ

ନିର୍ଦ୍ଦେଶକ, ରେଶମ ବିଭାଗ, କୋରାପୁଟ ତୁଲାଇ ନେଉଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କପାଇଁ ଅଧା ଏକର ଜମିରେ ତୁତ ଗଛ ଲଗାଇ ତଥା ବଢ଼ାଇ ପୋକ ପାଳନର ଖାଦ୍ୟ ପ୍ରସ୍ତୁତ କରାଯାଇଛି । ଅଣ୍ଡାଠାରୁ ଦୁଇକାଟି ଛାଡ଼ିବା ପର୍ଯ୍ୟନ୍ତ ବିଭାଗୀୟ କର୍ମଚାରୀ ପୋକକୁ ପାଳନ୍ତି । ଏ ଅଣ୍ଡାକୁ ବିନା ମୂଲ୍ୟରେ ଏମାନଙ୍କୁ ଯୋଗାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଦଶମନ୍ତପୁର ବ୍ଲକର ୫୦ ଜଣ ଉପକୃତ ବ୍ୟକ୍ତିଙ୍କ ମଧ୍ୟରୁ ୪୫ ଜଣ ବ୍ୟକ୍ତି ନିଜେ ରେଶମ ପୋକ ପାଳନ କରି ରେଶମ କୋଷା ବିଭାଗକୁ ବିକ୍ରୀକରି ଅର୍ଥ ଆମଦାନୀ କଲେଣି । ଏମାନଙ୍କ ମଧ୍ୟରୁ ୪୫ ଜଣଙ୍କୁ ନେଇ ଏକ ସମବାୟ ସମିତି ଗଠନ କରାଯାଇ ଜାନୁୟାରୀ ୧୯୮୪ରୁ ଏହାକୁ ରେଜିଷ୍ଟ୍ରି କରାଯାଇଛି । ଏମାନଙ୍କର ସଭାପତି ଶ୍ରୀ ସହଦେବ ପ୍ରଧାନ ଓ ସଂପାଦକ ରେଶମ ବିଭାଗର ଜଣେ କର୍ମଚାରୀ ଅଛନ୍ତି । ଏହି ପ୍ରକଳ୍ପକୁ ଏଣିକି ଓଡ଼ିଶା ସରକାରଙ୍କର ରେଶମ ବିଭାଗ ତତ୍ତ୍ୱାବଧାନ ନ କରି ଏ ସମବାୟ ସମିତିକୁ ହସ୍ତାନ୍ତର କରିବାପାଇଁ ଏ ପଦକ୍ଷେପ ନିଆଯାଇଛି । ୧୩-୫-୧୯୮୧ ରୁ ଏହି ପ୍ରକଳ୍ପଟି ରେଶମ ବିଭାଗ ଦ୍ୱାରା ଆରମ୍ଭ ହୋଇଛି । ବର୍ତ୍ତମାନ ସମସ୍ତ ଉପକୃତ ବ୍ୟକ୍ତି ମାଲବାରୀ ବୃକ୍ଷ ଚାଷଠାରୁ ଆରମ୍ଭ କରି ପୋକ ପାଳନ ଓ କୋଷା ଆଦାୟ ଜାଣି ଗଲେଣି । ଏହାର ଏକ ଉଦାହରଣ ସ୍ୱରୂପ ୫୦ ଜଣଙ୍କ ମଧ୍ୟରୁ ଜଣଙ୍କର ଜୀବନୀକୁ ଏଥିରେ ବର୍ଣ୍ଣନା କରାଯାଇଛି ।



ରେଶମ ପୋକ ପାଳନ ଓ ନିରୀକ୍ଷଣ ଗୃହ

ତେଇଶ ବର୍ଷ ବୟସ ପରଜା ଆଦିବାସୀ ଯୁବକ ଶ୍ରୀ ଜୟଜାନୀ ପିତା ଶ୍ରୀ ଗଡ଼ିରିଜାନୀ, ମାଆ ତଥା ଭଉଣୀ ନେଇ ପରିବାରକୁ ମୁଦାର ଗାଁର ଆଦିବାସୀ ଭାଇଭଉଣୀ ମେଳରେ ଦାରିଦ୍ର୍ୟର କଷାଘାତରେ ପୀଡ଼ିତଥାଇ ପ୍ରଗତିଶୀଳ ସମାଜଠୁ ବହୁଦୂରରେ କାଳାତିପାତ କରୁଥିଲା । ସେମାନେ ଡଙ୍ଗର ଚାଷ କରି ବଞ୍ଚିବାକୁ ହାଡ଼ଭଙ୍ଗା ପରିଶ୍ରମ କରୁଥିଲେ । ବର୍ଷର କେତେକ ଦିନ କଞ୍ଚା ଆମ୍ବ ଓ ଟାକୁଆ ଖାଇ ବଞ୍ଚିବାକୁ ପଡୁଥିଲା । ବିଂଶ ଶତାବ୍ଦୀ ପଡୁଥିଲା । ବିଂଶ ଶତାବ୍ଦୀର ପ୍ରସାର ଗାଁ ଗାଁକୁ ମାଡ଼ି ଚାଲିଲା । ଇ.ଆର.ଆର.ପି. କାର୍ଯ୍ୟକ୍ରମରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ରେଶମ ବିଭାଗ ସହକାରୀ ନିର୍ଦ୍ଦେଶକ, ଶ୍ରୀ ତ୍ରିଲୋଚନ ସାହୁ ମନସ୍ଥ କଲେ । ୧୩-୫-୧୯୮୧ରୁ ଏ ପ୍ରକଳ୍ପକୁ ଏ ଅଞ୍ଚଳରେ ଆରମ୍ଭ କରାଗଲା । ତୁତ ଗଛ ଚାଷ ତଥା ରେଶମ ପୋକ ପାଳନ ବିଷୟରେ ଜୟଜାନୀକୁ ପ୍ରଥମେ ତାଲିମ ଦେବାର ବ୍ୟବସ୍ଥା କରାଗଲା । ତାଲିମ ସମୟ ମଧ୍ୟରେ ଜୟଜାନୀକୁ ପରିବାର ପୋଷଣ ପାଇଁ ଦୈନିକ ମଜୁରୀ ଦିଆଗଲା । ସେ ତା'ର ଅଧା ଏକର ତୁତ ଚାଷ ଜମିରେ ଦୈନିକ ମଜୁରିଆଭାବେ କାମ କରି ଟଙ୍କା ପାଏ । ଟଙ୍କା ସହ ତାଲିମ ପାଉଥାଏ । ୧୬-୮-୧୯୮୧ରୁ ୩୧-୩-୧୯୮୪ ମଧ୍ୟରେ ଜୟଜାନୀ ଦୈନିକ ମଜୁରୀ ବାବଦକୁ ୨,୮୦୦ ଟଙ୍କା ପାଇଛି । ଯେତେବେଳେ ସେ ଆତ୍ମନିର୍ଭରଶୀଳ ହେବାକୁ ସକ୍ଷମ ପାଇଲା ଓ ପୋକ ପାଳନର ସବୁପ୍ରକାର ଶିକ୍ଷା ଲାଭକଲା ତାକୁ ଇ.ଆର.ଆର.ପି. ପ୍ରକଳ୍ପର ଅର୍ଥରୁ ନିର୍ମିତ ୫୦ଟି ଗୃହ ମଧ୍ୟରୁ ଗୋଟିଏ ଗୃହ ଯୋଗାଇ ଦିଆଗଲା । ସର୍ବମୋଟରେ ଜୟ ଜାନୀକୁ ସର୍ବମୋଟ ୫,୮୭୫ ଟଙ୍କାର ସହାୟତା ଦିଆଯାଇଛି । ଏହା ରେଶମ ପୋକ ପାଳନ ଠାରୁ କୋଷା ଆଦାୟ ନାଇଁ ଖର୍ଚ୍ଚ କରାଯାଇଛି । ଏ ପ୍ରକଳ୍ପ ପାଇଁ ବିଭିନ୍ନ ଉପକରଣ ଯଥା; କାଠର ଥାକ ୨ଟି, ବାଉଁଶ ଡାଲା ୩୦ଟି, କୋଷା ଚନ୍ଦ୍ରିକା ୫ଟି, ପତ୍ର କାଟିବା କତୁରୀ ଗୋଟିଏ, ପଟା ଗୋଟିଏ, ଓ ପିମ୍ପୁଡ଼ି ପ୍ରତିରୋଧକ ଜଳପାତ୍ର ୮ଟି, ରେଶମ ବିଭାଗ ତରଫରୁ ଯୋଗାଇ ଦେଲେ । ବିଭିନ୍ନ ରାସାୟନିକ ଦ୍ରବ୍ୟ ତଥା ପୋକ ପାଳନର ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବିଭାଗ ତରଫରୁ ୫୭୦ ଟଙ୍କା ତଥା ଅଧା ଏକର ତୁତ ଗଛ ବଢ଼ାଇ ୨ ବର୍ଷ ପରେ ଜୟ ଜାନୀକୁ ସେ ସବୁ ହସ୍ତାନ୍ତରିତ କରାଗଲା । ଯାହାର ଖର୍ଚ୍ଚ ସବୁ ୧,୪୫୫ ଟଙ୍କା ହେଲା । କୃଷିଯନ୍ତ୍ର ଶାବଳ, ବାଲ୍‌ଟି, ଫାଉଡ଼ା କିଣି ଯୋଗାଇ ଦିଆଗଲା ।

ରେଶମ ବିଭାଗର କ୍ଷେତ୍ର ସହକାରୀ ଶ୍ରୀ କେଦାର ନାଥ ମହାପାତ୍ରଙ୍କ ଠାରୁ ତାଲିମ ପାଇ ତଥା ସହକାରୀ ନିର୍ଦ୍ଦେଶକ ଶ୍ରୀ ସାହୁଙ୍କର ପ୍ରଚେଷ୍ଟାବଳରେ ଆଜି ଜୟ ଜାନୀ ବହୁତ ପ୍ରଗତି ଲାଭକରି ପାରିଛି । ସେ ଏ ମଧ୍ୟରେ ଚାରି ଥର ରେଶମ ପୋକ ବସାଇ ରେଶମ କୋଷା ଆଦାୟ କରି ରେଶମ ବିଭାଗକୁ କିଲୋ ପ୍ରତି ଧାର୍ଯ୍ୟ ଦରରେ ବିକ୍ରୀ କରି ନିମ୍ନମତେ ଟଙ୍କା ପାଇଛି ।

ରେଶମ ପୋକ ଚିକିଚିକି ତୁତ ପତ୍ର ଖାଉଛନ୍ତି





କୋଷା କରିବାକୁ ଚନ୍ଦ୍ରିକା ଭିତରେ ରେଶମ ପୋକ ରଖା ଯାଉଛି



ଜୟକାନ୍ତି ଚନ୍ଦ୍ରିକା ମଧ୍ୟରେ କୋଷା ହେଉଥିବାର ଲକ୍ଷ୍ୟକରୁଛି

ଜୟକାନ୍ତି ରେଶମ କୋଷା ବିକ୍ରୟ କରିବା ସଙ୍ଗେ ସ
ଓଡ଼ିଶା ସରକାରଙ୍କ ପ୍ରତି ନିଜର କୃତଜ୍ଞତା ଜଣାଉଛି



ପ୍ରଥମ ଥର ୨୧୯.୨୫ ଟଙ୍କା ୧୨-୬-୧୯୮୩ ରେ
ଦ୍ୱିତୀୟ ଥର ୫୧୨.୫୦ ଟଙ୍କା ୩୦-୧-୧୯୮୪ ରେ
ତୃତୀୟ ଥର ୨୨୦.୦୦ ଟଙ୍କା ୨୦-୬-୧୯୮୪ ରେ
ଚତୁର୍ଥ ଥର ୩୫୫.୦୦ ଟଙ୍କା ୧୬-୧-୧୯୮୫ ରେ
ସର୍ବମୋଟ ୧,୩୮୬.୭୫ ଟଙ୍କା ଲାଭାଂଶରେ ପାଇପାରିଛି ।

ତା ସହିତ ରେଶମ ଚାଷକୁ ଆଜି ଜୟକାନ୍ତି ତା'ର ଜୀବନ ନିର୍ବାହର ଧନ୍ଦାରୂପେ ବାଛି ନେଇଛି । ଏହାକୁ ସେ ବର୍ଷରେ ଚାରି ଥର କରିବାକୁ ମନବଳ ବଢ଼ାଇଛି । ଏହା ଜୟକାନ୍ତିର ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ତା'ର ଭାଗ୍ୟଲକ୍ଷ୍ମୀ ଉଦୟ ହୋ ପାରିଛି । ପୁଣି ଏହାର ଲାଭାଂଶରୁ ହଳେ ବଳଦ କିଣି ପ୍ରଗତିମୂଳ ଢଙ୍ଗରେ ଚାଷପାଇଁ ସେ ସମର୍ଥ ହୋଇଛି । ଗାଁରେ ମଇଁଷି କିଣିବାକୁ ସମ ପାଇଛି ।

ଜୟକାନ୍ତି ପରି ଅନ୍ୟ ୪୯ଟି ପରିବାର ଏହି ଦଶମନ୍ତପୁର ବ୍ଲକର ପ୍ରକଳ୍ପ ଦ୍ୱାରା ଉପକୃତ ହୋଇଛନ୍ତି । ତଣା ଅଧିକେ ସମସ୍ତେ ଏଣିକି ଅ ଉପାର୍ଜନ କରିବାକୁ ସମର୍ଥ ହେଲେଣି । ସେଠାରେ ରେଶମ ପୋ ପାଳନ ସମବାୟ ସମିତି ଗଠିତ ହେଲାଣି । ୨,୮୬୩ଟି ଡିମ୍ବାପଟିର ଅ ପାଳନ କରି ସମୁଦାୟ ୬୫୦ କିଲୋ ୮୦୦ ଗ୍ରାମ ରେଶମ କୋ ଏମାନେ ଆଦାୟ କରି ରେଶମ ବିଭାଗକୁ ୧୮,୮୭୦ ଟଙ୍କାରେ ବିକ୍ରୀକରି ପାରିଛନ୍ତି ।

ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ସଦର), କୋରାପୁ





ମନ୍ତ୍ରୀଙ୍କ ସହ ଆଲୋଚନାରେ କେନ୍ଦ୍ର-ରାଜ୍ୟ ସମ୍ପର୍କ କମିଶନ୍ ............

# ଉତ୍ତମ ପୁରସ୍କାର ଓ ମହତ୍ ଉପହାର

ଶ୍ରୀ ଅଜୟ କୁମାର

ଜୀବନକୁ ସରସ ସୁନ୍ଦର କରିବା ପାଇଁ ଆମେ ଉତ୍ସବ ପାଳନ କରୁ । ଏହି ଉତ୍ସବ ପ୍ରଚଳନ ପଛରେ ରହିଛି କେତେକ ଆଦର୍ଶ । ଗୋଟିଏ ଆଦର୍ଶ ହେଉଛି ନିଜେ ଖୁସି ରହି ନିଜର ବନ୍ଧୁମାନଙ୍କୁ ଆନନ୍ଦ ଦେବା, ପାଳିତ ସୁଦିନଗୁଡ଼ିକୁ ମନେ ରଖିବା ପାଇଁ, ଅଧିକ ଉପଭୋଗ୍ୟ ପାଇଁ ବନ୍ଧୁମାନେ ଆମକୁ କିଛି ଉପହାର (ପଦାର୍ଥ ବା ଧନ) ଆକାରରେ ଦେଇ ଥାଆନ୍ତି । ଉପହାର ପ୍ରଦାନ ଏବେ ଏକ ପ୍ରଥା ହୋଇ ଯାଇଛି । ଉତ୍ସବରେ ଯୋଗ ଦେବାକୁ ହେଲେ ଉପହାର ଦେବାକୁ ବାଧ୍ୟ ବୋଲି ଆମେ ଚିନ୍ତା କରୁ । କିନ୍ତୁ ଏହା କେତେଦୂର ଯଥାର୍ଥ ?

ପ୍ରଶ୍ନ ଉଠେ—ଉପହାର କାହିଁକି ଦେବା ? କେଉଁ ପଦାର୍ଥ ଦେବା ? କେଉଁ ଲକ୍ଷ୍ୟ ନେଇ ଉପହାର ଦେବା, ଏବଂ ଯେଉଁ ଲକ୍ଷ୍ୟ ନେଇ ଉପହାର ଦେଉଛେ ସେ ଲକ୍ଷ୍ୟ ପୂରଣ ହେଉଛି କି ? ଏ ପ୍ରଶ୍ନ ନିଜକୁ ନିଜେ, ଅପରକୁ ପଚାରିଲେ ଆମେ ଯଥେଷ୍ଟ ଜ୍ଞାନ ପାଇପାରିବା । ବିବାହ, ବ୍ରତ, ଜନ୍ମୋତ୍ସବ ଦିନରେ ଉଭୟେ ପକ୍ଷକୁ ସୁଖଶାନ୍ତି ଦେବା ପାଇଁ ଆମେ ଉପହାର ଦେଉ । ଦେବା ମଧ୍ୟ ଉଚିତ୍ । କିନ୍ତୁ ଏବେ ଦେଖା ଯାଉଛି "ଉପହାର ପ୍ରଦାନ" କୁ ଆମେ ଏକ କୁ ପ୍ରଥାରେ ପ୍ରଚଳନ କରି ଅନ୍ଧ ଭାବରେ ଅନୁସରଣ କରୁଥାଉଁ । ଏଥିଯୋଗୁଁ ଉଭୟେ ପକ୍ଷ ଅଶାନ୍ତିରେ ପଡୁଛନ୍ତି ।

ଏକ ଉଦାହରଣ ନିଆଯାଉ । ମତେ ଜଣେ ବନ୍ଧୁର ବିବାହରେ ଯୋଗଦାନ ପାଇଁ ଆମନ୍ତ୍ରଣ କରାଯାଇଛି । ଯିବା ପୂର୍ବରୁ କଣ ଉପହାର ନେବି ତାହା ନେଇ ମୁଁ ଚିନ୍ତିତ । ଉପହାର ବିନା ଯିବାତ ଅସମ୍ଭବ । ଏହା ମୋର ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ । ନିଜ ପାଖରେ ଅର୍ଥ ନଥିଲେମଧ୍ୟ ମୋତେ ଅନ୍ୟଠାରୁ ଅର୍ଥ ଆଣି ଉପହାର ଦେ... ହେବ । ତେଣୁ ଧାର କରି ୨୦/୩୦ ଟଙ୍କାର ଉପହାର (ଷ୍ଟିଲ୍ ବା... ବା ସୌଖିନ ଦ୍ରବ୍ୟ) ଧରି ଚାଲିଲି । ଏଣେ ଘରେ ଅଶାନ୍ତି । ମନ... ବନ୍ଧୁ ପ୍ରତି ରାଗ କିନ୍ତୁ ଉପରେ ଦେଖାଣିଆ ସ୍ନେହ । ଯା ହେଉ ... ଭାବରେ କାମଟି ସରିଗଲା । ଏହାର ୪/୫ ଦିନ ପରେ ପୁଣି ... ବନ୍ଧୁ ପାଖରୁ ନିମନ୍ତ୍ରଣ ପତ୍ର ଆସି ହାଜର । ଏଥିରେ ବଢ଼ିଲା ମନ... ଅଶାନ୍ତି, ଆର୍ଥିକ ସଙ୍କଟ ଇତ୍ୟାଦି । ପ୍ରଚଳିତ ପ୍ରଥା ଉପରେ ଯେତେ ... ହେଲେ ସୁଦ୍ଧା ଏଥିରୁ ମୁକ୍ତି ପାଇଁ ସାହସ ଆମର କାହିଁ ?

ପ୍ରଚଳିତ ପ୍ରଥା ଏପରି ସମସ୍ୟା ହୋଇ ପଡ଼ିଛି ଯେ କେବଳ ଉପହାର ଦେଉଥିବା ଗୃହକର୍ତ୍ତାଙ୍କ ଲାଗି ନୁହେଁ ଉପହାର ନେଉଥିବା ... ଏପରିକି ସମଗ୍ର ସମାଜ ପ୍ରତି ଏକ ବଡ ସମସ୍ୟା ହୋଇଉଠିଛି । ଯଦି... ଏ ସମସ୍ୟାର ସମାଧାନ ସହଜ କିନ୍ତୁ ଆମମାନଙ୍କ ସାହସ ନାହିଁ ... ବଦଳାଇବା ପାଇଁ । ବିବାହ, ବ୍ରତ ପାଳନ କରୁଥିବା ବ୍ୟକ୍ତି ... ନିମନ୍ତ୍ରିତ ଅତିଥିଙ୍କଠାରୁ ଅନେକ ଉପହାର ପାଇବ ଏଥିପାଇଁ ... ନିଶ୍ଚିତ । ଏହି ଲକ୍ଷ୍ୟ ନେଇ ମଧ୍ୟ ଅନେକ ବ୍ୟକ୍ତି, ମାନ୍ୟଗଣ୍ୟ, ଧନି... ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିଥାନ୍ତି । ଲୋକେ ଆଜି ଉତ୍ସବ ଦିନଗୁଡ଼ିକୁ ଏ ପ୍ରଥା... ଏକ ବ୍ୟବସାୟିକ ବୃତ୍ତିରେ ପରିଣତ କରିଦେଲେଣି । ତେବେ ଏ... କୁପ୍ରଥାର ପ୍ରଚଳନକୁ ବଦଳାଇ ଏକ "ମହତ୍ ଉପହାର" ପ୍ରଦାନ ପ୍ରଥା ପ୍ରଚଳନ କରିବାକୁ ହେବ । ତେଣୁ ଆମେ ପ୍ରତ୍ୟେକ ଜଣେ ଜଣେ ଆଦର୍ଶବାଦୀ ହେବା ଉଚିତ୍ ।

ଆଦର୍ଶବାଦୀ ହେଉଛି ସେ ବ୍ୟକ୍ତି ଯିଏ କି ନିଜର କର୍ତ୍ତବ୍ୟ ପୂର୍ବରୁ ଚିନ୍ତା କରେ "ମୋର କାମ, କର୍ତ୍ତବ୍ୟ" ଅନ୍ୟ ମାନଙ୍କ ଉପରେ, ସମାଜ ଉପରେ କି ପ୍ରଭାବ ପକାଉଛି । ସେ ସର୍ବଦା ମନ୍ଦ ପ୍ରଭାବରୁ ଦୂରରେ ରହେ । ଉପହାର ପ୍ରଚଳନ କ୍ଷେତ୍ରରେ ବିଚାର କରନ୍ତୁ.....ମୁଁ ଯଦି ପ୍ରକୃତରେ ଜଣେ ଆଦର୍ଶବାଦୀ ହୋଇଥାଏ, ଅନ୍ୟମାନେ ଦାମିକା ବାସନକୁସନ, ସୌଖିନ ସାମଗ୍ରୀ ଉପହାର ଦେଲା ପରି ମୁଁ କ'ଣ ସେପରି ଦେବି ? ନା, କଦାପି ମୁଁ ତାହା କରିପାରିବି ନାହିଁ । କାରଣ ଏ ପ୍ରଚଳିତ ପ୍ରଥା ସମସ୍ତଙ୍କ ପକ୍ଷେ କ୍ଷତିକାରକ ।

ଦାମିକା ବାସନକୁସନ ଉପହାର ଦେଇ ଗୃହକର୍ତ୍ତା ଘୋର ଆର୍ଥିକ ସଙ୍କଟରେ ପଡନ୍ତି । ଏପରି ୨/୩ଟି ନିମନ୍ତ୍ରଣ ଆସିଲେ ତାଙ୍କ ଦୁଃଖ ବଢ଼ିଚାଲେ । ବଢ଼ିଚାଲେ ପାରିବାରିକ ଅଶାନ୍ତି, ବନ୍ଧୁପ୍ରତି କ୍ରୋଧ । ଏଣେ ବନ୍ଧୁର ଲୋଭ ଅଛି ଭଲ ଦାମିକା ପଦାର୍ଥ ପାଇବାକୁ । ଯେତିକି ଯେତିକି ଉପହାର ପହଞ୍ଚୁଥିବ ଲୋଭ ସେତିକି ବଢ଼ି ଚାଲିବ । ଏହି ଲୋଭ ହିଁ ପାପ । ବନ୍ଧୁର ପାପ ବୃଦ୍ଧିରେ ଯେତେ ଆମେ (ଉପହାର ଦାମିକା ପଦାର୍ଥ) ଦେଉ ତା ପାପର ଭାଗିଦାର ମଧ୍ୟ ଆମେ ହୋଇଯାଉ । ପୁଣି ସେ ଦାମିକା ପଦାର୍ଥ ଚୋରିହେବାର ଭୟ ଥାଏ । ଚୋରି ଭୟ ସଙ୍ଗେ ବନ୍ଧୁର ଜୀବନ ପ୍ରତି ମଧ୍ୟ ଭୟ ଥାଏ । ଦାମିକା, ସୌଖିନ ଦ୍ରବ୍ୟ ପ୍ରତି ଲୋକର ଏପରି ମୋହ ଥାଏ ଯେ ସେ ତାକୁ ଅନ୍ୟକୁ ଦେବାକୁ ପସନ୍ଦ କରେ ନାହିଁ । ଏହାକୁ ନିଜେ ଉପଭୋଗ କରେ । ଏ ପଦାର୍ଥଗୁଡ଼ିକ ମଧ୍ୟ କ୍ଷୟଶୀଳ । ତେଣୁ ଅନ୍ୟମାନେ ବ୍ୟବହାର କରିବା ଫଳରେ ଏହା କ୍ଷୟ ହେବାର ସମ୍ଭାବନା ଥାଏ । ଆପଣ ନିଜକୁ ପଚାରନ୍ତୁ, ପାଇଥିବା ବାସନ ବା ଘଡ଼ି, ମୁଦି ଇତ୍ୟାଦି କେହି କ'ଣ ଅନ୍ୟକୁ " ଉପଭୋଗ କରିବାର" ସୁଯୋଗ ଦେଇଥାଏ ?

କିନ୍ତୁ ଜଣେ ଆଦର୍ଶବାଦୀ ମନକୁ ପ୍ରଶ୍ନ କରେ ଏବଂ ଉତ୍ତର ପାଇଲା ପରେ ନିର୍ଣ୍ଣୟ କରେ ଯେ—ମୁଁ ଏ ପରି ଉପହାର ଦେବି ଯାହା ଫଳରେ ଗୃହକର୍ତ୍ତାଙ୍କୁ ଆର୍ଥିକ ସଙ୍କଟରେ ପକାଇବ ନାହିଁ, କାହାରି ଲୋଭ ବୃଦ୍ଧି କରିବ ନାହିଁ, ଚୋର ତାହାକୁ ନେବାକୁ ଚାହିଁବ ନାହିଁ ଓ ସମସ୍ତେ ଉପଭୋଗ କରିବାର ସୁଯୋଗ ପାଇ ପାରିବେ । ଶେଷରେ ଉପହାରଟି

ଆମ ପାଇଁ ମଧ୍ୟ ମହତ୍ ହେବା ଉଚିତ୍ । କ'ଣ ସେ ଉପହାରଟି ? ତା ହେଉଛି "ଉତ୍ତମ ପୁସ୍ତକ" ।

ଉତ୍ତମ ପୁସ୍ତକକୁ ଉପହାର ଦେବା ଫଳରେ ଗୃହକର୍ତ୍ତାଙ୍କୁ ଅଯଥା ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ନ ଥାଏ । ଏପରିକି ଗୃହକର୍ତ୍ତା ବର୍ଷକରେ ୪/୫ଟି ଉତ୍ସବରେ ଏ ଉପହାର ଖୁସିରେ ଦେଇ ପାରିବେ । ଚାରି, ପାଞ୍ଚଟି ଉତ୍ସବରେ ୪/୫ଟି ବା ୮/୧୦ଟି ଉତ୍ତମ ପୁସ୍ତକ ଉପହାର ଦେଲେ ଖର୍ଚ୍ଚ ହେବ ମୋଟ ୧୫/୨୦ ଟଙ୍କା । ଏ ଉପହାର ମଧ୍ୟ ବନ୍ଧୁ ମାନଙ୍କର ଲୋଭ ସୃଷ୍ଟିରେ ବାଧା ଦେବ । ଯଦିଓ ସେ ବାଧା ହିତକର । ପୁସ୍ତକ ମଧ୍ୟ ଚୋରି ହେବା ଭୟ ନଥାଏ । କେତେବା କାହିଁକି ଚୋରି କରିବ । ଏପରିକି ଚୋରି ହେବା ଦ୍ୱାରା ପୁସ୍ତକରେ କ୍ଷୟ ନ ହୋଇ ମହତ୍ତ୍ୱ ବୃଦ୍ଧି ହୁଏ । ପୁସ୍ତକକୁ ମଧ୍ୟ ଅନେକ ଲୋକ (ସମଗ୍ର ପୃଥିବୀବାସୀ) ଉପଭୋଗ (ପଢ଼ି) କରି ପାରିବେ । ଜଣକ ପରେ ଜଣେ ଯଦି ଗୋଟିଏ ପୁସ୍ତକ ପଢ଼ି ଚାଲନ୍ତି ସେଥିରେ କ'ଣ କିଛି କ୍ଷୟ ହୁଏ ? ବରଂ ପୁସ୍ତକର ମହତ୍ତ୍ୱ ବଢ଼େ, ଯେ ହେତୁ ମୋ ଯୋଗୁଁ ସମସ୍ତ ନାଗରିକ କିଛି ଭଲ, ନୂଆ କଥା ଶିକ୍ଷା କଲେ ।

ଅନ୍ୟ ରତ୍ନ, ଧନ ତୁଳନାରେ ପୁସ୍ତକ ଆପଣଙ୍କର ଶ୍ରେଷ୍ଠ ବନ୍ଧୁ । କାରଣ ଧନ, ରତ୍ନ ଖୁସି ବେଳେ ଆପଣଙ୍କୁ ସାହାଯ୍ୟ କରିଥାଏ । କିନ୍ତୁ ବହି, ଦୁଃଖ ବେଳେ ଆପଣଙ୍କୁ ସାହାଯ୍ୟ ଦିଏ । ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ।

କିନ୍ତୁ ପ୍ରଶ୍ନ ଉଠେ—ଆମେ କ'ଣ ଠିକ୍ ସମୟରେ, ଦରକାର ବେଳେ ଉତ୍ତମ ପୁସ୍ତକ କିଣି ପାରିବା ? ହୁଏତ କ୍ୱଚିତ୍ ସମୟ ଆମେ ଯେତେବେଳେ କି ଉତ୍ତମ ପୁସ୍ତକ ଆମେ ପାଇ ନ ପାରନ୍ତି । ଏ କ୍ଷେତ୍ରରେ ଯେତେବେଳେ ଆମକୁ ଉତ୍ତମ ପୁସ୍ତକ ମିଳେ ସେତେବେଳେ ସେଥିରୁ ସାରାଂଶ, ମହାପୁରୁଷଙ୍କ ମହତ୍ ବାଣୀକୁ ଖାତାରେ ଟିପି ରଖିବା ଉଚିତ୍ ଏବଂ ଦରକାର ବେଳେ ଆମେ ଛୋଟ ବାଇଣ୍ଡିଂ ଖାତାରେ ସେ ସବୁ ଟିପି ବନ୍ଧୁମାନଙ୍କୁ ଉପହାର ଦେଇ ପାରିବା । ଉତ୍ତମ ପୁସ୍ତକ ତୁଳନାରେ ଏହା ନ୍ୟୁନ ନୁହେଁ । ଆପଣ ଏ କଥା ମନେ ରଖିବେ—

୧—ବହି ଆପଣଙ୍କ ଶ୍ରେଷ୍ଠବନ୍ଧୁ କାରଣ ବହି ଆପଣଙ୍କ ସହିତ ବିଶ୍ୱାସଘାତକତା କରିବ ନାହିଁ ।

.......ବେକନ୍

୨—ବ୍ୟାୟାମ ଦେହକୁ ବହି ମନକୁ ପରିପୁଷ୍ଟ କରେ ।

.......ଯୋଶେଫ ଆଡ଼ିସନ୍

୩—ପୁସ୍ତକହୀନ ଗୃହ ପ୍ରାଣହୀନ ଦେହ ସଙ୍ଗେ ସମାନ ।

.......ସିସେରୋ

୪—ପୁସ୍ତକପୂର୍ଣ୍ଣ ଗୃହ ପୁଷ୍ପପୂର୍ଣ୍ଣ ଉଦ୍ୟାନ ସଙ୍ଗେ ସମାନ ।

.......ଆଗାଷ୍ଟ୍ୟାଲାସ୍

୫—ଯେ କୌଣସି ବହିରୁ ଆପଣଙ୍କର କିଛି ନା କିଛି ଶିଖିବାର ଅଛି ।

.......ସାର୍ତ୍ରେ

୬—ପୁସ୍ତକର ମୂଲ୍ୟ ରତ୍ନଠାରୁ ଅଧିକ । ରତ୍ନ ବାହାରକୁ ଚାକ୍‌ଚକ୍ୟମାନ ଦେଖାଇ ଥାଏ କିନ୍ତୁ ପୁସ୍ତକର ଆଭ୍ୟନ୍ତରୀଣ ଔଜ୍ଜ୍ୱଲ୍ୟ ସର୍ବଦା ସ୍ୱୀକାର୍ଯ୍ୟ । ଜ୍ଞାନ ପ୍ରସାର ପାଇଁ ସବୁଠାରୁ ଅଧିକ ସୁଗମ ପଥ ହେଉଛି ପୁସ୍ତକ ଅଧ୍ୟୟନ ।

....ଗାନ୍ଧିଜୀ

ମାର୍ଫତ୍ ଶ୍ରୀ ବି.ସାହୁ,
ଆଲୁରି,
ଅନୁଗୋଳ,
ଢେଙ୍କାନାଳ



ସାଚି ମାଆ କୋଳେ ଫଳାଇବୁ ଆମେ ସୁନାର ଫସଲ କୋରି କୋରି .....



# ଆମ କୃତି ସନ୍ତାନ .....
# ଶ୍ରୀ ଘନଶ୍ୟାମ ମହାପାତ୍ର

ସଂପ୍ରତି ଜୁନ୍ ପହିଲା ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ୩୨ତମ ରାଷ୍ଟ୍ରୀୟ ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାରେ ସମ୍ପୂର୍ଣ୍ଣଭାବେ ନିର୍ମିତ କ୍ଷୁଦ୍ର ରଙ୍ଗୀନ୍ ପ୍ରାମାଣିକ ଚଳଚ୍ଚିତ୍ର ''କୃଷି ଯନ୍ତ୍ରପାତି'' ସର୍ବଭାରତୀୟ ସ୍ତରରେ ସର୍ବୋତ୍ତମ ଉଦ୍ୟୋଗିକ ଓ କୃଷି ଚଳଚ୍ଚିତ୍ର ରାଷ୍ଟ୍ରୀୟ ପୁରସ୍କାର ଲାଭ କରିଛି । ଏଥିପାଇଁ ଏହାର ପ୍ରଯୋଜକ ଓ ନିର୍ଦ୍ଦେଶକ ଶ୍ରୀ ଘନଶ୍ୟାମ ମହାପାତ୍ରଙ୍କୁ ନଗଦ ପୁରସ୍କାର ସହିତ ୨ଟି ରୌପ୍ୟ କମଳ ଓ ମାନପତ୍ର ରାଷ୍ଟ୍ରପତି ପ୍ରଦାନ କରିଛନ୍ତି । ଏହି କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରଟି ଓଡ଼ିଶା ସରକାରଙ୍କ କୃଷି ବିଭାଗ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ନିର୍ମିତ । ଗାଁ ଗହଳର ଚାଷୀଭାଇମାନେ କିପରି ଉନ୍ନତ କୃଷି ଯନ୍ତ୍ରପାତି ଯଥା :—ଲୁହା ଲଙ୍ଗଳ, ବିହନ ବୁଣା ଯନ୍ତ୍ର, କାଦୁଅକରା ଯନ୍ତ୍ର ଓ ପୋକମରା ଔଷଧ ଇତ୍ୟାଦି ବ୍ୟବହାର କଲେ ଜମିରୁ ଭଲ ଫସଲ ପାଇବେ ଓ ଲାଭବାନ ହେବେ, ଏହି ବିଷୟଟି ବଳିଷ୍ଠଭାବରେ ଉକ୍ତ ପ୍ରାମାଣିକ ଚଳଚ୍ଚିତ୍ରଟିରେ ଦର୍ଶାଯାଇଛି ।

ଶ୍ରୀ ଘନଶ୍ୟାମ ମହାପାତ୍ର ବାଙ୍ଗାଲୋରରୁ ସିନେମାଟୋଗ୍ରାଫିରେ ଫାଷ୍ଟକ୍ଲାସ ଡିପ୍ଲୋମା ଲାଭକରି ୧୯୬୦ ମସିହାରୁ ଏକକ ଚେଷ୍ଟାରେ ଓଡ଼ିଶାରେ ସବୁ ବାଧାବିଘ୍ନ ଓ ଆର୍ଥିକ ଅଭାବ ଅନାଟନରେ ରହି ମଧ୍ୟ ଓଡ଼ିଆ ଭାଷାରେ ଗୋଟିଏ ପରେ ଗୋଟିଏ କ୍ଷୁଦ୍ର ଓ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିବାରେ ନିଷ୍ଠାର ସହିତ ଲାଗିଛନ୍ତି । ଏପର୍ଯ୍ୟନ୍ତ ସେ ୧୨ଟି ପ୍ରାମାଣିକ ଓ କାହାଣୀ ଚଳଚ୍ଚିତ୍ର ଓ ୯ଟି ଦୂରଦର୍ଶନ ଶିକ୍ଷଣୀୟ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ୧୯୭୧ରେ ଶ୍ରୀମହାପାତ୍ରଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ୧ମ ରଙ୍ଗୀନ୍ ପ୍ରାମାଣିକ ଚଳଚ୍ଚିତ୍ର ''ଓଡ଼ିଶୀ ଡ଼ାନ୍ସ'' ରୁଷିୟା ସରକାରଙ୍କ ସାଂସ୍କୃତିକ ବିଭାଗ ଆନୁକୂଲ୍ୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ବିଶ୍ୱ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଥିଲା । ଶ୍ରୀ ମହାପାତ୍ରଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ ''ମା ଓ ଶିଶୁ'', ''ରାଧୁ ଓ ଶ୍ୟାମ'' ଏବଂ ବିଶିଷ୍ଟ ଔପନ୍ୟାସିକ ଚଳଚ୍ଚିତ୍ର ''କନକଲତା'' ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି । 'କନକଲତା' ଔପନ୍ୟାସିକ ଚଳଚ୍ଚିତ୍ର ୫ମ ଓ ୭ମ ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବ ୧୯୭୫ ଓ ୧୯୭୯ ରେ ଦିଲ୍ଲୀଠାରେ ପ୍ରଦର୍ଶିତ ହୋଇଥିଲା ।

ସ୍ୱର୍ଗୀୟ ପ୍ରମୋଦପତିଙ୍କ ପରେ ସର୍ବଭାରତୀୟ ସ୍ତରରେ କୌଣସି ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ର ରାଷ୍ଟ୍ରୀୟ ପୁରସ୍କାର ଲାଭ କରିବା ଏହା ପ୍ରଥମ ।

# ସଫଳ କାହାଣୀ

## ଦଳେଇଙ୍କ ଜର୍ସି ଗାଈ

ବାଲେଶ୍ୱର ଜିଲ୍ଲା ସଦର ସବ୍‌ଡିଭିଜନର ସିମୁଳିଆ ବ୍ଲକ୍ ଅନ୍ତର୍ଗତ ମହୁପୁର ଗ୍ରାମ ନିବାସୀ ଶ୍ରୀ ଗୋବିନ୍ଦ ଦଳେଇଙ୍କର ମାତ୍ର ୩୦ ଡିସିମିଲ ଘରବାଡ଼ି ଓ ୧ ଏକର ୫୧ ଡିସିମିଲ ଚାଷଜମି ଥିଲା। ଘର ୯ ଜଣ ସଦସ୍ୟଙ୍କୁ ଦୁଃଖକଷ୍ଟରେ ଦିନ ମଜୁରିଆ ଭାବରେ ଘର ଚଳାଇବାକୁ ପଡେ। ମାଟିକାମ ଓ ଚୁଲ ଉପରରେ ନିର୍ଭର କରି ସେମାନେ ଚଳନ୍ତି।

ସିମୁଳିଆ ପଶୁ ଚିକିତ୍ସକଙ୍କ ଉପଦେଶରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୃଷି ଉନ୍ନୟନ ଶାଖା ସିମୁଳିଆରୁ ଋଣ ନେଇ ତା ୨୩-୧୧-୧୯୭୯ ତାରିଖରେ ଗୋଟିଏ ଜର୍ସି ସଂକର ଗର୍ଭିଣୀ ଗାଈ କିଣିଲେ। ୮ ଦିନ ପରେ ଗାଈଟି ଜନ୍ମଦେଲା ଓ ଦୈନିକ ୧୦ ଲିଟର କ୍ଷୀର ଦେଲା। ଏ ଗାଈଟି ମୋଟ୍ ୫ ଟି ଛୁଆ ଦେଇଛି। ତା ମଧ୍ୟରୁ ୨ ଟି ମାଈ ଓ ୩ ଟି ଅଣ୍ଡିରା।

ପ୍ରଥମ ୪ ଥରରେ ପ୍ରତିଥର ଆରମ୍ଭରୁ ୧୦ ଲିଟର କରି କ୍ଷୀର ଦେଇ ଶେଷବେଳକୁ ଅର୍ଥାତ୍ ପ୍ରାୟ ୧୧ ମାସ ବେଳକୁ ମାତ୍ର ୧ ଲିଟର କ୍ଷୀର ଦେଉଥିଲା ବେଳେ କ୍ଷୀର ଦେବା ବନ୍ଦ କରେ। ୫ମ ଗର୍ଭରୁ ୯ ଲିଟର କ୍ଷୀର ଦେଲା। ବର୍ତ୍ତମାନ ସାତେ ୫ ମାସ ଗର୍ଭରେ ଥାଇ ମଧ୍ୟ ଦିନକୁ ୫ ଲିଟର କରି କ୍ଷୀର ଦେଉଛି।

ଗୋପାଳନରେ ଅନୁପ୍ରାଣିତ ହୋଇ ଶ୍ରୀ ଦଳେଇ ତା ୨୨-୧୨-୧୯୮୦ ତାରିଖରେ ସେହି ବ୍ୟାଙ୍କ୍ ସାହାଯ୍ୟରେ ପୁଣି ଗୋଟିଏ ସଂକର ଜର୍ସି ଗାଈ କିଣିଲେ। ଏହା ସଂଗେ ମାଈ ବାଛୁରୀଟିଏ ଥିଲା ଓ ଗାଈଟି ୭/୮ ଲିଟର କରି କ୍ଷୀର ଦେଲା। କ୍ଷୀର ଦେବା ବନ୍ଦ ହୋଇ ୭ ମାସ ବେଳକୁ ୪ ଲିଟର ଦେଲା ଓ ପଡ଼ିଆ ହୋଇଗଲା। ୨ୟ ବେତରେ ପ୍ରଥମେ ୯ ଲିଟର କ୍ଷୀର ଦେଇ ୧୦ ମାସ ବେଳକୁ ମାତ୍ର ୪ ଲିଟର ଦେଉଥିଲା ବେଳେ କ୍ଷୀର ବନ୍ଦ ହୋଇଗଲା। ୩ୟ ଥର ହାରାହାରି ୧୧ ଲିଟର କ୍ଷୀର ଦେଇ ୧୦ ମାସ ବେଳକୁ ୩ ଲିଟର ଦେଉଥିଲା ବେଳେ କ୍ଷୀର ବନ୍ଦ ହେଲା ଓ ବେତ ୪ର୍ଥ ଥର ମୂଳରୁ ୧୧ ଲିଟର କ୍ଷୀର ଦେଇ ବର୍ତ୍ତମାନ ୭ ଲିଟର ଦେଉଛି। ଏ ଗାଈ ୨ ଟି ମାଈ ଓ ୨ ଟି ଅଣ୍ଡିରା ବାଛୁରୀ ଜନ୍ମ ଦେଇଛି।

୨ ଟି ଯାକ ଗାଈ ମାତ୍ର ଦେଢମାସ ପଡ଼ିଆ ରହନ୍ତି। ପ୍ରଥମେ ସର୍ଗୋଧା ଦୁଗ୍ଧ ଉତ୍ପାଦକ ସମବାୟ ସମିତିକୁ ଲିଟର ଟ ୧.୫୦ ପଇସା ଦରରେ ବିକୁଥିଲେ। ଏବେ ବର୍ତ୍ତମାନ ଟ୍ରାନ୍ସ ଲୋ-ଭରେ ଟ ୩ ଟା ଦରରେ ବିକୁଛନ୍ତି। ଏ ୪ ଟି ମାଈ ବାଛୁରୀ ଓ ୨ ଟି ଗାଈ ପାଇଁ ଦୈନିକ ୨୫ ଟଙ୍କା ଦାନା ଓ ଘାସ, କଡ଼ା, ପାଲ, ପ୍ରଭୃତି କିଣାରେ ଖର୍ଚ୍ଚ ହୁଏ।

ବର୍ତ୍ତମାନ ଗୋବିନ୍ଦ ଦଳେଇ ସୁଖରେ ପରିବାର ଚଳାଉଛନ୍ତି। ବୁଢ଼ା ବୟସରେ ଆଉ ପର ଘରେ ମଜୁରି କରିବାକୁ ଯାଉ ନାହାନ୍ତି। ଏବେ ୩ ଏକର ଜମି କିଣିଲେଣି ଓ ୨୦୦ ଟଙ୍କାର ବାସନ କିଣିଛନ୍ତି। ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାର ୫,୩୭୯ ଟଙ୍କା ମୋଟ୍ ଋଣ ଅଂଶରୁ ୨,୩୦୦ ଟଙ୍କା ଶୁଝିଛନ୍ତି। ବାକି ମୂଳ ସୁଧ ଶୀଘ୍ର ପରିଶୋଧ କରିପାରିବେ ବୋଲି କହନ୍ତି।

ବର୍ତ୍ତମାନ ତାଙ୍କ ପାଖରେ ଅଛନ୍ତି ୨ ଟି ସଂକର ଜର୍ସି ଗାଈ ଓ ୪ ଟି ସଂକର ଛଡ଼ା, ଯାହାର ମୂଲ୍ୟ ପ୍ରାୟ ୧୦ ହଜାର ଟଙ୍କାରୁ ଅଧିକ ହେବ।

—୦—

## ନରସିଂହର ମାଛ ପୋଖରୀ

ପୁରୀ ଜିଲ୍ଲା ବୀରପ୍ରତାପପୁର ଗାଁର ନରସିଂହ ବେହେରା ଜାତିରେ ହରିଜନ। ଜମିବାଡ଼ି ସେମିତି କିଛି ନାହିଁ। ଏକ ଏକର ମଧ୍ୟରେ। ଘର ପଛପଟେ ୨/୩ ଫୁଟର ଖାଲୁଆ ଜମିଟିଏ ଥିଲା। ବର୍ଷାଦିନରୁ ପଡ଼ତ। ଖରାବେଳେ କି। କରିବ କଣ? ସବୁବେଳେ ଚିନ୍ତା ଥାଏ ପିଲାକବିଲାଙ୍କୁ ପୋଷିବା ପାଇଁ କିଛି ରୋଜଗାର ଫନ୍ଦି ଫିକର କରିବା ଦରକାର। ଚନ୍ଦନପୁର ବଜାରକୁ ଆସି ହଠାତ୍ ଶୁଣିବାକୁ ପାଇଲା ଗରିବମାନଙ୍କ ପାଇଁ ମାଛଚାଷ ଗୋଟିଏ ବେଶ ଲାଭଜନକ ଧନ୍ଦା। ପୁରୀ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ତରଫରୁ ଏ ଦିଗରେ ମତ୍ସ୍ୟଚାଷୀଙ୍କୁ ସବୁପ୍ରକାର ସାହାଯ୍ୟ ସହଯୋଗ ଦିଆଯାଉଛି। ନାଆଁଟିଏ ସହଜେ ନରସିଂହ। ତେବେ ସେହିଦିନ ନରସିଂହର ସିଂହପଣ ମାଡ଼ିବସିଲା। ଭାତେଇ ପାରିବା ସଙ୍ଗେ ସଙ୍ଗେ ନରସିଂହର ଯୋଡ଼ ଅଛି ତଳେ ଲାଗିଛି? ଉଦ୍ୟମ ଆରମ୍ଭକଲା ତତ୍‌କ୍ଷଣାତ୍।

ପୁରୀ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ତରଫରୁ ନରସିଂହ ବେହେରାଙ୍କ ଋଣ ଦରଖାସ୍ତ ଚନ୍ଦନପୁର ଗ୍ରାମ୍ୟ ବ୍ୟାଙ୍କକୁ ସୁପାରିଶ ହେବା ଫଳରେ ୧୯୮୨-୮୩ ଆର୍ଥିକ ବର୍ଷରେ ପୋଖରୀ ଖୋଳିବା ଏବଂ ମାଛଚାଷ କରିବା ପାଇଁ ତାଙ୍କୁ ଋଣ ମିଳିଲା। ୧୦,୨୦୦ ଟଙ୍କା। ବର୍ଦ୍ଧମତ ବୈଜ୍ଞାନିକ ପ୍ରଣାଳୀରେ ସଘନ ମିଶ୍ରିତ ମାଛଚାଷ କରି ପ୍ରଥମ ବର୍ଷ ନରସିଂହକୁ ମାଛ ମିଳିଲା ୩ କ୍ୱିଣ୍ଟାଲ। ଦ୍ୱିତୀୟ ବର୍ଷ ୪ କ୍ୱିଣ୍ଟାଲ। କ୍ଷେତ୍ର କେତେ ଜାଣନ୍ତି? ମାତ୍ର ୪୦ ଡେସିମିଲ୍।

ବ୍ୟାଙ୍କଋଣ ବାବଦକୁ ୪ ହଜାର ଟଙ୍କା ଶୁଝି ସାରିଲେଣି । ବର୍ତ୍ତମାନ କେବଳ ନରସିଂହ ନାହିଁ ତାଙ୍କର ଆଉ ଦୁଇଜଣ ଆତ୍ମୀୟ ସଦୃଶ ଲୋକ ଓ କଣିଆ ଲୋକ ଏମାନଙ୍କର ବି ଜୀବିକା ସେଇ ମାଛ ଯୋଗଣ । ଏମାନଙ୍କ ଆର୍ଥିକ ଅବସ୍ଥା ବେଶ ବଦଳି ଗଲାଣି ।

—୦—

# ବିଶୁର ସ୍ୱପ୍ନ

ବଲାଙ୍ଗୀର ଜିଲ୍ଲା ଡଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ କୁରମୁଡ଼ା ଗ୍ରାମର ଶ୍ରୀ ବିଶ୍ୱନାଥ ଭୋଇ ଜଣେ ଭୂମିହୀନ ଆଦିବାସୀ । ସେ ନିଜେ, ସ୍ତ୍ରୀ, ୨ଟି ପୁଅ ଓ ଗୋଟିଏ ଝିଅ— ଏପରି ୫ ଜଣଙ୍କ ଭରଣପୋଷଣ ତାଙ୍କ ଉପରେ ନିର୍ଭର କରେ । ଗାଁର ଧନୀଲୋକଙ୍କ ଘରେ ବା ବିଲରେ ଦୈନିକ ମଜୁରି ଲାଗି କୌଣସିମତେ ପରିବାରକୁ ଦୁଃଖ କଷ୍ଟ ମଧ୍ୟରେ ଚଳାନ୍ତି । ମଜୁରି ନମିଳିଲେ ବନ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଗାଁରେ ବିକି ଚଳନ୍ତି । ମରୁଡ଼ି ପଡ଼ିବାରୁ ଲୋକେ ବିଲରେ ମୂଲିଆ ଲଗାଉଥିଲେ ନାହିଁ ଏବଂ ଜଙ୍ଗଲ ରକ୍ଷା ଅତି କଠୋର ହେବାରୁ ଜାଳେଣି ମଧ୍ୟ ସଂଗ୍ରହ କରି ବିକି ପାରିଲେ ନାହିଁ । ଉପାସ ଭୋକରେ ପରିବାରର ୫ ଜଣ ଛଟପଟ ହେଲେ । ଏଇ ସମୟରେ ସିଂଧେକେଲା ପଶୁ ଚିକିତ୍ସକ ଏହି ଦରିଦ୍ର ପରିବାରର ସହାୟଭାବରେ ଆସିଲେ । ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଅର୍ଥନୈତିକ ଉନ୍ନୟନ ଯୋଜନାରେ ୧୯୮୧ ଅପ୍ରେଲ ମାସରେ ବ୍ୟାଙ୍କ ଋଣ ସାହାଯ୍ୟରେ ବିଶ୍ୱନାଥ ମାଈ ବାଛୁରୀ ଲାଗିଥିବା ଦୁଧିଆଳ ଗାଈଟିଏ ପାଇଲେ । ଗାଈଟି ଦେଉଥିବା ୭ ଲିଟର କ୍ଷୀରରୁ ଗୋଟିଏ ଲିଟର ଛୋଟ ପିଲାଙ୍କ ପାଇଁ ଖର୍ଚ୍ଚ କରି ୬ ଲିଟର ବିକି ଦୈନିକ ୧୨ ଟଙ୍କା ପାଆନ୍ତି । ଗାଈର ଖାଇବା ପାଇଁ ୫ ଟଙ୍କା ଖର୍ଚ୍ଚ କରି ବଳକା ୭ ଟଙ୍କାରେ ଘରର ଖର୍ଚ୍ଚ ଚଳାଇ କିଛି ସଞ୍ଚୟ କଲେ । ୨ୟ ଗର୍ଭରେ ମଧ୍ୟ ଗାଈଟି ମାଈ ବାଛୁରୀଟିଏ ଜନ୍ମ କରି ପୁଣି ୭/୮ ଲିଟର ଲେଖାଏଁ କ୍ଷୀର ଦେଲା ଏବଂ ଗତବର୍ଷ ୩ୟ ଗର୍ଭରେ ଅଣ୍ଡିରା ବାଛୁରୀଟିଏ ଜନ୍ମ ହେଲା । ଦୁଧ ଏବେ ଦିନକୁ ୫ ଲିଟର ମିଳୁଛି । ବ୍ୟାଙ୍କ ଋଣ ମାତ୍ର ୨୦୦ ଟଙ୍କା ବାକି ଅଛି । ଦୁଧ ବିକ୍ରୀ ଟଙ୍କାରୁ ସଞ୍ଚୟ କରି ଦୁଇଟି ଛେଳି ଓ ଦୁଇଟି ମେଣ୍ଢା କିଣିଛନ୍ତି । ସଞ୍ଚୟ ଟଙ୍କାରୁ କିଛି ଖର୍ଚ୍ଚ କରି ଖଣ୍ଡିଏ ପ୍ଲଟ ଜମି କିଣି ଘାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରଖିଛନ୍ତି । ବଡ଼ ମାଈ ବାଛୁରୀଟି ଗାଈ ପଣିଆ କରିବାକୁ ଯୋଗ୍ୟ ହୋଇଗଲାଣି । ଏବେ ସେ ଆଉ ଜଙ୍ଗଲରୁ କାଠ କାଟୁ ନାହାନ୍ତି କି ତାଙ୍କ ପରିବାର ଆଉ ଭୋକ ଉପାସରେ ଡହଳ ବିକଳ ହେଉ ନାହାନ୍ତି ।

—୦—

## ଘାସ ବୃଦ୍ଧି ପାଇଁ ମିନିକିଟ୍

ସରକାରଙ୍କ ସାହାଯ୍ୟରେ ପ୍ରଚାର ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ଅଧିକ ଦୁଗ୍ଧ ଉତ୍ପାଦନ ହେଉଥିବା ଅଞ୍ଚଳର ଆଗ୍ରହୀ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫,୩୫୦ଟି ଘାସ ମଞ୍ଜି ବହନ ଓ ସାର ମୁଣା (ମିନିକିଟ୍) ଯୋଗାଇ ଦିଆଯାଇଛି । ଏହାଦ୍ୱାରା ୫,୩୫୦ ଜଣ ଯୋଜନାଭୁକ୍ତ ଚାଷୀ ଉପକୃତ ହୋଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ସବୁମୋଟ ୭,୨୫୦ଟି ଏହି ମିନିକିଟ୍ ବଣ୍ଟନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରତି ଚାଷୀଙ୍କ ୨୫ ଡେସିମିଲ ଜମିରେ ସବୁଜ ଗୋ-ଖାଦ୍ୟ ସୃଷ୍ଟି ପାଇଁ ମକା ଓ ବରଗୁଡ଼ି କମ୍ବା ଏମ୍. ପି. ଚେରି ଓ ବରସିମ ମିଶ୍ରିତ ବହନ ଓ ସାର ମୁଣା (ମିନିକିଟ୍) ରେ ଦିଆଯାଉଛି । ଚଳିତ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ୭,୨୫୦ଟି ମିନିକିଟ୍ ମଧ୍ୟରୁ ବର୍ଷା ଓ ଖରିଫ୍ ଋତୁରେ ୫,୩୫୦ ଟି ଏବଂ ରବି ଋତୁରେ ୧,୯୦୦ ଟି ମିନିକିଟ୍ ଯୋଗାଇଦିଆଯିବ । ରବି ଋତୁ ପାଇଁ ଯେଉଁ ମିନିକିଟ୍ ଯୋଗାଇ ଦିଆଯିବ ସେଥିରେ ପ୍ରତି ଚାଷୀଙ୍କ ୧୦ ଡେସିମିଲ୍ ଜମିରେ ବରସିମ ଓ ଲୁସର୍ଣ୍ଣ ଘାସ ଉତ୍ପାଦନ ଓ ସୋରିଷ ଶାଗ ପାଇଁ ବହନ ଓ ସାର ଦିଆଯିବ ।

## ଅନୁ ଦେହୁରୀଙ୍କ ଆଜି ଓ କାଲି

ଗ୍ରାମ୍ୟ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ରନପ୍ରଭା ଗାଁର ଶ୍ରୀ ଅନୁ ଦେହୁରୀ ଆଜି ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇପାରିଛନ୍ତି । ତାଙ୍କର ମାତ୍ର ୬ ଡିସମିଲ ଘରଡିହ ଜମି ଅଛି, ଯେଉଁଥିରୁ କି ୪ ଡିସମିଲ ଘରଡିହ ସରକାର ଯୋଗାଇ ଦେଇଛନ୍ତି । ଏହି ଆଦିବାସୀ ପରିବାରରେ ୭ ଜଣ ସଭ୍ୟ ଅଛନ୍ତି । ଶ୍ରୀ ଦେହୁରୀ ନିଜେ, ତାଙ୍କ ସ୍ତ୍ରୀ, ୩ଟି ପୁଅ ଓ ୨ଟି ଝିଅ ଅଛନ୍ତି । ଗାଈ ରଖିବା ପୂର୍ବରୁ ସେ ଓ ତାଙ୍କ ବଡ଼ପୁଅ ବର୍ଷକିଆ ହଳିଆ ରହି କୁଟୁମ୍ବ ପୋଷୁଥିଲେ । ୧୯୮୨ ମସିହାରେ କୃଷି ଉନ୍ନୟନ ବ୍ୟାଙ୍କ ମହିଷାପାଟରୁ ଋଣ ନେଇ ପ୍ରଥମ ଗାଈଟି କିଣିଲାବେଳେ ମାଈ ବାଛୁରୀ ଘରିଥିଲା ଓ ବହୁତ ଦିନ ଯାଏ ୧୦ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଲା । ଏ ଗାଈ ପଡ଼ିଆ ନ ରହି ପୁଣି ଛୁଆ ଜନ୍ମ କରିବା ପର୍ଯ୍ୟନ୍ତ ୫ ଲିଟର କ୍ଷୀର ଦେଲା । ଦ୍ୱିତୀୟ ଥର ବି ସେ ୧୦ ଲିଟର କ୍ଷୀରଦେଲା ଏବେ ମଧ୍ୟ ୧୦ ମାସର ବାଛୁରୀ ଆଉ ୭ ଲିଟର କ୍ଷୀର ଦେଉଛି ।

ଶ୍ରୀ ଦେହୁରୀ ପୂର୍ବୋକ୍ତ ବ୍ୟାଙ୍କରୁ ପୁଣି ଋଣ ନେଇ ଆଉ ଗୋଟିଏ ଗାଈ କିଣିଲେ । ଏହାର ମାଈ ବାଛୁରୀ ଥିଲା ଓ ୭ ଲିଟର କ୍ଷୀର ଦେଉଥିଲା । ଏବେ ବି ଏହି ଗାଈ ୭ ଲିଟର କ୍ଷୀର ଦେଉଛି । ବର୍ତ୍ତମାନ ଦୁଇଟି ଯାକ ଗାଈ ଓ ଛଡ଼ାଟିଏ ଗର୍ଭି ଅଛନ୍ତି ।

କ୍ଷୀର ଲିଟର ସେ ବାହାରେ ୩ ଟଙ୍କା ଦରରେ ବିକ୍ରୀକରି ଦୈନିକ ହାରାହାରି ୪୨ ଟଙ୍କା ପାଆନ୍ତି ଓ ଦାନା, ନଡ଼ା ପାଇଁ ଦୈନିକ ୧୭ ଟଙ୍କା ଖର୍ଚ୍ଚ କରି ୨୫ ଟଙ୍କା ଲାଭ ପାଆନ୍ତି । ଏଥିରୁ ସେ ପ୍ରଥମ ଗାଈର ଋଣଅଂଶ ପୁରା ସୁଝି ସାରିଛନ୍ତି ଓ ଦ୍ୱିତୀୟ ଗାଈ ପାଇଁ ୨୦୦ ଟଙ୍କା ଶୁଝିଛନ୍ତି । ବାକୀ ୮୦୦ ଟଙ୍କା ମାସେ କି ଦୁଇମାସ ମଧ୍ୟରେ ସୁଝିବାକୁ ଆଶା କରିଛନ୍ତି । ସେ ଗୋଟିଏ ଝିଅ ବିଭା କରି ସାରିଲେଣି ଓ ଆଉ ଦୁଇଟି ଝିଅ କ୍ଷୀରବିକା ପଇସାରେ ବିଭା କରିବା ପାଇଁ ଆଶା କରିଛନ୍ତି । ଘରେ ଦୁଇ ଲିଟର କ୍ଷୀର ସେ ନିଜେ ଖର୍ଚ୍ଚ କରନ୍ତି । ସେ ଆଉ ଏବେ ହଳିଆ କାମ କରୁ ନାହାନ୍ତି । ନିଜେ ଗାଈ ରଖି କ୍ଷୀର ବ୍ୟବସାୟ କରି ଆନନ୍ଦରେ ଅଛନ୍ତି ।

# ପ୍ରଗତି ପ୍ରସଙ୍ଗ

## ପରିବେଶ ସମ୍ପର୍କରେ

ପରିବେଶ ସମ୍ପର୍କରେ ଶିକ୍ଷା ଓ ଛାତ୍ର ତଥା ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଜାଗରଣ ସୃଷ୍ଟି ପାଇଁ ରାଜ୍ୟ ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଉଛି । ଗ୍ରାମାଞ୍ଚଳ ଅଧିବାସୀ, ସ୍ୱେଚ୍ଛାସେବୀ ସଂସ୍ଥା, ଜାତୀୟ ସେବା ସଂସ୍ଥା, ନେହେରୁ ଯୁବ କେନ୍ଦ୍ର ଇତ୍ୟାଦି ଅନୁଷ୍ଠାନମାନଙ୍କର ସହାୟତାରେ ପରିବେଶ ଶିକ୍ଷା ଓ ପରିବେଶ ସଚେତନ ପାଇଁ ଶିବିର ଆୟୋଜନ, ସେମିନାର ଓ କର୍ମଶାଳା, ପ୍ରବନ୍ଧ, ବିଜ୍ଞାନ, ତର୍କ ପ୍ରତିଯୋଗିତା ଇତ୍ୟାଦିର ଆୟୋଜନ କରାଯାଉଛି । ପାରିପାର୍ଶ୍ୱିକ ଶିକ୍ଷାକୁ ବିଭିନ୍ନ ସ୍ତରର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି ।

ପରିବେଶ ସୁରକ୍ଷା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ବିବେଚିତ ଗ୍ରାମ ଓ ଅନୁଷ୍ଠାନମାନଙ୍କୁ 'ପ୍ରକୃତି ମିତ୍ର' ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଛି । ଲୋକପ୍ରତିନିଧି, କଳାକାର, ସାମ୍ବାଦିକ, ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଭଳି ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ନିମନ୍ତେ ପରିବେଶ ସମ୍ପର୍କରେ ଅଧିକ ଜାଗରଣ ସୃଷ୍ଟି ପାଇଁ ଆଲୋଚନା ଚକ୍ରମାନ ଆୟୋଜନ କରାଯାଉଛି ।

ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଜିଲ୍ଲା ପରିବେଶ ସମିତି ଗଢିବାକୁ ଅନୁରୋଧ କରାଯାଇଛି ଓ ବର୍ତ୍ତମାନ ସୁଦ୍ଧା ୭ଟି ଜିଲ୍ଲାରେ ପରିବେଶ ସମିତିମାନ ଗଠିତ ହୋଇସାରିଲାଣି । ଗତ ଜାନୁଆରୀ ମାସ ସୁଦ୍ଧା ଜିଲ୍ଲା ପରିବେଶ ସମିତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ପ୍ରଭୃତି ସଂଗଠନମାନଙ୍କ ଜରିଆରେ ବିଭିନ୍ନ ପରିବେଶ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୪ ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର କରାଯାଇଛି ।

ରାଜ୍ୟର ମୁଖ୍ୟ ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ଚତୁର୍ଦ୍ଦିଗରେ ସବୁଜ ବଳୟ ସୃଷ୍ଟି, ହେନ୍ତାଳ ବଣ ଭଳି ବିପଦାପନ୍ନ ପ୍ରାକୃତିକ ସମ୍ଭାରର ସୁରକ୍ଷା ଓ ସହର ଶିଳ୍ପାଞ୍ଚଳ ତଥା ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନୟନ ଭଳି କେତେକ କାର୍ଯ୍ୟକ୍ରମର ଚିଠା ପ୍ରସ୍ତୁତ କରାଯାଇଛି ।

## ପ୍ଲାନେଟୋରିୟମ୍ ନିର୍ମାଣ

ଜ୍ୟୋତିଷ ମଣ୍ଡଳ ଓ ସୌର ଜଗତ ସମ୍ବନ୍ଧୀୟ ତଥ୍ୟ ଦୃଶ୍ୟମାନ ଏବଂ ଆକର୍ଷଣୀୟ ଭାବେ ବୁଝାଇବା ପାଇଁ ବିଜ୍ଞାନ ବୈଷୟିକ ଓ ପରିବେଶ ବିଭାଗ ଦ୍ୱାରା ଓଡ଼ିଶାରେ ଏକ ମଧ୍ୟମ ଧରଣର 'ପ୍ଲାନେଟୋରିୟମ୍' ପ୍ରତିଷ୍ଠା କରିବା ପ୍ରସ୍ତାବ ରହିଛି । ଏଥିନିମନ୍ତେ ଏକ ପରିକଳ୍ପନା ପ୍ରସ୍ତୁତ କରାଯାଇଛି । ପାଣ୍ଠି ଯୋଗାଡ଼ ହେବା ସଂଗେ ସଂଗେ ଏହା କାର୍ଯ୍ୟକାରୀ ହେବ ।

## ସ୍ୱତନ୍ତ୍ର ପଶୁପାଳନ ଯୋଜନା

କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକଙ୍କ ଦ୍ୱାରା ସଙ୍କର ମାଈ ବାଛୁରୀ, ମେଣ୍ଢା, ଘୁଷୁରୀ, କୁକୁଡ଼ା ଓ ବତକ ପାଳନ ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟରେ 'ସ୍ୱତନ୍ତ୍ର ପଶୁପାଳନ ଯୋଜନା' କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ସଙ୍କର ମାଈ ବାଛୁରୀ ପାଳନ କାର୍ଯ୍ୟକ୍ରମ କଟକ, ପୁରୀ, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାରେ, କୁକୁଡ଼ା ପାଳନ କାର୍ଯ୍ୟକ୍ରମ କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲାରେ, ଘୁଷୁରି ପାଳନ କାର୍ଯ୍ୟକ୍ରମ କେନ୍ଦୁଝର ଓ କୋରାପୁଟ ଜିଲ୍ଲାରେ ଏବଂ ମେଣ୍ଢା ପାଳନ ଯୋଜନା ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।

ଉପରୋକ୍ତ କାର୍ଯ୍ୟକ୍ରମ ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକମାନେ ଋଣ ଓ ସବ୍‌ସିଡି ପାଇଥାଆନ୍ତି । ମାଈ ବାଛୁରୀ ପାଳନ ଯୋଜନାରେ ୨ ମାସରୁ ୩୮ ମାସ ଶେଷ ପର୍ଯ୍ୟନ୍ତ ସଙ୍କର ମାଈ ବାଛୁରୀର ଲାଳନ ପାଳନ ଓ ଗୋ-ଖାଦ୍ୟ ପାଇଁ କ୍ଷୁଦ୍ର ଚାଷୀଙ୍କୁ ସମୁଦାୟ ଋଣର ଅର୍ଦ୍ଧେକ ଏବଂ ନାମମାତ୍ର ଚାଷୀ ଓ କୃଷି ଶ୍ରମିକଙ୍କୁ ଦୁଇ ତୃତୀୟାଂଶ ସବ୍‌ସିଡି ଦିଆଯାଉଛି । ସେହିପରି କୁକୁଡ଼ା, ଘୁଷୁରି ଓ ମେଣ୍ଢା ପାଳନ କାର୍ଯ୍ୟକ୍ରମରେ ଆବଶ୍ୟକ ହେଉଥିବା ନିର୍ଦ୍ଦିଷ୍ଟ ମୂଳଧନର ଏକ ଚତୁର୍ଥାଂଶ ସବ୍‌ସିଡି କ୍ଷୁଦ୍ର ଚାଷୀଙ୍କୁ ଏବଂ ଏକ ତୃତୀୟାଂଶ ସବ୍‌ସିଡି ନାମମାତ୍ର ଚାଷୀ ତଥା କୃଷି ଶ୍ରମିକଙ୍କୁ ଦିଆଯିବା ସଙ୍ଗେ ସଙ୍ଗେ ଅବଶିଷ୍ଟ ଋଣ ଆକାରରେ ବ୍ୟାଙ୍କରୁ ମିଳୁଛି । ଏହି ଯୋଜନା ଅନୁଯାୟୀ ରାଜ୍ୟରେ ଗତ ୧୯୮୦-୮୧ ଠାରୁ ୧୯୮୩-୮୪ ଶେଷ ପର୍ଯ୍ୟନ୍ତ ସଙ୍କର ମାଈ ବାଛୁରୀ ପାଳନ କାର୍ଯ୍ୟକ୍ରମରେ ସର୍ବମୋଟ ୧୦,୮୭୧ ଜଣ ଚାଷୀ ଉପକୃତ ହୋଇଛନ୍ତି । ସେହିପରି କୁକୁଡ଼ା, ଘୁଷୁରି ଓ ମେଣ୍ଢା ପାଳନ କ୍ଷେତ୍ରରେ ଯଥାକ୍ରମେ ୪୦୩ ଜଣ, ୯୪୪ ଜଣ ଏବଂ ୧,୨୨୯ ଜଣ ଚାଷୀ ଉପକୃତ ହୋଇଛନ୍ତି । ଏ ବାବଦରେ ସେହି ସମୟ ମଧ୍ୟରେ ୧ କୋଟି ୯୮ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।

## କ୍ଷୁଦ୍ର ଶିଳ୍ପ ଏବଂ କୁଟୀର ଶିଳ୍ପ

ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇମାସ (୧୯୮୫ ମଇ ମାସ ସୁଦ୍ଧା) ରେ ରାଜ୍ୟରେ ୨୩୩ ଟି କ୍ଷୁଦ୍ରଶିଳ୍ପ ଏବଂ ୫,୨୭୭ ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରେ ୧୫,୫୮୩ ଜଣ ବ୍ୟକ୍ତିଙ୍କ ପାଇଁ କର୍ମ ସଂସ୍ଥାନ ବ୍ୟବସ୍ଥା କରାଯାଇଛି । କ୍ଷୁଦ୍ରଶିଳ୍ପ ପାଇଁ ୨ କୋଟି ୫୧ ଲକ୍ଷ ୩୭ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୧ କୋଟି ୭୮ ଲକ୍ଷ ୧୫ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟରେ ୩,୮୦୦ ଟି କ୍ଷୁଦ୍ରଶିଳ୍ପ ଓ ୨୧ ହଜାର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# କୃତ୍ରିମ ଗୋ-ପ୍ରଜନନ ଓ ଦୁଗ୍ଧଯୋଗାଣ

ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ମିସ୍ ଫ୍ରିଡା ଟୋପ୍ନୋ ଫୁଲବାଣୀ ଓ ଭଞ୍ଜନଗର ଅଞ୍ଚଳ ଗସ୍ତରେ ଯାଇଥିବାବେଳେ ଫୁଲବାଣୀ ଜିଲ୍ଲାର ବଲଦଠାରେ ଥିବା କୃତ୍ରିମ ଗୋ-ପ୍ରଜନନ ଓ ଦୁଗ୍ଧ ଯୋଗାଣ କେନ୍ଦ୍ର ପରିଦର୍ଶନ କରି ସେଠାରୁ ବାର୍ଷିକ ପ୍ରାୟ ୬୧,୮୦୦ ଟଙ୍କା ଆୟ ହେଉଥିବା ଓ ଦୈନିକ ପ୍ରାୟ ୪୫ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ଜାଣିବାକୁ ପାଇଥିଲେ । ଏହା ବ୍ୟତୀତ ଏହି କେନ୍ଦ୍ର ସହାୟତାରେ ସଂପୃକ୍ତ ଅଞ୍ଚଳରେ ବହୁ ସଂକର ଜର୍ସି ବାଛୁରୀ ଜନ୍ମଲାଭ କରୁଥିବାରୁ ଗୋପାଳୁଥିବା ବ୍ୟକ୍ତିମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ଜର୍ସିଗାଈ ସାଧାରଣତଃ ଦେଶୀଗାଈ ଅପେକ୍ଷା ଅଧିକ ଦୁଗ୍ଧ ଦେଉଥାନ୍ତି । ଏହି କେନ୍ଦ୍ର ପାଖକୁ ଥିବା ପତିତ ଜମିରେ ଘାସଚାଷ କରିବା ପାଇଁ ସେ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ । ମିସ୍ ଟୋପ୍ନୋ ବଲଦ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ଖରାଦିନେ ପାଣିର ଅଭାବ ଦୂର କରିବା ପାଇଁ ଏହି ପୋଖରୀର ପଙ୍କୋଦ୍ଧାର କରିବା ତଥା ସେଠାକୁ ଯିବା ଆସିବାର ସୁବିଧା ପାଇଁ ରାସ୍ତା ତିଆରି କରିବାକୁ ପରାମର୍ଶ ଦେଇଥିଲେ । ଭଗବତୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟମାନଙ୍କୁ ପରାମର୍ଶ ଦେଇ ସେ କହିଲେ ଯେ ମାଛଚାଷ ଏକ ଲାଭଜନକ ଧନ୍ଦା ହୋଇଥିବାରୁ ଅଧିକରୁ ଅଧିକ ବ୍ୟକ୍ତି ଏହି ସମିତିର ସଭ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ମତ୍ସ୍ୟଜୀବୀ ପରିବାର-ମାନଙ୍କ ପାଇଁ ଯେଉଁସବୁ ଗ୍ରାମ ମତ୍ସ୍ୟଜୀବୀ ଗ୍ରାମ ଭାବରେ ତାଲିକାଭୁକ୍ତ ହୋଇଛି, ସେହି ଗ୍ରାମମାନଙ୍କରେ ଗସ୍ତାଗାର ଭଉଠି, ବିଦ୍ୟାଳୟ ଗୃହ ନିର୍ମାଣ ଏବଂ ପାନୀୟ ଜଳ ସୁବିଧା କରିବା ପାଇଁ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ ।

## ତୈଳବୀଜ ଉତ୍ପାଦନ

ବିଗତ ୬ ବର୍ଷ ମଧ୍ୟରେ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ବିଶେଷ ସାଫଲ୍ୟ ହାସଲ କରିଛି । ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ୧୯୭୬-୭୭ରେ ଏହି ଫସଲ ୪ ଲକ୍ଷ ୨୫ ହଜାର ହେକ୍ଟର ଜମିରେ ଚାଷ କରାଯାଇ ୨ ଲକ୍ଷ ୪୨ ହଜାର ଟନ୍ ତୈଳବୀଜ ଉତ୍ପାଦନ ହୋଇଥିଲା । ୧୯୮୩-୮୪ରେ ୧୦ ଲକ୍ଷ ୧୯ ହଜାର ହେକ୍ଟର ଜମିରେ ତୈଳବୀଜ ଫସଲ କରାଯାଇ ୭ ଲକ୍ଷ ୩୬ ହଜାର ଟନ୍ ତୈଳବୀଜ ଉତ୍ପାଦନ କରାଯାଇଛି । ଅର୍ଥାତ୍ ୧୯୭୬-୭୭ ମସିହା ଅପେକ୍ଷା ୧୯୮୩-୮୪ରେ ତୈଳବୀଜ ଫସଲ ଚାଷ କ୍ଷେତ୍ରରେ ପ୍ରାୟ ଅଢେଇ ଗୁଣ ଏବଂ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ପ୍ରାୟ ୩ ଗୁଣ ବୃଦ୍ଧି ଘଟିଛି ।

ବିଭିନ୍ନ ତୈଳବୀଜ ଫସଲ ମଧ୍ୟରେ ଚିନାବାଦାମ ଚାଷ ଆମ ରାଜ୍ୟରେ ବିଶେଷ ଫଳପ୍ରଦ ହୋଇଛି । ସର୍ବଭାରତୀୟ ସ୍ତରରେ ମଧ୍ୟ ଏହି ଫସଲ ଉତ୍ପାଦନ ପରିମାଣ ସର୍ବାଧିକ । ଅଧିକ ଜମିରେ ଚିନାବାଦାମ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ବିଶେଷ କରି ଖରାଦିନେ ପୁରୀ ଓ କଟକ ଜିଲ୍ଲାର ବୃହତ୍ ଜଳସେଚିତ ଅଞ୍ଚଳରେ ଏହି ଚାଷ ପାଇଁ ଜଳ, ସାର ଓ ବିହନ ଇତ୍ୟାଦି ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି । ୧୯୮୩-୮୪ ସାଲରେ ୨ ଲକ୍ଷ ୫୮ ହଜାର ହେକ୍ଟର ଜମିରେ ଚିନାବାଦାମ ଚାଷ କରାଯାଇ ୩ ଲକ୍ଷ ୯୯ ହଜାର ଟନ୍ ଉତ୍ପାଦନ ହୋଇଛି ।

## ସୁଲଭ ମୂଲ୍ୟରେ କୁକୁଡ଼ା ଅଣ୍ଡା ଓ ମାଂ

କଟକ ସହରବାସୀଙ୍କୁ ସୁଲଭ ମୂଲ୍ୟରେ କୁକୁଡ଼ା ଅ ଓ ବଏଲର କୁକୁଡ଼ା ମାଂସ ବିକ୍ରୀ କରିବା ଏବଂ କୁକୁଡ଼ା ଚାଷୀ ବଳକା ଅଣ୍ଡା ଓ ମାଂସ ବିକ୍ରୟ ସୁବିଧା ପାଇଁ ପଶୁପାଳ ନିର୍ଦ୍ଦେଶାଳୟର ମୁଖ୍ୟଦ୍ୱାରଠାରେ ଓଡ଼ିଶା କୁକୁଡ଼ା ଉତ୍ପାଦ ମହାସଂଘ ପକ୍ଷରୁ ଏକ ବିକ୍ରୟ କେନ୍ଦ୍ର ଦୁଇବର୍ଷ ହେଲା ଖୋ ଯାଇଛି । ୧୯୮୪-୮୫ ବର୍ଷରେ ଏହି କେନ୍ଦ୍ରରେ ୬୬୫ କେ.ଜି. କୁକୁଡ଼ା ମାଂସ ଏବଂ ୧ ଲକ୍ଷ ୮୨ ହଜାର ୨୬୧ଟି କୁକୁଡ଼ା ଅଣ୍ଡା ବିକ୍ରୀ ହୋଇଛି ।

## ସ୍ୱତନ୍ତ୍ର ଧାନ ଉତ୍ପାଦନ କାର୍ଯ୍ୟକ୍ରମ

ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲି, ଲଠିକଟା ଓ ଲହୁଣିପଡ଼ା ବ୍ଲ ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା ପରୀକ୍ଷାମୂଳକ କରାଯାଉଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଖରିଫ୍ ଋତୁରେ ଉପରୋକ୍ତ ତିନୋଟି ବ୍ଲକର ପ୍ରତ୍ୟେକ ବ୍ଲକରୁ ୧୦ ହଜାର ଚାଷୀଙ୍କୁ ଚିହ୍ନଟ କରାଯାଇ ପ୍ରତ୍ୟେକ ଚାଷୀଙ୍କୁ ୨ କେ. ଜି. ଲେଖାଏଁ ଅଧିକ ଅମଳକ୍ଷମ ପରୀକ୍ଷିତ ଧାନ ବିହନ ଅନ୍ନପୂର୍ଣ୍ଣା, ପାରିଜାତ, ସଦାବ ଇତ୍ୟାଦି ମିନିକିଟ୍‌ମାନ ବିତରଣ କରାଯାଉଛି । ପ୍ରତ୍ୟେକ ଚାଷୀ ପ୍ରାୟ ୧୦ ଡେସିମିଲ ମାଗଣାରେ ଜମିରେ ଧାନଚାଷ କରିବେ ଯାହା କି ୯୫ ଦିନରୁ ୧୦୦ ଦିନ ମଧ୍ୟରେ ଅମଳହୋଇ ପାରିବ । ଚାଷୀମାନଙ୍କୁ ଶତକଡ଼ା ୨୫ ପରସେଣ୍ଟ ରିଆତି ଦରରେ ସାର ଓ ପୋକମରା ଔଷଧ ଯୋଗାଇ ଦିଆଯିବ । ଏହାବ୍ୟତୀତ ଉକ୍ତ ବ୍ଲକର ଚାଷୀମାନେ ସ୍ୱୟଂ ଶତକଡ଼ା ୫୦ ପରସେଣ୍ଟ ଭାଗ ରିଆତିରେ ଏକ ଲକ୍ଷ ଟଙ୍କା ମୂଲ୍ୟର ଔଷଧ ପକାଇବା ଯନ୍ତ୍ର ଓ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା, ଆସନ୍ତା ବର୍ଷ ପାଇଁ ଯେପରି ସ୍ୱତନ୍ତ୍ର ଉତ୍ପାଦନକ୍ଷମ ଧାନ ବିହନ ଚାଷୀମାନେ ଗଚ୍ଛିତ କରି ପାରିବେ । ଏହି ଯୋଜନା ଫଳରେ ତିନୋଟି ବ୍ଲକରେ ପ୍ରାୟ ୨ ହଜାର ଏକର ଜମିରେ ଅଧିକ ଅମଳକ୍ଷମ ଧାନ ଉତ୍ପାଦନ ହୋଇ ମାତ୍ର ଏବଂ ମୋଟ ୩୦ ହଜାର ଚାଷୀ ଉପକୃତ ହୋଇ ପାରିବେ ।

ଚଳିତ ଖରିଫ୍ ଋତୁରେ ମରୁଡ଼ି ସାହାଯ୍ୟ ବାବଦକୁ ମଂଜୁର ହୋଇଥିବା ପ୍ରାୟ ୧୩ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଚିନା-ବାଦାମ, ଅଧିକ ଅମଳକ୍ଷମ ଧାନ ବିହନ ଓ କପାଚାଷ ପାଇଁ ଉନ୍ନତ ଧରଣର ମଞ୍ଜି ଚାଷୀମାନଙ୍କୁ ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି ।

ଗତ ୧୫ ତାରିଖରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସୁନ୍ଦରୀ ଗ୍ରାମଠାରେ ଅନୁଷ୍ଠିତ ଚାଷୀମାନଙ୍କ ଏକ ସଭାରେ କୃଷି ନିର୍ଦ୍ଦେଶକ ଯୋଗ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଉପରୋକ୍ତ ସ୍ୱତନ୍ତ୍ର ଧାନ ଉତ୍ପାଦନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ଏବଂ ଚାଷୀମାନେ ଏହାର ସୁଯୋଗ ଗ୍ରହଣ କରିପାରିଲେ ବର୍ତ୍ତମାନର ହାରାହାରି ଅମଳ ଏକର ପିଛା ଧାନ ଉତ୍ପାଦନ ପରିମାଣ ଦୁଇଗୁଣ ବୃଦ୍ଧି ହୋଇପାରିବ ବୋଲି କହିଥିଲେ । ପୁରୁଷମାନଙ୍କ ସହ ମହିଳାମାନଙ୍କୁ ମଧ୍ୟ ଯୋଗାଯୋଗ ସୂଚ

କ୍ଷେତ୍ରରେ ଏହି ଅଞ୍ଚଳରେ ମନୋନୀତ କରାଯିବା ପାଇଁ ସେ ପରାମର୍ଶ ଦେଇଥିଲେ । ଅଧିକ ଅମଳକ୍ଷମ ଧାନ ଓ ୩୦ କେ. ଜି. ସମ୍ବଳର ଚୋଷାଦାନ ବହନ ମିନିକିଟ୍ ଉକ୍ତ ଗ୍ରାମରେ ଯଥାକ୍ରମେ ୩୦ ଜଣ ଓ ୫ ଜଣ କୃଷକଙ୍କୁ ସେ ବିତରଣ କରିଥିଲେ ।

—o—

## ସ୍ୱଳ୍ପ ସଞ୍ଚୟ ସାଫଲ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶିଲ୍ଡ

ଗତ ଆର୍ଥିକ ବର୍ଷରେ ସ୍ୱଳ୍ପ ସଞ୍ଚୟ ସଂଗ୍ରହ କ୍ଷେତ୍ରରେ ସାଫଲ୍ୟ ଲାଭ କରିଥିବା ଯୋଗୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ୍, ସୁନ୍ଦରଗଡ଼ ଓ କଟକ ଜିଲ୍ଲା ପୁରସ୍କୃତ ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସଂପୃକ୍ତ ରାଜସ୍ୱ କମିଶନର ଓ ଜିଲ୍ଲାପାଳମାନଙ୍କୁ ରାଜ୍ୟସ୍ତରୀୟ [illegible] ଶିଲ୍ଡ ପ୍ରଦାନ କରିଛନ୍ତି ।

ରାଜ୍ୟରେ ୩ଟି ରାଜସ୍ୱ ଡିଭିଜନ୍ ମଧ୍ୟରେ କେନ୍ଦ୍ରାଞ୍ଚଳ ଡିଭିଜନ୍‌ରେ ଶତକଡ଼ା ହିସାବରେ ସର୍ବାଧିକ ଅର୍ଥ ଆଦାୟ ହୋଇଛି । ଗତ ଆର୍ଥିକ ବର୍ଷରେ ଏହି ଡିଭିଜନ୍ ପାଇଁ ନେଟ୍ ସ୍ୱଳ୍ପ ସଂଚୟ ସଂଗ୍ରହ ବାବଦରେ ୨୭ କୋଟି ୪୦ ଲକ୍ଷ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ପ୍ରାୟ ୧୫ କୋଟି ୩୧ ଲକ୍ଷ ଟଙ୍କା ନେଟ୍ ସଂଗୃହୀତ ହୋଇପାରିଥିଲା । ଏହା ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଶତକଡ଼ା ୫୭.୧୯ ଭାଗ । ସେହିପରି ସୁନ୍ଦରଗଡ଼ ଜିଲ୍ଲାର ନେଟ୍ ସ୍ୱଳ୍ପ ସଂଚୟ ସଂଗ୍ରହର ପରିମାଣ ଶତକଡ଼ା ହିସାବରେ ସର୍ବାଧିକ ହୋଇଛି । ଏହି ଜିଲ୍ଲା ପାଇଁ ୪ କୋଟି ୮୦ ଲକ୍ଷ ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୩ କୋଟି ୭୪ ଲକ୍ଷ ୧୫ ହଜାର ଟଙ୍କା ନେଟ୍ ସଂଗ୍ରହ କରାଯାଇଥିଲା । ଏହି ସଂଗୃହୀତ ଅର୍ଥର ପରିମାଣ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଶତକଡ଼ା ୭୮.୧ ଭାଗ ।

ଏହା ବ୍ୟତୀତ ଜିଲ୍ଲାମାନଙ୍କ ମଧ୍ୟରେ ଗତ ଆର୍ଥିକ ବର୍ଷରେ କଟକ ଜିଲ୍ଲାର ନେଟ୍ ସ୍ୱଳ୍ପ ସଂଚୟ ସଂଗ୍ରହର ପରିମାଣ ସର୍ବାଧିକ ହୋଇଥିଲା । ଏହି ଜିଲ୍ଲା ପାଇଁ ୯ କୋଟି ୭୦ ଲକ୍ଷ ଟଙ୍କା ନେଟ୍ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୭ କୋଟି ୪ ଲକ୍ଷ ୪୮ ହଜାର ଟଙ୍କା ସଂଗୃହୀତ ହୋଇପାରିଥିଲା ।

ଏହାଛଡ଼ା ପଥର କଟା, ପଥର ଭଙ୍ଗା କାର୍ଯ୍ୟ ସମେତ ଉପରୋକ୍ତ ୨୪ଟି ସଂସ୍ଥାରେ ଠିକାରେ କାର୍ଯ୍ୟ ପାଇଁ ନିଯୁକ୍ତ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ହାରକୁ ମଧ୍ୟ ବୃଦ୍ଧି କରାଯାଇଛି ।

## ଢେଙ୍କାନାଳ ବାଇପାସ୍

ଢେଙ୍କାନାଳ ସହର ଉପକଣ୍ଠରେ ୪୨ ନମ୍ବର ଜାତୀୟ ରାଜପଥର ପ୍ରାୟ ୯ କି.ମି. ରାସ୍ତାରେ ନିର୍ମିତ ହେଉଥିବା "ବାଇପାସ୍‌ର" ସମସ୍ତ କାର୍ଯ୍ୟ ଚଳିତମାସରେ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି । ଏହି "ବାଇପାସ" ରାସ୍ତା ଓ ବିଭିନ୍ନ ପୋଲର ନିର୍ମାଣ ପାଇଁ ଆବଶ୍ୟକ ହୋଇଥିବା ଜମି ଦଖଲ ବାବଦରେ ୭ ଲକ୍ଷ ୨୪ ହଜାର ୪୦୦ ଟଙ୍କା, ସମୁଦାୟ ରାସ୍ତା ଓ ୩୭ଟି କଲଭର୍ଟର ନିର୍ମାଣ ବାବଦରେ ୮୯ ଲକ୍ଷ ୩୯ ହଜାର ୩୦୦ ଟଙ୍କା, ବଡ଼ଜୋର ଉପରେ ଏକ ଉଚ୍ଚସେତୁର ନିର୍ମାଣ ବାବଦରେ ୭ ଲକ୍ଷ ୫୯ ହଜାର ୨୦୦ ଟଙ୍କା ଏବଂ 'ଟ୍ରାଫିକ୍' ଛକଗୁଡ଼ିକର ନିର୍ମାଣ ବାବଦରେ ୧୭ ଲକ୍ଷ ୭୩ ହଜାର ୧୦୦ ଟଙ୍କା ସମେତ ସମୁଦାୟ ୧ କୋଟି ୨୨ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ କରାଯାଇଛି ।

ବର୍ତ୍ତମାନ ଢେଙ୍କାନାଳ ଜାତୀୟ ରାଜପଥ ଡିଭିଜନ୍ ଅଧୀନରେ ୩ଟି ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ସେସବୁ ହେଲା ୪୨ ନମ୍ବର ରାଜପଥର ପ୍ରାୟ ୧୫ ମାଇଲ୍ ରାସ୍ତା ନିର୍ମାଣ 'ନାଲ୍‌କୋ'ର ଖଣି ଯନ୍ତ୍ରପାତିଗୁଡ଼ିକର ପରିବହନ କରିବା ପାଇଁ ଏହି ରାଜପଥର ପ୍ରାୟ ୮୦ କି: ମି: ରାସ୍ତାର ଉନ୍ନତ ଓ କେତେକ ଦୁର୍ବଳ କଲଭର୍ଟର ପୁନଃନିର୍ମାଣ ଏବଂ 'ନାଲ୍‌କୋ' ପାଇଁ ଆବଶ୍ୟକ ହେଉଥିବା 'ରେଳୱେ ଓଭର ବ୍ରିଜ୍'ର ସଂଯୋଗକାରୀ ରାସ୍ତା ନିର୍ମାଣ । ୫୦ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା 'ନାଲ୍‌କୋ'ର ଏହି ନିର୍ମାଣ କାର୍ଯ୍ୟ ବାବଦରେ ନାଲ୍‌କୋ'ଠାରୁ ୧୨ ଲକ୍ଷ ୫୭ ହଜାର ଟଙ୍କା ମିଳିଛି । ମେରାମଣ୍ଡଳୀର 'ବାଇପାସ୍' ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜମି ଦଖଲ କରିବା ବାବଦରେ ୧୦ ଲକ୍ଷ ୭୭ ହଜାର ଟଙ୍କାର ଏକ ସଂଶୋଧିତ ବ୍ୟୟ ଅଟକଳ କରାଯାଇ କେନ୍ଦ୍ରୀୟ ଅନୁମୋଦନ ପାଇଁ ପଠାଯାଇଛି ।

## ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି

ରାଜ୍ୟ ସରକାର ନିମ୍ନଲିଖିତ ୨୩ଟି ଅନୁସୂଚିତ ନିଯୋଜନରେ କାର୍ଯ୍ୟ କରୁଥିବା ସବୁଶ୍ରେଣୀର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ହାର ବୃଦ୍ଧି କରିବା ପାଇଁ ନିଷ୍ପତ୍ତି କରିଛନ୍ତି ।

(୧) ଛାପାଖାନା, (୨) କେନ୍ଦୁପତ୍ର ସଂଗ୍ରହ, (୩) [illegible] ପ୍ରତିଷ୍ଠାନ, (୪) ରାସ୍ତା, କୋଠାବାଡ଼ି ନିର୍ମାଣ ଓ ରକ୍ଷଣାବେକ୍ଷଣ, (୫) ପଥରଭଙ୍ଗା ଓ ପଥର ପେଷା, (୬) ବନ୍ଧବାଡ଼ ନିର୍ମାଣ ଓ ମରାମତି, ଜଳସେଚନ ଯୋଜନା ଏବଂ ଗାଡ଼ିଆ ଓ କୂପ ଖନନ, (୭) କରତକଲ, (୮) କାଠ ବ୍ୟବସାୟ (କାଠ କାଟିବା ଓ କାଠ କରତିବା ସମେତ), (୯) କାଠ ବ୍ୟବସାୟ (କାଠ କାଟିବା ଓ କାଠ କରତିବା ବ୍ୟତୀତ), (୧୦) ଲଘୁ ଯାନ୍ତ୍ରିକ ଶିଳ୍ପ (୫୦ରୁ କମ୍ ଲୋକ କାର୍ଯ୍ୟ କରୁଥିବା), (୧୧) ଇଟା ଓ ଟାଇଲ୍ ସଂସ୍ଥା, (୧୨) ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ, (୧୩) ତୈଳକଳ, (୧୪) ଧାନ କଲ, ଡାଲି କଲ ଓ ଅଟାକଲ, (୧୫) ହୋଟେଲ, ଖାଇବା ଘର ଓ ଭୋଜନାଳୟ, (୧୬) ରିଫ୍ରାକ୍‌ଟୋରି ଶିଳ୍ପ, (୧୭) ଲବଣ ପ୍ରସ୍ତୁତ, (୧୮) ମଦଭାଟି, (୧୯) ରାସାୟନିକ ଶିଳ୍ପ, (୨୦) ତମାଖୁ (ବିଡ଼ି ତିଆରି ସମେତ) ଶିଳ୍ପ, (୨୧) ଚଳଚିତ୍ର ଶିଳ୍ପ, (୨୨) ଚିନା ମାଟି ଓ ମାଟି ଶିଳ୍ପ ଏବଂ (୨୩) ଶାଳ ମଞ୍ଜି ସଂଗ୍ରହ ।

ଏହାଦ୍ୱାରା ଉପରୋକ୍ତ ନିଯୋଜନଗୁଡ଼ିକରେ କାର୍ଯ୍ୟ କରୁଥିବା ଅଣ-କୁଶଳୀ ଶ୍ରମିକଙ୍କର ସର୍ବନିମ୍ନ ଦୈନିକ ମଜୁରି ହାର ଟ ୭.୫୦ ପଇସାରେ ଧାର୍ଯ୍ୟ କରାଯାଇଛି । ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କର ସର୍ବନିମ୍ନ ଦୈନିକ ମଜୁରି ୯ ଟଙ୍କାରୁ ୧୦ ଟଙ୍କା ମଧ୍ୟରେ ଓ କୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ୧୨ ଟଙ୍କାରୁ ୧୩ ଟଙ୍କା ମଧ୍ୟରେ ଓ ଅତି କୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ଦୈନିକ ମଜୁରି ହାର ୧୫ ଟଙ୍କାରୁ ୧୯ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି ।

ସେହି ଅନୁପାତରେ ଉକ୍ତ ଶ୍ରମିକମାନଙ୍କର ଟୁକୁରା ମଜୁରି ହାର ମଧ୍ୟ ବୃଦ୍ଧି କରାଯାଇଛି । ବିଡ଼ି ଶ୍ରମିକମାନଙ୍କର ମଜୁରି ୧,୦୦୦ ବିଡ଼ି ତିଆରି କରିବା ପାଇଁ ଟ ୮.୫୦ ପଇସା ସ୍ଥିର କରାଯାଇଛି । ଶାଳମଞ୍ଜି ସଂଗ୍ରହକାରୀ ଶ୍ରମିକମାନଙ୍କର ଏକ କିଲୋଗ୍ରାମ ଶାଳମଞ୍ଜି ସଂଗ୍ରହ ଦର ୧୫ ପଇସା ଧାର୍ଯ୍ୟ କରାଯାଇଛି ଏବଂ ଲବଣ ଶିଳ୍ପରେ ପ୍ରତି ଗଉଣୀ (୭୫ କିଲୋଗ୍ରାମ୍ ଲେଖାଏଁ ଥିବା ୬୦ଟି ବସ୍ତା) ଲବଣ ପ୍ରସ୍ତୁତ କରିବା ପାଇଁ ୧୫୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଶ୍ରମିକମାନେ ସାପ୍ତାହିକ ଛୁଟି ଦିବସରେ ମଧ୍ୟ ଉପରୋକ୍ତ ହାରରେ ମଜୁରି ପାଇବେ ।

ଏହାଦ୍ୱାରା ଗ୍ରାମୀଣ ଶ୍ରମିକ ଓ ବଣଜଙ୍ଗଲରେ କାର୍ଯ୍ୟ କରୁଥିବା ଆଦିବାସୀ ଓ ହରିଜନ, ଅସଙ୍ଗଠିତ ଶ୍ରମିକ ଓ ବଣ୍ଡ ଶ୍ରମିକମାନେ ବିଶେଷ ଭାବରେ ଉପକୃତ ହେବେ ।

ପୂର୍ବରୁ ସରକାର କୃଷି ଶ୍ରମିକଙ୍କ ସମେତ ୩୫ଟି ଅନୁସୂଚିତ ନିଯୋଜନରେ କାର୍ଯ୍ୟ କରୁଥିବା ଅଣ-କୁଶଳୀ ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରି ହାର ଟ ୭.୫୦ ପଇସା ଧାର୍ଯ୍ୟ କରିସାରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ କୃଷି ଶ୍ରମିକଙ୍କ ସମେତ ଅନ୍ୟାନ୍ୟ ଅନୁସୂଚିତ ନିଯୋଜନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସର୍ବନିମ୍ନ ମଜୁରି ହାର ୧୯୮୦ ମସିହାରେ ୪ ଟଙ୍କା ଥିଲା । ତାହା ବର୍ତ୍ତମାନ ସୁଦ୍ଧା ୩ ଥର ବୃଦ୍ଧି କରାଗଲଣି ।

— ୭ —

# ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା

ରାଜ୍ୟ ସଚିବାଳୟଠାରେ ଜିଲ୍ଲାପାଳମାନଙ୍କ ଏକ ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇ ବିଗତ ୫ ବର୍ଷ ମଧ୍ୟରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମେତ ବିଭିନ୍ନ ଦାରିଦ୍ର୍ୟମୋଚନ କାର୍ଯ୍ୟକ୍ରମ, ଶିକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟ, ଶିଳ୍ପ, ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ, ପଲ୍ଲୀବିଦ୍ୟୁତ୍‌କରଣ, ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତି, ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ଜଳସେଚନ ବ୍ୟବସ୍ଥା, ସାଧାରଣ ବଣ୍ଟନ ସମ୍ପର୍କରେ ଜିଲ୍ଲାୱାରୀ ସମୀକ୍ଷା କରାଯାଇଛି ।

ମୁଖ୍ୟତଃ ଇ: ଆର୍: ଆର୍: ପି:, ଆଇ: ଆର୍: ଡି:, ଏନ୍: ଆର୍: ଇ: ପି:, ଆର୍: ଏଲ୍: ଇ: ଜି: ପି: ଗୋତି ଶ୍ରମିକଙ୍କ ଥଇଥାନ, ପ୍ରଧାନମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ, କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କ [illegible] ସମ୍ପର୍କରେ ଜିଲ୍ଲାୱାରୀ ସମୀକ୍ଷା କରାଯାଇଥିଲା । ବାଣିଜ୍ୟ ବ୍ୟବସାୟିକ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ୍‌ମାନଙ୍କରୁ ଦରିଦ୍ର ଲୋକଙ୍କୁ ଦିଆଯାଇଥିବା ଋଣର ସଦୁପଯୋଗ କରି ସେମାନେ କେପରି ଉପକୃତ ହୋଇପାରିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେଚକୂପ ଖନନ ପାଇଁ ଅଧିକ ଟଙ୍କା ମଞ୍ଜୁରି ଓ ଜଳସେଚନ ପାଇଁ ପମ୍ପସେଟ୍‌କୁ ବିଦ୍ୟୁତ୍‌ ଯୋଗାଣ ସମ୍ପର୍କରେ ଥିବା କଟକଣାକୁ କୋହଳ କରାଯିବା ସମ୍ପର୍କରେ ମଧ୍ୟ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଜଳସେଚନ କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳଭଣ୍ଡାର ନିର୍ମାଣ ଯୋଜନା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା । ଗୋତି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ପାଇଁ ମଧ୍ୟ ଏହି ବୈଠକରେ ମତ ପ୍ରକାଶ କରାଯାଇଥିଲା । ଗ୍ରାସ୍‌ରୁଟ୍ ଓ୍ୱାର୍କର ନିଯୁକ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ ।

କୃଷି-ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ କରାଯିବା ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଉପକୃତ ପରିବାରଙ୍କୁ କଲମିଆଗଛ, କାଜୁ ପଟ୍ଟା, ଆମ୍ବଗଛ ଇତ୍ୟାଦି ହସ୍ତାନ୍ତର ତଥା ରକ୍ଷଣାବେକ୍ଷଣ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ସପ୍ତମ ଯୋଜନା କାଳରେ ଦୁଗ୍ଧ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଉଚିତ ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ଆଲୋଚନା କରାଯାଇ ଦୁଗ୍ଧ ସଂଗ୍ରହ ଓ ଅଧିକ ଶୀତଳ ଭଣ୍ଡାର ନିର୍ମାଣ କରାଯିବାକୁ ମତ ପ୍ରକାଶ ପାଇଥିଲା । ଏହା ଫଳରେ ଅଧିକାଂଶ ଗୋ-ପାଳନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଦରିଦ୍ର ପରିବାର ଉପକୃତ ହୋଇପାରିବେ ।

— ୦ —

### ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି

ରାଜ୍ୟ ସରକାର ରାସ୍ତା, କୋଠାବାଡ଼ି ନିର୍ମାଣ ଓ ରକ୍ଷଣାବେକ୍ଷଣ ଏବଂ ବନ୍ଧବାଡ଼ ନିର୍ମାଣ ଓ ମରାମତି, ଜଳସେଚନ ଯୋଜନା ଏବଂ ଗାଡ଼ିଆ ଓ କୂପ ଖନନ କାର୍ଯ୍ୟରେ ନିଯୁକ୍ତ ସମସ୍ତ ଶ୍ରେଣୀର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ହାର ବୃଦ୍ଧି କରିଛନ୍ତି ।

ଏହି ସର୍ବନିମ୍ନ ମଜୁରି ହାର ବୃଦ୍ଧି ଫଳରେ ଅଣ-କୁଶଳୀ ଶ୍ରମିକମାନେ ଦୈନିକ ଟ ୭.୫୦ ପଇସା, ଅର୍ଦ୍ଧ-କୁଶଳୀ ଶ୍ରମିକମାନେ ଦୈନିକ ୯ ଟଙ୍କା, କୁଶଳୀ ଶ୍ରମିକମାନେ ଦୈନିକ ୧୨ ଟଙ୍କା ଏବଂ ଅତି କୁଶଳୀ ଶ୍ରମିକମାନେ ଦୈନିକ ୧୫ ଟଙ୍କା ପାଇବେ ।

— ୯ —

# ଗୋତି ଶ୍ରମିକଙ୍କ ଥଇଥାନ

ରାଜ୍ୟରେ ଗୋତି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମାନୁଯାୟୀ ଏହି ଯୋଜନା ଆରମ୍ଭରୁ ଚଳିତ ଆର୍ଥିକ ବର୍ଷର ମଇ ମାସ ଶେଷ ସୁଦ୍ଧା ମୋଟ ୨୪,୪୯୯ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୭,୭୧୦ ଜଣ ତଫସିଲଭୁକ୍ତ ଜାତି ଓ ୮,୬[illegible] ଜଣ ତଫସିଲଭୁକ୍ତ ସଂପ୍ରଦାୟ ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ୪୦,୪୧୫ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୩୭,୬୧୮ ଜଣଙ୍କୁ ଗୋତିମୁକ୍ତ କରାଯାଇଛି ।

ଗତ ଆର୍ଥିକ ବର୍ଷର ମଇ ମାସରେ ବଲାଙ୍ଗୀର, ଗଞ୍ଜାମ, ... ଓ କୋରାପୁଟ ଜିଲ୍ଲାରୁ ମୋଟ ୫୧୩ ଜଣ ଗୋଡ଼ ... ମୁକ୍ତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ୧୭୭ ଜଣ ... ଜାତି ଓ ୧୬୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ... । ସେହିପରି ଗତ ମଇ ମାସରେ କଟକ, ଗଞ୍ଜାମ, ... କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୬୨ ଜଣ ... ଜାତି ଓ ୫୮ ଜଣ ତଫସିଲଭୁକ୍ତ ସଂପ୍ରଦାୟଙ୍କ ... ମୋଟ ୧୨୮ ଜଣ ଗୋଡ଼ ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

—o—

# କୃଷିଜାତ ଦ୍ରବ୍ୟ କ୍ରୟ ବିକ୍ରୟ ମଣ୍ଡଳୀ ସ୍ଥାପନ

ରାଜ୍ୟ ସରକାରଙ୍କ କୃଷି ଓ ସମବାୟ (ସମବାୟ) ବିଭାଗଙ୍କ ... ଏକ ନିର୍ଦ୍ଦେଶନାମାରେ ପ୍ରକାଶ ପାଇଛି ଯେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ କ୍ରୟ ବିକ୍ରୟ ମଣ୍ଡଳୀ ... ସଦସ୍ୟମାନଙ୍କୁ ନେଇ ପୁନଃ ଗଠନ କରୁଛନ୍ତି ।

ସମବାୟ ମନ୍ତ୍ରୀ—ପଦପ୍ରଯୁକ୍ତ ସଭାପତି କ୍ରୟ ବିକ୍ରୟ ନିର୍ଦ୍ଦେଶକ— ପଦ-ପ୍ରଯୁକ୍ତ ସଦସ୍ୟ—ସମ୍ପାଦକ, କୃଷି ଓ ସମବାୟ ବିଭାଗ ଶାସନ ସଚିବ—ସଦସ୍ୟ ଓ ରାଜସ୍ୱ ବିଭାଗ ଶାସନ ସଚିବ—ସଦସ୍ୟ । ରାଜ୍ୟ ବିଧାନ ସଭା ସଭ୍ୟଙ୍କ ମଧ୍ୟରୁ ବାଲିଗୁଡ଼ା ବିଧାୟକ ଶ୍ରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଓ ଚିଲିକା ବିଧାୟକ ଶ୍ରୀ ଦେବେନ୍ଦ୍ରନାଥ ମାନସିଂହ ଏହାର ସଦସ୍ୟ ରହିଛନ୍ତି ।

ବେସରକାରୀ ସଦସ୍ୟଭାବେ ସମ୍ବଲପୁର ଜିଲ୍ଲା ଅତାବିରା ନିୟନ୍ତ୍ରିତ ବଜାର କମିଟିର ଉପ ସଭାପତି ଶ୍ରୀ ଗୋପବନ୍ଧୁ ଦେହୁରୀ, ... ଜିଲ୍ଲା ଜଟଣୀ ନିୟନ୍ତ୍ରିତ ବଜାର କମିଟିର ଉପ ସଭାପତି ଶ୍ରୀ କପିଳ ଚରଣ ବାରିକ ଓ କୋରାପୁଟ ଜିଲ୍ଲା ଜୟପୁର ନିୟନ୍ତ୍ରିତ ବଜାର କମିଟିର ଉପ ସଭାପତି ଶ୍ରୀ ତାରିଣୀ ଚରଣ ପାଣିଗ୍ରାହୀଙ୍କୁ ଏହି ମଣ୍ଡଳୀରେ ନିଆଯାଇଛି । ସେହିପରି ରାଜ୍ୟର ଅଗ୍ରଣୀ ବେସରକାରୀ ସମବାୟ କର୍ମୀ ଭାବରେ ଭେତନଟି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ଶ୍ରୀ ଭଗବତ ପ୍ରସାଦ ପଣ୍ଡା ଓ ସାକ୍ଷୀଗୋପାଳ ନଡ଼ିଆ ଚାଷୀମାନଙ୍କ କ୍ରୟ ବିକ୍ରୟ ସମବାୟ ସମିତିର ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରାଳଙ୍କୁ ଏହି ମଣ୍ଡଳୀରେ ସଦସ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱରସ୍ଥ କୃଷି ଓ ଗ୍ରାମ୍ୟ ଉନ୍ନୟନ ଜାତୀୟ ବ୍ୟାଙ୍କର ଉପ ସାଧାରଣ ପରିଚାଳକ, ଭାରତ ସରକାରଙ୍କ ... ପୂର୍ବାଞ୍ଚଳ ବରିଷ୍ଠ କ୍ରୟ ବିକ୍ରୟ ଅଧିକାରୀ ଏବଂ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟିକ ସଙ୍ଘର ପରିଚାଳନା ନିର୍ଦ୍ଦେଶକ ଏହାର ସଦସ୍ୟ ରହିଛନ୍ତି ।

—o—

# ଇପିକଲ ଓ ଆଇ.ଡି.ସି.ର ସାଫଲ୍ୟ

ଗତ ୫ ବର୍ଷ ମଧ୍ୟରେ ଇପିକଲ ସହାୟତାରେ ଓଡ଼ିଶାରେ ୭୫ଟି ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରୁ ଉତ୍ପାଦନ ଆରମ୍ଭ ହୋଇଛି । ଏହା ୧୯୮୦ର ପୂର୍ବବର୍ତ୍ତୀ ସମୟର ଶିଳ୍ପ ପ୍ରକଳ୍ପ ସଂଖ୍ୟାର ପ୍ରାୟ ୪ ଗୁଣ । ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ୧୪୭ କୋଟି ୮୦ ଲକ୍ଷ ୪୮ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ୮,୨୦୪ ଜଣ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ଆଉ ୮୧ଟି ପ୍ରକଳ୍ପର କାର୍ଯ୍ୟକାରୀ ବିଭିନ୍ନ ପର୍ଯ୍ୟାୟରେ ଆଗେଇ ଚାଲିଛି ଏବଂ ୧୪୦ଟି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି ହୋଇଛି । ଆଗେଇ ଚାଲିଥିବା ଶିଳ୍ପ ପାଇଁ ୩୬୭ କୋଟି ୩୭ ଲକ୍ଷ ୪୩ ହଜାର ଟଙ୍କା ଏବଂ ଚୁକ୍ତି କରିଥିବା ଶିଳ୍ପ ପାଇଁ ୧୧,୭୯ କୋଟି ୪୨ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏଗୁଡ଼ିକ ସଂପୂର୍ଣ୍ଣ ହେବା ପରେ ଏଥିରେ ୪୩,୧୬୭ ଜଣ ଲୋକଙ୍କୁ ନିଯୁକ୍ତି ମିଳିପାରିବ ।

ଉପରୋକ୍ତ ସମୟ ମଧ୍ୟରେ ଆଇ. ଡି. ସି. ପକ୍ଷରୁ ୮ଟି ପ୍ରକଳ୍ପରୁ ଉତ୍ପାଦନ ଆରମ୍ଭ ହୋଇଛି । ଏଥି ପାଇଁ ୪୭ କୋଟି ୩୨ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ଏବଂ ଏଥିରେ ୫,୦୮୫ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଆଉ ୩ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏଥି ପାଇଁ ୩୮ କୋଟି ୪ ଲକ୍ଷ ଟଙ୍କା ବିନିଯୋଗ କରାଯିବ ଏବଂ ସଂପୂର୍ଣ୍ଣ ହେବାପରେ ୧,୧୧୬ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ମିଳିବ ।

—o—

# କଟକ-ଭୁବନେଶ୍ୱର ଜାତୀୟ ରାଜପଥ

କଟକ-ଭୁବନେଶ୍ୱର ମଧ୍ୟସ୍ଥ ୫ ନମ୍ବର ଜାତୀୟ ରାଜପଥକୁ ୪-ମାର୍ଗ ବିଶିଷ୍ଟ ରାସ୍ତାରେ ପରିଣତ କରିବା ଲାଗି ରାଜ୍ୟ ସରକାର ଯେଉଁ ପ୍ରସ୍ତାବ ଦେଇଥିଲେ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରଣାଳୟ ନୀତିଗତ ଭାବରେ ଗ୍ରହଣ କରିଛନ୍ତି । [illegible] ଛକଠାରୁ ମହାନଦୀ ପର୍ଯ୍ୟନ୍ତ ଏହି ରାଜପଥକୁ ପ୍ରଶସ୍ତ କରିବା ଇତ୍ୟାଦି ବାବଦରେ ପ୍ରାୟ ୨୯ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇ ୧୯୮୩ ମସିହାରେ କେନ୍ଦ୍ରୀୟ ମନ୍ତ୍ରଣାଳୟ ପାଇଁ ପଠାଯାଇଥିଲା । ଏହି ପ୍ରଶସ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକ ମଧ୍ୟରେ କେତେକ କଲଭର୍ଟ ଓ ସ୍ଲାବ ଧରଣର ପୋଲ ନିର୍ମାଣ ଏବଂ କୁଆଖାଇ ଓ କାଠଯୋଡ଼ି ନଦୀ ଉପରେ ୨ଟି ବଡ଼ପୋଲ ନିର୍ମାଣ କରିବା ପ୍ରସ୍ତାବ ରହିଛି । ଏହିସବୁ କାମ ପାଇଁ ବହୁ ସ୍ଥାନରେ ଜମି ଦଖଲ କରିବାକୁ ପଡ଼ିବ ।

ଗତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ବାବଦରେ ୨୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଏହି ଅର୍ଥ ବିନିଯୋଗରେ ଓ: ଏମ୍: ପି: ଛକଠାରୁ

—o—

ମହାନଦୀ ସେତୁ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ କରିବା କାର୍ଯ୍ୟ ଆରମ୍ଭ ହୋଇସାରିଛି । ଏଥି ପାଇଁ ରାସ୍ତା ନିକଟବର୍ତ୍ତୀ ଜମିକୁ ଜବରଦଖଲ କରିଥିବା ଲୋକଙ୍କୁ ସମ୍ପୃକ୍ତ ଅଞ୍ଚଳରୁ ଉଚ୍ଛେଦ କରି ଦିଆଯାଇଛି ।

ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅତିରିକ୍ତ ଡାଇରେକ୍ଟର ଜେନେରାଲ ଶ୍ରୀ ଶିବ ଗୁରୁ ଗତ ଅପ୍ରେଲ ମାସରେ ଓଡ଼ିଶା ଗସ୍ତରେ ଆସି ଏହି ଜାତୀୟ ରାଜପଥକୁ ପରିଦର୍ଶନ କରିଥିଲେ । ରାଜପଥ ନିକଟରେ ସ୍ଥାପିତ ହୋଇଥିବା ଜଳ ଯୋଗାଣ ପାଇପ୍, ବିଦ୍ୟୁତ୍ ଲାଇନ, ଏବଂ ଟେଲିଫୋନ ଲାଇନଗୁଡ଼ିକୁ ସେଠାରୁ ଅନ୍ୟତ୍ର ହଟାଇ ନେବା ଲାଗି ଶ୍ରୀ ଶିବ ଗୁରୁ ପରାମର୍ଶ ଦେଇଥିଲେ । ତଦନୁଯାୟୀ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଜଳ ଯୋଗାଣ ପାଇପ୍ ଓ ବିଦ୍ୟୁତ୍ ଲାଇନ, ଇତ୍ୟାଦିକୁ ଅନ୍ୟତ୍ର ହଟାଇ ନେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସମଗ୍ର ରାଜ୍ୟରେ ଥିବା ଜାତୀୟ ରାଜପଥଗୁଡ଼ିକ ମଧ୍ୟରେ ୫ ନମ୍ବର ରାଜପଥର କଟକ-ଭୁବନେଶ୍ୱର ମଧ୍ୟସ୍ଥ ରାସ୍ତାରେ ଦୈନିକ ସର୍ବାଧିକ ଯାନବାହନ ଯାତାୟାତ କରୁଛି ଏବଂ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି । ଏହାର ସ୍ଥାୟୀ ସମାଧାନ ଲାଗି ଏହି ରାଜପଥକୁ ପ୍ରଶସ୍ତ ଓ ଉନ୍ନତ କରାଯାଉ ବୋଲି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହା ବ୍ୟତୀତ ୭ମ ଯୋଜନାରେ ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ବ୍ୟୟ ଅଟକଳ ଅନ୍ତର୍ଭୁକ୍ତ ହୋଇଛି ।

—o—

## ରେଙ୍ଗାଲି ଜଳଭଣ୍ଡାର ଓ ବିଦ୍ୟୁତ୍ କେନ୍ଦ୍ର

ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣର ଲକ୍ଷ୍ୟ ନେଇ ବ୍ରାହ୍ମଣୀ ନଦୀ ଉପରେ ରେଙ୍ଗାଲି ନିକଟରେ ରେଙ୍ଗାଲି ବହୁମୁଖୀ ପ୍ରକଳ୍ପ ହାତକୁ ନିଆଯାଇ ଥିଲା । ୧୯୭୩ ମସିହା ଜୁନ୍ ମାସରେ ଯୋଜନା କମିଶନଙ୍କ ସ୍ୱୀକୃତି ମିଳିବା ପରେ ସେହି ବର୍ଷ ଡିସେମ୍ବର ମାସରେ ରେଙ୍ଗାଲି ପ୍ରଥମ ପର୍ଯ୍ୟାୟର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରଶାସନିକ ମଞ୍ଜୁରି ମିଳିଲା । ୧୯୭୩ ମସିହା ଡିସେମ୍ବର ମାସ ୨୩ ତାରିଖରେ ଭାରତର ପ୍ରଧାନ ମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଓଡ଼ିଶା ନିର୍ମାଣ ନିଗମ ଏବଂ ବିଭାଗୀୟ ଇଂଜିନିୟରମାନେ ନିର୍ମାଣ କାର୍ଯ୍ୟ ଓ ଶକ୍ତି ଉତ୍ପାଦନ କେନ୍ଦ୍ରର କାର୍ଯ୍ୟଭାର ହାତକୁ ନେଲେ ।

ପ୍ରଥମ ପର୍ଯ୍ୟାୟ ନିର୍ମାଣ ବେଳେ ଶକ୍ତି ଉତ୍ପାଦନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି ଏବଂ ତଦନୁଯାୟୀ ୫୦ ମେଗାୱାଟ୍ ଶକ୍ତି ଉତ୍ପାଦନକ୍ଷମ ଦୁଇଟି ୟୁନିଟ୍ ପ୍ରତିଷ୍ଠିତ ହେବ । ଏହି ଦୁଇଟି ୟୁନିଟ୍‌ରୁ (୧୦୦ ମେଗାୱାଟ୍ ପ୍ରତିଷ୍ଠିତ ଶକ୍ତି) ୬୦ ମେଗାୱାଟ୍ ବ୍ୟବହାର ଉପଯୋଗୀ ଶକ୍ତି ମିଳିବ । ପରବର୍ତ୍ତୀ ସମୟରେ ଆଉ ତିନୋଟି ୟୁନିଟ୍ ପ୍ରତିଷ୍ଠା କରି ଅଧିକ ୧୫୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପା କରିବା ପାଇଁ ସୁବିଧା ଏଠାରେ ରହିଛି । ଏହି ତିନୋଟି ୟୁନି ବ୍ୟବହାର ଉପଯୋଗୀ ୯୧ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ମିଳିପାରିବ ।

ପ୍ରକଳ୍ପର ୨ୟ ପର୍ଯ୍ୟାୟ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ୪ ୨୩ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପା ଏବଂ ବନ୍ୟା ଦାଉରୁ ୨,୬୦୦ ବର୍ଗକିଲୋମିଟର ଅଞ୍ଚଳକୁ ର କରାଯାଇ ପାରିବ । ୧ କୋଟି ୮ ଲକ୍ଷ ଲୋକ ଏହି ପ୍ରକଳ୍ପ ଉପକୃତ ହୋଇ ପାରିବେ ବୋଲି ହିସାବରୁ ଜଣାଯାଏ ।

ପ୍ରାରମ୍ଭିକ ଅଟକଳରେ ପ୍ରକଳ୍ପର ନିର୍ମାଣ ବାବଦକୁ ୫୭ କୋ ୯୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ହିସାବ କରାଯାଇଥିବ ପରେ ଏହା ୧,୩୩ କୋଟି ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ ୧୯୮୪ ମସିହା ସଂଶୋଧିତ କ୍ଷତିପୂରଣ ଆଇନ ଲାଗୁ ହେବା ଫଳ ଏହା ଆହୁରି ୪ କୋଟି ୮୬ ଲକ୍ଷ ଟଙ୍କା ଅଧିକ ହେବ ବୋ ଜଣାଯାଏ । ଏହା ବ୍ୟତୀତ ବିଦ୍ୟୁତ୍ ଉତ୍ପାଦନ ପାଇଁ ୫୩ କୋ ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରି ଏବଂ ପ୍ରଥମ ୟୁନିଟ୍‌କୁ ଜୁନ୍ ଶେଷସୁଦ୍ଧା କାର୍ଯ୍ୟକ୍ଷମ କରିବା ପା ସବୁ ପ୍ରସ୍ତୁତି ସରିଛି । ପର୍ଯ୍ୟାପ୍ତ ପରିମାଣର ବର୍ଷା ହେଲେ ଏ କେନ୍ଦ୍ରରୁ ଜୁଲାଇ ମାସ ସୁଦ୍ଧା ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ ବୋ ଆଶା କରାଯାଏ । ୨ୟ ୫୦ ମେଗାୱାଟ୍ ୟୁନିଟ୍‌କୁ ଏ ବ ଶେଷସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ହୀରାକୁଦ ଓ ବାଲିମେଲା ପରେ ଏହା ଓଡ଼ିଶାର ୩ୟ ବୃହ ବହୁମୁଖୀ ବିଦ୍ୟୁତ୍ ଉତ୍ପାଦନକାରୀ ଯୋଜନା ରୂପେ ପରିଗଣି ହେବ ।

—o—

## ଗ୍ରାମୀଣ ଭୂମିହୀନ ଲୋକଙ୍କ ଆର୍ଥିକ ଉନ୍ନତି

ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ତହସିଲର ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ନୂତନ ତହସିଲ ଗୃହକୁ ସମ୍ପ୍ରତି ଉଦ୍‌ଘାଟ ରାଜସ୍ୱ କମିଶନର ଶ୍ରୀ ନିହାର ରଞ୍ଜନ ହୋତା ଉଦ୍‌ଘାଟନ କରିଛନ୍ତି । ସପ୍ତମ ଅର୍ଥ କମିଶନଙ୍କ ଦ୍ୱାରା ମଞ୍ଜୁରୀ ହୋଇଥିବ ଆର୍ଥିକ ସହାୟତାରେ ଏହି ତହସିଲ ଗୃହ ନିର୍ମାଣ କରାଯାଇ ପାର ବୋଲି ଜଣାଯାଇଛି ।

ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ରାଜସ୍ୱ କମିଶନ କହିଲେ ଯେ ଜମିଜମା ସଂସ୍କାର ଓ ଗ୍ରାମାଞ୍ଚଳରେ ବାସ କରୁଥି ଲୋକମାନଙ୍କର, ବିଶେଷ କରି ଭୂମିହୀନ, ଆଦିବାସୀ ଓ ସମାଜ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ସିଲିଂ ବହିର୍ଭୂତ ଜମି ବିତରଣ କରି ସେମାନଙ୍କର ଅର୍ଥନୈତିକ ଉନ୍ନତି କରିବା ଦିଗରେ ତହସିଲ କାର୍ଯ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ପୂର୍ବରୁ ଅନୁବିଭାଗୀୟ ଅଧିକାରୀ ଶ୍ରୀ ସୁକୁମାର ମହାପାତ୍ର ପ୍ରଗତି ବିବରଣ ଦେଇ କହିଲେ ଯେ ୭୨,୮୦୦ ଲୋକ ସଂଖ୍ୟା ବିଶିଷ୍ଟ ୮ ଗୋଟି ଗ୍ରାମ ପଞ୍ଚାୟତର ୧୨୪ ଗୋଟି ଗ୍ରାମକୁ ନେଇ ଗଠିତ ନେଉଁପଡ଼ା ତହସିଲ ଏକ ଅସ୍ଥାୟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିଲା । ବର୍ତ୍ତମାନ ସୁଦ୍ଧା ଉକ୍ତ ତହସିଲ ପକ୍ଷରୁ ୧,୦୭୭ ଜଣ ଭୂମିହୀନ ଗରିବ ଲୋକଙ୍କୁ ଘରଡ଼ିହ, ୧୩୦ ଜଣ ଆଦିବାସୀ ଓ ହରିଜନଙ୍କୁ କୃଷିୋପଯୋଗୀ ଜମି, ୫୫୧ ଜଣ ଜମିହୀନଙ୍କୁ ସିଲିଂ ବହିର୍ଭୂତ ଜମି, ୧୬୪ ଜଣଙ୍କ ବାର୍ଦ୍ଧକ୍ୟ ଭତ୍ତା ଆକାରରେ ମୋଟ ୧ ଲକ୍ଷ ୪୮ ହଜାର ଟଙ୍କା ଏବଂ ୨୦ ଜଣ ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ମାସିକ ୪୦ ଟଙ୍କା ହିସାବରେ ଭତ୍ତା ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ ।

## ସ୍ୱତନ୍ତ୍ର ପଶୁପାଳନ ଯୋଜନା

କଟକ, ପୁରୀ, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରେ ଭାରତ ସରକାରଙ୍କ ସହାୟତାରେ ସ୍ୱତନ୍ତ୍ର ସଙ୍କର ମାଈ ବାଛୁରି ପାଳନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାନୁସାରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଗୃହୀଙ୍କୁ ସଙ୍କର ମାଈ ବାଛୁରି ପାଇଁ ଆର୍ଥିକ ସାହାଯ୍ୟ ଦାନ ଆକାରରେ ଜାତୀୟକରଣ ବ୍ୟାଙ୍କ-ମାନଙ୍କରୁ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଥାଏ । ଏହି ଯୋଜନାଭୁକ୍ତ ଜିଲ୍ଲାମାନଙ୍କରେ ୧୮୪ ଗୋଟି ବାଛୁରିଙ୍କ ମାଲିକଙ୍କୁ ଏବଂ ଅର୍ଥିକ ବର୍ଷ ଆରମ୍ଭରୁ ୨୯୮ ଗୋଟି ବାଛୁରିଙ୍କ ମାଲିକଙ୍କୁ ବାଛୁରି ପାଳନ ପାଇଁ ଋଣ ଓ ସବସିଡ଼ି ଯୋଗାଇ ଦିଆଯାଇଛି । ୧୯୮୪-୮୫ରେ ୪ ଲକ୍ଷ ୪୫ ହଜାର ଟଙ୍କାର ସବ୍‌ସିଡ଼ି ଛୁଡ଼ା ପାଳନ ଲାଗି ଯୋଗାଇ ଦିଆଯାଇଛି ।

ସେହିପରି ଘୁଷୁରି ପାଳନ ଯୋଜନା କେନ୍ଦୁଝର ଓ କୋରାପୁଟର ରାୟଗଡ଼ା ସବ୍‌ଡିଭିଜନ୍‌ରେ ଚାଲୁ ରହିଛି । ଗତ ମାର୍ଚ୍ଚ ମାସରେ ଉକ୍ତ ଜିଲ୍ଲାମାନଙ୍କରେ ୫ ଗୋଟି ଘୁଷୁରି ବାଣିଜ୍ୟ ୪୧ ଗୋଟି ଘୁଷୁରି ୟୁନିଟ୍‌ ଆଦିବାସୀମାନଙ୍କୁ ଯୋଗାଇ ଦିଆଯାଇଛି ଏବଂ ଉକ୍ତ ଅର୍ଥିକ ବର୍ଷ ମଧ୍ୟରେ ୧୭୫ ଗୋଟି ୟୁନିଟ୍‌ ଖୋଲାଯାଇଛି । ଏ ଘୁଷୁରି ପାଳନ ପାଇଁ ୧୯୮୪-୮୫ ବର୍ଷରେ ୧ ଲକ୍ଷ ୭୦ ହଜାର ୮୦୦ ଟଙ୍କାର ସବ୍‌ସିଡ଼ି ଯୋଗାଇ ଦିଆଯାଇଛି ।

ସେହିପରି ଭାବରେ ମେଣ୍ଢାପାଳନ ଯୋଜନାଟି ରାଜ୍ୟର ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ଗତ ମାର୍ଚ୍ଚ ମାସରେ ସେଥିରେ ୨୦ ଗୋଟି ମେଣ୍ଢା ଥିବା ୫ ଗୋଟି ୟୁନିଟ୍‌ ଯୋଗାଇ ଦିଆଯାଇଛି ଓ ୧୯୮୪-୮୫ ଅର୍ଥିକ ବର୍ଷ ମଧ୍ୟରେ ମୋଟ ୧୪ ଗୋଟି ୟୁନିଟ୍‌ ଯୋଗାଇ ଦିଆଗଲାଣି । ଏଥି ପାଇଁ ୧୯୮୪-୮୫ ଆର୍ଥିକ ବର୍ଷରେ ୧ ଲକ୍ଷ ୭୩ ହଜାର ୪୫ ଟଙ୍କାର ସବ୍‌ସିଡ଼ି ଯୋଗାଇ ଦିଆଯାଇଛି ।

—o—

### ରିଆତ ଭଡ଼ାରେ ପର୍ଯ୍ୟଟନ ସୁବିଧା

ଆନ୍ତର୍ଜାତୀୟ ଯୁବବର୍ଷ ପାଳନ ଉପଲକ୍ଷେ ଛାତ୍ର ଓ ଯୁବକ-ମାନଙ୍କୁ ରିଆତ ଭଡ଼ାରେ ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖାଇବାର ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ 'ପ୍ୟାକେଜ୍ ଟୁର୍ସ୍'ର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ସେମାନଙ୍କୁ କଟକ, ପୁରୀ, ଗଂଜାମ, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲା ପ୍ରଭୃତିରେ ଥିବା କେତେକ ଦର୍ଶନୀୟ ସ୍ଥାନ ଦେଖାଇବାର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଅଧ୍ୟକ୍ଷତାରେ ଗତ ୨୭ ତାରିଖ ଦିନ ଏଠାରେ ରାଜ୍ୟ ପର୍ଯ୍ୟଟନ ଅଧିକାରୀମାନଙ୍କର ସମ୍ମିଳନୀରେ ଏହା ନିଷ୍ପତ୍ତି କରାଯାଇଛି । ଦର୍ଶନୀୟ ସ୍ଥାନ ପରିଭ୍ରମଣ କାଳରେ ସେମାନଙ୍କୁ ଯାନର ସୁବିଧା ଦେବା ବ୍ୟତୀତ ଖାଇବା ଓ ରହିବାର ମଧ୍ୟ ବ୍ୟବସ୍ଥା କରାଯିବ ।

—o—

## ସନ୍ତ୍ରାସବାଦୀ ଓ ବିଘ୍ନଜନକାରୀଙ୍କ ବିଚାର ପାଇଁ ଆଇନ ପ୍ରଣୟନ

ସନ୍ତ୍ରାସବାଦୀ ଓ ବିଘ୍ନଜନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଏକ ଆଇନ ପ୍ରଣୟନ କରାଯାଇଛି । ଏହି ଆଇନକୁ ଟେରରିଷ୍ଟ ଆଣ୍ଡ୍ ଡିସରପ୍‌ଟିଭ୍ ଆକ୍ଟିଭିଟିଜ୍ (ପ୍ରିଭେନ୍‌ସନ୍) ଅକ୍ଟ, ୧୯୮୫ ବୋଲି କୁହାଯାଉଛି । ଦେଶରେ ରହୁଥିବା ନାଗରିକ, ବିଦେଶରେ ରହୁଥିବା ଭାରତୀୟ ଏବଂ ଭାରତରେ ରେଜିଷ୍ଟ୍ରୀଭୁକ୍ତ ହୋଇଥିବା ଜାହାଜ ଓ ଉଡ଼ାଜାହାଜରେ ନିଯୁକ୍ତ କର୍ମଚାରୀଙ୍କ ପ୍ରତି ଏହି ଆଇନ ଲାଗୁ ହେବ ।

ନିର୍ବାଚିତ ସରକାରଙ୍କୁ ଭୟଭୀତ କରିବା, ଜନସାଧାରଣଙ୍କ ମନରେ ଭୟ ସଞ୍ଚାର କରିବା କିମ୍ବା ବିଭିନ୍ନ ଗୋଷ୍ଠୀ ଲୋକଙ୍କ ମଧ୍ୟରେ ସମ୍ପର୍କକୁ କ୍ଷୁର୍ଣ୍ଣ କରିବା ପାଇଁ ବୋମା, ଡିନାମାଇଟ୍, କିମ୍ବା ଅନ୍ୟ କୌଣସି ବିସ୍ଫୋରକ ଦ୍ରବ୍ୟ, ଅଗ୍ନେୟାସ୍ତ୍ର, ମାରାତ୍ମକ ଅସ୍ତ୍ର କିମ୍ବା କ୍ଷତିକାରକ ରାସାୟନିକ ପଦାର୍ଥର ବ୍ୟବହାରକୁ (ଯାହାକି ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିବ) ଏହି ଆଇନ ପରିସର ଭୁକ୍ତ କରାଯାଇଛି ।

ସନ୍ତ୍ରାସବାଦୀଙ୍କ କାର୍ଯ୍ୟକଳାପରେ ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡ ଦିଆଯିବାର ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ କ୍ଷେତ୍ରରେ ୫ ବର୍ଷରୁ ଆରମ୍ଭ କରି ଯାବଜ୍ଜୀବନ କାରାଦଣ୍ଡ ଏବଂ ଅର୍ଥଦଣ୍ଡର ବ୍ୟବସ୍ଥା ରହିଛି । ସନ୍ତ୍ରାସବାଦୀ କାର୍ଯ୍ୟ ପାଇଁ ଚକ୍ରାନ୍ତ କରିବା, ଉତ୍ସାହିତ କରିବା, ସାହାଯ୍ୟ କରିବା ପ୍ରଭୃତି କାର୍ଯ୍ୟ ପାଇଁ ୫ ବର୍ଷରୁ ଆଜୀବନ କାରାଦଣ୍ଡ ଓ ଅର୍ଥଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି । ବିଘ୍ନଜନକାରୀ କାର୍ଯ୍ୟକଳାପ ପାଇଁ ଚକ୍ରାନ୍ତ କରିବା, ଉତ୍ସାହିତ କରିବା, ସାହାଯ୍ୟ କରିବା ପ୍ରଭୃତି କାର୍ଯ୍ୟକଳାପ ପାଇଁ ୩ ବର୍ଷରୁ ଆରମ୍ଭ କରି ଆଜୀବନ କାରାଦଣ୍ଡ ଓ ଅର୍ଥଦଣ୍ଡର ବ୍ୟବସ୍ଥା ରହିଛି ।

### ଚିଲିକାରେ ନୂତନ ପ୍ରମୋଦ ପୋତ

ଚିଲିକା ହ୍ରଦରେ ପର୍ଯ୍ୟଟକମାନଙ୍କ ନୌକା ବିହାର ସୁବିଧା ଲାଗି କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

... ଟି ଆସନ ବିଶିଷ୍ଟ ଏକ ପ୍ରମୋଦ ପୋତ ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହା ଫଳରେ ଚିଲିକା ଭିତରକୁ ପର୍ଯ୍ୟଟକଙ୍କୁ ନେବା ଆଣିବାରେ ଯେଉଁ ଅସୁବିଧା ହେଉଥିଲା, ତାହା ଦୂର ହେବା ସଙ୍ଗେ ସଙ୍ଗେ ସେମାନଙ୍କର ବହୁଦିନର ଆଶା ପୂରଣ ହୋଇପାରିବ । ଚଳିତବର୍ଷ ଅକ୍ଟୋବର ମାସ ସୁଦ୍ଧା ଏହି ନୂତନ ପ୍ରମୋଦ ପୋତଟି ଚିଲିକା ହ୍ରଦରେ ପହଞ୍ଚିବାର ଆଶା କରାଯାଉଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆଜି ପର୍ଯ୍ୟନ୍ତ ଚିଲିକାରେ ପର୍ଯ୍ୟଟନ ଉନ୍ନୟନ ନିଗମର ୧୫ ଟି ଆସନ ବିଶିଷ୍ଟ ୨ ଟି ମୋଟର ଲଞ୍ଚ୍ ଚଳାଚଳ କରୁଥିବାରୁ ସେଥିରେ ବେଶୀ ସଂଖ୍ୟାର ପର୍ଯ୍ୟଟକ ଯାତାୟତ କରିପାରୁ ନ ଥିଲେ ।

—o—

## ଦୁଗ୍ଧ ଶୀତଳ ଭଣ୍ଡାର

କଟକ ଜିଲ୍ଲା ଯାଜପୁର ରୋଡ଼ ଗୋଶାଳାଠାରେ ଦୈନିକ ୪ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳ ଭଣ୍ଡାରର ଶିଳାନ୍ୟାସ ଆସନ୍ତା କାଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ଉତ୍ସବରେ ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ କୁମାରୀ ଜିତା ଟୋପ୍‌ନୋ, ଯୋଜନା ଓ ସମନ୍ୱୟ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ, ପୂର୍ବାଞ୍ଚଳ ଜାତୀୟ ଗୋ-ଉନ୍ନୟନ ବୋର୍ଡର କଲିକତାଠାରେ ଥିବା ନିର୍ଦ୍ଦେଶକ, ସ୍ଥାନୀୟ ବିଧାୟକ ଶ୍ରୀ ରାମ ଚନ୍ଦ୍ର ଖୁଣ୍ଟିଆ ଏବଂ 'ଓମ୍‌ଫେଡ୍‌'ର ଚେୟାରମ୍ୟାନ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ ଯୋଗଦାନ କରିବେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଦୁଗ୍ଧ ଶୀତଳ ଭଣ୍ଡାର ନିର୍ମାଣରେ ୯° ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି । ସେଥିମଧ୍ୟରୁ କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ୯ ଲକ୍ଷ ଟଙ୍କା ଦେଇଛନ୍ତି । ଏହି ପ୍ରକଳ୍ପଟି ୧୯୮୬ ଶେଷ ସୁଦ୍ଧା ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହାଦ୍ୱାରା ଆଖପାଖର ୧୦ ହଜାର ପରିବାର ଉପକୃତ ହେବେ ବୋଲି ଜଣାଯାଇଛି ।

—o—

## ଗ୍ରାମାଞ୍ଚଳରେ ଗୃହ ନିର୍ମାଣ

ଗତ ପଞ୍ଚ ଯୋଜନା କାଳ ମଧ୍ୟରେ ଓଡ଼ିଶା ଗୃହ ନିର୍ମାଣ ବୋର୍ଡର ଉଦ୍ୟମରେ ରାଜ୍ୟର ଗ୍ରାମାଞ୍ଚଳରେ ସର୍ବମୋଟ ୩୯ ହଜାର ୩୯୬ଟି ଗୃହ ନିର୍ମିତ ହୋଇ ଦରିଦ୍ର ବାସହୀନ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରେ ୧୯୮୨ ମସିହାର ପ୍ରବଳ ବନ୍ୟାରେ ବାସହୀନ ହୋଇଥିବା ଲୋକମାନଙ୍କ ପାଇଁ ନିର୍ମିତ ୧୫ ହଜାର ଗୃହ ଅନ୍ତର୍ଭୁକ୍ତ । ସେହିପରି ବିଶ ସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମାଞ୍ଚଳର ଘରଡ଼ିହହୀନ ଶ୍ରମିକମାନଙ୍କ ପାଇଁ ମଧ୍ୟ ୧୬ ହଜାର ୩୬୭ଟି ଗୃହ ନିର୍ମିତ ହୋଇଛି ଏବଂ ଏ ବାବଦରେ ୨ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ଏହା ବ୍ୟତୀତ କଟକ ଓ ପୁରୀ ଜିଲ୍ଲାର ଗ୍ରାମାଞ୍ଚଳରେ 'ହୁଡ୍‌କୋ'ର ଆର୍ଥିକ ସହାୟତାରେ ଅଧିକ ୭ ହଜାରଟି ଗୃହ ନିର୍ମାଣ କରିବା ପାଇଁ ସରକାରଙ୍କ ଗୃହ ନିର୍ମାଣ ବିଭାଗ ପଦକ୍ଷେପ ନେଇଛନ୍ତି । ଏ ବାବଦରେ ୪ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏଥିପାଇଁ 'ହୁଡ୍‌କୋ'ଠାରୁ ମଞ୍ଜୁରି ମିଳିସାରିଲାଣି ।

—o—

## ଓଡ଼ିଶା ପର୍ଯ୍ୟଟନ ଚଳଚ୍ଚିତ୍ର ପୁରସ୍କୃତ

ଓଡ଼ିଶା ପ୍ରତି ଅଧିକ ବିଦେଶୀ ଓ ଆଭ୍ୟନ୍ତରୀଣ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନସ୍ଥଳୀଗୁଡ଼ିକ ସମ୍ବନ୍ଧରେ ରାଜ୍ୟ ପର୍ଯ୍ୟଟନ ବିଭାଗଦ୍ୱାରା ନିର୍ମିତ "ଓଡ଼ିଶା: ଏ ଲ୍ୟାଣ୍ଡ ଅଫ୍ ଅନ୍‌ଫର-ଗେଟେବଲ୍" ଚଳଚ୍ଚିତ୍ର ୧୯୮୪ ପାଇଁ 'ପାଟା' (ଇଣ୍ଡିଆ) ପୁରସ୍କାର ଲାଭ କରିଛି । ପର୍ଯ୍ୟଟନ ଉପରେ ନିର୍ମିତ ଉତ୍କୃଷ୍ଟ ଚଳଚ୍ଚିତ୍ରଗୁଡ଼ିକୁ ପେସିଫିକ୍ ଏସିଆ ଟ୍ରାଭେଲ ଏଜେନ୍‌ସି ତରଫରୁ ଏପରି ପୁରସ୍କାର ଦେବାର ବ୍ୟବସ୍ଥା ଅଛି । ପର୍ଯ୍ୟଟନ ପ୍ରଚାର କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତ ଇଷ୍ଟମ୍ୟାନ କଲର ଓ ୨୭ ମିନିଟ ବ୍ୟାପୀ ପ୍ରଦର୍ଶିତ ସମୟଥିବା ଏହି ଚଳଚ୍ଚିତ୍ର ପାଇଁ ପୁରସ୍କାର ବାଙ୍ଗାଲୋରଠାରେ ଅନୁଷ୍ଠିତ ଭାରତ ଟ୍ରାଭେଲ ଏଜେଣ୍ଟସ୍ ଆସୋସିଏସନର ବାର୍ଷିକ ଅଧିବେଶନ ବେଳେ ଗତ ୧୨ ତାରିଖ ଦିନ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ଏସ୍. ନରୁଟିଆଲ ଗ୍ରହଣ କରିଛନ୍ତି । ବମ୍ବେର ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଶ୍ରୀ ଏଲ. ଲାଲଖାନୀ ଏହି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଏବଂ ଏଥି ପାଇଁ ପ୍ରାୟ ୨ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ କରାଯାଇଛି । କେନ୍ଦ୍ର ପର୍ଯ୍ୟଟନ ବିଭାଗ ଏହି ଚଳଚ୍ଚିତ୍ରକୁ ଦେଶ ବାହାରେ ପ୍ରଦର୍ଶନ କରିବା ପାଇଁ ଉକ୍ତ ବିବେଚନା କରିଛନ୍ତି ଏବଂ ଏହାର ୫୦ଟି ପ୍ରିଣ୍ଟ କିଣିନେବାକୁ ସ୍ଥିର କରିଛନ୍ତି ।

—o—

## ସୌର ତାପଜ କାର୍ଯ୍ୟକ୍ରମ

ରାଜ୍ୟରେ ସୌର ତାପଜ କାର୍ଯ୍ୟକ୍ରମ ଅନୁଯାୟୀ ଭଜନ, ବୈଠକ ଓ ପରିବେଶ ଉପରଦ୍ୱାରା ପଞ୍ଚବାର ଶ୍ରେଣୀ ସୌରକୁକର ଲୋକପ୍ରିୟ କରାଯାଇଛି । ୧୯୮୪-୮୫ରେ ଏପରି ମୋଟ ୧୯୪ଟି କୁକର ବିକ୍ରୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ, ବୟନ କେନ୍ଦ୍ର, କ୍ୟାଣ୍ଟିନ୍ ଓ ହୋଟେଲ, ଡାକ୍ତରଖାନା ଇତ୍ୟାଦିରେ ସୌରଶକ୍ତି ଦ୍ୱାରା ଜଳ ଗରମ କରିବା ପଦ୍ଧତିକୁ ଲୋକପ୍ରିୟ କରାଯାଉଛି । ଗୋପାଳପୁର ଟେଲ କ୍ୟାଣ୍ଟିନ୍‌ରେ ଦୈନିକ ୨ ହଜାର ଲିଟର ଓ ଢେଙ୍କାନାଳ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟରେ ଦୈନିକ ୧୦ ହଜାର ଲିଟର ପାଣି ଗରମ କରିବା ପାଇଁ ସୌର ତାପଜ ପଦ୍ଧତି କାର୍ଯ୍ୟକାରୀ ହେଉଛି ।

—o—

# କ୍ଷୁଦ୍ର ଓ ଅତିକ୍ଷୁଦ୍ର ଜଳ ବିଦ୍ୟୁତ୍ ଯୋଜନା

ରାଜ୍ୟ ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗଦ୍ୱାରା କେନ୍ଦୁଝର ଜିଲ୍ଲାର ବଡ଼ସାଗର ଓ ହାଣ୍ଡିଭଙ୍ଗାଠାରେ ୨ଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଶୀଘ୍ର ଏହାର କାର୍ଯ୍ୟ ଶେଷ ହୋଇଯିବାର ଆଶା କରାଯାଉଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏପରି ଆଉ ୨ଟି ପ୍ରକଳ୍ପ ଶେଷ ହେବାର କାର୍ଯ୍ୟକ୍ରମ ରହିଛି । ଏହି କେତେକ ପ୍ରକଳ୍ପର ପୁଂଜି ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

—o—

# ଆଦିବାସୀ ହରିଜନ ନିଗମର ଋଣମେଳା

ରାଜ୍ୟ ହରିଜନ ଆଦିବାସୀ ଉନ୍ନୟନ ଅର୍ଥ ସମବାୟ ନିଗମ ତରଫରୁ ବଲାଙ୍ଗୀର ଜିଲ୍ଲା ୟୁକୋ ବ୍ୟାଙ୍କର ସହାୟତାରେ ମହିଳା ମହାବିଦ୍ୟାଳୟ ସଭାଗୃହରେ ଏକ ଋଣ ଅନୁଦାନ ଓ ଋଣ ଆଦାୟ ମେଳା ହୋଇଥିଲା । ଏଥିରେ ୩୮ ଜଣ ହରିଜନ ଓ ଆଦିବାସୀଙ୍କୁ ଋଣଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଗୋଟିଏ ଲେଖାଏଁ ରିକ୍ସା ପାଇଁ ଋଣ, ୯ ଜଣଙ୍କୁ ୧,୫୦୦ ଟଙ୍କା ଲେଖାଏଁ କ୍ଷୁଦ୍ର ବ୍ୟବସାୟ କରିବା ପାଇଁ, ୧୭ ଜଣଙ୍କୁ ୧ ହଜାର ଟଙ୍କା ଲେଖାଏଁ ଦାଉଣି କାମ ପାଇଁ ଏବଂ ୩ ଜଣଙ୍କୁ ଶଗଡ଼ ଋଣ ଦିଆଯାଇଥିଲା । ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ମିଶ୍ର ଏହି ଋଣ ପ୍ରଦାନ କରି କହିଲେ ଯେ, ଋଣଦାନ ଓ ଋଣ ଆଦାୟ ଠିକ୍ ଭାବେ ଚାଲିଲେ ସମସ୍ତେ ଉପକୃତ ହୋଇପାରିବେ ଏବଂ ପରିବାର ତଥା ସମାଜର ଉପଯୁକ୍ତ ବିକାଶ ହୋଇପାରିବ । ନିଗମର ଏହା ପ୍ରଥମ ଋଣମେଳା ଏବଂ ଆଦିବାସୀ ଓ ହରିଜନମାନଙ୍କୁ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ହେଉଛି ଏହାର ପ୍ରଧାନ ଆଭିମୁଖ୍ୟ ବୋଲି ସେ କହିଥିଲେ । ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ସମସ୍ତ ସମ୍ପ୍ରସାରଣ ଅଫିସର ତଥା ଅନ୍ୟାନ୍ୟ ଉଚ୍ଚଲ୍ୟ କର୍ମଚାରୀବୃନ୍ଦ ଆଦିବାସୀ ଓ ହରିଜନ ଲୋକମାନଙ୍କୁ ଏହି କାର୍ଯ୍ୟକ୍ରମଗୁଡ଼ିକ ସମ୍ବନ୍ଧରେ ଅବହିତ କରାଇବା ପାଇଁ ସବୁ ସମୟରେ ଚେଷ୍ଟିତ ହେବା ଦରକାର ବୋଲି ଜିଲ୍ଲାପାଳ କହିଥିଲେ ।

—o—

# ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନାରେ

ଗତ ଆର୍ଥିକ ବର୍ଷରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଦ୍ୱାରା ରାଜ୍ୟର ମୋଟ ୨ଲକ୍ଷ ୧୩ ହଜାର ୧୧୯ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୪୭ ହଜାର ୬୪୨ ଜଣ ତଫସିଲଭୁକ୍ତ ଜାତି ଓ ୫୬ ହଜାର ୮୩୫ ଜଣ ତଫସିଲଭୁକ୍ତ ସମ୍ପ୍ରଦାୟ ଏବଂ ୪ ହଜାର ୨୭୨ ଜଣ ମହିଳା ଅନ୍ତର୍ଭୁକ୍ତ ।

ଏହି ଯୋଜନା ବାବଦରେ ରାଜ୍ୟରେ ମୋଟ ୨୦ କୋଟି ୪୫ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟ କରାଯାଇଛି । ସେଥିମଧ୍ୟରୁ ସବସିଡି ବାବଦକୁ ୧୯ କୋଟି ୭୭ ଲକ୍ଷ ୮ ହଜାର ଟଙ୍କା ଓ ଆନୁଷଙ୍ଗିକ ବାବଦକୁ ୬୮ ଲକ୍ଷ ୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟ ଲୋକଙ୍କୁ ମିଳିଥିବା ସବସିଡ଼ି ଟଙ୍କାର ପରିମାଣ ଯଥାକ୍ରମେ ୩ କୋଟି ୭୧ ଲକ୍ଷ ୪୧ ହଜାର ଟଙ୍କା ଓ ୭ କୋଟି ୫ ଲକ୍ଷ ୮୭ ହଜାର ଟଙ୍କା ।

—o—

# ଉନ୍ନତ ଧୂମହୀନ ଚୁଲ୍ଲୀ

ଜାତୀୟ ଯୋଜନା ଅନୁଯାୟୀ ଉନ୍ନତ ଚୁଲ୍ଲୀର ପ୍ରଚଳନ ଆମ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି । ୧୯୮୪-୮୫ ରେ ଏଥି ପାଇଁ ମୋଟ ୭୮ ଟି ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସଙ୍ଗେ ସଙ୍ଗେ ପ୍ରାୟ ୨୯ ହଜାର ଉନ୍ନତ ଚୁଲି ତିଆରି କରାଯାଇ ଲୋକମାନଙ୍କୁ ଦିଆଯାଇଛି । ସାଧାରଣ ଚୁଲ୍ଲୀର ଦକ୍ଷତା ଶତାଂଶ ୭ ରୁ ୧୧ ହୋଇଥିବା ସ୍ଥଳେ ଏହି ଉନ୍ନତ ଚୁଲ୍ଲୀର ଦକ୍ଷତା ଶତାଂଶ ୨୦ ରୁ ୩୦ ହୋଇଥିବାରୁ ରାଜ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇଛି ।

—o—

# ବତକ ପାଳନ ପାଇଁ ତାଲିମ

ବତକ ପାଳନ ସମ୍ପର୍କରେ ଶିକ୍ଷା ଦେବା ନିମନ୍ତେ ରାଜ୍ୟର ଦୁର୍ବଳ ଶ୍ରେଣୀର ହରିଜନ ଲୋକଙ୍କ ପାଇଁ ପଶୁପାଳନ ବିଭାଗ ତରଫରୁ କଟକ ଠାରେ ଏକ ବତକ ପାଳନ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପିତ ହୋଇଛି । ଚଳିତ ଆର୍ଥିକ ବର୍ଷରେ ଏଥି ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ରାଜ୍ୟ ହରିଜନ-ଆଦିବାସୀ ଉନ୍ନୟନ ଆର୍ଥିକ ସମବାୟ ନିଗମ ଏହି ଅର୍ଥ ରାଜ୍ୟ ପଶୁ-ପାଳନ ନିର୍ଦ୍ଦେଶାଳୟକୁ ଦେଇଛନ୍ତି । ଏତଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ହରିଜନ ଲୋକମାନେ ବିଶେଷ ଭାବରେ ଉପକୃତ ହେବେ । ଉତ୍ତମ ବତକ ପାଳନ କରି ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟିବ ବୋଲି ମଧ୍ୟ ଆଶା କରାଯାଉଛି ।

—o—

# ଗୋବର ଗ୍ୟାସ୍ ପ୍ଲାଣ୍ଟ

ରାଜ୍ୟରେ ଜୈବିକ ଶକ୍ତିର ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୧-୮୨ ଠାରୁ ୧୯୮୪-୮୫ ପର୍ଯ୍ୟନ୍ତ ମୋଟ ୫,୫୧୧ ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରାଯାଇଛି । ରାଜ୍ୟରେ ଏହି ଗୋବର ଗ୍ୟାସ୍ ପ୍ଲାଣ୍ଟ ବେଶ୍ ଲୋକପ୍ରିୟ ହୋଇଛି । ୧୯୮୧-୮୨ରେ ମାତ୍ର ୨୮୦ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଯାଇଥିବା ସ୍ଥଳେ ୧୯୮୪-୮୫ରେ ୨,୮୪୭ଟି ଏପରି ପ୍ଲାଣ୍ଟ ବସାଯାଇଛି । ୧୯୮୨-୮୩ ଓ ୧୯୮୩-୮୪ରେ

ଯଥାକ୍ରମେ ୧,୦୭୬ଟି ଓ ୧,୩୬୨ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପିତ କରାଯାଇଥିଲା ।

ଏହା ବ୍ୟତୀତ ଢେଙ୍କାନାଳ ଜିଲ୍ଲା କଣ୍ଟିଓଡ଼ା ଗ୍ରାମରେ ଏକ ଗୋଷ୍ଠୀ ଶ୍ରେଣୀସ୍ଥ ଗୋବର ଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି । କ୍ଷୁଦ୍ରଶିଳ୍ପ ଗୋଷ୍ଠୀ ଶ୍ରେଣୀସ୍ଥ ଆଉ କେତେକ ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରିବାର କାର୍ଯ୍ୟକ୍ରମ ରହିଛି । ପୁରୀଠାରେ ମଣିଷ ମଳରୁ ଉତ୍ପାଦିତ ହେଉଥିବା ଗୋଟିଏ ଜୈବିକ ଗ୍ୟାସ୍ ପ୍ଲାଣ୍ଟ ପରୀକ୍ଷାମୂଳକ ଭାବେ କାର୍ଯ୍ୟ କରୁଛି । ଏହି ପ୍ଲାଣ୍ଟ ବର୍ତ୍ତମାନ ଗୋଟିଏ ହରିଜନ ବସ୍ତିର ୬୯ଟି ପରିବାରଙ୍କୁ ରୋଷେଇ ପାଇଁ ଗ୍ୟାସ୍ ଯୋଗାଇ ଦେଉଛି । ଭୁବନେଶ୍ୱର ଠାରେ ନର୍ଦ୍ଦମାରୁ ଗ୍ୟାସ ଉତ୍ପାଦନ କରିବା ପାଇଁ ଗୋଟିଏ ପ୍ଲାଣ୍ଟ ବସାଇବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ।

—○—

## କଳାହାଣ୍ଡି ଜିଲ୍ଲାର ଖରିଫ୍ ଓ ରବିଫସଲ

କଳାହାଣ୍ଡି ଜିଲ୍ଲାରେ ୧୯୮୪-୮୫ ବର୍ଷରେ ୫ ଲକ୍ଷ ୪୧ ହଜାର ୩୩୦ ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୫ ଲକ୍ଷ ୪୧ ହଜାର ୩୨୭ ହେକ୍ଟର ଜମିରେ ଖରିଫ ଫସଲ ଚାଷ କରାଯାଇଥିଲା । ସେହିପରି ୧୯୮୪-୮୫ ରବିଚାଷ ପାଇଁ ୨ ଲକ୍ଷ ୮୩ ହଜାର ୧୫୦ ହେକ୍ଟର ଜମିରେ ବିଭିନ୍ନ ଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୨ ଲକ୍ଷ ୯ ହଜାର ୫୩୧ ହେକ୍ଟର ଜମିରେ ରବିଚାଷ କରାଯାଇଥିଲା । ଏହି ସମୟ ମଧ୍ୟରେ ୬୪୦ ମେଟ୍ରିକ୍ ଟନ୍ ଯବକ୍ଷାରଯାନ, ୨୪୧ ମେଟ୍ରିକ୍ ଟନ୍ ଫସ୍‌ଫରସ୍ ଓ ୨୮୪ ମେଟ୍ରିକ୍ ଟନ୍ ପୋଟାସ୍ ସାର ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିମଧ୍ୟରୁ ୪୨୯ ମେଟ୍ରିକ୍ ଟନ୍ ଯବକ୍ଷାରଯାନ, ୨୪୭ ମେଟ୍ରିକ୍ ଟନ୍ ଫସ୍‌ଫରସ୍ ଓ ୧୭୫ ମେଟ୍ରିକ୍ ଟନ୍ ପୋଟାସ ସାର ଜିଲ୍ଲାରେ ଥିବା ୯୬ ଗୋଟି ସରକାରୀ ସଂସ୍ଥା ଓ ୧୧ ଗୋଟି ଘରୋଇ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ଖରିଫ୍ ଚାଷ ପାଇଁ ୩୧୫୬'୬୬ କୁଇଣ୍ଟାଲ ଓ ରବିଚାଷ ପାଇଁ ୯୫୧'୫୪ କୁଇଣ୍ଟାଲ ବିଭିନ୍ନ ଫସଲ ନିମନ୍ତେ ବିହନ ସଂଗ୍ରହ କରାଯାଇ ୧୮୬୧'୬୧ କୁଇଣ୍ଟାଲ ଖରିଫ ଚାଷ ପାଇଁ ଓ ୯୧୪'୩୯ କୁଇଣ୍ଟାଲ ରବିଚାଷ ପାଇଁ ବିଭିନ୍ନ ବିହନ ଚାଷୀମାନଙ୍କୁ ବିକ୍ରୟ ସୂତ୍ରରେ ଜିଲ୍ଲାରେ ଥିବା ୧୮ଟି ସରକାରୀ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ଯୋଗାଇ ଦିଆଯାଇଛି । ପ୍ରଧାନ ମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଫସଲ ପାଇଁ ବିହନ ପୁଡ଼ିଆ ମାଗଣାରେ ଖରିଫ ଓ ରବିଚାଷ ପାଇଁ କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ୧୧ ହଜାର ହେକ୍ଟର ଜମି ପାଇଁ ୩୭୫ କେ. ଜି. ବିଭିନ୍ନ କିସମର ବିହନ ବିଶୋଧକ ଔଷଧ ଏବଂ ବିଭିନ୍ନ ପ୍ରକାର ପୋକ ଓ ରୋଗର ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ୫୦୦ ହେକ୍ଟର ଧାନଚାଷ ସକାଶେ ୧୬୯ ଲିଟର ତରଳ ଓ ୧୪୩ କେ. ଜି. ଦାନାଜାତୀୟ କୀଟନାଶକ ଔଷଧ ଚାଷୀମାନଙ୍କୁ ମାଗଣାରେ ବଣ୍ଟନ କରାଯାଇଥିଲା । ଏହାବ୍ୟତୀତ କୋକସରା ଓ ଜୟପାଟଣା ବ୍ଲକରେ ଧାନର ଗୁଣ୍ଡିପୋକ ଦମନ ପାଇଁ ୧୧ ହଜାର ହେକ୍ଟର ଜମି ପାଇଁ ବି. ଏଚ୍. ସି. ୧୦% ଗୁଣ୍ଡ ୨୭୫ ମେଟ୍ରିକ୍ ଟନ୍ ମାଗଣାରେ ଚାଷୀମାନଙ୍କୁ ବଣ୍ଟନ କରାଯାଇଥିଲା । ରକ୍ଷିତ ଥିବା ୪୦ ଗୋଟି ହସ୍ତଚାଳିତ ଓ ୫ ଗୋଟି ଯନ୍ତ୍ରଚାଳିତ ସ୍ପ୍ରେୟାର ଏବଂ ୫୪ ଗୋଟି ହସ୍ତଚାଳିତ ଓ ୫ ଗୋଟି ଯନ୍ତ୍ରଚାଳିତ ଡଷ୍ଟର ରୋଗ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରିବା ନିମନ୍ତେ ଆବଶ୍ୟକତା ଅନୁଯାୟୀ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା ।

—

## ସମ୍ଭବ, ଏଇ ମାଟିରେ......

ଡାଲିଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ତଦନୁଯାୟୀ ସ୍ୱଳ୍ପ ସମୟ ମଧ୍ୟରେ ଅମଳ ହେଉଥିବା ଅଧିକ ଅମଳକ୍ଷମ ଧାନ ଓ ଅନ୍ୟାନ୍ୟ ଫସଲ ଅଧିକ ଜମିରେ ଚାଷ କରାଯାଉଛି । ଏହା ଫଳରେ ଜମିରେ ଆଦ୍ରତା ରହିପାରିଛି ଏବଂ ଅକ୍ଟୋବର ମାସ ଆରମ୍ଭରୁ ମୁଗ, ବିରି, ଇତ୍ୟାଦି ଫସଲ କରାଯାଉଛି । ଏଭଳି ପ୍ରଣାଳୀ ଅବଲମ୍ବନ କରାଯିବା ଦ୍ୱାରା ଅଧିକ ଜମିରେ ବିଶେଷତଃ ବିରି ଓ ମୁଗ ଫସଲ ହୋଇ ପାରିଛି । ସମୀକ୍ଷାରୁ ଜଣାପଡୁଛି ଯେ ସର୍ବଭାରତୀୟ ସ୍ତରରେ ଆମ ରାଜ୍ୟରେ ମୁଗ ଓ ବିରି ଫସଲ ଉତ୍ପାଦନ ସର୍ବାଧିକ । ଏହାଛଡ଼ା ଜଳସେଚିତ ଅଞ୍ଚଳରେ ଡାଲିଜାତୀୟ ଫସଲ ଏକ ଉପୁରି ଫସଲ ଓ କେନାଲ ଶେଷ ଭାଗ ଆଡ଼କୁ ଥିବା ଜମିରେ ଏହା ଏକ ତୃତୀୟ ଫସଲ ଆକାରରେ ଚାଷ କରାଯାଉଛି ।

ବିଗତ ୫ ବର୍ଷ, ଅର୍ଥାତ୍ ୧୯୭୯-୮୦ ଠାରୁ ୧୯୮୩-୮୪ ମଧ୍ୟରେ ଡାଲିଜାତୀୟ ଫସଲର ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି । ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ୧୯୭୯-୮୦ ରେ ୧୬ ଲକ୍ଷ ୫୧ ହଜାର ହେକ୍ଟର ଜମିରୁ ୫ ଲକ୍ଷ ୬୬ ହଜାର ଟନ୍ ଡାଲିଜାତୀୟ ଫସଲ ଉତ୍ପାଦନ କରାଯାଇଥିବା ସ୍ଥଳେ ୧୯୮୩-୮୪ ରେ ୨୦ ଲକ୍ଷ ୩୭ ହଜାର ହେକ୍ଟର ଜମିରୁ ୧୦ ଲକ୍ଷ ୫୯ ହଜାର ଟନ୍ ଫସଲ ଉତ୍ପାଦନ କରାଯାଇଛି ।

—

## କର୍ମଚାରୀ ବୀମା ଡାକ୍ତରଖାନା

ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ଅନେକଗୁଡ଼ିଏ ଶିଳ୍ପ ପ୍ରତିଷ୍ଠା ହେବା ଦ୍ୱାରା ଏସବୁ କଳକାରଖାନାରେ ପ୍ରାୟ ୧୨ ହଜାର ଶ୍ରମିକ କାର୍ଯ୍ୟ କରୁଛନ୍ତି । ଏହି ଶ୍ରମିକ ତଥା ସେମାନଙ୍କର ପରିବାରବର୍ଗଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ଏକ ପୂର୍ଣ୍ଣାଙ୍ଗ ଡାକ୍ତରଖାନା ଖୋଲିବା ପାଇଁ ବହୁ ଦିନରୁ ଦାବୀ ହୋଇଆସୁଥିଲା । ଭୁବନେଶ୍ୱରରେ ପୂର୍ବରୁ ଗୋଟିଏ ଚିକିତ୍ସାଳୟ ଥିଲା ଏବଂ ଗତ ଅପ୍ରେଲ ମାସରେ ମଞ୍ଚେଶ୍ୱରରେ ଶିଳ୍ପାଞ୍ଚଳରେ ଗୋଟିଏ ଚିକିତ୍ସାଳୟ ଖୋଲାଯାଇଛି । ଭୁବନେଶ୍ୱର ଚିକିତ୍ସାଳୟକୁ ଏକ ୧୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରାଯାଇଛି । ଏହି ଡାକ୍ତରଖାନାରେ ରୋଗୀ ରହି ଚିକିତ୍ସା ସୁବିଧା ପାଇପାରିବେ । ପୂର୍ବରୁ ବୀମା କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗଙ୍କୁ କ୍ୟାପିଟାଲ ହସ୍‌ପିଟାଲ ଓ କଟକ ହସ୍‌ପିଟାଲକୁ ଯିବାକୁ ପଡୁଥିଲା ଏବଂ ସେଠାରେ ଭିଡ଼ ଯୋଗୁ ଅସୁବିଧା ଅନୁଭୂତ ହେଉଥିଲା ।

—

## ଶିଶୁ କଲ୍ୟାଣ କ୍ଷେତ୍ରରେ ଜାତୀୟ ପୁରସ୍କାର

ପୂର୍ବ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଶିଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତିମାନଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯିବ । ଇଚ୍ଛୁକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଏଥିପାଇଁ ନିର୍ଦ୍ଧାରିତ ଫର୍ମର ଦୁଇକିତା ପ୍ରତ୍ୟେକରି ସମ୍ପୃକ୍ତ ବି. ଡି. ଓ.ଙ୍କ ନିକଟରେ ଦାଖଲ କରିବେ । ବି. ଡି. ଓ.ଙ୍କ ଜରିଆରେ ମିଳିଥିବା ଦରଖାସ୍ତଗୁଡିକୁ ନିଜ ମତାମତ ସହ ଆସନ୍ତା ଜୁନମାସ ୧୫ ତାରିଖ ସୁଦ୍ଧା ରାଜ୍ୟ କୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗର ସମାଜ ମଙ୍ଗଳ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ କହାଯାଇ ଦିଆଯାଇଛି । ଆବେଦନକାରୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ୧୯୮୪ ମସିହାର କାର୍ଯ୍ୟାବଳୀକୁ ଭିତ୍ତିକରି ରାଜ୍ୟ ସ୍ତରୀୟ କମିଟି ଏହି ଦରଖାସ୍ତଗୁଡିକୁ ଯାଞ୍ଚ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ତାଙ୍କ ସୁପାରିଶ ସହ ଜାତୀୟ କମିଟିକୁ ପଠାଇବେବେ ।

ଏହି ଯୋଜନା ଅନୁଯାୟୀ ସର୍ବୋତ୍କୃଷ୍ଟ ୩ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ୭ ଜଣ ସର୍ବୋତ୍କୃଷ୍ଟ ବ୍ୟକ୍ତି ବିଶେଷଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗତବର୍ଷ ଓଡ଼ିଶାରୁ କଟକଜିଲ୍ଲା ଅନ୍ତର୍ଗତ ହରିଦାସପୁରର ଶ୍ରୀମତୀ ରମାଦେବୀ ଶିଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ସେବାପାଇଁ ପୁରସ୍କୃତା ହୋଇଥିଲେ ।

## ବଣାଇରେ ନୂଆ ଜାଗରଣ

ସୁନ୍ଦରଗଡ଼ ଜିଲ୍ଲାର ବଣାଇଠାରେ ବାର୍ଷିକ ୨୫୦୦ ମେଟ୍ରିକ ଟନ ଇଲେକ୍ଟ୍ରୋଲାଇଟିକ୍ ମାଙ୍ଗାନିଜ ମେଟାଲ ଉତ୍ପାଦନ କରିବା ପାଇଁ ଏ. ଏମ. ଟି. ସି. କୁ ଅନୁମତି ପତ୍ର ମିଳିଛି । ଏପରି ପ୍ରକଳ୍ପ ପ୍ରତିଷ୍ଠା ଦେଶରେ ସର୍ବ ପ୍ରଥମ ବୋଲି କୁହାଯାଉଛି । ୧୨ କୋଟି ଟଙ୍କା ମୂଳଧନ ବିନିଯୋଗ କରାଯାଇ ପ୍ରତିଷ୍ଠା ହେଉଥିବା ଏହି ପ୍ରକଳ୍ପରୁ ୧୯୮୭ ମସିହାର ପ୍ରଥମ ଭାଗରୁ ଉତ୍ପାଦନ ଆରମ୍ଭ ହେବ ବୋଲି ଆଶା କରାଯାଏ । ଏଠାରେ ୪୦୦ କୁଶଳୀ ଓ ଅଣ-କୁଶଳୀ ଶ୍ରମିକଙ୍କୁ କାମ ମିଳିପାରିବ ।

ଇଲେକ୍ଟ୍ରୋ ଲାଇଟିକ୍ ମାଙ୍ଗାନିଜ୍ ମେଟାଲକୁ ଲୋ କାର୍ବନ ଷ୍ଟିଲ, ଆଲୟ ଷ୍ଟିଲ, ନିକେଲ ବିହୀନ ଷ୍ଟେନଲେସ୍ ଷ୍ଟିଲ, ଆଲୁମିନିୟମ ଏବଂ ତମ୍ବା ସହିତ ଯୋଗକରି ମାନ ଉନ୍ନତ କରିହେବ । ଆମ ଦେଶରେ ଏହାର ଚାହିଦା ବହୁତ ରହିଛି ଏବଂ ବର୍ଷକୁ ୪୦୦ ଟନ୍ ବାହାରୁ ଆମଦାନୀ କରାଯାଉଛି । ଉତ୍ପାଦନ ପରେ ଏହାର ଚାହିଦା ଆହୁରି ବୃଦ୍ଧି ପାଇବ । ଯେ କୌଣସି ଗ୍ରେଡ଼ର ମାଙ୍ଗାନିଜରୁ ଏହାର ଉତ୍ପାଦନ କରାଯାଇ ପାରିବ । ଏ. ଏମ. ଟି. ସି.ର ରାଉରକେଲା ନିକଟରେ ଏକ ନିଜସ୍ୱ ମାଙ୍ଗାନିଜ ଖଣି ଥିବାରୁ ଏପରି ଏକ ପ୍ରକଳ୍ପ ପ୍ରତିଷ୍ଠା କରିବା ତାଙ୍କ ପକ୍ଷରେ ସୁବିଧା ଜନକ ହେବ । ପ୍ରକଳ୍ପଟି ପ୍ରତିଷ୍ଠା ପାଇଁ ଇପିକଲ ଏବଂ ଏ. ଏମ. ଟି. ସି. ଜାପାନର ସି. ଡି. କେ. ଏବଂ ସୁମିଟୋମୋ ମେଟାଲ ସହିତ ବୁଝାମଣା କରୁଛନ୍ତି ।

## ମରୁଡ଼ି ଅଞ୍ଚଳରେ ପାନୀୟ ଜଳ

ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ପାନୀୟ ଜଳାଭାବ ଦୂର କରିବା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଅଣଚିହ୍ନିତ ପାନୀୟ ଜଳକ୍ଳିଷ୍ଟ ଗ୍ରାମଗୁଡ଼ିକରେ ୧,୦୫୦ଟି ନଳକୂପ ଖନନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାର ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସେଥି ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୫୫ଟି, ବଲାଙ୍ଗୀର ଜିଲ୍ଲାରେ ୩୫ଟି, କଟକ ଜିଲ୍ଲାରେ ୨୩୩ଟି, ଢେଙ୍କାନାଳ ଜିଲ୍ଲାରେ ୨୫ଟି, ଗଞ୍ଜାମ ଜିଲ୍ଲାରେ ୨୨୮ଟି, କଳାହାଣ୍ଡି ଜିଲ୍ଲାରେ ୫୦ଟି, କେନ୍ଦୁଝର ଜିଲ୍ଲାରେ ୩୦ଟି, କୋରାପୁଟ ଜିଲ୍ଲାରେ ୧୪୯ଟି, ମୟୂରଭଞ୍ଜ ଜିଲ୍ଲାରେ ୫୦ଟି, ଫୁଲବାଣି ଜିଲ୍ଲାରେ ୫୦ଟି, ପୁରୀ ଜିଲ୍ଲାରେ ୭୫ଟି, ସମ୍ବଲପୁର ଜିଲ୍ଲାରେ ୫୦ଟି ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୦ଟି ନଳକୂପ ଖନନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଇଛି ।

ଏହାବ୍ୟତୀତ କେତେକ ଜିଲ୍ଲାର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଉତ୍କଟ ଜଳକ୍ଳିଷ୍ଟ ଅନୁଭୂତ ହେଉଥିବା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ ତୁରନ୍ତ ପାନୀୟ ଜଳ ଯୋଗାଣ ନିମନ୍ତେ କୁଆ ଓ ଚହଲା ଖୋଳାଇବା ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । ପ୍ରତି କୂଅ ପିଛା ସର୍ବାଧିକ ୨୦୦ ଟଙ୍କା ଏବଂ ପ୍ରତି ଚହଲା ପିଛା ୬୦୦ ଟଙ୍କା ଖର୍ଚ୍ଚ କରାଯିବ । ସେଥିମଧ୍ୟରୁ କଳାହାଣ୍ଡି ଜିଲ୍ଲାପାଇଁ ୨ ଲକ୍ଷ ଟଙ୍କା ଏବଂ ବଲାଙ୍ଗୀର କୋରାପୁଟ, ଫୁଲବାଣୀ, କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲା ପାଇଁ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ହେବ ।

## ମରୁଡ଼ି ଅଞ୍ଚଳକୁ କେନ୍ଦ୍ରୀୟ ସାହାଯ୍ୟ

କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶକ୍ରମେ ଭାରତ ସରକାର ଉଭୟ ୧୯୮୪-୮୫ ଏବଂ ୧୯୮୫-୮୬ ବର୍ଷ ପାଇଁ ମରୁଡ଼ି ସାହାଯ୍ୟ କାର୍ଯ୍ୟ ସଂପାଦନ କରିବା ନିମନ୍ତେ କେନ୍ଦ୍ରୀୟ ସାହାଯ୍ୟ ବାବଦକୁ ୮ କୋଟି ୯୪ ଲକ୍ଷ ୬୫ ହଜାର ଟଙ୍କାର ଖର୍ଚ୍ଚ ସୀମା ଧାର୍ଯ୍ୟ କରିଛନ୍ତି । ସେଥି ମଧ୍ୟରୁ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ନିମନ୍ତେ ୪ କୋଟି ୨୬ ଲକ୍ଷ ଟଙ୍କା, ପାନୀୟ ଜଳ ଯୋଗାଣ ପାଇଁ ୨ କୋଟି ୪୧ ଲକ୍ଷ ଟଙ୍କା, ସାର, ବିହନ, ଓ କୀଟନାଶକ ଔଷଧ ଯୋଗାଇବା ସକାଶେ ସାହାଯ୍ୟ ବାବଦକୁ ୧ କୋଟି ୨୩ ଲକ୍ଷ ୭୫ ହଜାର ଟଙ୍କା, ମାଗଣା ଖାଦ୍ୟ ଯୋଗାଣ ପାଇଁ ୩୧ ଲକ୍ଷ ୫୦ ହଜାର ଟଙ୍କା, ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ଯୋଗାଣ ପାଇଁ ୩୦ ଲକ୍ଷ ଟଙ୍କା, ଗୋ ଖାଦ୍ୟ ଯୋଗାଣ ସକାଶେ ସାହାଯ୍ୟ ବାବଦକୁ ୧୫ ଲକ୍ଷ ଟଙ୍କା ଏବଂ ଗ୍ରେଚିଟ୍ୟୁଅସ୍ ରିଲିଫ୍ ବାବଦରେ ୨୬ ଲକ୍ଷ ୪୦ ହଜାର ଟଙ୍କା ଖର୍ଚ୍ଚ କରାଯିବ ।

## ଗ୍ରାମାଞ୍ଚଳରେ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ

ରାଜ୍ୟ ସରକାର ମରୁଡ଼ିଗ୍ରସ୍ତ ଅଞ୍ଚଳର କୃଷି ଶ୍ରମିକ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆଗାମୀ ଖରିଫ୍ ଋତୁ ଆରମ୍ଭ ପର୍ଯ୍ୟନ୍ତ

ବିଭିନ୍ନ କାମଧନ୍ଦା ଯୋଗାଇ ଦେବା ପାଇଁ ବ୍ୟାପକ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେଥି ସକାଶେ ମରୁଡ଼ିଗ୍ରସ୍ତ ଅଂଚଳରେ ରିଲିଫ୍ ପାଣ୍ଠିରୁ ୧ କୋଟି ୩୯ ଲକ୍ଷ ୫୦ ହଜାର ଟଙ୍କା ବିଭିନ୍ନ ଜିଲ୍ଲାକୁ ଦିଆଯାଇଛି । ସେଥି ମଧ୍ୟରୁ ବଲାଙ୍ଗିର ଜିଲ୍ଲାକୁ ୩୦ ଲକ୍ଷ ଟଙ୍କା, ଢେଙ୍କାନାଳ ଜିଲ୍ଲାକୁ ୩ ଲକ୍ଷ ଟଙ୍କା, ଗଞ୍ଜାମ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା, କୋରାପୁଟ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା, କଳାହାଣ୍ଡି ଜିଲ୍ଲାକୁ ୩୫ ଲକ୍ଷ ଟଙ୍କା, ଫୁଲବାଣୀ ଜିଲ୍ଲାକୁ ୯ ଲକ୍ଷ ଟଙ୍କା, ପୁରୀ ଜିଲ୍ଲାକୁ ୬ ଲକ୍ଷ ୫୦ ହଜାର ଟଙ୍କା ଓ ସୁନ୍ଦରଗଡ ଜିଲ୍ଲାକୁ ୬ ଲକ୍ଷ ଟଙ୍କା ଦିଆଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଗତବର୍ଷ ସେପ୍ଟେମ୍ବର ମାସଠାରୁ ହଠାତ୍ ବର୍ଷା ବନ୍ଦ ହୋଇ ଯିବା ଦ୍ୱାରା ରାଜ୍ୟରେ ମରୁଡ଼ି ଜନିତ ପରିସ୍ଥିତି ସୃଷ୍ଟି ହୋଇ ୧୩ ଲକ୍ଷ ୮୮ ହଜାର ହେକ୍ଟର ଜମିରେ ଫସଲ କ୍ଷତି ହୋଇଛି । ଏତଦ୍ୱାରା ୭୫ ଲକ୍ଷ ୭ ହଜାର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ରାଜ୍ୟରେ ସମସ୍ତ ଜିଲ୍ଲାରେ ୨୦୧ଟି ବ୍ଲକ୍ ଅନ୍ତର୍ଗତ ୧,୯୫୬ଟି ଗ୍ରାମପଞ୍ଚାୟତ୍ ଅଧୀନସ୍ଥ ୧୪,୦୨୫ଟି ଗ୍ରାମକୁ ସରକାର ମରୁଡ଼ିଗ୍ରସ୍ତ ବୋଲି ଘୋଷଣା କରିଛନ୍ତି ।

## ଶିକ୍ଷାନୁଷ୍ଠାନକୁ ସୁବାସିତ ଦୁଗ୍ଧ ଯୋଗାଣ

୧୯୮୩-୮୪ରୁ କଟକ ରେଭେନ୍ସା ମହାବିଦ୍ୟାଳୟରେ ଉତ୍କଳ ଗୋମଙ୍ଗଳ ସମିତି ତରଫରୁ ବୋତଲରେ ଭର୍ତ୍ତିକରି ସୁବାସିତ ଦୁଗ୍ଧ ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟକ୍ରମ କ୍ରମଶଃ ଲୋକପ୍ରିୟତା ବୃଦ୍ଧି ଯୋଗୁ ଏହାକୁ ଅଧିକ ସଂପ୍ରସାରିତ କରାଯାଇ ରେଭେନ୍ସା ବାଳିକା ବିଦ୍ୟାଳୟ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ , ଶୈଳବାଳା ମହିଳା ମହାବିଦ୍ୟାଳୟ ଷ୍ଟିଓ୍ବାର୍ଟ ବିଜ୍ଞାନ ମହାବିଦ୍ୟାଳୟ ଓ ରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜରେ ଏହା ଯୋଗାଇ ଦିଆଯାଉଛି । ୧୯୮୪-୮୫ ଆର୍ଥିକ ବର୍ଷରେ ଏହାଦ୍ୱାରା ମୋଟ ୭୫ ହଜାର ସୁବାସିତ ଦୁଗ୍ଧ ବୋତଲ ଉକ୍ତ ଅନୁଷ୍ଠାନଗୁଡ଼ିକୁ ଯୋଗାଇ ଦିଆଯାଇଛି ।

## ହରିଜନ ଆଦିବାସୀଙ୍କ ସେବାରତ ସମବାୟ ନିଗମ

ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହରିଜନ ଓ ଆଦିବାସୀ ପରିବାରଙ୍କୁ ବିଭିନ୍ନ ଅର୍ଥକାରୀ ଯୋଜନା ମାଧ୍ୟମରେ ଅଧିକ ଉପାର୍ଜନକ୍ଷମ କରିବା ପାଇଁ ଓଡ଼ିଶା ହରିଜନ ଓ ଆଦିବାସୀ ଉନ୍ନୟନ ଅର୍ଥ ସମବାୟ ନିଗମ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି । ଉକ୍ତ ନିଗମ ଦ୍ୱାରା ଦିଆଯାଉଥିବା ମାର୍ଜିନ୍ ଋଣ ଉପଯୁକ୍ତ ଓ ଯୋଗ୍ୟ ବିବେଚିତ ହରିଜନ ଓ ଆଦିବାସୀ ପରିବାରମାନଙ୍କୁ କୃଷି, ପଶୁପାଳନ, ମାଛଚାଷ, କୁଟୀର ଏବଂ କ୍ଷୁଦ୍ର ଶିଳ୍ପ ଓ ବୃତ୍ତିମୂଳକ ବ୍ୟବସାୟ ପ୍ରଭୃତି ଅର୍ଥକରୀ ପ୍ରକଳ୍ପକୁ ଦିଆଯାଉଛି । ଏହି ଋଣ ପାଇବା ପାଇଁ ଗ୍ରାମାଞ୍ଚଳରେ ବାସ କରୁଥିବା ହରିଜନ କିମ୍ବା ଆଦିବାସୀ ପରିବାରଙ୍କ ବାର୍ଷିକ ଆୟ ୩,୫୦୦ ଟଙ୍କା ଏବଂ ସହରାଞ୍ଚଳରେ ବାସ କରୁଥିବା ଏହି ପରିବାରଙ୍କର ବାର୍ଷିକ ଆୟ ୪ ହଜାର ୩୦୦ ଟଙ୍କା ପର୍ଯ୍ୟନ୍ତ କିମ୍ବା ସେଥିରୁ କମ୍ ହେବା ଉଚିତ୍ । ବିଭିନ୍ନ ପ୍ରକଳ୍ପ ବାବଦ ଆବଶ୍ୟକୀୟ ଅର୍ଥର ଶତକଡ଼ା ୨୫ ଭାଗ ହରିଜନ ଓ ଶତକଡ଼ା ୧୫ ଭାଗ ଆଦିବାସୀ ପରିବାରଙ୍କୁ ମାର୍ଜିନ୍ ଋଣ ଆକାରରେ ଦିଆଯାଏ । ଏହି ନିଗମ କେତେକ ନିର୍ଦ୍ଦିଷ୍ଟ ପ୍ରକଳ୍ପରେ ମାର୍ଜିନ୍ ଋଣ ସହିତ ଅନୁଦାନ ମଧ୍ୟ ଦେଇଥାଏ । ଏହି ନିଗମ ବର୍ତ୍ତମାନ ସୁଦ୍ଧା ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ୍, ୪ଟି ସହରାଞ୍ଚଳ ସମବାୟ ବ୍ୟାଙ୍କ୍, ୧୫ଟି ଜାତୀୟ କରଣ ହୋଇଥିବା ବ୍ୟବସାୟିକ ବ୍ୟାଙ୍କ୍, ୭ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍, ୪ଟି ରାଷ୍ଟ୍ରାୟତ୍ତ ନିଗମ ଓ ଗୋଟିଏ ମତ୍ସ୍ୟଜୀବୀ ସମବାୟ ସମିତି ସହିତ ସହଯୋଗମୂଳକ ଯୋଗସୂତ୍ର ସ୍ଥାପନ କରିଛି ।

ଏହି ନିଗମ ଦ୍ୱାରା ୧୯୮୦-୮୧ ଠାରୁ ୧୯୮୪-୮୫ ଆର୍ଥିକବର୍ଷ ଶେଷ ସୁଦ୍ଧା ୭୩,୨୮୮ଟି ହରିଜନ ପରିବାର ୩ କୋଟି ୭୯ ଲକ୍ଷ ୭୪ ହଜାର ଟଙ୍କା ଏବଂ ୧୯୮୩-୮୪ ଠାରୁ ୧୯୮୪-୮୫ ପର୍ଯ୍ୟନ୍ତ ୪,୯୪୫ ଟି ଆଦିବାସୀ ପରିବାର ୨୦ ଲକ୍ଷ ୮୫ ହଜାର ଟଙ୍କା ମାର୍ଜିନ୍ ଋଣ ପାଇ ଉପକୃତ ହୋଇଛନ୍ତି ।

## ଧାର୍ଯ୍ୟ ଲକ୍ଷ୍ୟ ସୀମା ଟପିଲା...

ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କ୍ଷେତ୍ରରେ ୧୯୮୪-୮୫ ପାଇଁ ଯୋଜନା କମିଶନଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟକୁ ଓଡ଼ିଶା ଅତିକ୍ରମ କରିଛି । ଗତ ଆର୍ଥିକ ବର୍ଷରେ ଯୋଜନା କମିଶନ ଓଡ଼ିଶା ପାଇଁ ୨,୫୦୦ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଇବା ପାଇଁ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକର ମିଳିତ ଉଦ୍ୟମରେ ରାଜ୍ୟରେ ୨,୮୪୭ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଯାଇ ପାରିଛି । ୧୯୮୩-୮୪ ବର୍ଷରେ ମଧ୍ୟ ଓଡ଼ିଶା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୧ ହଜାର ହାସଲ କରାଯାଇ ଅଧିକ ୩୨୨ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା ।

ଏହା ବ୍ୟତୀତ ୧୯୮୪-୮୫ ବର୍ଷ ପାଇଁ ଉନ୍ନତ ଚୁଲ୍ଲୀ ନିର୍ମାଣ, ଏହି ଚୁଲ୍ଲୀ ପାଇଁ ତାଲିମ କାର୍ଯ୍ୟକ୍ରମ ଓ ପବନଚାଳିତ କଳ ବସାଇବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି । ଏ କ୍ଷେତ୍ରରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଜାତୀୟ ଧାର୍ଯ୍ୟ ଲକ୍ଷ୍ୟକୁ ମଧ୍ୟ ଅତିକ୍ରମ କରିଛି । ୧୯୮୪-୮୫ରେ ଓଡ଼ିଶା ପାଇଁ ୨୦୦ଟି ଉନ୍ନତ ଚୁଲ୍ଲୀ ତାଲିମ କାର୍ଯ୍ୟକ୍ରମ ଓ ସ୍ୱଳ୍ପ ଜାଳେଣି ଖର୍ଚ୍ଚ ହେଉଥିବା ୨୦ ହଜାରଟି ଉନ୍ନତ ଚୁଲ୍ଲୀ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଏହି ସମୟ ମଧ୍ୟରେ ୨୪୦ଟି ଏ ପ୍ରକାର ତାଲିମ କାର୍ଯ୍ୟକ୍ରମର ଆୟୋଜନ ଓ ୨୯ ହଜାରଟି ଉନ୍ନତ ଚୁଲ୍ଲୀ ନିର୍ମାଣ କରାଯାଇଥିଲା । ମୋଟ୍ ୭୫ଟି ପବନଚାଳିତ କଳ ବସାଯାଇ ଓଡ଼ିଶା ଏଥିପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟକୁ ମଧ୍ୟ ହାସଲ କରିସାରିଛି ।

## ସେଚ ଓ ଶକ୍ତି ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ନିର୍ମାଣ ନିଗମ

### ୧୦୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣାଧୀନ

ମହାନଦୀ-ବିରୂପା ଆନିକଟ, ସମଲ ଆନିକଟ, ଉପର ଇନ୍ଦ୍ରାବତୀ ଯୋଜନା, ଉପର କୋଲାବ ବହୁମୁଖୀ ଯୋଜନା, ପୋଟେଷ୍ଟ କେନାଲ ଯୋଜନା, ଗଞ୍ଜାମର ହରଭାଙ୍ଗି ଓ ସୁନ୍ଦରଗଡ଼

...ମଧ୍ୟମ ଜଳସେଚନ ଯୋଜନା ଦ୍ୱୟ ଏବଂ ... ପାୱାର ହାଉସ୍ ପରି କେତେକ ପ୍ରଧାନ ସେଚ ଓ ଶକ୍ତି ପ୍ରକଳ୍ପର ନିର୍ମାଣ ଦିଗରେ ଓଡ଼ିଶା ନିର୍ମାଣ ନିଗମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହିସବୁ ପ୍ରକଳ୍ପରେ ଉକ୍ତ ନିଗମ ବର୍ତ୍ତମାନ ୧୦୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି ।

କଟକ ନିକଟରେ ମହାନଦୀରେ ୨ କି: ମି: ଦୈର୍ଘ୍ୟର ଆନିକଟ ନିର୍ମାଣ କରିବା ଏବଂ ମହାନଦୀ-ବିରୂପା ଆନିକଟ ପାଇଁ ଫାଟକ ନିର୍ମାଣ କରି ସ୍ଥାପନ କରିବା ଇତ୍ୟାଦି କାର୍ଯ୍ୟ ଏହି ନିଗମ ଉପରେ ନ୍ୟସ୍ତ ହୋଇଛି । ୪୫ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେଉଥିବା ଏହିସବୁ କାର୍ଯ୍ୟ ବର୍ତ୍ତମାନ ତ୍ୱରାନ୍ୱିତ ହେଉଛି ଏବଂ ୧୯୮୭ ଜୁନ୍ ସୁଦ୍ଧା ଏଗୁଡ଼ିକୁ ସଂପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

ରେଙ୍ଗାଲି ବନ୍ଧର ୩୮ କି: ମି: ତଳକୁ ବ୍ରାହ୍ମଣୀ ନଦୀରେ ନିର୍ମାଣ ନିଗମର ଉଦ୍ୟମରେ ସମଲ ଆନିକଟ ନିର୍ମିତ ହେଉଛି । ୧୦ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା ଏହି ଆନିକଟ ରେଙ୍ଗାଲି ସେଚ ଯୋଜନାର ଅଂଶ ବିଶେଷ । ୧୯୯୦ ମସିହା ସୁଦ୍ଧା ଏହି ବିରାଟ ଯୋଜନା ସଂପୂର୍ଣ୍ଣ ହେଲେ କଟକ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୨ ଲକ୍ଷ ୩୫ ହଜାର ୫୦୦ ହେକ୍ଟର ଜମି ଜଳସେଚିତ ହୋଇ ପାରିବ ।

ପ୍ରାୟ ୪୮୧ କୋଟି ଟଂକା ବ୍ୟୟ ଅଟକଳରେ ନିର୍ମାଣାଧୀନ ଉପର ଇନ୍ଦ୍ରାବତୀ ବହୁମୁଖୀ ଯୋଜନାରେ ଏହି ନିର୍ମାଣ ନିଗମ ପ୍ରାୟ ୭ କୋଟି ୭୦ ଲକ୍ଷ ଟଙ୍କାର ବିଭିନ୍ନ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଅର୍ଥ ବିନିଯୋଗରେ ନିର୍ମାଣ ନିଗମ ଇନ୍ଦ୍ରାବତୀ ନଦୀ ଉପରେ ଏକ ସେତୁ ଓ ହାତୀ ନଦୀ ଉପରେ ଏକ ଆନିକଟ ନିର୍ମାଣ କରୁଛନ୍ତି । ଏହା ବ୍ୟତୀତ ସେଠାରେ ପାୱାର ହାଉସ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ।

## ପାଉଁରୋଟି ଓ ବିସ୍କୁଟ୍

ଲୋକମାନଙ୍କର ପାଉଁରୋଟି ଓ ବିସ୍କୁଟ ଉତ୍ପାଦନ ପାଇଁ ଭୁବନେଶ୍ୱର ସ୍ଥିତ ଚନ୍ଦକା ଶିଳ୍ପାଞ୍ଚଳରେ ୯୦ ଲକ୍ଷ ଟଙ୍କା ମୂଳଧନ ବିନିଯୋଗରେ ଏକ ଅତ୍ୟାଧୁନିକ କାରଖାନା ପ୍ରତିଷ୍ଠା କରାଯାଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଗୃହ ବିଜ୍ଞାନରେ ଏମ୍. ଏ. ପାସ୍ କରିଥିବା ଜଣେ ମହିଳା ଶ୍ରୀମତୀ ସଙ୍ଘମିତ୍ରା ସାହୁ ଏହାର ଉଦ୍ୟୋଗୀ । ଏହି ପ୍ରକଳ୍ପ ପାଇଁ ଶିଳ୍ପ ଉନ୍ନୟନ ଓ ପୁଞ୍ଜି ଲଗାଣ ନିଗମ (ଇପିକଲ) ୩୭ ଲକ୍ଷ ଟଙ୍କା ଏବଂ ଓଡ଼ିଶା ଅର୍ଥ ଲଗାଣ ନିଗମ ୨୮ ଲକ୍ଷ ଟଙ୍କା ଋଣ ଆକାରରେ ସାହାଯ୍ୟ ଯୋଗାଇ ଦେବେ । ନିର୍ମାଣ ପରେ ଏଠାରୁ ବାର୍ଷିକ ୨୫୦୦ ଟନ୍ ବିସ୍କୁଟ୍ ଓ ୬୪୦ ଟନ୍ ପାଉଁରୋଟି ଉତ୍ପାଦିତ ହେବ । କାରଖାନାରେ ୧୦୪ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିପାରିବ । ଏମାନଙ୍କ ମଧ୍ୟରୁ ୨୫ ଜଣ ଅଣ କୁଶଳୀ ଓ ଅବଶିଷ୍ଟ କୁଶଳୀ କାରିଗର । ମାନ୍ଦ୍ରାଜର [illegible]ନ୍ସନ ଆଣ୍ଡ କୋ: ଲିମିଟେଡ୍ ଏଥିପାଇଁ ଜ୍ଞାନ କୌଶଳ ଯୋଗାଇ ଦେବେ ଏବଂ ଉତ୍ପାଦିତ ଦ୍ରବ୍ୟର ବିକ୍ରୀବଟା ପାଇଁ ସହାୟତା କରିବେ ।

# ଅଧିକ ୭ଟି ଟି.ଭି. ଟ୍ରାନ୍ସମିଟର ପାଇଁ ଦାବୀ

ଓଡ଼ିଶାରେ ଅନ୍ୟୂନ ୭ଟି ଅଧିକ ଟି. ଭି. ଟ୍ରାନ୍ସମିଟର ସ୍ଥାପନ କରିବା ଏବଂ ବର୍ତ୍ତମାନ ବ୍ରହ୍ମପୁର, ରାଉରକେଲା, କୋରାପୁଟ ଓ ସମ୍ବଲପୁରରେ ଥିବା ନିମ୍ନ ଶକ୍ତିସମ୍ପନ୍ନ ଟ୍ରାନ୍ସମିଟରଗୁଡ଼ିକୁ ଉଚ୍ଚ ଶକ୍ତିସମ୍ପନ୍ନ କରିବା ଲାଗି ସୂଚନା ଓ ଲୋକସମ୍ପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶରତ ରାଉତ କେନ୍ଦ୍ର ସରକାରଙ୍କଠାରେ ଦୃଢ଼ ଦାବୀ ଜଣାଇଛନ୍ତି ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ରାଜ୍ୟ ସୂଚନା ମନ୍ତ୍ରୀମାନଙ୍କର ଅଷ୍ଟାଦଶ ସମ୍ମିଳନୀରେ ଶ୍ରୀ ରାଉତ କହିଲେ ଯେ ଏଥିପାଇଁ ରାଜ୍ୟ ସରକାର ପୂର୍ବରୁ ପ୍ରସ୍ତାବ ଦେଇଥିଲେ । ଓଡ଼ିଶାରେ ନିରକ୍ଷରତା ହାର ଅଧିକ ଥିବାରୁ ଏବଂ ଏହା ଏକ ଆଦିବାସୀ-ହରିଜନ ବହୁଳ ତଥା ଅନଗ୍ରସର ରାଜ୍ୟ ହୋଇଥିବା ଦୃଷ୍ଟିରୁ ଏଠାରେ ଦୂରଦର୍ଶନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଏବଂ ଅଧିକ ଟ୍ରାନ୍ସମିଟର ନିର୍ମାଣ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଶ୍ରୀ ରାଉତ କହିଲେ ଯେ ବର୍ତ୍ତମାନ ଟି. ଭି. କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟ ଜନ ସଂଖ୍ୟାର ମାତ୍ର ଶତକଡ଼ା ୪୪ ଭାଗ ଲୋକ ଉପକୃତ ହେଉଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ସେହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ୭ମ ଯୋଜନା ଶେଷ ସୁଦ୍ଧା ଶତକଡ଼ା ୮୦ ଭାଗ ଲୋକ ଉପକୃତ ହୋଇପାରନ୍ତେ ବୋଲି ସେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଭୁବନେଶ୍ୱରଠାରେ ଏକ ପୂର୍ଣ୍ଣାଙ୍ଗ ଟି. ଭି. ଷ୍ଟୁଡିଓ ନିର୍ମାଣ ପାଇଁ ୭ମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଶ୍ରୀ ରାଉତ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରି କହିଲେ ଯେ ଏଥିପାଇଁ ବିନା ମୂଲ୍ୟରେ ଜମି ଯୋଗାଇ ଦିଆଯାଇଛି । ଏହି ଷ୍ଟୁଡିଓର ନିର୍ମାଣ ଲାଗି ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଦାବୀ କରି ସେ କହିଲେ ଯେ ଏହା ପୂର୍ଣ୍ଣାଙ୍ଗ ହେଲେ କଟକର ୧୦ କିଲୋୱାଟ ଟ୍ରାନ୍ସମିଟରକୁ ପୂର୍ଣ୍ଣ ଉପଯୋଗ କରାଯାଇ ପାରନ୍ତା । କଟକ ଦୂରଦର୍ଶନ କେନ୍ଦ୍ର ପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଲାଗି ସେଠାରେ ଥିବା ପୁରୁଣା ଯନ୍ତ୍ରପାତିକୁ ଉନ୍ନତ ଧରଣର କରିବା, ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତ କରିବା ଏବଂ ଏକ ସମ୍ବାଦ ପରିବେଷଣ ଶାଖା ଖୋଲିବାକୁ କେନ୍ଦ୍ରୀୟ ମନ୍ତ୍ରୀ ମିକୁ ବୋଲି ସେ ଅନୁରୋଧ କରିଥିଲେ । କଟକ ଟି. ଭି. କେନ୍ଦ୍ରରୁ ନିୟମିତ ଭାବରେ ଆଞ୍ଚଳିକ ସମ୍ବାଦ ସମେତ ଏକ ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସାର ହେବା ଉପରେ ଗୁରୁତ୍ୱ ଆରୋପ କରି ଶ୍ରୀ ରାଉତ କହିଲେ ଯେ ଆସନ୍ତା ଅଗଷ୍ଟ ୧୫ ତାରିଖରେ କିମ୍ବା ତା ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଯଥାର୍ଥ ହେବ । କଟକରୁ ୩୦୦ କି. ମି. ଦୂରବର୍ତ୍ତୀ ସମ୍ବଲପୁର ଟି. ଭି. ଟ୍ରାନ୍ସମିଟର ମାଧ୍ୟମରେ କଟକ ଷ୍ଟୁଡିଓରୁ କାର୍ଯ୍ୟକ୍ରମ ପ୍ରସାର ହେଉଥିବା ଦର୍ଶାଇ ଶ୍ରୀ ରାଉତ କହିଲେ ଯେ ସମ୍ବଲପୁରଠାରେ ଏକ ଷ୍ଟୁଡିଓ ନିର୍ମାଣ ପାଇଁ କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି କରି ପରେ, ଏହାକୁ ବାତିଲ କରି ଦେଇଛନ୍ତି । ଫଳରେ ସେ ଅଞ୍ଚଳରେ ଟି. ଭି. କାର୍ଯ୍ୟକ୍ରମ ସନ୍ତୋଷଜନକ ହୋଇପାରିବ ନାହିଁ ବୋଲି ସୂଚନା ଦେଇ ସମ୍ବଲପୁରଠାରେ ଏକ ଷ୍ଟୁଡିଓ ସ୍ଥାପନ କରିବାକୁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । କୋରାପୁଟ ଟି. ଭି. ଟ୍ରାନ୍ସମିଟରରୁ ଜୟପୁର ପରି ଦକ୍ଷିଣ ଓଡ଼ିଶାର ଏକ ଜନବହୁଳ ସହର ତଥା ବ୍ୟବସାୟ କେନ୍ଦ୍ରର ଅଧିବାସୀମାନେ ଯେପରି ଭଲ ଭାବେ କାର୍ଯ୍ୟକ୍ରମ ଦେଖିପାରିବେ ଏବଂ ରାଉରକେଲା ଟି. ଭି. ଟ୍ରାନ୍ସମିଟରକୁ ଅଧିକ ପ୍ରସାରଣକ୍ଷମ କରିବା

ଭଳି ଏହାକୁ ପାହାଡ଼ ଉପରକୁ ସ୍ଥାନାନ୍ତରିତ କରିବା ପାଇଁ ମଧ୍ୟ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଆର. ଟି. ଡ଼ି. ପି. ଏବଂ ଆଇ. ଆର. ଡ଼ି. ପରି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଲୋକପ୍ରିୟ କରିବାକୁ ହେଲେ ଟି. ଭି. ମାଧ୍ୟମରେ ପ୍ରଚାର ଉପରେ ଗୁରୁତ୍ୱ ଆରୋପ କରି ସେ କହିଲେ ଯେ ଏହିସବୁ କାର୍ଯ୍ୟକ୍ରମ ପାଇଁ ହେଉଥିବା ବ୍ୟୟ ବରାଦ ମଧ୍ୟରୁ କେତେକ ପରିମାଣର ଅର୍ଥ ଟି. ଭି. କାର୍ଯ୍ୟକ୍ରମର ସମ୍ପ୍ରସାରଣ ଦିଗରେ ଖର୍ଚ୍ଚ ହେବା ଉଚିତ । ପ୍ରଧାନ ମନ୍ତ୍ରୀଙ୍କ ଋଷ ଓ ଆମେରିକାକୁ ସଫଳ ଗସ୍ତ ଏ ଦେଶ ପକ୍ଷରେ ଏକ ଗୌରବର ବିଷୟ ବୋଲି ଉଲ୍ଲେଖ କରି ଶ୍ରୀ ଭରତ ଏ ସମ୍ପର୍କୀୟ ଚଳଚ୍ଚିତ୍ରଗୁଡ଼ିକୁ ସହାୟକୁଡ଼ିକର ଦୂରଦର୍ଶନ କେନ୍ଦ୍ର ଓ ପ୍ରେକ୍ଷାଳୟ ଗୁଡ଼ିଆରେ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

ଓଡ଼ିଶାରେ ବେତାର କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଭରତ କହିଲେ ଯେ ରାଜ୍ୟର ବହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏହି କାର୍ଯ୍ୟକ୍ରମ ଶୁଣିବାରୁ ବଞ୍ଚିତ ହେଉଛନ୍ତି । ସେ ଦୃଷ୍ଟିରୁ ୭ମ ଯୋଜନାରେ ଭବାନୀ-ପାଟଣା, ବ୍ରହ୍ମପୁର ଓ ରାଉରକେଲାଠାରେ ତିନୋଟି ବେତାର ଟ୍ରାନ୍ସମିଟର ସ୍ଥାପନ କରିବାଲାଗି କେନ୍ଦ୍ର ସରକାରଙ୍କୁ ସେ ଅନୁରୋଧ କରିଥିଲେ । ସେହିପରି ୧୯୪୯ ମସିହାରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇ-ଥିଲେ ମଧ୍ୟ ଏଠାରେ ପି. ଆଇ. ବି, ର କାର୍ଯ୍ୟାଳୟ ନଥିବା ଯୋଗୁ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ସଂସ୍ଥା ଏବଂ ସ୍ଥାନୀୟ ଦୈନିକ ସମ୍ବାଦପତ୍ରଗୁଡ଼ିକ ସହିତ ଉପଯୁକ୍ତ ଯୋଗାଯୋଗ ସ୍ଥାପିତ ହୋଇପାରୁନାହିଁ ବୋଲି ସେ ଦର୍ଶାଇ ଥିଲେ । ସେ ଦୃଷ୍ଟିରୁ ଭୁବନେଶ୍ୱରଠାରେ ପି. ଆଇ. ବି. ର ଏକ କାର୍ଯ୍ୟାଳୟ ସ୍ଥାପନ କରିବା ଲାଗି ସେ ଅନୁରୋଧ କରିଥିଲେ । ଶେଷରେ ରାଜ୍ୟଗୁଡ଼ିକର ବିଭିନ୍ନ ପ୍ରଚାର କାର୍ଯ୍ୟକ୍ରମ ବାବଦରେ ସମୁଦାୟ ଯୋଜନା ଅଟକଳର ଶତକଡ଼ା ୧ ଭାଗ ବ୍ୟୟ କରିବାକୁ ଯୋଜନା କମିଶନ ପୂର୍ବରୁ ଯେଉଁ ନୀତି ନିର୍ଦ୍ଧାରଣ କରିଥିଲେ, ତାହାକୁ କମିଶନ କାର୍ଯ୍ୟକାରୀ କରିବା ଯଥାର୍ଥ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ ।

## ସାମାଜିକ ସୁରକ୍ଷା ଆଲୋଚନା ଚକ୍ର

ଭାରତ ସରକାରଙ୍କ ଜାତୀୟ ସାମାଜିକ ସୁରକ୍ଷା ଅନୁଷ୍ଠାନର ଆନୁକୂଲ୍ୟରେ ଓଡ଼ିଶାର କାରାଗାର ମହାନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ ସଭାଗୃହରେ ଏକ ତିନିଦିନିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜରେ ଆଶ୍ରୟହୀନା ନାରୀମାନଙ୍କ ସମସ୍ୟା, ସାମାଜିକ ସୁରକ୍ଷାର ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ସାମାଜିକ ସୁରକ୍ଷାରେ ପୋଲିସ୍, ବିଚାର ବିଭାଗ ଓ ବେସରକାରୀ ସଂସ୍ଥାମାନଙ୍କର କର୍ତ୍ତବ୍ୟ ଏବଂ ଜେଲ ଭିତରେ ଓ ବାହାରେ ଅପରାଧୀମାନଙ୍କର ସଂସ୍କାର ଓ ଥଇଥାନ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ଶ୍ରୀ ରାଧାଚରଣ ପଟ୍ଟନାୟକ ଆଲୋଚନା ଚକ୍ର ଉଦଘାଟନ କରି କହିଲେ ଯେ ସମାଜ ସୁରକ୍ଷା ନିମନ୍ତେ ସରକାର ବହୁବିଧ ଯୋଜନା କରୁଛନ୍ତି । ସମାଜର ଦୁଃସ୍ଥ, ନିରିହ, ଅଭାବଗ୍ରସ୍ତ ଜନସାଧାରଣ କିପରି ପ୍ରକୃତ ବିଚାର ପାଇପାରିବେ, ସେ ଦିଗରେ ମଧ୍ୟ କେତେକ ଅଧିନିୟମ ହୋଇଛି । କିନ୍ତୁ ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଦରକାର । ଅନ୍ୟଥା ଏସବୁ ପୋଥି କାଇଗଣ ପରି ହେବ । ଏ ସମସ୍ତ ସମାଜ କଲ୍ୟାଣ ଓ ସମାଜ ସୁରକ୍ଷା ନିୟମକୁ ପ୍ରଚାର ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ହେବ । ଅର୍ଥାଭାବରୁ ଯେଉଁ ଦୁଃସ୍ଥ ଜନସାଧାରଣଙ୍କ ପକ୍ଷରେ ପ୍ରକୃତ ବିଚାର ପାଇପାରିବା ଦୁରୂହ ହୋଇପଡ଼ୁଛି, ସେମାନଙ୍କୁ ଯେଉଁ ଆର୍ଥିକ ସାହାଯ୍ୟ ଦେବାର ଯେଉଁ ବ୍ୟବସ୍ଥା ଅଛି, ତାହାର ପରିସର ବୃଦ୍ଧି ହେବା ଦରକାର । ବିଶିଷ୍ଟ ବେସରକାରୀ ଅନୁଷ୍ଠାନଗୁଡ଼ିକ ମଧ୍ୟ ଏ ଦିଗରେ ସଂଶ୍ଳିଷ୍ଟ ହେବା ଦରକାର । ଭାରତର ମୁଖ୍ୟ ବିଚାରପତି ସୁପ୍ରିମ୍ କୋର୍ଟ ମଧ୍ୟ ଜନସାଧାରଣ କିପରି ସାମାଜିକ ବିଚାର ପାଇପାରିବେ, ଏ ଦିଗରେ କେତେକ ନୀତିଗତ ଆଦେଶ ଦେଇଛନ୍ତି ବୋଲି ମଧ୍ୟ ସେ ସୂଚାଇଥିଲେ । ଏ ସମସ୍ତ କାର୍ଯ୍ୟକାରୀ ହେବା ଦରକାର । ସମାଜର ପ୍ରତ୍ୟେକ ସ୍ତରରେ ଜନସାଧାରଣ ତାଙ୍କର କର୍ତ୍ତବ୍ୟ, ଆଇନଗତ ଅଧିକାର ଓ ଆଇନ ସହାୟତା ବିଷୟରେ ସଚେତନ ହେଲେ ସମାଜ ସୁରକ୍ଷା ବ୍ୟବସ୍ଥାଭିମୁଖୀ ହୋଇପାରିବ ।

ଏହି ଆଲୋଚନା ଚକ୍ରର ଉଦ୍‌ଯାପନ ଦିବସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ କେ. ରାମମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଉଦଘାଟନ ଓ ଉଦ୍‌ଯାପନ ଦିବସରେ କାରାଗାର ମହା-ନିରୀକ୍ଷକ ଶ୍ରୀ ଅମୀୟ ଭୂଷଣ ତ୍ରିପାଠୀ ପୌରୋହିତ୍ୟ କରିଥିଲେ ।

## ଆଦିବାସୀ ଚାଷୀଙ୍କ ପାଇଁ ତାଲିମ ଶିବିର

ସୁନ୍ଦରଗଡ଼ ଜିଲ୍ଲା ଟାଂଗରପାଲି ବ୍ଲକ୍ ଅନ୍ତର୍ଗତ ପିଠାଖିଆ ଗ୍ରାମଠାରେ ଆଦିବାସୀ କୃଷକମାନଙ୍କ ପାଇଁ ଅନୁଷ୍ଠିତ ଏକ ତାଲିମ ଶିବିରକୁ ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସେନାପତି ଉଦ୍‌ଘାଟନ କରିଥିଲେ । ଏ ଉପଲକ୍ଷେ ଟାଂଗରପାଲି ପଂଚାୟତ ସମିତି ଚେୟାରମ୍ୟାନ ଶ୍ରୀ ଲକ୍ଷ୍ମୀ ନାରାୟଣ ନାଏକଂକ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ରାଉତ ଉକ୍ତ ଘାଇଁ ପରି ବ୍ଲକରେ ଉଠା ଜଳସେଚନ, ସେଚକୂପ ଓ ଛୋଟ ଛୋଟ ନାଳ ବାନ୍ଧି ଜଳସେଚନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଗତବର୍ଷ ଜିଲ୍ଲାରେ ୭୩ଟି ଉଠା ଜଳସେଚନ ଯୋଜନା ହୋଇଛି ଏବଂ ପ୍ରତି ବ୍ଲକରେ ଦୁଇଟି କରି ଛୋଟ ନାଳ ବାଂଧି ପାଇଁ ଜମା କରାଯାଇଛି । ଚଳିତ ବର୍ଷ ପ୍ରତି ବ୍ଲକରେ ଅଧିକ ଉଠା ଜଳସେଚନ ଯୋଜନା ଓ ଆଉ ଦୁଇଟି କରି ଜଳ ଭଣ୍ଡାର କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହା ବ୍ୟତୀତ ଅନ୍ୟୂନ୍ୟ ୩ ଜଣ ଆଦିବାସୀ କିମ୍ବା ହରିଜନ ଚାଷୀ ମିଶି ଜଳସେଚନ ଉଦ୍ଦେଶ୍ୟରେ ଗୋଟିଏ କୂପ ଖୋଳି ପମ୍ପ ବସାଇଲେ ସମୁଦାୟ ଖର୍ଚ୍ଚ ପରିମାଣର ଶତକଡ଼ା ୭୫ ଭାଗ ସମନ୍ୱିତ ଆଦିବାସୀ ସଂସ୍ଥା ପକ୍ଷରୁ ରିହାତି ଦିଆଯିବା କଥା ପ୍ରକାଶ କରି ଆଦିବାସୀ ଚାଷୀମାନେ ଏହାର ସୁଯୋଗ ନେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

ଜଂଗଲର ସୁରକ୍ଷା ପାଇଁ ଜାଳେଣି କାଠ ପରିବର୍ତ୍ତେ ଅଧିକରୁ ଅଧିକ ଗୋବର ଗ୍ୟାସ ପ୍ଲାଣ୍ଟ କରିବାପାଇଁ ଜିଲ୍ଲାପାଳ ଚାଷୀମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଏଥିପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଆର୍ଥିକ ଓ ବୈଷୟିକ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ । ଗତ ବର୍ଷ ଜିଲ୍ଲାରେ ୪୦୦ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ହୋଇଛି ଏବଂ କେବଳ ଲଫ୍ଟେପାଲିରେ ୩୦ଟି ପ୍ଲାଣ୍ଟ ହୋଇଛି ବୋଲି ପ୍ରକାଶ କରି ଏ ବର୍ଷ ଜିଲ୍ଲାରେ ଆଉ ୧୨୦୦ ଟି ପ୍ଲାଣ୍ଟ ହେବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଜିଲ୍ଲାପାଳ କ୍ଷୁଦ୍ର ଧାନ ଅମଳ ଯୋଜନା ଅନୁଯାୟୀ କୃଷି ବିଭାଗ ପକ୍ଷରୁ ମାଗଣାରେ ଯୋଗାଇ ଦିଆଯାଉଥିବା ୧୦ ଡେସିମିଲି ଜମିରେ ସ୍ୱଳ୍ପ ଯେଉଁ ପାଇଁ ଟାଙ୍ଗରପାଲି ବ୍ଲକର ୧୦ ହଜାର ଚାଷୀଙ୍କୁ ୨ କେ. ଜି. ଉନ୍ନତ ଅଧିକ ଅମଳକ୍ଷମ ଧାନ ବିହନ ମିନିକିଟ୍‌ମାନ ବିତରଣ କରିଥିଲେ ।



PM.SRI GANDHI AT A PRESS CONFERENCE IN MOSCOW. ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ

ମସ୍କୋରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନାମରେ ଏକ ଛକର ଉଦ୍‌ଘାଟନ ଅବସରରେ ..... ⇩



Vol. XLI No. 12 UTKAL PRASANGA Regd. No. O-05/84-85
Licence No. C. R. N. P. 5—Licensed to post without Pre-Payment



" ମାଟି କାଦୁଅରୁ ଫୁଟାଉଛୁ ଆମେ ସୁନା ଶସ୍ୟର ଫୁଲ
ଲୋଟାଉଛୁ ଦେଶ ଧନ ସମ୍ପଦେ ଆମର କେ ଦେବ ... "


ଉତ୍କଳ ପ୍ରସଙ୍ଗ
ସ୍ୱାଧୀନତା ଦି
ବିଶେଷା